# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୪/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, January 24/2024 Page 18 ₹ 7.00

୫୦ଶ ଭାଗ ୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 62 ମୂଲ୍ୟ ₹୭/-



DSPL-576

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



"ଓଡ଼ିଆ ବିଶ୍ୱବିଦ୍ୟାଳୟ"

ନୂତନ ସୌଧର

ଲୋକାର୍ପଣ ଉତ୍ସବ

ମୁଖ୍ୟ ଅତିଥି

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୪ ଜାନୁଆରୀ ୨୦୨୪ ॥ ଦିବା ୧୧.୩୦ ଘଟିକା

ପଞ୍ଚସଖା କ୍ରୀଡ଼ାଙ୍ଗନ, ସତ୍ୟବାଦୀ, ପୁରୀ



OIPR-11001/13/0063/2324

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା

## ସଂକ୍ଷେପରେ

### ‘ବାଳକ ରାମ’ ଭାବେ ପୂଜା ପାଇବେ ରାମଲାଲା



**ଅଯୋଧ୍ୟା, ୨୩।୧:** ଅଯୋଧ୍ୟାରେ ସରିଛି ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ। ଆଜିଠାରୁ ସାଧାରଣ ଭକ୍ତ କରିପାରୁଛନ୍ତି ପ୍ରଭୁ ଶ୍ରୀରାମଙ୍କର ବାଲ୍ୟ ରୂପର ଦିବ୍ୟ ଦର୍ଶନ। ତେବେ ଏଠାରେ ପୂଜା ପାଉଥିବା ରାମଲାଲାଙ୍କ ବାଲ୍ୟ ପ୍ରତିମାକୁ ‘ବାଳକ ରାମ’ ଭାବେ ନାମକରଣ କରାଯାଇଛି। ଏହି ପ୍ରତିମା ପ୍ରଭୁ ଶ୍ରୀରାମଙ୍କର ବାଲ୍ୟବସ୍ଥାକୁ ଚିତ୍ରଣ କରୁଥିବାରୁ ଏପରି ନାମକରଣ କରାଯାଇଥିବା ସୂଚନା ଦେଇଛନ୍ତି ଏଠାକାର ପୂଜକ ଅରୁଣ ଦୀକ୍ଷିତ। ସେହିପରି ପୂର୍ବରୁ ଏକ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଥିବା ରାମଲାଲାଙ୍କ ପ୍ରତିମା, ନୂତନ ପ୍ରତିମା ସାମ୍ନାରେ ରଖାଯାଇଛି। ବାଳକ ରାମଙ୍କ ପୂଜାର୍ଚ୍ଚନା ପାଇଁ ଅଯୋଧ୍ୟାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି।

### ମୁସଲମାନଙ୍କୁ ବେତ୍ରାଘାତ
## ଗୁଜରାଟ ପୋଲିସକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୨୩।୧:** ୨୦୨୨ରେ ଗୁଜରାଟ ଖେଡ଼ା ଜିଲାର ଏକ ଗ୍ରାମରେ ମୁସଲମାନ ସମ୍ପ୍ରଦାୟର ୫ ଜଣଙ୍କୁ ସର୍ବସାଧାରଣରେ ଖୁଣ୍ଟରେ ବାନ୍ଧି ବେତ୍ରାଘାତ କରାଯିବା ଘଟଣାରେ ସୁପ୍ରିମକୋର୍ଟ ମଙ୍ଗଳବାର ଗୁଜରାଟ ପୋଲିସ୍‌କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହା ଅତ୍ୟାଚାର ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା କରିବାରେ ଗାଇଡ୍‌ଲାଇନର ଉଲ୍ଲଂଘନ ଏବଂ ଅଦାଲତ ଅବମାନନା ନେଇ ୧୪ ଦିନ ଜେଲଦଣ୍ଡ ବିରୋଧରେ ୪ ପୋଲିସ ଅଧିକାରୀ କରିଥିବା ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଗଭାଇ କ୍ଷୁବ୍ଧ ହୋଇଥିଲେ। ଅଭିଯୁକ୍ତଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଆଇନଗତ ଅଧିକାର ସେମାନଙ୍କର ରହିଛି କି ବୋଲି ପ୍ରଶ୍ନ କରିବା ସହ ଏବେ ଜେଲ ଯାଅ ବୋଲି ବିଚାରପତି କହିଥିଲେ। ଲୋକଙ୍କୁ ସର୍ବସାଧାରଣରେ ବାନ୍ଧି ବାଡ଼େଇବା ପରେ ଏବେ ଅଦାଲତଙ୍କ ହସ୍ତକ୍ଷେପ ଚାହୁଁଛ ବୋଲି ଜଷ୍ଟିସ୍ ମେହେଟ୍ଟା ତାଚ୍ଛଲ୍ୟ କରିଥିଲେ। ସେମାନେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ସହ ଜାତୀୟ ମାନବାଧିକାର କମିଶନ ତଦନ୍ତ କରିଥିବା ପୋଲିସ ଅଫିସରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଡାଭେ ଯୁକ୍ତି କରିଥିଲେ। ତେବେ ଆଇନକୁ ଅମାନ୍ୟ କରିବା ବୈଧ ପ୍ରତିଜବାବ ନୁହେଁ। ପ୍ରତ୍ୟେକ ପୋଲିସ ଅଫିସର ଗାଇଡଲାଇନ୍ସ ସମ୍ପର୍କରେ ଜାଣିବା ଜରୁରୀ ବୋଲି ଜଷ୍ଟିସ ଗଭାଇ କହିଥିଲେ।



ରାମମନ୍ଦିରରେ ଦର୍ଶନ ପାଇଁ ମୁଖ୍ୟ ଫାଟକ ବାହାରେ ଅପେକ୍ଷାରତ ଶ୍ରଦ୍ଧାଳୁ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ କର୍ମଚାରୀ ଜଗି ରହିଛନ୍ତି।

## ପ୍ରଥମ ଦିନରେ ଅଯୋଧ୍ୟାରେ ୩ ଲକ୍ଷ ଭକ୍ତ

**ଅଯୋଧ୍ୟା, ୨୩।୧**

ଅଯୋଧ୍ୟାର ଭବ୍ୟ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ସମ୍ପନ୍ନ ହେବା ପରେ ମଙ୍ଗଳବାର ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯାଇଥିଲା। ପ୍ରଥମ ଦିନ ଅପରାହ୍ନ ସୁଦ୍ଧା ପାଖାପାଖି ୩ ଲକ୍ଷ ଭକ୍ତ ରାମଲାଲାଙ୍କୁ ଦର୍ଶନ କରିଥିବାବେଳେ ଆହୁରି ବହୁ ଭକ୍ତ ଲାଇନରେ ଅପେକ୍ଷା କରି ରହିଥିଲେ। ସୋମବାର ରାତି ୩ଟାରୁ ମନ୍ଦିର ମୁଖ୍ୟ ଗେଟ୍ ବାହାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା। କେବଳ ସ୍ଥାନୀୟ ଭକ୍ତ ନୁହନ୍ତି, ବିଭିନ୍ନ ରାଜ୍ୟ ଏପରିକି ବାହାର ଦେଶରୁ ମଧ୍ୟ ଶ୍ରଦ୍ଧାଳୁ ଭଗବାନ ରାମଙ୍କ ଦର୍ଶନ ପାଇଁ ଆସିଥିଲେ। ନିରବଚ୍ଛିନ୍ନ ଦର୍ଶନ ଲାଗି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ପରିସରରେ ସ୍ଥାନୀୟ ପ୍ରଶାସନର ସର୍ବୋଚ୍ଚ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ସୁବିଧାରେ ଭକ୍ତଙ୍କୁ ଦର୍ଶନ କରାଇବା ପାଇଁ ୮,୦୦୦ରୁ ଊର୍ଦ୍ଧ୍ୱ ସୁରକ୍ଷା ଯବାନଙ୍କୁ ନିୟୋଜିତ କରାଯାଇଥିଲା। ଉତ୍ତରପ୍ରଦେଶର ପ୍ରମୁଖ ଗୃହ ସଚିବ ସଞ୍ଜୟ ପ୍ରସାଦ, ସ୍ୱତନ୍ତ୍ର ଡିଜି (ଆଇନ ଶୃଙ୍ଖଳା) ପ୍ରଶାନ୍ତ କୁମାର ସ୍ଥିତି ଅନୁଧ୍ୟାନ ପାଇଁ ମନ୍ଦିର ପରିସରରେ ରହିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ବିମାନ ଯୋଗେ ଅଯୋଧ୍ୟାରେ ପହଞ୍ଚି ରାମମନ୍ଦିରରେ ସ୍ଥିତି ସମୀକ୍ଷା କରିଥିଲେ। ସୋମବାର ଭବ୍ୟ ରାମମନ୍ଦିରରେ ପ୍ରଭୁ ରାମଲାଲାଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ସହ ଏକ ନବଯୁଗର ଶୁଭାରମ୍ଭ ହେଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଥିଲେ। ଏଥିସହ ଆଗାମୀ ୧,୦୦୦ ବର୍ଷ ପାଇଁ ଏକ ଶକ୍ତ, ଭବ୍ୟ ଓ ଦିବ୍ୟ ଭାରତର ମୂଳଦୁଆ ନିମନ୍ତେ ଦେଶବାସୀଙ୍କୁ ସେ ଆହ୍ୱାନ ଦେଇଥିଲେ।

# ମାଲଦ୍ୱୀପ ଅଭିମୁଖେ ଚାଇନା ଗୁପ୍ତଚର ଜାହାଜ

### ଭାରତର ଚିନ୍ତା ବଢ଼ାଇଲା

**ନୂଆଦିଲ୍ଲୀ, ୨୩।୧**

‘ଗବେଷଣା’ ଜାହାଜର ବାହାନା କରୁଥିବା ଚାଇନାର ଗୁପ୍ତଚର ଜାହାଜ ମାଲଦ୍ୱୀପ ଅଭିମୁଖେ ଯାଉଥିବାରୁ ଏହା ଭାରତର ଚିନ୍ତା ବଢ଼ାଇଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ମାଲଦ୍ୱୀପର ୩ ମନ୍ତ୍ରୀ ଅପମାନଜନକ ମନ୍ତବ୍ୟ ଦେବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସ୍ତରରେ ତିକ୍ତତା ତୀବ୍ର ହୋଇଛି। ଚାଇନା ସମର୍ଥକ ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ କିଛିଦିନ ପୂର୍ବରୁ ବେଜିଂ ଗସ୍ତରେ ଯାଇ ଦୁଇଦେଶ ମଧ୍ୟରେ ସମ୍ପର୍କ ବଢ଼ାଇବା ସହ ଏକାଧିକ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଚାଇନା ଜାହାଜ ଇତିମଧ୍ୟରେ ଜାଭା ଓ ସୁମାତ୍ରା ମଧ୍ୟବର୍ତ୍ତୀ ସୁଣ୍ଡା ପ୍ରଣାଳୀ ଅତିକ୍ରମ କରି ଇଣ୍ଡୋନେସିଆ ଉପକୂଳ ଦେଇ ଆଗକୁ ଯାଉଥିବା ମେରାଇନ୍ ଟ୍ରାକର ଆପ୍‌ରୁ ଜଣାପଡ଼ିଛି। ଏହା ଫେବୃୟାରୀ ୮ରେ ମାଲଦ୍ୱୀପରେ ପହଞ୍ଚିବ। ପ୍ରମୁଖ ଜିଓସ୍ପାଟିଆଲ ବିଶେଷଜ୍ଞ ଡାମିଏନ୍ ସାଇମନଙ୍କ ଅନୁଯାୟୀ ଉକ୍ତ ଜାହାଜ ୨୦୧୯ ଓ ୨୦୨୦ରେ ଉକ୍ତ ସମୁଦ୍ରରେ ସର୍ଭେ କରିଥିଲା। ତେବେ ବଙ୍ଗୋପସାଗର ଏବଂ ଆରବ ସାଗରରେ ଉକ୍ତ ଜାହାଜର ଉପସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି।

ଭାରତ ବିରୋଧୀ ପ୍ରଚାର କରି ମୋଇଜ୍ଜୁ ମାଲଦ୍ୱୀପ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। କ୍ଷମତାକୁ ଆସିବାଠାରୁ ସେ ଭାରତ ବିରୋଧୀ ଆଭିମୁଖ୍ୟ ଦେଖାଇଆସୁଛନ୍ତି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଆଲୋଚନା କରି ଫେରିବା ପରେ ମାର୍ଚ୍ଚ ୧୫ ସୁଦ୍ଧା ଭାରତୀୟ ସୈନ୍ୟ ପ୍ରତ୍ୟାହାର କରିନେବାକୁ ସେ ନୂଆଦିଲ୍ଲୀକୁ କହିଥିଲେ। ଏବେ ମାଲଦ୍ୱୀପରେ ପାଖାପାଖି ୧୦୦ ଭାରତୀୟ ଯବାନ ଏବଂ ସାମରିକ ସରଞ୍ଜାମ ରହିଛି। ଚାଇନା କହିବା ଅନୁଯାୟୀ ୪,୩୦୦ ଟନ୍ ବିଶିଷ୍ଟ ଜିଆଙ୍ଗ ୟାଙ୍ଗ ହୋଙ୍ଗ-୦୩ ଜାହାଜ ଭାରତ ମହାସାଗର ଭୂଗର୍ଭ ଶଯ୍ୟାର ମ୍ୟାପିଂ ଏବଂ ଗବେଷଣାରେ ନିୟୋଜିତ ରହିଛି। ଭୂଗର୍ଭ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି କମାଇବାରେ ଏହି ଗବେଷଣା ସହାୟକ ହେବ ବୋଲି ବେଜିଂ କହିଛି। ଅନ୍ୟପକ୍ଷରେ ଭବିଷ୍ୟତରେ ଉକ୍ତ ଅଞ୍ଚଳ ଦେଇ ଚାଇନା ବୁଡ଼ାଜାହାଜ ଚଳପ୍ରଚଳ ଓ ସମୁଦ୍ର ଗର୍ଭରେ ଡ୍ରୋନ୍ ଚଳାଚଳ ପାଇଁ ସମୁଦ୍ର ଶଯ୍ୟାର ମ୍ୟାପିଂ କରୁଥିବା ଜଣାପଡ଼ିଛି। ଆଫ୍ରିକାର ଜିବୌଟିରେ ଚାଇନାର ନୌସେନା ଘାଟି କାର୍ଯ୍ୟକ୍ଷମ ହୋଇଥିବା ସାଟେଲାଇଟ୍ ଫଟୋରୁ ଜଣାପଡ଼ିଥିଲା। ଶ୍ରୀଲଙ୍କାର ହାମ୍ବାଣ୍ଟୋଟା ମଧ୍ୟ ଚାଇନା କମ୍ପାନୀ ଅଧୀନରେ ରହିଛି, ଯାହା ଏହାର ଯୁଦ୍ଧଜାହାଜଗୁଡ଼ିକ ସହାୟତା ଯୋଗାଇପାରିବ। ପାକିସ୍ତାନ ଚାଇନାର ସବୁଦିନିଆ ବନ୍ଧୁ ହୋଇଥିବାବେଳେ ଏବେ ବେଜିଂ ମାଲଦ୍ୱୀପ ଉପରେ ଆଖି ପକାଇଛି।



## ୩ ସନ୍ତାନ ଜନ୍ମ ଦେଲା ଚିତା ଜ୍ୱାଲା

**ଭୋପାଳ, ୨୩।୧:** ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ (କେଏନ୍‌ପି)ରେ ନାମ୍ବିଆରୁ ଅଣାଯାଇଥିବା ଚିତା ‘ଜ୍ୱାଳା’ ମଙ୍ଗଳବାର ୩ ସନ୍ତାନ ଜନ୍ମ ଦେଇଛି। ଏହାର ୨୦ ଦିନ ପୂର୍ବରୁ ଅର୍ଥାତ୍ ଜାନୁଆରୀ ୩ରେ ଅନ୍ୟତମ ଚିତା ‘ଆଶା’ ସନ୍ତାନ ୩ଟି ଛୁଆ ଜନ୍ମ କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମଙ୍ଗଳବାର ସକାଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ଏହି ଖବର ସହ ନବଜାତ ବାଘଛୁଆଙ୍କ ଭିଡିଓ ଶେୟାର କରିଛନ୍ତି। ଦୀର୍ଘ ୭୦ ବର୍ଷ ପରେ ଭାରତକୁ ୨୦୨୨ରେ ଦୁଇ ପର୍ଯ୍ୟାୟରେ ୨୦ ଚିତା ନାମ୍ବିଆରୁ ଅଣାଯାଇଥିଲା। ସେଥିରୁ ଇତିମଧ୍ୟରେ ୧୦ଟିର ମୃତ୍ୟୁ ଘଟିଥିବାବେଳେ ୨୦ ଦିନ ମଧ୍ୟରେ ଦୁଇଟି ଚିତା ସନ୍ତାନ ଜନ୍ମ କରିବା ଖୁସି ଖବର ଆଣିଛି। ଗତବର୍ଷ ମାର୍ଚ୍ଚରେ ଆଉ ଏକ ଚିତା ୪ଟି ଛୁଆ ଜନ୍ମ କରିଥିବାବେଳେ ସେଥିରୁ ମାତ୍ର ଗୋଟିଏ ବଞ୍ଚିରହିଛି।

## ମ୍ୟାନ୍‌ମାର ସେନା ବିମାନ ଦୁର୍ଘଟଣାଗ୍ରସ୍ତ: ୮ ଆହତ



**ଆଇଜଲ, ୨୩।୧**

ମ୍ୟାନ୍‌ମାରର ଏକ ସାମରିକ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲେଙ୍ଗପୁଇ ବିମାନବନ୍ଦରରେ ଏହି ସାମରିକ ବିମାନ ଅବତରଣ କରୁଥିବାବେଳେ ଦୁର୍ଘଟଣା ଘଟିଛି। ଏହି ବିମାନରେ ପାଇଲଟଙ୍କୁ ମିଶାଇ ୧୪ ଜଣ ବ୍ୟକ୍ତି ଥିବାବେଳେ ସେଥିମଧ୍ୟରୁ ୮ ଜଣ ଆହତ ହୋଇଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ସମସ୍ତ ଆହତ ବ୍ୟକ୍ତିଙ୍କୁ ଲେଙ୍ଗପୁଇ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଲେଙ୍ଗପୁଇ ବିମାନବନ୍ଦରରେ ଅବତରଣ କରୁଥିବାବେଳେ ଏହି ସାମରିକ ବିମାନ ରନୱେରୁ ଖସିପଡ଼ିଥିଲା। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ରାଜ୍ୟ ସରକାରଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମ୍ୟାନମାରରେ ସେନା ଓ ବିଦ୍ରୋହୀମାନଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ଗତ ସପ୍ତାହରେ ଏଠାକାର ୯୨ ସୈନିକ ନିଜ ଜୀବନ ବଞ୍ଚାଇ ମିଜୋରାମକୁ ଆସି ଆଶ୍ରୟ ନେଇଥିଲେ । ତେବେ ଏହି ସୈନ୍ୟମାନଙ୍କୁ ପୁନର୍ବାର ନିଜ ଦେଶକୁ ଫେରାଇ ନେବାକୁ ମ୍ୟାନମାର ପକ୍ଷରୁ ଏକ ସାମରିକ ବିମାନ ମଙ୍ଗଳବାର ଲେଙ୍ଗପୁଇ ବିମାନବନ୍ଦରରେ ଅବତରଣ କରିବାର ଥିଲା।

## ଚାଇନା ଭୂସ୍ଖଳନ ମୃତ୍ୟୁସଂଖ୍ୟା ୩୧

**ବେଜିଂ, ୨୩।୧**

ଦକ୍ଷିଣ-ପଶ୍ଚିମ ଚାଇନାର ୟୁହାନ୍ ପ୍ରଦେଶରେ ଘଟିଥିବା ଭୟାବହ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ଘଟିଥିବା ମଙ୍ଗଳବାର ସୂଚନା ଦେଇଛି ସ୍ଥାନୀୟ ପ୍ରଶାସନ। ଏବେ ମଧ୍ୟ ଆହୁରି କିଛି ବ୍ୟକ୍ତି ମାଟି ତଳେ ଫସି ରହିଛନ୍ତି। ସୋମବାର ୟୁହାନର ଲିଆଙ୍ଗ୍‌ଶୁଇ ଗ୍ରାମରେ ଏହି ଭୂସ୍ଖଳନରେ ୪୭ ଜଣ ବ୍ୟକ୍ତି ମାଟି ତଳେ ଫସି ରହିଥିଲେ। ଘଟଣାସ୍ଥଳରେ ୧୦୦୦ରୁ ଅଧିକ ଉଦ୍ଧାରକାରୀ କର୍ମଚାରୀ, ୪୫ ରେସ୍କ୍ୟୁ ଡଗ୍, ୧୦୦ରୁ ଊର୍ଦ୍ଧ୍ୱ ଅତ୍ୟାଧୁନିକ ପରିବହନ ଯାନ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ଓ ୩୩ଟି ଅଗ୍ନିଶମ ଗାଡ଼ି ନିୟୋଜନ କରାଯାଇ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ଚାଇନା ସରକାର ନିଜର ସାମରିକ ଶକ୍ତିକୁ ମଧ୍ୟ ଘଟଣାସ୍ଥଳରେ ନିୟୋଜିତ କରିଛନ୍ତି। ସୂଚନାଯୋଗ୍ୟ ଯେ ୟୁହାନରେ ଥିବା ଉପାନ୍ତ ପାହାଡ଼ିଆ ଅଞ୍ଚଳରେ ଲଗାତାର ଭାବେ ଭୂସ୍ଖଳନ ଘଟିଥାଏ।

# ଭୟଙ୍କର ମହାମାରୀ ଆଣିପାରେ ଜୋମ୍ବି ଭୂତାଣୁ

**ନୂଆଦିଲ୍ଲୀ, ୨୩।୧**



ଆର୍କଟିକ୍ ବରଫ ତଳେ ପୋତିହୋଇ ରହିଥିବା ଜୋମ୍ବି ଭୂତାଣୁ ଆଉ ଏକ ଭୟଙ୍କର ମହାମାରୀ ଆଣିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଫଳରେ ମାନବଜାତି ପାଇଁ ବଡ଼ ବିପଦ ଆସୁଥିବା ସେମାନେ ସତର୍କ କରାଇଛନ୍ତି। ଆର୍କଟିକର ସ୍ଥାୟୀ ତୁଷାର ଭୂମି ତରଳିବା ପରେ ଜୋମ୍ବି ଭୂତାଣୁ ବାହାରକୁ ଆସିବେ। ବିଶ୍ୱ ତାପନ ବଢ଼ୁଥିବାରୁ ବରଫ ତରଳିବା ଆଶଙ୍କା ସୃଷ୍ଟି ହୋଇଛି। ଗତବର୍ଷ ଋଷିଆର ସାଇବେରିଆ ତୁଷାର ଭୂମି ଖନନରୁ ମିଳିଥିବା ଜୋମ୍ବି ଭାଇରସ୍ ନମୁନା ଦେଖାଇ ଗବେଷକମାନେ ଏହାର ଭୟାବହତା ସମ୍ପର୍କରେ ଚେତାଇ ଦେଇଛନ୍ତି। ଏହି ଭୂତାଣୁଗୁଡ଼ିକ ୪୮,୫୦୦ ବର୍ଷ ହେଲା ବରଫ ତଳେ ପୋତିହୋଇ ରହିଥିବା ସେମାନେ କହିଛନ୍ତି। ନୂଆ ମହାମାରୀ ପାଇଁ ଏହା ସମ୍ଭାବ୍ୟ ଏଜେଣ୍ଟ ବୋଲି ଆଇକ୍ସ-ମାର୍ସେଲି ୟୁନିଭର୍ସିଟିର ଜେନେଟିସିଷ୍ଟ ଜିନ୍-ମିଚେଲ କ୍ଲାଭେରି କହିଛନ୍ତି। ଏବେ ମହାମାରୀ ବିପଦ ଦକ୍ଷିଣ ଭାଗରେ ସୃଷ୍ଟି ହୋଇ ଉତ୍ତର ଭାଗକୁ ବ୍ୟାପୁଥିବାରୁ କ୍ଲାଭେରି ଚିନ୍ତା ପ୍ରକଟ କରିଛନ୍ତି। ସ୍ଥାୟୀ ତୁଷାର ଭୂମି ମଧ୍ୟରେ ଥିବା ଭୂତାଣୁ ସମ୍ଭବତଃ ପୋଲିଓର ପୁରାତନ ରୂପରେ ବ୍ୟାପିପାରେ ବୋଲି ରୋଟେରଡାମ୍‌ର ଏରାସମସ୍ ମେଡିକାଲ ସେଣ୍ଟରର ଭୂତାଣୁ ବିଜ୍ଞାନୀ ମାରିଅନ୍ କୁପ୍‌ମାନ୍ସ କହିଛନ୍ତି। ହଜାର ହଜାର ବର୍ଷ ବରଫ ତଳେ ରହିବା ସତ୍ତ୍ୱେ ଏହି ଜୀବନ୍ତ ଭୂତାଣୁ ଏକକୋଷୀ ପ୍ରାଣୀଙ୍କୁ ସଂକ୍ରମିତ କରିବା କ୍ଷମତା ରଖିଥିବା ଦେଖାଯାଇଛି।

PATRA'S REPUBLIC DAY SALE
PATRA
Pre book a product
get a gift worth Rs.5990/-
only on Republic Day
Book of Rs.1000/-
Absolutely Free
Only on Booking
Get a Bean Bag Worth 5990/-
T & C Apply. The Offer valid on purchase of a product of Rs.30,000/- or above on Republic Day only.
Bring this Coupon to the nearest counter for instant booking by 25.01.2024 to avail this offer.
Booking date.......................... Coupon No.................................. Booking Amount Rs.1000.00
Name ......................................................................Mobile...........................Product.................................
PATRA ELECTRONICS
Call us : 9040035044, 9937544443
PURI : VIP ROAD (NEAR PRIYADARSHINI HANDLOOM) PH : 9938060499, CHANDIKHOL : NEAR CANARA BANK, PH : 9938060899, BOLANGIR: KHADAL PADA, NEAR IDBI BANK, PH : 9178919222, JALESWAR: NAYA BAZAR, PH : 9163690709, HANSPAL: PURI CANAL ROAD, Nh5, PH : 9778224244, BARGARH: BANDHUTIKIR CHHAK, PH : 9777220955, SAMBALPUR: AAINTHAPALICHHAK, PH:9777362111, DHANUPALI, CHARBATICHOWK, NEAR4CGROUND, PH:8093004351 JHARSUGUDA: BEHERAMALL ROAD, PH : 9040075526, ROURKELA : UDIT NAGAR, G.M MALL, PH : 8260524244, 8260424244, ANGUL : BUS STAND, PH : 9178128333, DHENKANAL: SASANI CHHAK, PH : 9777272111, KEONJHAR : THANA CHHAK, GADADHAR COMPLEX, PH : 9861024244, JAJPUR ROAD: CHORDA BY PASS, PH : 9692474244, BARIPADA : MURGABADI GOLEI, PH : 8260024244, BALASORE : FAKIR MOHAN GOLEI, PH : 7853074244, 9861724244, BERHAMPUR : DALUA SAHI CHHAK, PH : 9040075527, KHORDHA : PALLAHAT CHHAK, PH : 9040014044, JAGATSINGHPUR: BUS STAND, PH : 9861120454, BHUBANEWSAR : BARAMUNDA, 9040026744, BAPUJI NAGAR, Ph : 9040035444, SAHEED NAGAR, Ph : 8984074244, PATIA, Ph : 9437020420, KHANDAGIRI, Ph : 9438803734, SAI MANDIR CHACK, TANKAPANI ROAD, Ph : 91 97779 39344 CUTTACK:CDA, Ph:9437061055, CHAULIAGANJ, Ph:9777268111, BADAMBADI, Ph:9437579644

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୪/୨୦୨୪

Bhubaneswar, Wednesday, January 24/2024




**ଆଜିର ମନ୍ତବ୍ୟ**

"ସ୍ୱାଧୀନତା ପରେ ରାଜନୀତିରେ ଦୁର୍ନୀତି ଓ ବଂଶବାଦ ଭାରତର ବିକାଶକୁ ଅବରୋଧ କରିଛି। ମହିଳା ଓ ଯୁବବର୍ଗ ଦେଶକୁ ଏହି ଦୁଷ୍ପ୍ରଭାବରୁ ରକ୍ଷା କରିପାରିବେ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପୁଅ ଯଦି ନୁହେଁ ମାଆର
ବାପ ଯଦି ନୁହେଁ ପୁଅର
ସ୍ୱାମୀ ସ୍ତ୍ରୀ ଦୁହେଁ କଳି କରୁଥାନ୍ତି
ହେବେ ବୋଲି ସିଏ କାହାର?

ସମ୍ପର୍କକୁ ନେଇ ସମସ୍ତେ ସନ୍ଦିହାନ। ଏପରିସ୍ଥଳେ ବାପ, ମାଆ, ପୁଅ, ସ୍ୱାମୀ ଏବଂ ସ୍ତ୍ରୀଙ୍କୁ କେନ୍ଦ୍ରକରି ଦ୍ୱନ୍ଦ୍ୱ ଉପୁଜିବା ଉପଲକ୍ଷେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ପତର କଟା ତନ୍ତର ଜଟା ପାଣି ଓଟା
ଗଉଡ଼ ଘରର ମାଇ
ଏ ଚାରି ଜାତିକି ବିଶ୍ୱାସ ନାହିଁ।

କରଣ, ତନ୍ତି, ଶୁଣ୍ଢି ଓ ଗଉଡୁଣୀ ନିଜ ଜାତିଗତ ବୃତ୍ତି ଯୋଗେ ଅନ୍ୟକୁ ଠକିଥାନ୍ତି। ତେଣୁ ଏମାନଙ୍କୁ ବିଶ୍ୱାସରେ ନେବା ଆଦୌ ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଯବାନ, ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

**ବୌଦ୍ଧ/କନ୍ଧମାଳ, ୨୩।୧ (ଅଜିତ କୁମାର ବାରିକ/ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲାରେ ସୋମବାର ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଜିଲାର ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ବୌଦ୍ଧ–କନ୍ଧମାଳ ଜିଲା ସୀମାନ୍ତ ନଳିକୁପା ଗାଁ ନିକଟ ଜଙ୍ଗଲରେ ସଶସ୍ତ୍ର ମାଓବାଦୀଙ୍କ ଗତିବିଧି ଜଣାପଡିବା ପରେ ଏସ୍‌ଓଜି ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ମାଓବାଦୀମାନେ ଏସ୍‌ଓଜି ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏସ୍‌ଓଜି ଯବାନଙ୍କ ପକ୍ଷରୁ ଏକ ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରାଯାଇଛି। ଉକ୍ତ ସ୍ଥାନରୁ ଏକ ବନ୍ଧୁକ ସହ ଲ୍ୟାଣ୍ଡମାଇନ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ପ୍ରାୟ ୨୫ରୁ ୩୦ ମାଓବାଦୀ ଥିବା ଅନୁମାନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୧୪ରେ ଏହି ନଳିକୁପା ଜଙ୍ଗଲରେ ଏସ୍‌ଓଜି ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

# ମଶାଣିରୁ ଯୁବକଙ୍କ ମୃତଦେହ ଜବତ କଲା ପୋଲିସ

**କଣ୍ଟାବାଞ୍ଜି, ୨୩।୧ (ଗୁରୁ ଦୟାଲ ହଂସ)**

ପରିବାର ଲୋକେ ଜଣେ ଯୁବକଙ୍କ ମୃତଦେହ ସତ୍କାର ପାଇଁ ମଶାଣିକୁ ନେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ବେହେରେନସିଲେଟ ଗାଁରେ ମଙ୍ଗଳବାର ଏଭଳି ଘଟଣା ଘଟିଛି। ମୃତ ଯୁବକ ହେଲେ ବିନୋଦ ଚିନାଗୁନ (୧୮)। ତାଙ୍କ ବାପା ଦିବା ଚିନାଗୁନଙ୍କ କହିବା ଅନୁସାରେ, ବିନୋଦ ମାନସିକ ବିକାରଗ୍ରସ୍ତ ଥିବା ବେଳେ ଗାଁରେ ଅଧିକାଂଶ ସମୟ ବୁଲାବୁଲି କରୁଥିଲେ। ସୋମବାର ରାତିରେ ସେ ଖାଇସାରି ଶୋଇଥିବା ବେଳେ ସକାଳେ ତାଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି, ଯୁବକ ଜଣକ ନିଜ ଘରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ କ୍ରମେ ମୃତଦେହ ଜବତ କରାଯାଇଛି। ଏନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ।

# ୧୪୩ କେଜି ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ

**ବୌଦ୍ଧ,(ଅଜିତ୍ ବାରିକ)/ଭୁବନେଶ୍ୱର, ୨୩।୧ (ସତ୍ୟଜିତ୍ ରାଉତ)**


ଗିରଫ ଅଭିଯୁକ୍ତ ପରିକ୍ଷିତ ବେହେରା।

ରାଜ୍ୟରେ ନିଶାଦ୍ରବ୍ୟ ଚୋରାଚାଲାଣ ବଢ଼ିବାରେ ଲାଗିଛି। ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ କଳାଖଣ୍ଡି ଗ୍ରାମ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ମଙ୍ଗଳବାର ସକାଳେ ଚଢ଼ାଉ କରି ୧୪୩ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଚାଲାଣକାରୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ସଦର ଥାନା ଅନ୍ତର୍ଗତ ନାରାୟଣପୁରର ପରିକ୍ଷିତ ବେହେରା। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୩/୨୦୨୩) ରୁଜୁ କରି ଅଭିଯୁକ୍ତ ପରିକ୍ଷିତଙ୍କୁ ବୌଦ୍ଧ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପରିକ୍ଷିତ ବିପୁଳ ପରିମାଣରେ ଗଞ୍ଜେଇ ଚାଲାଣ କରିବାକୁ ପ୍ରସ୍ତୁତ ହେଉଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଗଞ୍ଜେଇ ଚାଲାଣ କରିବା ବେଳେ ଏସ୍‌ଟିଏଫ୍ ଓ ବୌଦ୍ଧ ପୋଲିସର ମିଳିତ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ତେବେ ସେ କେଉଁଠୁ ଏତେ ପରିମାଣର ଗଞ୍ଜେଇ ଆଣିଥିଲେ ତାହା ଜାଣିବାକୁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ୨୦୨୦ରୁ ଏସ୍‌ଟିଏଫ୍ ୭୪ କେଜି ବ୍ରାଉନସୁଗାର, ୨୦୨ ଗ୍ରାମ କୋକେନ୍, ୧୧୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୩ କେଜି ୬୩୦ ଗ୍ରାମ ଅଫିମ ଜବତ କରିଥିବା ବେଳେ ୧୮୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତବର୍ଷ ଏସ୍‌ଟିଏଫ୍ ଦ୍ୱାରା ବିଭିନ୍ନ ମାମଲାରେ ଜବତ ହୋଇ ମାଲଖାନାରେ ଗଚ୍ଛିତ ଥିବା ୮୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜାଳି ନଷ୍ଟ କରାଯାଇଥିବା ସୂଚନା ଦିଆଯାଇଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ପରିକ୍ରମା ମାର୍ଗ ପୁନଃ ପ୍ରଦକ୍ଷିଣ କଲେ ମୁଖ୍ୟମନ୍ତ୍ରୀ





**ପୁରୀ, ୨୩।୧ (ଅଜିତ୍ ମହାନ୍ତି)**

- ମହାପ୍ରଭୁଙ୍କ ଦର୍ଶନ ସହ ସେବାୟତଙ୍କ ସମସ୍ୟା ବୁଝିଲେ
- ଭକ୍ତଙ୍କୁ ମିଳୁଥିବା ନୂତନ ସୁବିଧା ସୁଯୋଗ ସମ୍ପର୍କରେ ଅନୁଭୂତି ନେଲେ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ୭ମ ଦିନ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ପରିକ୍ରମା ପ୍ରକଳ୍ପ ମାର୍ଗ ପୁନଃ ପ୍ରଦକ୍ଷିଣ କରିଛନ୍ତି। ୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହିତ ପୁରୀ ଆସିଥିଲେ। ଭକ୍ତମାନଙ୍କୁ ମିଳୁଥିବା ନୂତନ ସୁବିଧା ସୁଯୋଗ ସମ୍ପର୍କରେ ଅନୁଭୂତି ନେବା ପାଇଁ ମୁଖ୍ୟମନ୍ତ୍ରୀ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରକଳ୍ପର ଭବ୍ୟତା ଓ ଆଧ୍ୟାତ୍ମିକତାପୂର୍ଣ୍ଣ ପରିବେଶ ଦେଖି ମୁଖ୍ୟମନ୍ତ୍ରୀ ଆନନ୍ଦ ଓ ସନ୍ତୋଷ ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ମାଟିତୋଟା ମୌଜାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ତାଙ୍କୁ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ସ୍ୱାଗତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସମଙ୍ଗଠାରୁ ଶ୍ରୀସେତୁ ଦେଇ ଶ୍ରୀଜଗନ୍ନାଥ ପିଲିଗ୍ରିମ ସେଣ୍ଟରରେ ପହଞ୍ଚିଥିଲେ। ସେଠାରୁ ଶ୍ରୀମାର୍ଗ ଦେଇ ବ୍ୟାଟେରିଚାଳିତ ଗାଡ଼ିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସିଂହଦ୍ୱାର ସମ୍ମୁଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଦଳୀୟ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ଅରୁଣସ୍ତମ୍ଭ ନିକଟରେ ପତିତପାବନଙ୍କୁ ଦର୍ଶନ କରି ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ସେ ଭିତରକାଠ ନିକଟରେ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଆଶିଷ ଲାଭ କରିବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ଶ୍ରୀମନ୍ଦିରରେ କିଛିସମୟ ଅତିବାହିତ କରି ସେବାୟତଙ୍କ ଉନ୍ନତି ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡରେ ଥିବା ଭକ୍ତମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ। ଏହି ସମୟରେ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ବ୍ୟାଟେରିଚାଳିତ ଗାଡ଼ିରେ ବସି ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚାରିପଟ ପ୍ରଦକ୍ଷିଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଶ୍ରୀଦାଣ୍ଡ, ଶ୍ରୀଜଗନ୍ନାଥ ପିଲିଗ୍ରିମ ସେଣ୍ଟର ଓ ଶ୍ରୀସେତୁ ଦେଇ ଭୁବନେଶ୍ୱର ଅଭିମୁଖେ ଫେରିଯାଇଥିଲେ।

ପୂର୍ବତନ ନଗରପାଳ ତଥା ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ସେବାୟତଙ୍କ ଭଲମନ୍ଦ ବୁଝିଥିଲେ। ପରେ ସେବାୟତଙ୍କ ସମସ୍ୟାର ସମାଧାନ ପାଇଁ ତାଙ୍କୁ ମନେ ପକାଇଦେବା ନିମନ୍ତେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଶ୍ରୀମନ୍ଦିର ପରିସରକୁ ସ୍ୱଚ୍ଛ ରଖିବା ପାଇଁ ସେବାୟତମାନଙ୍କୁ ପରାମର୍ଶ ଦେଇଛନ୍ତି। ପରିକ୍ରମା ମାର୍ଗ ଲୋକାର୍ପଣ ପରେ ଭକ୍ତମାନେ କିପରି ସୁବିଧା ପାଉଛନ୍ତି, ତାହାର ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଛନ୍ତି ବୋଲି ପ୍ରଧାନ କହିଛନ୍ତି। ସେହିପରି ରାଜ୍ୟ ଯୁବବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ବିଜେଡି ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରେ ବେଶ୍ ଭାବବିହ୍ୱଳ ଓ ସମର୍ପିତ ହୋଇ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ କାମ କରିଛନ୍ତି। ସେ ସେବାୟତଙ୍କ ସମେତ ଶ୍ରୀମନ୍ଦିରର ଉନ୍ନତି ପାଇଁ ଆଉ କି ପଦକ୍ଷେପ ନିଆଯାଇପାରିବ ବୋଲି ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅତି ପାଖରେ ପାଇ ଭକ୍ତ ଓ ପର୍ଯ୍ୟଟକମାନେ ଉତ୍ସାହିତ ହୋଇପଡ଼ିଥିଲେ। ଜନସାଧାରଣ ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଉକ୍ତ ଦିନ ସେ ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କୁ ଦର୍ଶନ କରି ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ପ୍ରଦକ୍ଷିଣ କରିଥିଲେ। ମାତ୍ର ଶ୍ରୀମନ୍ଦିରକୁ ଯାଇପାରି ନ ଥିଲେ।

# ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ: ପାଣ୍ଡିଆନ

**ପାରଳାଖେମୁଣ୍ଡି/ଆର.ଉଦୟଗିରି, ୨୩।୧ (ଗିରିଧାରୀ ପରିଚ୍ଛା/ମନୋଜ ପାଢ଼ୀ)**

## ୫-ଟି ଅଧ୍ୟକ୍ଷଙ୍କ ଦିନିକିଆ ଗଜପତି ଜିଲା ଗସ୍ତ



୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଦିନିକିଆ ଗଜପତି ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଯୁବପିଢ଼ିଙ୍କ ଭିତରେ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ସେବାକାର୍ଯ୍ୟର ଭାବଧାରା ସୃଷ୍ଟିକରି ଯୁବଶକ୍ତିକୁ ଆଗକୁ ଆଗେଇନେବା ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡିସ୍ଥିତ ଷ୍ଟାଡିୟମରେ ଆୟୋଜିତ 'ନୂଆ–ଓ ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସେ ସଫଳତାର ମନ୍ତ୍ର ଦେଇଛନ୍ତି। ସେ କହିଛନ୍ତି, ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ଭବିଷ୍ୟତ। ଏହା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପରିକଳ୍ପନା, ଯେଉଁଥିରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ। ଶାରୀରିକ ବ୍ୟାୟାମ, ଦୈନିକ ୧୫ ମିନିଟ ଧ୍ୟାନ କରିବା ସହ ଦିନରାତି ଯିଏ ଏକକରି ପରିଶ୍ରମ କରିବ ସିଏ ଉପରକୁ ଉଠିପାରିବ। ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ, ଏହାର କୌଣସି ବିକଳ୍ପ ନାହିଁ ବୋଲି ସେ କହିଛନ୍ତି। ଜିଲାର ୫–ଟି ଅଧୀନରେ ଥିବା ୧୭ଟି କଲେଜକୁ ରୂପାନ୍ତରିତ କରାଯାଉଛି ବୋଲି ପାଣ୍ଡିଆନ କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା, ଯୁବ ବ୍ୟାପାର ଶାସନ ସଚିବ ଆର.ଭିନିଲ କ୍ରିଷ୍ଣା, ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ସତ୍ୟବ୍ରତ ଭୋଇ, ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପରେ କାଶୀନଗର ଓ ମୋହନା ନିର୍ବାଚନମଣ୍ଡଳୀ ଆର.ଉଦୟଗିରିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଣ୍ଡିଆନ ଯୋଗଦେଇଥିଲେ। ଆଗକୁ ଏମ୍‌ବିକେ, ସ୍ୱଚ୍ଛ ସାଥି, ବୃଦ୍ଧ, ବିଧବା ଭତ୍ତା ବଢ଼ାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ରାଜ୍ୟ ସରକାରଙ୍କ ନୂଆ ବିଏସକେୱାଇ କାର୍ଡ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥିସହିତ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, କଳାକାର ଇତ୍ୟାଦି ସମସ୍ତ ଭତ୍ତା ବଢ଼ିବ ବୋଲି ଘୋଷଣା କରିଛନ୍ତି। ଆସନ୍ତା ମାସଠାରୁ ଭତ୍ତା ବଢ଼ାଇବା ଖବର ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିବେ ବୋଲି କହିଥିଲେ। ଜିଲାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୧୨୦କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଏମ୍. ସୁଧାରାଣୀ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ଜିଲା ଯୁବ ବିଜେଡି ସଭାପତି ଏସ୍. ଲିଙ୍ଗରାଜ, ଆର.ଉଦୟଗିରି ବିଡିଓ ଲରିମନ ଖର୍ସେଲ, ତହସିଲଦାର ଜ୍ୟୋତିର୍ମୟୀ ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଦଳୀୟ ନେତା ଯୋଗଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଶୁଭଚନ୍ଦ୍ର ପ୍ରଭାବରେ କାର୍ଯ୍ୟସିଦ୍ଧି ସହ ଅନ୍ୟମାନଙ୍କ ଆଦରଣୀୟ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ ସଙ୍ଗକୁ ଆଶା ପୂରଣରୁ ଖୁସି ରହିବେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ବୃଷ** – ଆଜି ଧନସ୍ଥାନସ୍ଥ ଚନ୍ଦ୍ର ଯୋଗୁ ଅର୍ଥାଗମ ସହ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ପ୍ରିୟବ୍ୟକ୍ତି ସାହାଯ୍ୟ କରିବେ। ବିବାଦୀୟ ସ୍ଥିତି ଦୂରେଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ ପ୍ରଗତି ମାନସିକ ସୁସ୍ଥତା ପାଇଁ ଅନୁକୂଳ ରହିବ। ସହକର୍ମୀଙ୍କ ସହ ଭଲ ସମ୍ପର୍କ ରଖି ଚଳିବା କର୍ମକ୍ଷେତ୍ର ସକାଶେ ହିତକର ହେବ।

**ମିଥୁନ** – ଶ୍ରୀଚନ୍ଦ୍ର ହେତୁ ମନ ପ୍ରଫୁଲ୍ଲ ରହିବ କିନ୍ତୁ ଦୂରଯାତ୍ରା, ବିବାଦରୁ ଦୂରେଇ ରହିବା ଭଲ ହେବ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହା କି ଆପଣଙ୍କ ପାଇଁ ତାହା କ୍ଷତିର କାରଣ ହୋଇପାରେ। ବହୁତ କଷ୍ଟ ସ୍ୱୀକାର କରି ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। କିନ୍ତୁ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**କର୍କଟ** – ବ୍ୟୟଭାବସ୍ଥ ଚନ୍ଦ୍ର ହେତୁ ଶାରୀରିକ ସୁସ୍ଥତା ରକ୍ଷା ଦିଗରେ ସଚେତନ ରହିବା ଭଲ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘଦିନ ହେଲା ଆପଣ ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ପରିକଳ୍ପିତ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ।

**ସିଂହ** – ଦେବଗୁରୁଙ୍କ ଦୃଷ୍ଟି ପ୍ରଭାବରେ ନିଜର କାମଗୁଡ଼ିକ ଅଟକି ରହିଯାଉଥିଲେ ମଧ୍ୟ ପର ପାଇଁ କାମରେ ସଫଳତା ହାସଲ କରିବେ। ପରିବାରର ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। ଆଜି ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଅନ୍ୟମାନଙ୍କ ବିଷୟ ଚିନ୍ତା କରି ନିଜ ପ୍ରତି ଅବହେଳା କରିପାରନ୍ତି।

**କନ୍ୟା** – ଦ୍ୱିତୀୟସ୍ଥ କେତୁଙ୍କ ଯୋଗୁ ବାକ୍ ଅସଂଯମତାଜନିତ ବନ୍ଧୁଙ୍କ ସମ୍ପର୍କ କ୍ଷୁଣ୍ଣ ହୋଇପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ହସ୍ତା ନକ୍ଷତ୍ର ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି।

**ତୁଳା** – ଶୁଭଗ୍ରହ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବା ସହ କାର୍ଯ୍ୟସିଦ୍ଧି ନିଶ୍ଚିତ ଘଟିବ। ତଥାପି କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ବିଛା** – ରାହୁଙ୍କ କୁପ୍ରଭାବ ଜନିତ ଭୁଲ୍ ନିଷ୍ପତ୍ତି ଗ୍ରହଣ କରି ପଶ୍ଚାତ୍ତେ ଅନୁତାପ କରିବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା କଷ୍ଟକର ହୋଇପଡ଼ିବ। ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି, ଯାହା କି ଚିନ୍ତାର କାରଣ ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ହେତୁ ଅଶାନ୍ତି ଅନୁଭବ କରିପାରନ୍ତି।

**ଧନୁ** – ଅଷ୍ଟମାଧିପତି ସପ୍ତମ ଭାବରେ ରହି ସ୍ତ୍ରୀଙ୍କ ସହ ମତାନ୍ତର ଓ ଯାତ୍ରା ବାଣିଜ୍ୟରେ ସମସ୍ୟାର ସମ୍ମୁଖୀନ ଆଶଙ୍କା ରହିଛି। ଜଣେ ପ୍ରିୟ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ମକର** – ସପ୍ତମାଧିପତି ଷଷ୍ଠସ୍ଥ ରହିବା କାରଣରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହା କି ଅନର୍ଥର କାରଣ ହୋଇପାରେ। ବିଳମ୍ବରେ ଅର୍ଥ ପାଇଲେ ମଧ୍ୟ ତଜ୍ଜନିତ କେତେକ କାମ ଅଟକି ରହିଯିବ। ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ** – ଚନ୍ଦ୍ରଙ୍କ ନବମ ସ୍ଥାନରେ ଶନିଙ୍କ ସ୍ଥିତିପୂର୍ବ ଯୋଜନା ଅନୁଯାୟୀ କର୍ମରେ ସଫଳତା ମଧ୍ୟ ପାଇବେ। ଗଠନମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବା କାରଣରୁ ଖୁସୀ ରହିବେ। ଗୃହକ୍ରୟ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ।

**ମୀନ** – ପାପଗ୍ରହ ନକ୍ଷତ୍ରରେ ବୃହସ୍ପତି ଥିବା କାରଣରୁ ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବନ୍ଧୁଙ୍କ ସହ ବାଦାନୁବାଦ ହେତୁ ସାୟାହ୍ନେ ଟେନସନ୍ ବଢ଼ିଯିବ। ଆଶା ପୂରଣ ହେବାରେ ନିଜ ପରିସରସ୍ଥ ବ୍ୟକ୍ତିବିଶେଷ ସାହାଯ୍ୟ କରିପାରନ୍ତି।

ଆଜି ଜାନୁଆରୀ ୨୪ ତାରିଖ, ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଜାତୀୟ କନ୍ୟାସନ୍ତାନ ଦିବସ, ବନ୍ଧୁ ଜଗବନ୍ଧୁଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ପୁନର୍ବସୁ/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୪/୨୦୨୪ | Bhubaneswar, Wednesday, January 24/2024 | ପୃଷ୍ଠା-୧



## ଜୁନ୍ ୧୪ରେ କଙ୍ଗନାଙ୍କ 'ଏମରଜେନ୍ସି'

ଚଳିତବର୍ଷ ଜୁନ୍ ୧୪ରେ କଙ୍ଗନାଙ୍କ ଆଗାମୀ ଫିଲ୍ମ 'ଏମରଜେନ୍ସି' ରିଲିଜ୍ ହେବା ନେଇ ସେ ଘୋଷଣା କରିଛନ୍ତି।

୧୦

୧୩

## କୋକୋ ଗଫ୍ ସେମିଫାଇନାଲରେ

ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ୧୯ ବର୍ଷୀୟା କୋକୋ ଗଫ୍ ।



# ରାହୁଲଙ୍କ ଯାତ୍ରାକୁ ଗୁଆହାଟୀ ମନା



ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଥିବା କଂଗ୍ରେସ କର୍ମୀ ଓ ନେତାଙ୍କୁ ପୋଲିସ ମଙ୍ଗଳବାର ଗୁଆହାଟୀ ସହର ପ୍ରବେଶ ପଥରେ ଅଟକାଉଛି।

## କଂଗ୍ରେସ କର୍ମୀଙ୍କୁ ଲାଠିମାଡ଼, ଉତ୍ତେଜନା

**ଗୁଆହାଟୀ,୨୩।୧(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଆସାମରେ କ୍ରମାଗତ ଭାବେ ବିରୋଧ ଓ ପ୍ରତିବନ୍ଧକର ସାମ୍ନା କରିଆସୁଥିବାବେଳେ ମଙ୍ଗଳବାର ଏହାକୁ ରାଜଧାନୀ ସହର ଗୁଆହାଟୀରେ ପ୍ରବେଶ କରାଇ ଦିଆଯାଇ ନାହିଁ। ସହର ପ୍ରବେଶ ରାସ୍ତାରେ ପୋଲିସ ଦୁଇଟି ବାରିକେଡ୍ ଲଗାଇଥିଲା। କଂଗ୍ରେସ କର୍ମୀମାନେ ବାରିକେଡ୍ ହଟାଇ ଆଗେଇବାକୁ ଉଦ୍ୟମ କରିବାକୁ ପୋଲିସ ବଳ ପ୍ରୟୋଗ କରିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ନ୍ୟାୟ ଯାତ୍ରାରେ ସାମିଲ ଥିବା ଲୋକଙ୍କୁ ବାରିକେଡ୍ ଭାଙ୍ଗିବା ପାଇଁ ଉସୁକାଇବା ଅଭିଯୋଗରେ ରାହୁଲଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ଏବଂ କଂଗ୍ରେସ ନେତା ଜିତେନ୍ଦ୍ର ସିଂ ଆସାମ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିବା ପାଇଁ ଲୋକଙ୍କୁ ଉସୁକାଉଥିବାର ପ୍ରମାଣ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କଂଗ୍ରେସ କର୍ମୀମାନଙ୍କ କାର୍ଯ୍ୟକୁ ସେ ମାଓବାଦୀ କୌଶଳ କହିବା ସହ ଏହା ଅସମୀୟା ସଂସ୍କୃତି ନୁହେଁ ବୋଲି କହିଛନ୍ତି।

ଆସାମରେ ନ୍ୟାୟ ଯାତ୍ରା ପ୍ରବେଶ କରିବା ଦିନରୁ ଇତିମଧ୍ୟରେ ଦୁଇଥର ଆକ୍ରମଣର ସମ୍ମୁଖୀନ ହେଲାଣି। ଏପରିକି ସୋମବାର ରାହୁଲଙ୍କୁ ଏକ ମନ୍ଦିରରେ ଦର୍ଶନ କରିବାକୁ ଛଡ଼ା ନ ଯିବାରୁ ସେ ଦୀର୍ଘସମୟ ଧାରଣାରେ ବସିଥିଲେ। ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାକୁ ବନ୍ଦ କରିବା ଲାଗି ଷଡ଼ଯନ୍ତ୍ର ହେଉଛି। ଏଥିପାଇଁ ବାରିକେଡ୍ ଲଗାଯାଇଥିଲା ବୋଲି ଯୁବକଂଗ୍ରେସ ସଭାପତି ଶ୍ରୀନିବାସ ବିଭି କହିଛନ୍ତି। ଯେତେ ଲାଠି ବ୍ୟବହାର କରୁଛ କର, ଲଢ଼େଇ ଜାରି ରହିବ ବୋଲି ସେ ସୋସିଆଲ ମିଡିଆ ଏକ୍ସ'ରେ ଲେଖିଛନ୍ତି। ଅନ୍ୟପକ୍ଷରେ ☞ପୃଷ୍ଠା-୯

## ଏପ୍ରିଲ ୧୬ରେ ହୋଇପାରେ ଲୋକ ସଭା ନିର୍ବାଚନ

**ନୂଆଦିଲ୍ଲୀ,୨୩।୧**

ଲୋକ ସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ସ୍ଥିର ହୋଇ ନ ଥିଲେ ମଧ୍ୟ ଏପ୍ରିଲ ୧୬ରେ ନିର୍ବାଚନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟର ଏକ ଚିଠି ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଏହି ଚର୍ଚ୍ଚା ଜୋର୍ ଧରିଛି। ଦିଲ୍ଲୀର ଜିଲା ଅଧିକାରୀମାନଙ୍କ ପାଖକୁ ସିଇଓ ପଠାଇଥିବା ବିଜ୍ଞପ୍ତିରେ ନିର୍ବାଚନ କମିଶନ ଏପ୍ରିଲ ୧୬କୁ ପ୍ରୟୋଗାତ୍ମକ ଭାବେ ନିର୍ବାଚନ ତାରିଖ ପ୍ରସ୍ତାବ ରଖିଥିବା ଏବଂ ଏହାକୁ ରେଫରେନ୍ସ ଭାବେ ନେଇ ନିର୍ବାଚନର ଆରମ୍ଭ ଓ ଶେଷ ତାରିଖ ଧାର୍ଯ୍ୟ କରାଯିବ ବୋଲି ଉଲ୍ଲେଖ ଥିଲା। ଦିଲ୍ଲୀର ସମସ୍ତ ୧୧ ଜିଲା ନିର୍ବାଚନ ଅଧିକାରୀଙ୍କ ପାଖକୁ ଏହି ନୋଟିସ୍ ☞ପୃଷ୍ଠା-୯



LOK SABHA ELECTION 2024

कार्यालय मुख्य चुनाव अधिकारी, दिल्ली
OFFICE OF THE CHIEF ELECTORAL OFFICER, DELHI
Old St. Stephen's College Building
Kashmere Gate, Delhi-110006
Landline No. 011-23928100

No.CEO/COE/102(05)/2023/ 453 — Date: 19/01/24

To,
District Election Officers (DEOs),
All 11 Districts, NCT of Delhi

**Subject: - Compliance/adhering to the timelines given in the Election Planner of Election Commission of India -regarding**

Madam/Sir,

I am directed to draw your kind attention to the Election Planner issued by the Election Commission of India (ECI) in which various activities in the build up to the election has been given along with the timelines/ duration for each activity to start and to be completed. For the ensuing General Election to the Lok Sabha 2024, the Commission has tentatively given the **Poll Day** as **16.04.2024** for the purpose of reference and to calculate **Start and End dates** in the Election Planner.

It is also to inform you that on every Start and End Date of the each activity, a notification is sent from the Election Planner Portal to CEO Delhi through SMS & email. The status of each activity is required to be updated/ marked as **Pending/ In Progress/ Scheduled/ Completed** depending on the reports received from the DEOs/ROs and concerned Branches at CEO (HQ).

In this regard, I am directed to request you to kindly adhere to the given timelines for initiating and completing each election activity mentioned in the Election Planner and send a report to COE Branch, office of CEO, Delhi on email id coebranch2024@gmail.com at least **one day prior to the Start and End dates of the activity(s).**

Yours Sincerely,
(T. Misao)
**Asstt. Chief Electoral Officer (COE)**

## ମୋକିମ, ଚିରଞ୍ଜୀବଙ୍କ ଉପରୁ ନିଲମ୍ବନ ହଟିଲା

**ଭୁବନେଶ୍ୱର, ୨୩।୧(ଅସମାପିକା ସାହୁ)**

ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ତା'ର ଦଳୀୟ କର୍ମୀଙ୍କୁ ଫେରାଇଆଣିଛି। ବରିଷ୍ଠ କଂଗ୍ରେସ ନେତା ତଥା କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି। ସେପଟେ

### କଂଗ୍ରେସକୁ ଫେରିଲେ କୃଷ୍ଣଚନ୍ଦ୍ର ସଗରିଆ

କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମଙ୍ଗଳବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ☞ପୃଷ୍ଠା-୯




## କର୍ପୂରୀ ଠାକୁରଙ୍କୁ ଭାରତରତ୍ନ



**ନୂଆଦିଲ୍ଲୀ,୨୩।୧**

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ମରଣୋତ୍ତର ଭାବେ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତରତ୍ନରେ ସମ୍ମାନିତ କରାଯିବ। ଏହି ଦିବଂଗତ ସମାଜବାଦୀ ନେତାଙ୍କ ଜନ୍ମବାର୍ଷିକୀ ପୂର୍ବରୁ କେନ୍ଦ୍ର ସରକାର ପୁରସ୍କାର ଘୋଷଣା କରିଛନ୍ତି। ସାମାଜିକ ନ୍ୟାୟ କଥା ପଡ଼ିଲେ କର୍ପୂରୀ ଠାକୁରଙ୍କ ନାଁ ଉଠିଥାଏ। ଉତ୍ତର ଭାରତରେ ସେ ପଛୁଆ ବର୍ଗଙ୍କ ପାଇଁ ନେତୃତ୍ୱ ନେବା ସହ ବିହାର ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ଓଡ଼ିଶା କଫି

## ଡ୍ରୋନ୍ ବୋହିଲା ମେଡିସିନ୍

### ଭୁବନେଶ୍ୱର ଏମ୍ସରେ ଟ୍ରାଏଲ ରନ୍

**ଭୁବନେଶ୍ୱର/ଟାଙ୍ଗୀ, ୨୩।୧ (ଅସମାପିକା ସାହୁ/ରଘୁନାଥ ସାହୁ)**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ୍ରୋନ୍ ବ୍ୟବହାର ହେବ। ଅତି ଜରୁରୀ ସମୟରେ ଡ୍ରୋନ୍ ସହାୟତାରେ ମେଡିକାଲ ସେବା ପହଞ୍ଚିପାରିବ। ଏମ୍ସ ଭୁବନେଶ୍ୱର ଏହି ଅଭିନବ ଉପାୟ ଆରମ୍ଭ କରିଛି। ଏଥିପାଇଁ ହସ୍ପିଟାଲ ପକ୍ଷରୁ ମଙ୍ଗଳବାର ଏମ୍ସ ପରିସରରେ ଡ୍ରୋନ୍‌ର ଟ୍ରାଏଲ ରନ୍ କରାଯାଇଛି, ଯାହାକି ବିନା ବାଧାରେ ସଫଳ ହୋଇଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷାମୂଳକ ଡ୍ରୋନ୍ ଉଡ଼ାଣ ଏମ୍ସ ପରିସରରୁ ଆରମ୍ଭ ହୋଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ୩୫ ମିନିଟ୍ ମଧ୍ୟରେ ଏହି ଡ୍ରୋନ୍ ୬୦ କିଲୋମିଟର ବାଟ ଅତିକ୍ରମ କରିଥିଲା। ପୁନର୍ବାର ଟାଙ୍ଗୀରୁ ଉଡ଼ାଣ ଆରମ୍ଭ କରି ଏମ୍ସକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମୋଟ ୧୨୦ କିଲୋମିଟରର ସଫଳ ଯାତ୍ରାକୁ ମାତ୍ର ଏକ ଘଣ୍ଟା ୧୦ ମିନିଟ୍ ମଧ୍ୟରେ ସମାପ୍ତ କରି ସଫଳତା ହାସଲ କରିଛି। ଏହି ଯାତ୍ରା କାଳରେ ଡ୍ରୋନ୍‌ରେ ଯୋଗାଣ ନିମନ୍ତେ ପ୍ରାୟ ୨ କିଲୋଗ୍ରାମ୍ ଓଜନର ରକ୍ତ ଏବଂ ଅନ୍ୟାନ୍ୟ ଔଷଧୀୟ ସାମଗ୍ରୀ ରଖାଯାଇଥିଲା। ଡ୍ରୋନ୍ ମାଧ୍ୟମରେ ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିତରଣ ଗ୍ରାମାଞ୍ଚଳ, ଆଦିବାସୀ ଏବଂ ଅର୍ଦ୍ଧସହରାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିବ। ଏହି ଡ୍ରୋନ୍ ମାଧ୍ୟମରେ ଟିକା, ଅତ୍ୟାବଶ୍ୟକ ଔଷଧ, ରକ୍ତ ସହିତ ଅନ୍ୟାନ୍ୟ ଏକାଧିକ ପରୀକ୍ଷଣ ସାମଗ୍ରୀ ବହନ କରାଯାଇପାରିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅପହଞ୍ଚ ଜାଗାରେ ରୋଗୀଙ୍କ ନିକଟରେ ସ୍ୱାସ୍ଥ୍ୟସେବା ☞ପୃଷ୍ଠା-୯



## ମାଁ ତାର୍ ସାଙ୍ଗେ ମୋର ବିହା କରେଇ ଦେ

### ମା' ସମଲେଇଙ୍କ ହୁଣ୍ଡିରୁ ମିଳିଲା ପ୍ରେମିକାଙ୍କ ଚିଠି

**ସମ୍ବଲପୁର,୨୩।୧ (ଭବାନୀ ଶଙ୍କର ଭୋଇ)**

ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ରହିଲେ ସବୁ ଅଭାବ ଅସୁବିଧା ଦୂର ହୁଏ। ସେଥିପାଇଁ ଅନେକ ଭକ୍ତ ନିଜ ମନର ଭାବନାକୁ ମା'ସମଲେଇଙ୍କ ପାଖରେ ପହଞ୍ଚାଇବା ପାଇଁ ଚିଠି ଲେଖି ଦାନବାକ୍ସ (ହୁଣ୍ଡି)ରେ ପକାଉଥିବା ଦେଖିବାକୁ ମିଳିଥାଏ। କିଏ ଚାକିରି ପାଇଁ ତ କିଏ ରୋଗ ଦୂର ଓ ପୁଣି କିଏ ପରିବାରର ସୁଖଶାନ୍ତି ପାଇଁ। ହେଲେ ପ୍ରେମିକ ସହ ବିବାହ କରାଇଦେବାକୁ ଗୁହାରି କରି ଜଣେ ପ୍ରେମିକାଙ୍କ ଚିଠି ହୁଣ୍ଡିରୁ ମିଳିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୋମବାର ରାତିରେ ହୁଣ୍ଡି ଖୋଲିବା ସମୟରେ ଏହି ଚିଠି ମିଳିଥିଲା। ପ୍ରେମିକା ଜଣକ ସମ୍ବଲପୁରୀ ଭାଷାରେ ମା'ଙ୍କୁ ଗୁହାରି କରି ଲେଖିଛନ୍ତି, ମୋର୍ ବିହା କରେଇ ଦେ ମାଁ। ତୋର ଉପରେ ବହୁତ ଆଶା ଅଛେ। ଶୁନିଛେଁ ତୁଇ ସମସ୍ତଙ୍କର ଦୁଃଖ୍ ଦୂର କରସୁ। ମୁଇଁ କାହ୍ନାକେ ବହୁତ ଭଲ୍ ପାଏସି। ମାଁ ତାର୍ ସାଙ୍ଗେ ମୋର ବିହା କରେଇ ଦେ। ବର୍ଷା ନାମକ ଜଣେ ଯୁବତୀ ତାଙ୍କର ପ୍ରେମିକ କାହ୍ନାଙ୍କୁ ପାଇବା ପାଇଁ ମା'ଙ୍କୁ ଏପରି ପତ୍ର ଲେଖିଥିବା ଚିଠିରୁ ଜଣାପଡୁଛି। ମାନସିକ ପୂରଣ ହେଲେ ଆଗକୁ କାହ୍ନା ଆଉ ସେ ସାଙ୍ଗହୋଇ ଦର୍ଶନ ପାଇଁ ଆସିବେ ବୋଲି ମାଁଙ୍କୁ ଜଣାଇଛନ୍ତି। ସେହିପରି ପରୀକ୍ଷାରେ ପାସ୍ କରାଇଦେବା ଓ ସରକାରୀ ଚାକିରି ପାଇଁ ମଧ୍ୟ ଆଉ ଜଣେ ଭକ୍ତଙ୍କ ଚିଠି ହୁଣ୍ଡିରୁ ମିଳିଛି। ହୁଣ୍ଡିରୁ ମିଳୁଥିବା ସମସ୍ତ ପତ୍ର ମା'ଙ୍କ ପାଖରେ ପ୍ରଦାନ କରାଯିବାର ପରମ୍ପରା ରହିଛି। ତେଣୁ ଏହି ଚିଠିଗୁଡ଼ିକୁ ମଧ୍ୟ ମା'ଙ୍କ ନିକଟରେ ପ୍ରଦାନ କରାଯିବ ବୋଲି ଜଣାପଡିଛି।



ହୁଣ୍ଡିରୁ ମିଳିଥିବା ପ୍ରେମିକାଙ୍କ ଚିଠି।



# ଓଡ଼ିଶା କଫି

ଆଦିବାସୀ ବହୁଳ ଜିଲା କୋରାପୁଟର ସାମାଜିକ, ଆର୍ଥିକ ମାନଚିତ୍ର ବଦଳିବାରେ ଲାଗିଛି। ଚାଷ କ୍ଷେତ୍ରରେ ଏହା ବେଶ୍ ଆଗକୁ ବଢୁଛି। ବିଶେଷକରି ପାରମ୍ପରିକ ଧାନଚାଷରେ ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। କିନ୍ତୁ ବିଗତ ଏକ ଦଶନ୍ଧି ମଧ୍ୟରେ ଏହା କଫି ଚାଷରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ପାଇବାକୁ ପ୍ରୟାସ ଜାରି ରଖିଛି ଏବଂ କିଛି ସଫଳତା ପାଇଛି। ଗତ ବର୍ଷ ବେଙ୍ଗାଲୁରୁରେ ଅନୁଷ୍ଠିତ ବିଶ୍ୱ କଫି ସମ୍ମିଳନୀରେ ପ୍ରାକୃତିକ ଉପାୟରେ ଚାଷ କରାଯାଉଥିବା କୋରାପୁଟର ସର୍ବପୁରାତନ କିସମ କଫିକୁ ୩ଟି ପୁରସ୍କାର ମିଳିଥିଲା। ଏହା ମଧ୍ୟରୁ ଗୋଟିଏ ସର୍ବୋତ୍କୃଷ୍ଟ ନାଚୁରାଲ କଫି ପୁରସ୍କାର ପାଇଥିଲା। ଉଲ୍ଲେଖନୀୟ ଯେ, କୋରାପୁଟରେ କଫିଚାଷର ଇତିହାସ ବହୁ ପୁରୁଣା। ୧୯୩୦ ଦଶକରେ ଜୟପୁର ମହାରାଜା ରାଜବାହାଦୁର ରାମଚନ୍ଦ୍ର ଦେଓଙ୍କ ଦ୍ୱାରା ପ୍ରଥମେ ଏହି ଚାଷ ଆରମ୍ଭ କରାଯାଇଥିଲା। ସମୟକ୍ରମେ ଏହା ବନ୍ଦ ହୋଇଯାଇଥିଲା। ଦୀର୍ଘବର୍ଷ ପରେ ୨୦୧୭ରେ ଜିଲା ପ୍ରଶାସନ ପୁନର୍ବାର କଫିଚାଷ ଆରମ୍ଭ କରିବା ଲାଗି କଫି ଡେଭଲପ୍‌ମେଣ୍ଟ ବୋର୍ଡ ଗଠନ କରିଥିଲେ। ତା'ପରେ ଚାଷରେ ଅନେକଙ୍କୁ ସାମିଲ କରାଯାଇଛି ଓ ସେଠାରେ ପ୍ରାୟ ୫ ହଜାର ହେକ୍ଟର ଜମିରେ କଫିଚାଷ କରାଯାଉଛି। ଏହାଦ୍ୱାରା ଆଦିବାସୀମାନେ ଜୀବିକା ପାଉଛନ୍ତି ଓ ସେମାନଙ୍କ ଆର୍ଥିକ ବିକାଶ ଘଟୁଛି। କୋରାପୁଟ ସମେତ ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରରେ ଏହି ଚାଷଜମି ପରିମାଣ ୧୦ ହଜାର ଏକରରେ ପହଞ୍ଚିଲାଣି ବୋଲି ଜଣାପଡ଼ିଛି। କଫିଚାଷକୁ ଆହୁରି ବ୍ୟାପକ କରିବା ଲାଗି ନିକଟରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ଏବକାର ଚାଷଜମିକୁ ୧୦ ବର୍ଷରେ ୧୦ଗୁଣ ବଢ଼ାଇ ୧ ଲକ୍ଷ ଏକରରେ ପହଞ୍ଚାଇବାକୁ ଯୋଜନା କରାଯାଇଛି। ଏଥିପାଇଁ ୫ ବର୍ଷରେ ୧,୧୪୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଯୋଜନାରେ ଉତ୍ପାଦର ମୂଲ୍ୟ ବୃଦ୍ଧି ଓ ବଜାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ସହ ୫୦ ହଜାରରୁ ଊର୍ଦ୍ଧ୍ୱ କୃଷକ ପରିବାର ଉପକୃତ ହେବେ ବୋଲି କୁହାଯାଇଛି। କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ। କିନ୍ତୁ ଏହା ସ୍ପଷ୍ଟ ଯେ, ଏହିସବୁ ଜିଲାରେ ଯାହା କିଛି କୃଷିଜାତ ଶସ୍ୟ ଉତ୍ପାଦିତ ହୁଏ ତାହା ଆନ୍ଧ୍ର ଓ ଛତିଶଗଡ଼ ବ୍ୟବସାୟୀମାନେ କିଣିନେଇ ବଜାରକୁ ଚଢ଼ା ଦରରେ ଛାଡ଼ନ୍ତି। ପୂର୍ବରୁ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଅନେକ ନଦୀ ଓ ଝରଣାରୁ ମିଳୁଥିବା ମୂଲ୍ୟବାନ୍ ପଥର ସ୍ଥାନୀୟ ବ୍ୟବସାୟୀଙ୍କ ପରିବର୍ତ୍ତେ ରାଜସ୍ଥାନ, ଛତିଶଗଡ଼ ଓ ଆନ୍ଧ୍ରରୁ ଆସୁଥିବା ବ୍ୟବସାୟୀ ଅଳ୍ପ ଅର୍ଥରେ କିଣିନେଇ ବହୁ ମୂଲ୍ୟରେ ଦେଶ ବିଦେଶରେ ବିକ୍ରି କରିଥାନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଦୋଷଦେବା ସହିତ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ସ୍ଥାନୀୟ ଯୁବପିଢ଼ିର ଉଦ୍ୟୋଗୀ ମନୋଭାବ ଅଭାବ ଯୋଗୁ ବାହାର ଲୋକ ସବୁବେଳେ ଓଡ଼ିଶାର ସମ୍ପତ୍ତି ଲୁଟି ନେଉଛନ୍ତି। ସେହିଭଳି ଦେଖିବାକୁ ଗଲେ ଓଡ଼ିଶାରେ ଥିବା ଲୁହାପଥର, କ୍ରୋମ୍, ଗ୍ରାଫାଇଟ୍, ବକ୍ସାଇଟ୍‌ଭଳି ଅତିମୂଲ୍ୟବାନ୍ ସମ୍ପତ୍ତିକୁ ଚତୁରତାର ସହ ଏବଂ ଅଳ୍ପମୂଲ୍ୟରେ ବାହାର ରାଜ୍ୟର ଶିଳ୍ପପତିମାନେ ଆଖିରେ ଆଙ୍ଗୁଠି ଗେଞ୍ଜି ନେଇଯାଉଛନ୍ତି। ଯେହେତୁ ଓଡ଼ିଶାର ଜନସାଧାରଣ ଏ ଦିଗକୁ ଆଦୌ ଅନିଶା କରୁନାହାନ୍ତି, ସେଥିପାଇଁ କଫିଠାରୁ ଆରମ୍ଭକରି ଲୁହାପଥର ପର୍ଯ୍ୟନ୍ତ ସବୁ ଅତି କମ୍ ଦରରେ ଆମ ରାଜ୍ୟରୁ ପଳାଉଛି।

**ଓଡ଼ିଶାରେ ଥିବା ଲୁହାପଥର, କ୍ରୋମ୍, ଗ୍ରାଫାଇଟ୍, ବକ୍ସାଇଟ୍ ଭଳି ଅତି ମୂଲ୍ୟବାନ୍ ସମ୍ପତ୍ତିକୁ ଚତୁରତାର ସହ ଏବଂ ଅଳ୍ପ ମୂଲ୍ୟରେ ବାହାର ରାଜ୍ୟର ଶିଳ୍ପପତିମାନେ ଆଖିରେ ଆଙ୍ଗୁଠି ଗେଞ୍ଜି ନେଇଯାଉଛନ୍ତି। ଯେହେତୁ ଓଡ଼ିଶାର ଜନସାଧାରଣ ଏ ଦିଗକୁ ଆଦୌ ଅନିଶା କରୁନାହାନ୍ତି, ସେଥିପାଇଁ କଫିଠାରୁ ଆରମ୍ଭକରି ଲୁହାପଥର ପର୍ଯ୍ୟନ୍ତ ସବୁ ଅତି କମ୍ ଦରରେ ଆମ ରାଜ୍ୟରୁ ପଳାଉଛି।**

ଓଡ଼ିଶାରେ ଉତ୍ପାଦିତ କଫିକୁ ନେଇ ଆର୍‌କୁ ନାମରେ ଆନ୍ଧ୍ର ବ୍ୟବସାୟୀମାନେ ବିକ୍ରି କରୁଛନ୍ତି। ଏହାବାଦ୍ ଓଡ଼ିଶାର କଫିଚାଷୀମାନେ କମ୍ ଦାମ୍‌ରେ ମଧ୍ୟସ୍ଥଙ୍କୁ ବିକ୍ରିକରିବାକୁ ବାଧ୍ୟ ହେଉଛନ୍ତି। ଏହି ମଧ୍ୟସ୍ଥମାନେ ତାହାକୁ ନେଇ କର୍ଣ୍ଣାଟକ ଓ ତାମିଲନାଡୁରେ ବିକ୍ରିକରି ବେଶ୍ ଲାଭ ପାଉଛନ୍ତି। ଫଳରେ କ୍ଷତି ସହୁଛି ଓଡ଼ିଶାର କଫିଚାଷୀ। ଓଡ଼ିଶାରେ କଫି ବଜାର ସୃଷ୍ଟି ହୋଇ ନ ଥିବାରୁ ସେମାନଙ୍କୁ ଏଭଳି କରିବା ଲାଗି ସୁଯୋଗ ମିଳୁଛି। ବିଶେଷକରି କୋରାପୁଟ କଫି ବଜାର ଏବେ ସୀମିତ ରହିଛି। କୋରାପୁଟ ସହର, ଭୁବନେଶ୍ୱର ଓ ପୁରୀରେ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି। ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋଅପରେଟିଭ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍ ( ଟିଡିସିସିଓଏଲ) କୋରାପୁଟ କଫି ବ୍ରାଣ୍ଡରେ କଫି ବିକ୍ରି ପାଇଁ ପ୍ରୟାସ ଜାରି ରଖିଥିଲେ ବି ଏହା ପର୍ଯ୍ୟାପ୍ତ ହୋଇପାରିନାହିଁ। ତେବେ କଫିର ଏକ ସମନ୍ୱିତ ବଜାର ସୃଷ୍ଟିକରି କୃଷକଙ୍କୁ କିଭଳି ଉପଯୁକ୍ତ ଲାଭ ଦିଆଯାଇପାରିବ ତାହା ନିଶ୍ଚିତ କରାଯିବା ଦରକାର। କୃଷକଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେଲେ ସ୍ଥିରୀକୃତ ଲକ୍ଷ୍ୟ ହାସଲ କରିବା ସହଜ ହେବ ନାହିଁ, ବରଂ ଚାଷ ପାଇଁ ଉନ୍ନତ ଗବେଷଣାଭିତ୍ତିକ ଜ୍ଞାନକୌଶଳ ସମ୍ପର୍କରେ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ତତ୍ ସହିତ ଉତ୍ପାଦନକୁ ଲାଭ ଜନକ ଉପାୟରେ ବିକ୍ରି କରାଯାଇପାରିଲେ ଲକ୍ଷ୍ୟ ହାସଲ ହୋଇପାରିବ।

# ଡଙ୍କି: ଉଚ୍ଚାଭିଳାଷର ଦୁଃସ୍ୱପ୍ନ



ପ୍ରକାଶ ତ୍ରିପାଠୀ

ନିକଟରେ ମୁକ୍ତିଲାଭ କରିଥିବା ଶାହରୁଖ ଖାନ୍‌ଙ୍କର ଚଳଚ୍ଚିତ୍ର ଡଙ୍କିକୁ ନେଇ ଏବେ କେବଳ ଭାରତ ନୁହେଁ, ଭାରତ ବାହାରେ ଖୁବ୍ ଚର୍ଚ୍ଚା। ଏହି ଚର୍ଚ୍ଚା ଭିତରେ ବିଶେଷ ଭାବେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ଗୁଜରାଟର ଡିଙ୍ଗୁଚା ଗ୍ରାମ। ଏହି ଗ୍ରାମର ସାମ୍ପ୍ରତିକ ସ୍ଥିତି ହେଲା ଗ୍ରାମର ପ୍ରାୟ ପଚାଶ ପ୍ରତିଶତ ଘର ଏବେ ମଣିଷଶୂନ୍ୟ। କାରଣ ଏହି ଗ୍ରାମର ଅଧିକାଂଶ ଲୋକ ନିଜର ମାତୃଭୂମି ଛାଡ଼ି ଆମେରିକା ଓ କାନାଡ଼ାରେ ରହୁଛନ୍ତି। ଏବେ ବି ଏହି ଗାଁରେ ପୋଷ୍ଟର ଲଗାଯାଇଛି ଯେ, ଯଦି କାନାଡ଼ା ବା ଆମେରିକାରେ ପଢ଼ିବାର ଅଛି ତୁରନ୍ତ ଆବେଦନ କରନ୍ତୁ। ମାତ୍ର ତିନିଦିନରେ ମିଳିବ ଅଫର ଲେଟର। ଅଧିକ ରୋଜଗାର, ଚାକଚକ୍ୟ ଓ ବିଳାସପୂର୍ଣ୍ଣ ଜୀବନଶୈଳୀ, ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ନେଇ ଲୋକମାନେ ନିଜର ଭିଟାମାଟି ଛାଡ଼ି ଦେଉଛନ୍ତି ସତ, ହେଲେ ତା' ପରବର୍ତ୍ତୀ ଦୁଃଖଦ ସ୍ଥିତିରେ ଉପନୀତ ହେଲାବେଳକୁ କେହି ପାଖରେ ନ ଥା'ନ୍ତି। ଯେଉଁଦିନ ଡିଙ୍ଗୁଚା ଗ୍ରାମର କିଛି ଲୋକ ଗାଁ ଛାଡ଼ି ଆମେରିକା ଯାଉଥିବାର ଦୃଶ୍ୟ ୩୩ ବର୍ଷୀୟ ଜଗଦୀଶ ପାଟିଲ ଦେଖିଲା, ସେଦିନ ରାତିରେ ତାକୁ ଆଉ ନିଦ ଆସିନଥିଲା। ସେ ବି କିପରି ଆମେରିକା ଯିବ, ନିଜ ପିଲାଙ୍କୁ ଭଲ ଶିକ୍ଷା ଦେବ, ନିଜ ପତ୍ନୀ ସେଠାରେ ବିୟୁଟିପାର୍ଲର ଖୋଲିବ, ଏହି କଥା ଭାବି ସେ ଅସ୍ଥିର ହୋଇ ଉଠିଲା। ଶେଷରେ ବିଦେଶକୁ ପଠାଉଥିବା ଭିସା କମ୍ପାନୀର ଦଲାଲଙ୍କ ସହ ଯୋଗସୂତ୍ର ରଖିଲା। ସମସ୍ତ ସମ୍ପତ୍ତିବାଡ଼ି ବିକ୍ରି କରି ୬୫ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲା ଓ ନିଜର ପତ୍ନୀ ଏବଂ ଦୁଇ ଛୋଟ ଛୋଟ ସନ୍ତାନଙ୍କୁ ଧରି ଟରେଣ୍ଟୋ ବିମାନରେ ବସିପଡ଼ିଲା। ଦଲାଲଙ୍କ ଦାୟିତ୍ୱ ଥିଲା ଜଗଦୀଶ ପରିବାରକୁ ସେ କାନାଡ଼ା-ଆମେରିକା ସୀମା ନିକଟରେ ପହଞ୍ଚାଇଦେବ। ସେଠାରୁ ସେମାନେ ଚାଲି ଚାଲି ଆମେରିକା ଭିତରକୁ ଯିବେ, ଯାହାକି ସମ୍ପୂର୍ଣ୍ଣ ବେଆଇନ। ଟରେଣ୍ଟୋରେ ପହଞ୍ଚିବାର ସାତ ଦିନ ପରେ ଜଗଦୀଶ ନିଜ ପରିବାର ସହ ଅତ୍ୟଧିକ ଥଣ୍ଡା ଓ ତୁଷାରପାତ ଯୋଗୁଁ ମୃତ୍ୟୁବରଣ କରିଥିବା ଜଣାପଡିଥିଲା। କାନାଡ଼ା-ଆମେରିକା ସୀମାରେ ବିୟୁକ୍ତ ୩୫ ଡିଗ୍ରୀ ତାପମାତ୍ରା ବୋଲି ଜଗଦୀଶଙ୍କୁ କେହି କହିନଥିଲେ। ତାଙ୍କ ମୃତ ଶରୀରକୁ ଅର୍ଥ ଖର୍ଚ୍ଚ କରି କାନାଡ଼ାରୁ ଭାରତ ଆଣିବାକୁ କେହି ଆତ୍ମୀୟ ବି ରାଜି ହୋଇନଥିଲେ।

ଜଗଦୀଶ ପଟେଲ ଗୋଟିଏ ଉଦାହରଣ ନୁହନ୍ତି। ଅନେକ ଜଗଦୀଶ ଏହିପରି ଉଚ୍ଚାଭିଳାଷୀ ହୋଇ ମୃତ୍ୟୁବରଣ କରୁଛନ୍ତି ବା ବେଆଇନ ଅନୁପ୍ରବେଶ ଆଧାରରେ ବିଦେଶର ଜେଲରେ ଜୀବନ ବିତାଉଛନ୍ତି। ନିକଟରେ ୩୦୦ରୁ ଅଧିକ ଭାରତୀୟଙ୍କୁ ନେଇ ଏକ ବିମାନ, ଯାହା ପ୍ରଥମେ ନିକାରାଗୁଆ ଅଭିମୁଖେ ଯାଉଥିଲା, 'ମାନବ ଚାଲାଣ' ସନ୍ଦେହରେ ଚାରି ଦିନ ଫ୍ରାନ୍ସରେ ଫସି ରହିବା ପରେ ଭାରତ ଫେରି ଆସିଥିଲା। ଏହି ବିମାନଟି ଭାରତରୁ ବେଆଇନ ପ୍ରବାସୀମାନଙ୍କୁ ନେଇ ଯାଉଥିବା ଖବର ଫ୍ରାନ୍ସ




କର୍ତ୍ତୃପକ୍ଷ କୌଣସି ଏକ ସୂତ୍ରରୁ ଜାଣିବା ପରେ ଚାଲନ୍ସ-ଭାଟ୍ରି ବିମାନ ବନ୍ଦରରେ ଏହି ଡଙ୍କି ଉଡ଼ାଣକୁ ଅଟକାଇ ଦିଆଯାଇଥିଲା। ଡଙ୍କି ଶବ୍ଦ ପଞ୍ଜାବୀ ଭାଷାରୁ ଉତ୍ପନ୍ନ ହୋଇଛି, ଯାହାର ଅର୍ଥ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବେଆଇନ ଭାବେ ଯିବା। ସାଧାରଣତଃ ବିଭିନ୍ନ ଦେଶକୁ ପରୋକ୍ଷ ମାର୍ଗ ଦେଇ ବେଆଇନ ଭାବେ ସୀମା ଅତିକ୍ରମ କରାଯିବାକୁ ଡଙ୍କି ପଦ୍ଧତି ବା ଡଙ୍କି ଉଡାଣ କୁହାଯାଇଥାଏ। ଉଦାହରଣ ସ୍ୱରୂପ, ବ୍ୟକ୍ତିମାନେ ୟୁରୋପିଆନ ୟୁନିଅନ ସ୍କେଙ୍ଗେନ ଅଞ୍ଚଳ ପାଇଁ ଏକ ଟୁରିଷ୍ଟ ଭିସା ପାଇଥା'ନ୍ତି, ଯେଉଁଠାରୁ କି ୨୬ଟି ଦେଶକୁ ମୁକ୍ତ ଚଳାଚଳର ଅନୁମତି ରହିଛି। ଜଣେ ଏହିଠାରେ ପହଞ୍ଚିବା ପରେ ଏଜେଣ୍ଟଙ୍କ ସାହାଯ୍ୟରେ ବେଆଇନ ଭାବରେ ବ୍ରିଟେନରେ ପ୍ରବେଶ କରିପାରିବ। ନକଲି ଡକ୍ୟୁମେଣ୍ଟେସନଠାରୁ ଆରମ୍ଭ କରି ଶିପିଂ କଣ୍ଟେନର ମାଧ୍ୟମରେ ଚୋରାଚାଲାଣ ପର୍ଯ୍ୟନ୍ତ ସମସ୍ତ ସେବା ପାଇଁ ଏହି ଏଜେଣ୍ଟମାନେ ଅଧିକ ଫି' ଆଦାୟ କରି ସେବା ଯୋଗାଇଥାଆନ୍ତି।

ଆମେରିକାର କଷ୍ଟମ୍ସ ଏବଂ ସୀମା ସୁରକ୍ଷା (ୟୁସିବିଏ) ତଥ୍ୟ ଅନୁଯାୟୀ ଅକ୍ଟୋବର ୨୦୨୨ରୁ ସେପ୍ଟେମ୍ବର ୨୦୨୩ ମଧ୍ୟରେ ବେଆଇନ ଭାବେ ଡଙ୍କି ପଦ୍ଧତିରେ ଆମେରିକାରେ ପ୍ରବେଶ କରୁଥିବା ସମୟରେ ୯୬,୯୧୭ ଜଣ ଭାରତୀୟଙ୍କୁ ଧରାଯାଇଥିଲା। କେବଳ ଆମେରିକା ସୀମା ନୁହେଁ, ସହସ୍ରାଧିକ ଭାରତୀୟ କାନାଡ଼ା ସୀମାରେ ଏବଂ ମେକ୍ସିକୋ ସୀମାରେ ଧରାପଡ଼ନ୍ତି। ଖବର ଅନୁଯାୟୀ, ଇକ୍ୟୁଏଡର୍, ବଲିଭିଆ କିମ୍ବା ଗୁଇନା ପରି ଲାଟିନ ଆମେରିକୀୟ ଦେଶରେ ସହଜ ପର୍ଯ୍ୟଟନ ଭିସା ଯୋଗେ ପହଞ୍ଚିବା ପରେ ଭାରତୀୟ ନାଗରିକମାନେ ସେଠାରୁ ଡଙ୍କି ପଦ୍ଧତିରେ ଅନ୍ୟ ଦେଶକୁ ଯିବା ଆରମ୍ଭ କରିଥା'ନ୍ତି। କେତେକ ଏଜେଣ୍ଟ ଦୁବାଇରୁ ମେକ୍ସିକୋ ପାଇଁ ସିଧାସଳଖ ଭିସା ବ୍ୟବସ୍ଥା କରନ୍ତି। ତଥାପି ସିଧାସଳଖ ମେକ୍ସିକୋରେ ଅବତରଣ କରିବା ଅଧିକ ବିପଜ୍ଜନକ ବୋଲି ବିବେଚନା କରାଯାଏ। କାରଣ ସେଠାରେ ସ୍ଥାନୀୟ କର୍ତ୍ତୃପକ୍ଷ ପ୍ରବାସୀମାନଙ୍କୁ ଦେଖି ତତ୍‌କ୍ଷଣାତ ତନଖି କରି ଗିରଫ କରିଥା'ନ୍ତି। ଲାଟିନ୍ ଆମେରିକାରୁ, ଅଧିକାଂଶ ଏଜେଣ୍ଟ ନିଜ ଗ୍ରାହକମାନଙ୍କୁ କଲମ୍ବିଆକୁ ନେଇଯାଆନ୍ତି, ଯାହା ପାନାମା ଅପେକ୍ଷା ଆମେରିକାର ସୀମା ନିକଟବର୍ତ୍ତୀ । କଲମ୍ବିଆରୁ ପ୍ରବାସୀମାନେ କଲମ୍ବିଆ ଏବଂ ପାନାମାକୁ ପୃଥକ୍ କରୁଥିବା ଡାରିଏନ ଗ୍ୟାପ ନାମକ ଏକ ବିପଜ୍ଜନକ ଜଙ୍ଗଲ ଦେଇ ପାନାମାରେ ପ୍ରବେଶ କରନ୍ତି। ଏହି ଜଙ୍ଗଲରେ କୌଣସି ରାସ୍ତା କିମ୍ବା ସେତୁ ନାହିଁ ଏବଂ ଏହା ଭୟଙ୍କର ବନ୍ୟ ପ୍ରାଣୀ ଏବଂ ଆନାକୋଣ୍ଡା ଭଳି ବିଷାକ୍ତ ସାପଙ୍କର ଅଞ୍ଚଳ। ଯଦି ସବୁକିଛି ଠିକ୍ ହୁଏ, ପାନାମାର ଜଙ୍ଗଲ ଏବଂ ପର୍ବତ ଦେଇ ଯାତ୍ରା ଆଠରୁ ଦଶ ଦିନ ନେଇଥାଏ। ଏହା ପରେ ପ୍ରବାସୀମାନେ ଗୁଆଟେମାଲା ସହିତ ମେକ୍ସିକୋର ଦକ୍ଷିଣ ସୀମାରେ ପହଞ୍ଚିବା ପୂର୍ବରୁ କୋଷ୍ଟାରିକା ଏବଂ ନିକାରାଗୁଆକୁ ଯାଇଥା'ନ୍ତି। ସେଠାରୁ ଗୁଆଟେମାଲା ସହିତ ସାଲ୍‌ଭାଡୋରର ଦକ୍ଷିଣ ସୀମାରେ ପହଞ୍ଚିବା ପୂର୍ବରୁ ସେମାନଙ୍କୁ ହୋଣ୍ଡୁରାସ ସହିତ ଗୁଆଟେମାଲାର ଉତ୍ତର ସୀମା ଅତିକ୍ରମ କରିବାକୁ ପଡ଼ିଥାଏ। ପାଣିପାଗ ପରିସ୍ଥିତି, ରାଜନୈତିକ ପରିସ୍ଥିତି, ମାନବ ଚାଲାଣ ନେଟ୍‌ୱର୍କ ଇତ୍ୟାଦି ବିଭିନ୍ନ କାରଣ ଉପରେ ନିର୍ଭର କରି ସମଗ୍ର ପ୍ରକ୍ରିୟା ଅନେକ ମାସ ନେଇପାରେ। ଗତ ବର୍ଷ ସର୍ବିଆକୁ ୟୁରୋପୀୟ ୟୁନିଅନର ଚାପରେ ଭିସା ନିୟମ ପରିବର୍ତ୍ତନ କରିବାକୁ ପଡ଼ିଲା। ଏହାର କାରଣ ହେଲା ବାଲ୍‌କାନ ରାଷ୍ଟ୍ରରୁ ୟୁରୋପକୁ ଏକ ବେଆଇନ ଗମନାଗମନ ମାର୍ଗ ଭାବରେ ଭାରତୀୟଙ୍କ ସମେତ ଅନେକେ ବ୍ୟବହାର କରୁଥିଲେ।

ଭାରତୀୟଙ୍କ ସମେତ ତୁର୍କୀ, ଟ୍ୟୁନିସିଆ, କ୍ୟୁବା ଏବଂ ବୁରୁଣ୍ଡିର ନାଗରିକମାନଙ୍କ ପାଇଁ ବେଲ୍‌ଗ୍ରେଡର ଭିସାମୁକ୍ତ ପ୍ରବେଶ ସୁବିଧା ଅଷ୍ଟ୍ରିଆ, ହଙ୍ଗେରୀ ଏବଂ ରୋମାନିଆ ଏବଂ ଶେଷରେ ଇଟାଲୀ ଏବଂ ଫ୍ରାନ୍ସକୁ ବେଆଇନ ପ୍ରବେଶ କରିବାରେ ସହାୟକ ହେଉଥିଲା। କାରଣ ସର୍ବିଆରୁ ୟୁରୋପୀୟ ଦେଶକୁ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ପାଇଁ ଭିସା ଦରକାର ନାହିଁ। ୟୁରୋପୀୟ କର୍ତ୍ତୃପକ୍ଷ ୨୦୨୨ର ପ୍ରଥମ ଦଶ ମାସରେ ଏକ ଲକ୍ଷରୁ ଅଧିକ ବେଆଇନ ପ୍ରବାସୀ ଭାରତୀୟଙ୍କୁ ଧରିବା ପରେ ଏହି ବେଆଇନ ଅନୁପ୍ରବେଶ ଘଟଣା ସାମ୍ନାକୁ ଆସିଥିଲା।

ଅଭିଯୋଗ ଆସେ ଯେ ଭାରତରେ ଏପରି ଅନେକ ଭିସା କମ୍ପାନୀ ଅଛି, ଯେଉଁମାନଙ୍କର ଏଜେଣ୍ଟମାନେ ବେଆଇନ ଭାବେ ଭାରତୀୟମାନଙ୍କୁ କାନାଡ଼ା ଓ ଆମେରିକା ଭଳି ଦେଶରେ ପହଞ୍ଚାଇ ଦେବାକୁ ପ୍ରତିଶ୍ରୁତି ଦେଇଥା'ନ୍ତି। ଏଥିପାଇଁ ପରିବାର ପିଛା ୬୦ ରୁ ୭୦ ଲକ୍ଷ ଟଙ୍କା ଦାବି କରିଥା'ନ୍ତି। ଏହି ଚତୁର ଏଜେଣ୍ଟମାନଙ୍କ କଥାକୁ ସହଜ ଭାବେ ବିଶ୍ୱାସ କରି ଅନେକ ଲୋକ ଫସୁଛନ୍ତି। ଗୁଜରାଟ, ହରିୟାଣା ଭଳି ରାଜ୍ୟରେ ବ୍ୟାପକ ବେରୋଜଗାରିରୁ ମୁକ୍ତି ପାଇବା ପାଇଁ ସରଳ ବିଶ୍ୱାସୀ ଲୋକମାନେ ଏପରି ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ନିଜ ମାତୃଭୂମିକୁ ତ୍ୟାଗ କରି ଏପରି ବେଆଇନ ପନ୍ଥା ବା ଡଙ୍କିକୁ ଅନୁସରଣ ପୂର୍ବକ ଅନ୍ୟ ରାଷ୍ଟ୍ରରେ ପ୍ରବେଶ କରୁଛନ୍ତି, ସେମାନେ ତାହାର ଦୁଷ୍ପରିଣାମ ନିଶ୍ଚିତ ଭୋଗିବେ।

ମୋ: ୯୪୩୭୨୩୨୪୬୩

# କନ୍ୟା ଏକ ଉଜ୍ଜ୍ୱଳ ତାରକା



ଚିତ୍ତରଞ୍ଜନ ପୃଷ୍ଟି

ନାରୀ ଓ ପୁରୁଷ ଉଭୟ ସମାଜର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। ଗୋଟିଏ ସୁସ୍ଥ ସମାଜ ଗଠନରେ ପୁରୁଷର ଭୂମିକା ଯେତିକି ରହିଛି ନାରୀର ଭୂମିକା ମଧ୍ୟ ସେତିକି । କଥାରେ ଅଛି ଗୋଟିଏ ନାରୀ ଶିକ୍ଷିତ ହୋଇ ପାରିଲେ ସେ ସମଗ୍ର ପରିବାରକୁ ଶିକ୍ଷିତ କରିପାରିବ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପୁଅଟିଏ ଜନ୍ମ ହେଲେ ଲୋକମାନଙ୍କ ଖୁସି କହିଲେ ନ ସରେ, କିନ୍ତୁ କନ୍ୟାଟିଏ ଜନ୍ମ ହେଲେ ସତେ ଯେମିତି ପାଦତଳୁ ମାଟି ଖସିଯାଏ। ପୁଅ ଝିଅ ମଧ୍ୟରେ ଭେଦଭାବ ମଣିଷ ମନରେ ବସା ବାନ୍ଧି ରହିଛି। କନ୍ୟା ସନ୍ତାନ ପରିବାର ପାଇଁ ବୋଝ ବୋଲି ଅନେକେ ଜନ୍ମଦାତା ମାଆ ମଧ୍ୟ ଭାବିଥାନ୍ତି। ନିଜେ ମହିଳା ହୋଇ ମଧ୍ୟ ଆଗ୍ରହ ଥାଏ ପୁତ୍ର ସନ୍ତାନ ପାଇଁ; ଯାହା ଫଳରେ ବିଶ୍ୱରେ ମହିଳା ଅନୁପାତ କମିବାରେ ଲାଗିଛି।

ସ୍ୱାଧୀନତାର ଏତେ ବର୍ଷ ପରେ ଥମିନି କନ୍ୟାଭ୍ରୂଣ ହତ୍ୟା ପରି ଅପରାଧ। ସମାଜରେ ପ୍ରତିଟି କ୍ଷେତ୍ରରେ ଝିଅମାନଙ୍କୁ ଅବହେଳା କରାଯାଇ ଆସିଛି। ଶିକ୍ଷା ହେଉ କି ଅଧିକାର, ଭଲ ଖାଦ୍ୟ ହେଉ କି ସ୍ୱାସ୍ଥ୍ୟ ବା ସୁରକ୍ଷା ସବୁ କ୍ଷେତ୍ରରେ ପକ୍ଷପାତିତାର ସାମ୍ନା କରି ଆସିଛି ଝିଅ। ଏପରି କି ଖୁବ୍ କମ୍ ବୟସରେ ଝିଅଙ୍କୁ ବାହାଘର କରିଦେବା ଦେଖିବାକୁ ମିଳୁଛି। ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ଦେଖାଦେଇଛି ଝିଅମାନଙ୍କ କ୍ଷେତ୍ରରେ।

ଲିଙ୍ଗଗତ ବୈଷମ୍ୟତାକୁ ଦୂର କରି କନ୍ୟା ସନ୍ତାନମାନଙ୍କୁ ସବୁ କ୍ଷେତ୍ରରେ ସମାନ ଗୁରୁତ୍ୱ ପ୍ରଦାନ କରି ଏକ ସମୃଦ୍ଧ ଏବଂ ଉଜ୍ଜ୍ୱଳ ସମାଜ ଗଠନ କରିବା ଦିଗରେ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ। ଝିଅମାନେ ଦକ୍ଷତାସମ୍ପନ୍ନ ହେଲେ ଦେଶ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ହୋଇପାରିବେ। ଏଥିପାଇଁ ପ୍ରଥମେ ମାନସିକତାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଉଭୟଙ୍କର ଆବଶ୍ୟକତା ସମାଜକୁ ସମାନ ଭାବରେ ରହିଛି, ପୁଅକୁ ଝିଅ ସହ ତୁଳନା କିମ୍ବା ଝିଅକୁ ପୁଅ ସହ ତୁଳନା କରିବାର ଆବଶ୍ୟକତା ନାହିଁ। ନଚେତ୍ ସୁସ୍ଥ ସମାଜ ଗଠନ କରିବା ଅସମ୍ଭବ ହୋଇପଡ଼ିବ। ଯଦି ଆମେ ଆମ ଘରୁ ପରିବର୍ତ୍ତନ ଆରମ୍ଭ କରିବା, ତେବେ ନିଶ୍ଚିତ ରୂପେ ସମାଜରେ ପରିବର୍ତ୍ତନ ଆସିପାରିବ।

ପୁଅଟିଏ ଜନ୍ମହେଲେ ରୋଜଗାର କରି ପୋଷିବ ଓ ବଂଶ ରକ୍ଷା କରିବ। କନ୍ୟା ସନ୍ତାନ ଜନ୍ମ ହେଲେ ପରଘରକୁ ଚାଲିଯିବ ଏବଂ ବିବାହ ବେଳେ ବୋଝ ସାଜିବ ;ଏଭଳି ମାନସିକତା ଯୋଗୁ ସମାଜରେ ଦିନକୁ ଦିନ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ୨୦୦୮ରୁ ପ୍ରତିବର୍ଷ ଜାନୁୟାରୀ ୨୪କୁ ଜାତୀୟ କନ୍ୟାସନ୍ତାନ ଦିବସ ରୂପେ ପାଳନ କରାଯାଉଛି। ଏହାକୁ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜରେ ଲିଙ୍ଗଗତ ଭେଦଭାବ ଓ ତାଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହା ବ୍ୟତୀତ ଶିକ୍ଷା, ପୋଷଣ, ଆଇନଗତ ଅଧିକାର, ଚିକିତ୍ସା, ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ବାଲ୍ୟ ବିବାହ ରୋକିବା ଏହାର ଉଦ୍ଦେଶ୍ୟ।



ସାରା ଦେଶରେ ଝିଅମାନଙ୍କ ସମ୍ମାନ ଓ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ସମାଜରେ ବହୁଳ ଭାବେ ହେଉଥିବା କନ୍ୟାଭ୍ରୂଣ ହତ୍ୟା, ଯୌତୁକ ନିର୍ଯାତନା, ଦୁଷ୍କର୍ମ ଆଦି ସାମାଜିକ ବ୍ୟାଧିକୁ ରୋକିବା ଓ କନ୍ୟାମାନଙ୍କୁ ସମ୍ମାନର ସହ ସମାଜରେ ବଞ୍ଚିବାକୁ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଶିଶୁକନ୍ୟାମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ସହ ସେମାନଙ୍କର ପାରଦର୍ଶିତାକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଆଜି 'ଜାତୀୟ କନ୍ୟା ସନ୍ତାନ ଦିବସ' ପାଳିତ ହେଉଛି। ଏହି ଦିବସରେ ନା କେବଳ କନ୍ୟାମାନଙ୍କର ସମସ୍ୟା ବିଷୟରେ ସେମାନଙ୍କୁ ସଚେତନ କରାଇଥାଏ ଏହା ସହିତ କନ୍ୟାମାନଙ୍କର ଅସୁବିଧାର ସମାଧାନ କିପରି ହୋଇପାରିବ ତାହାକୁ ମଧ୍ୟ ଧ୍ୟାନ ଦିଆଯାଏ।

କନ୍ୟା ସନ୍ତାନ ପ୍ରତି ସୁରକ୍ଷା ଓ ଆଗ୍ରହ ପାଇଁ ଆମ ଦେଶ କିମ୍ବା ରାଜ୍ୟରେ ବହୁ ଯୋଜନା ଓ ଆଇନ କାର୍ଯ୍ୟକାରୀ ହେଉଛି। କନ୍ୟା ଶିଶୁ ଅନୁପାତ ହ୍ରାସ ହେବାର ସମସ୍ୟାର ସମାଧାନ ପାଇଁ ଭାରତ ସରକାର ଜାନୁୟାରୀ ୨୦୧୫ରୁ ବେଟି ବଚାଓ ବେଟି ପଢ଼ାଓ (ବିବିବିପି) ଯୋଜନା ଆରମ୍ଭ କରିଛନ୍ତି; ଯାହା ୧୦୦ଟି ଲିଙ୍ଗଗତ ଗୁରୁତ୍ୱପୂର୍ଣ୍ଣ ଜିଲାରେ ବହୁ ବିଭାଗୀୟ କାର୍ଯ୍ୟ ଉପରେ ପର୍ଯ୍ୟବସିତ। ଏହା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ମିଳିତ ପଦକ୍ଷେପ। ଏହି ଯୋଜନାର ସାମଗ୍ରିକ ଲକ୍ଷ୍ୟ ହେଉଛି ବାଳିକା ଶିଶୁ ପାଳନ କରିବା ଏବଂ ତାଙ୍କ ଶିକ୍ଷାକୁ ସକ୍ଷମ କରିବା। ସେହିଭଳି ରାଜ୍ୟ ସରକାର ୨୦୧୬ରେ ବିଜୁ କନ୍ୟା ରତ୍ନ(ଆମ କନ୍ୟା ଆମ ରତ୍ନ) ଯୋଜନା ଆରମ୍ଭ କରିଥିଲେ। କନ୍ୟାଭ୍ରୂଣ ହତ୍ୟା ରୋକିବା, ଶିଶୁ କନ୍ୟା ଜନ୍ମ ହେବା ପରେ ସେମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଅନ୍ୟମାନଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା, କନ୍ୟା ଶିଶୁ ସୁରକ୍ଷା ରହିବା, ଲିଙ୍ଗ ନିରୂପଣ ରୋକିବା, କନ୍ୟା ସନ୍ତାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, ନିରାପତ୍ତା ଆଦି ସୁନିଶ୍ଚିତ କରିବା।

ସବୁ ଯୋଜନା ସତ୍ତ୍ୱେ କନ୍ୟା ସନ୍ତାନ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହନ୍ତି। ଆଜି ମଧ୍ୟ ଲିଙ୍ଗ ନିରୂପଣ ଚାଲିଛି। ଯୌତୁକ ନିର୍ଯାତନା,ଦୁଷ୍କର୍ମ ଭଳି ଅମାନବୀୟ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯେଉଁ ଦିନ ଆମେ ନିଜେ ନିଜର ମାନସିକତାକୁ ବଦଳାଇପାରିବା ତେବେ ସେହିଦିନ ସମାଜରେ ଏକ ବଡ଼ ପରିବର୍ତ୍ତନ ନିଶ୍ଚୟ ହେବ, ସମାଜ ପ୍ରଗତି ପଥରେ ଆଗେଇ ପାରିବ।

ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧

## ଏଇ ଭାରତରେ

ଚାଷଜମି ନାହିଁ ତ ଭାଙ୍ଗିପଡ଼ନ୍ତୁ ନାହିଁ, ଛାତ ଉପରେ ବି ଫସଲ କରି ଉତ୍ପାଦନ କରିପାରିବେ- ଏମିତି ଏକ ବାର୍ତ୍ତା ଦିଅନ୍ତି ବିଶାଖାପାଟଣାର ଗୃହିଣୀ ବଙ୍ଗାରୁ ଝାନ୍‌ସୀ। ସେ ତାଙ୍କ ଛାତ ଉପରେ ଆମ୍ବ, ପଣସ, କମଳା ସହିତ ପ୍ରାୟ ସବୁ ଋତୁରେ ସବୁପ୍ରକାର ପନିପରିବା ଫଳାଇବାରେ ସକ୍ଷମ ହୋଇଛନ୍ତି। ଏଭଳି ଉଦ୍ୟାନ କରି ସେ ଆନ୍ଧ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଝାନ୍‌ସୀ ୮୦୦ ବର୍ଗଫୁଟ ପରିମିତ ଛାତରେ ଏହି ବଗିଚା କରିଛନ୍ତି। କେବଳ ଫଳ କିମ୍ବା ପନିପରିବା ଫଳାଉନାହାନ୍ତି, ବରଂ ସେ ତାଙ୍କ ବଗିଚାରେ ବିଭିନ୍ନ ଔଷଧୀୟ ତଥା ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ମଧ୍ୟ ଲଗାଇଛନ୍ତି। ଏହି ଚାଷ ସେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରୁଛନ୍ତି । ନିଜେ ଜୈବିକ ଉପାୟରେ ଖତ ଓ କୀଟନାଶକ ପ୍ରସ୍ତୁତ କରି ତାହାକୁ ବ୍ୟବହାର କରୁଛନ୍ତି। ଆମ୍ବ, ପଣସ, କମଳାକୁ ବାଦ୍ ଦେଲେ ସେ ଡ୍ରାଗନଫ୍ରୁଟ୍, ଆତ, ଲିଚୁ, ଅଙ୍ଗୁର, ଅଁଳା,ବ୍ଲୁବେରୀ, ମୁଲ୍‌ବେରୀ ଆଦି ଫଳ ସହିତ ବାଇଗଣ,ଅମୃତଭଣ୍ଡା, ଭେଣ୍ଡି, ଟମାଟୋ, ସଜନାଛୁଇଁ, ତରଭୁଜ ଇତ୍ୟାଦି ୩୩ ପ୍ରକାର ଫଳ ଓ ପନିପରିବା ଉତ୍ପାଦନ କରୁଛନ୍ତି। ଝାନ୍‌ସୀ ବାଣିଜ୍ୟରେ ଡିଗ୍ରୀ ହାସଲ କରିଛନ୍ତି। ୨୦୨୧ରେ ସେ ବିବାହ କରିବା ପରେ ଏହି ଉଦ୍ୟାନ ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଜାନୁଆରୀ ୧୯୭୫

- ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ୪୨ ହଜାର ଟଙ୍କା ବ୍ୟୟରେ ନିର୍ମିତ ଗଞ୍ଜାମ କଲେଜର ନୂଆ ଭବନ ଉଦ୍‌ଘାଟିତ।
- ଦରିଦ୍ର ବିକାଶୋନ୍ମୁଖୀ ଦେଶଗୁଡ଼ିକୁ ସାହାଯ୍ୟ କରିବା ବାବଦରେ ଜାତିସଂଘ ଜରୁରୀ ପାଣ୍ଠିକୁ କମନ୍ ମାର୍କେଟର ୧୦ କୋଟି ଡଲାରର ଆର୍ଥିକ ସହାୟତା ପ୍ରଦାନ।
- ମାନିଲା ସହରର ପୂର୍ବାଞ୍ଚଳରେ ଥିବା ଏକ ୪ ମହଲା କୋଠାଘରେ ନିଆଁ ଲାଗିଯିବା ଫଳରେ ୪୨ ଜଣଙ୍କ ମୃତ୍ୟୁ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | 4 | |
| 6 | 7 | 8 | 4 | 2 | | | | |
| | | | | 8 | | | | |
| | | 1 | | | | | 6 | |
| 8 | 5 | 4 | | | 1 | | | |
| | | | | | 7 | 8 | | |
| | | | | 3 | | | | 2 |
| 4 | | 2 | | | | | | |
| | | 3 | 5 | 4 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 1 | 3 | 9 | 2 | 4 | 7 | 8 |
| 4 | 7 | 2 | 8 | 6 | 1 | 9 | 3 | 5 |
| 3 | 9 | 8 | 4 | 5 | 7 | 6 | 1 | 2 |
| 7 | 1 | 9 | 5 | 4 | 6 | 8 | 2 | 3 |
| 2 | 3 | 6 | 7 | 1 | 8 | 5 | 9 | 4 |
| 8 | 4 | 5 | 2 | 3 | 9 | 1 | 6 | 7 |
| 1 | 2 | 7 | 9 | 8 | 5 | 3 | 4 | 6 |
| 9 | 8 | 4 | 6 | 7 | 3 | 2 | 5 | 1 |
| 5 | 6 | 3 | 1 | 2 | 4 | 7 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାକ୍ଷୀଗୋପାଳ ଧର୍ମଶାଳା ନବୀକରଣ ହେଉ

ମହାଶୟ,

କେତେଦିନ ଆଉ ସାକ୍ଷୀଗୋପାଳ ଧର୍ମଶାଳା ମୃତବତ୍ ହୋଇ ପଡ଼ିରହିଥିବ। କି ସୁନ୍ଦର ଏ ଧର୍ମଶାଳା ଆଜି ବିକୃତ ହୋଇପଡ଼ିଛି। ଦେଖିଲେ ଆଖିରେ ଲୁହ ଭରିଯାଉଛି। ସାମ୍ବାଦିକ ଏବଂ ସ୍ଥାନୀୟ ସଚେତନଶୀଳ ଲୋକ ଅନେକଥର ପ୍ରତିବାଦ, ଅନଶନ କଲେ ମଧ୍ୟ କିଛି ଲାଭ ହେଉନାହିଁ। ବର୍ତ୍ତମାନ ସାକ୍ଷୀଗୋପାଳ ଧର୍ମଶାଳାର ଅବସ୍ଥା ଦିନକୁ ଦିନ ଧରାଶାୟୀ ହେବାକୁ ବସିଲାଣି। କେତେଦିନ ପରେ ସେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ। ଲୋକମାନେ ଦୁଃଖ ପ୍ରକାଶକରି କହିବେ, ଧର୍ମଶାଳା ମୃତପ୍ରାୟ ହୋଇଗଲା। ଦିନ ଥିଲା ଏ ଧର୍ମଶାଳା କେତେ ଚଳଚଞ୍ଚଳ, କେତେ ଉତ୍ସବମୁଖର ଥିବା ମୋ ଆଖି ଦେଖିଛି। ଦୁଇ ଦୁଇଟା ଶିକ୍ଷାନୁଷ୍ଠାନ ଏଠାରେ ଚାଲିଥିଲା। ଏହାର ପଥର ଚଟାଣରେ କେତେ ବାହାଘର ହୋଇଛି। ଆଜି କିନ୍ତୁ ସେ ସବୁ ଦେଖାଯାଉନାହିଁ। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ , ସ୍ଥାନୀୟ ପ୍ରଶାସନ ଧର୍ମଶାଳାର ନବୀକରଣ ନିମନ୍ତେ ଦୃଷ୍ଟି ଦେଉନାହାନ୍ତି। ରାଜ୍ୟ ସରକାରଙ୍କୁ ଅନୁରୋଧ ସାକ୍ଷୀଗୋପାଳର ଏହି ଶେଷ ଧର୍ମଶାଳାର ନବୀକରଣ ପାଇଁ ପଦକ୍ଷେପ ନିଅନ୍ତୁ।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସୁଦୂର ଗ୍ରାମ କାନନ ବିଲ
ଜୋଛନା ତଳେ ଭଜିଛି ଲୀନ
ଚେତନାହୀନ ପବନ ଆଜି
ପ୍ରଦୋଷ ପଥେ କି ଉଦାସୀନ !
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମା' ସମଲେଶ୍ୱରୀଙ୍କ ମନ୍ଦିର ରୂପାନ୍ତରଣ**

# ଯୁଗାନ୍ତକାରୀ ପ୍ରକଳ୍ପର ସ୍ୱରୂପ



ପଶ୍ଚିମ ଓଡ଼ିଶାର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ଦିବ୍ୟ ମନ୍ଦିରର ଭବ୍ୟ ରୂପାନ୍ତରଣ ଆସନ୍ତା ୨୭ ତାରିଖରେ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ସଙ୍କଳ୍ପ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ ଏକ ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିଛି। ରାଜ୍ୟ, ଦେଶ ତଥା ବିଶ୍ୱରେ ରହିଥିବା ଅଗଣିତ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭାବାବେଗ ଓ ଭକ୍ତିକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ପାଇଁ ୨୦୨୧ ଫେବୃଆରୀ ୧୭ରେ 'ସମଲେଇ ପ୍ରକଳ୍ପ' ସମ୍ପର୍କରେ ନିଷ୍ପତ୍ତି ନେଇଥିଲେ। ୫-ଟି ମାଧ୍ୟମରେ କିଭଳି ଭାବରେ ରେକର୍ଡ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ତା' ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ପରଠାରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ କାର୍ଯ୍ୟ ଆରମ୍ଭ ହୋଇ ଏକ ଯୁଗାନ୍ତକାରୀ ପ୍ରକଳ୍ପର ସ୍ୱରୂପ ପାଇପାରିଛି ।

ପ୍ରାୟ ୪୦ଏକର ପରିମିତ ଅଞ୍ଚଳରେ ମା'ସମଲେଶ୍ୱରୀଙ୍କ ମନ୍ଦିରର ଭବ୍ୟ ରୂପାନ୍ତରଣ ଘଟିଛି। ଚାରିଦିଗରେ ଚାରିଗୋଟି ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ପୂଜକ ବିଶ୍ରାମାଗାର ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ମା' ସମଲେଶ୍ୱରୀଙ୍କ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଧ୍ୟାତ୍ମିକ ଅନୁଭବ ପାଇଁ ପ୍ରାୟ ଏକ କିଲୋମିଟର ଦୈର୍ଘ୍ୟର ପରିକ୍ରମା ପଥ ନିର୍ମାଣ ହୋଇଛି। ଏହାର ସନ୍ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ସଂକ୍ରାନ୍ତୀୟ ସମସ୍ତ ବ୍ୟବସ୍ଥା ଯେପରି କି ପାର୍କିଂ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ସୂଚନା କେନ୍ଦ୍ର, ଜୋତାଷ୍ଟାଣ୍ଡ, ଭେଣ୍ଡିଂ ଜୋନ୍ ଆଦିର ବ୍ୟବସ୍ଥା ହୋଇଛି। ମହାନଦୀ ଘାଟର ରୂପାନ୍ତରଣ କରାଯାଇ ଘାଟରେ ଆଳତି ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ମହାନଦୀ ଆଳତି ଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁମାନେ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ପାଇପାରିବେ। ଏହା ସହ ଭକ୍ତମାନେ ଯେପରି ମା'ଙ୍କ ମନ୍ଦିରରୁ ମହାନଦୀର ବିଭିନ୍ନ ଘାଟକୁ ଯାଇପାରିବେ ସେଥିପାଇଁ ସ୍ୱତନ୍ତ୍ର ପଥ ନିର୍ମାଣ ହୋଇଛି। ମନ୍ଦିରର ଐତିହ୍ୟ ସହ ଜଡ଼ିତ ଶ୍ରୀଗୋପାଳଜୀ ମଠ ଓ ଅନ୍ୟ ସମସ୍ତ ଐତିହାସିକ ସ୍ଥାନକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି। ମନ୍ଦିରର ସୁରକ୍ଷା ଓ ଭକ୍ତମାନଙ୍କ ଆଧ୍ୟାତ୍ମିକ ଭାବାବେଗକୁ ଆଖି ଆଗରେ ରଖି ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ମା'ଙ୍କ ମନ୍ଦିର ପାର୍ଶ୍ୱରୁ ରେଳ ଷ୍ଟେଶନକୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଯାନବାହନ ଚଳାଚଳ ଯେପରି ଭାବେ ବିନା ବାଧାରେ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯାଇଛି। ୫-ଟି ରୂପାନ୍ତରଣ ମାଧ୍ୟମରେ ମାଁ ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ପ୍ରକଳ୍ପ ଏକ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇ ଲୋକାର୍ପଣ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦକ୍ଷ ନେତୃତ୍ୱ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗ୍ରାଉଣ୍ଡଜିରୋରୁ ପ୍ରାମାଣିକ ପରିଚାଳନା ପାଇଁ ସମଗ୍ର ଦେଶରେ ଏହି ପ୍ରକଳ୍ପ ଏକ ଉଦାହରଣ ହୋଇପାରିଛି।

## ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

ସମ୍ବଲପୁରରେ ପର୍ଯ୍ୟଟନ ସହିତ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ ୧୬୦୦ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିବା ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ଫେବୃଆରୀ ୧୭ ତାରିଖରେ ଘୋଷଣା କରିଥିଲେ। ଏହି ପ୍ରକଳ୍ପ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାରମ୍ଭିକ ସ୍ତରରେ ୨ଶହ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସମ୍ପୂର୍ଣ୍ଣ ପ୍ରକଳ୍ପକୁ ଦୁଇଟି ପର୍ଯ୍ୟାୟରେ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ମା' ସମଲେଶ୍ୱରୀ ମନ୍ଦିରର ନିଜସ୍ୱ ୪.୪୨ ଏକର ଜମି ସହିତ ପ୍ରାୟ ୪୦ ଏକର ଅତିରିକ୍ତ ଜମିକୁ ଅଧିଗ୍ରହଣ କରାଯାଇ ମୋଟ ୪୪.୪୨ ଏକର ଜମିରେ ରୂପାନ୍ତରଣ କାର୍ଯ୍ୟ ପ୍ରାୟ ଶେଷ ହୋଇସାରିଛି। ଏଥିଲାଗି ପ୍ରାଥମିକସ୍ତରରେ ମଞ୍ଜୁର ହୋଇଥିବା ୧୧୪ କୋଟି ଟଙ୍କାରୁ ୧୪୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ ପାଇଁ ପୁଣି ୧୫୧କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପୀଠର ରୂପାନ୍ତରୀକରଣ ମଧ୍ୟରେ ୪ଟି ପ୍ରବେଶ ଦ୍ୱାର, ଧାଡ଼ି ଦର୍ଶନର ବ୍ୟବସ୍ଥା, ୱାଚ୍ ଟାୱାର, ପ୍ରଶାସନିକ କାର୍ଯ୍ୟାଳୟ, ଦୀପଗୃହ, ମହାନଦୀ ଆଳତି ପାଇଁ ମଞ୍ଚ ସହ ମନ୍ଦିରରୁ ସିଧାସଳଖ ସଂଯୋଗୀକରଣ ପାଇଁ ଫୁଟ୍ ଓଭରବ୍ରିଜ୍, ପୂଜକ ବିଶ୍ରାମଗୃହ, ଭୋଗ ମଣ୍ଡପ, ବ୍ୟବସାୟିକ ଭବନ, ପାର୍କ, ପୁଷ୍କରିଣୀ ଆଦି ସହିତ ବିସ୍ଥାପିତଙ୍କ ଥଇଥାନପୂର୍ବକ କ୍ଷତିପୂରଣ ଓ ପର୍ଯ୍ୟଟକ ଏବଂ ଭକ୍ତଙ୍କ ସୁବିଧା ପାଇଁ ପାର୍କିଂ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ଜୋତାଷ୍ଟାଣ୍ଡ, ଭେଣ୍ଡିଂ ଜୋନ, ଯାତ୍ରୀନିବାସ ଆଦି ଅନ୍ତର୍ଭୁକ୍ତ ରହିଛି।







## ୱାଚ୍ ଟାୱାରରୁ ମନ୍ଦିର, ସହରର ଦୃଶ୍ୟ

ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ପ୍ରାୟ ୪୦ଫୁଟ୍ ଉଚ୍ଚର ୱାଚ୍ ଟାୱାରରେ ଭକ୍ତମାନେ ସମଗ୍ର ସହର ସହିତ ମନ୍ଦିରକୁ ସ୍ପଷ୍ଟ ଭାବେ ଦେଖିବାର ମଜା ନେଇ ପାରିବେ। ଏହି ୱାଚ୍ ଟାୱାରରେ ଏକ ସଙ୍ଗରେ ପ୍ରାୟ ୩୦ରୁ ୫୦ଜଣ ଭକ୍ତ ସହର, ମନ୍ଦିର ସହିତ ମହାନଦୀର ନୀଳ ଜଳରାଶିର ଦୃଶ୍ୟକୁ ଉପଭୋଗ କରି ପାରିବେ।

## ବାନ୍ଧକଳାରେ ସଜେଇ ହୋଇଛି ଯଜ୍ଞ ମଣ୍ଡପ

ସମଲେଇ ପ୍ରକଳ୍ପ ଉଦ୍‌ଘାଟନୀ ପାଇଁ ପ୍ରସ୍ତୁତ ଯଜ୍ଞ ମଣ୍ଡପକୁ ସମ୍ବଲପୁରୀ ବାନ୍ଧକଳାରେ ସଜା ଯାଇଛି। ସ୍ଥାନୀୟ ଲୋକକଳା ଓ ସଂସ୍କୃତିକୁ ଅଗ୍ରାଧିକାର ପ୍ରଦାନ ପାଇଁ ୫-ଟି ଅଧ୍ୟକ୍ଷଙ୍କ ପରାମର୍ଶ ଅନୁଯାୟୀ ଯଜ୍ଞ ମଣ୍ଡପଗୁଡ଼ିକୁ ସମ୍ବଲପୁରୀ ବାନ୍ଧକଳାର ରୂପ ଦିଆଯାଇଛି।



## ୩୦ ପୂଜକଙ୍କୁ ଥଇଥାନ

ମା' ସମଲେଇଙ୍କ ପୀଠର ରୂପାନ୍ତରଣରେ ମନ୍ଦିର ପରିସରରେ ଥିବା ପ୍ରାୟ ୩୦ଜଣ ପୂଜକଙ୍କୁ ଥଇଥାନ ପୂର୍ବକ ଘର ମୂଲ୍ୟାୟନର ୨ ଗୁଣ ଓ ଘର ନିର୍ମାଣ ପାଇଁ ଅତିରିକ୍ତ ୨୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହାସହ ଭୋଗ ଦୋକାନ କରିଥିବା ପୂଜକ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଭେଣ୍ଡିଂ ଜୋନ୍‌ରେ ଥାଇଥାନ କରାଯିବ।









**ସମଲେଶ୍ୱରୀ ପୀଠରୁ...**

### ମଧ୍ୟାହ୍ନ ୧୨ଟା ୩୦ରେ ଉଦ୍‌ଘାଟନୀ ଉତ୍ସବ



"ଆସନ୍ତା ୨୭ ତାରିଖ ମାଘ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଦିନ ଧାର୍ଯ୍ୟ ହୋଇଛି। ନିର୍ଦ୍ଧାରିତ ଲଗ୍ନର ମଧ୍ୟାହ୍ନ ୧୨ଟା ୩୦ ମିନିଟରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବପ୍ରଥମେ ମା'ଙ୍କ ଦର୍ଶନ ସହ ଅନୁଷ୍ଠିତ ଯଜ୍ଞରେ ଆହୁତି ପ୍ରଦାନ କରି ଫଳକ ଉନ୍ମୋଚନପୂର୍ବକ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏହାବାଦ୍ ମୁଖ୍ୟମନ୍ତ୍ରୀ ମା'ଙ୍କ ପୀଠର ରୂପାନ୍ତରଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବେ। ଏହି ଅବସରରେ ସେ ନିମନ୍ତ୍ରିତ ଅତିଥିଙ୍କ ସହ ଭାବର ଆଦାନପ୍ରଦାନ ଓ ସମଲେଇ ପ୍ରକଳ୍ପ ପାଇଁ ଜମି ଦାନ କରିଥିବା ସହୃଦୟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ତେବେ ଗତ ୨୨ତାରିଖରୁ ଉଦ୍‌ଘାଟନୀ ପାଇଁ ନୀତି କାର୍ଯ୍ୟର ଶୁଭାରମ୍ଭ ହୋଇସାରିଛି। ଏଥିପାଇଁ ୨୬ ତାରିଖ ପୂର୍ବାହ୍ନ ୧୦ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ପ୍ରାୟ ୧୧ଶହ ମହିଳା ମହାନଦୀର ମାରୱାଡ଼ିପଡ଼ା ଘାଟରୁ ପବିତ୍ର ଜଳକୁ କଳସରେ ଧାରଣ କରି ଏକ ଶୋଭାଯାତ୍ରାରେ ଆସି ମନ୍ଦିରରେ ଅନୁଷ୍ଠିତ ହେବାକୁଥିବା ମୁଖ୍ୟ ଯଜ୍ଞମଣ୍ଡପ ସହ ମୋଟ ୫ଟି ଯଜ୍ଞମଣ୍ଡପରେ ସ୍ଥାପନ କରିବେ।

**- ସଞ୍ଜୟ ବାବୁ, ସଭାପତି, ସମଲେଇ ମନ୍ଦିର ଟ୍ରଷ୍ଟବୋର୍ଡ**

### ବାସ୍ତବ ରୂପ ନେଇଛି



"ମା' ସମଲେଇଙ୍କ ମନ୍ଦିର ପ୍ରାୟ ୪ ଶହ ବର୍ଷ ପୁରାତନ ହୋଇଥିଲେ ମଧ ଏହାର କୌଣସି ଆଖିଦୃଶିଆ ବିକାଶ ହୋଇ ନ ଥିଲା। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ହୃଦୟଙ୍ଗମ କରି ଏ ଅଞ୍ଚଳର ବିକାଶ ସହ ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରୀକରଣ ପାଇଁ ଘୋଷଣା କରିଥିଲେ। ପରବର୍ତ୍ତୀ କାଳରେ ରୂପାନ୍ତରଣ ପ୍ରକ୍ରିୟାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ମଧ୍ୟରୁ ଅନ୍ୟତମ ଏହି ସମଲେଇ ପ୍ରକଳ୍ପ ବାସ୍ତବ ରୂପ ନେଇପାରିଛି।

**- ଉମାକାନ୍ତ ରାଜ, ସ୍ୱତନ୍ତ୍ର ଅଧିକାରୀ ସମଲେଇ ପ୍ରକଳ୍ପ**

### ନୂଆ ରୂପ ଧାରଣ କରିଛି



"ମା'ଙ୍କ ମହିମାରେ ଟାଣି ହୋଇ ଆସି ଦର୍ଶନ କରିବାର ସୌଭାଗ୍ୟ ପାଇଲି। ରୂପାନ୍ତରଣ ପ୍ରକ୍ରିୟା ଯୋଗୁ ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳ ଏକ ନୂଆ ରୂପ ଧାରଣ କରିଛି, ଯାହାକି ବେଶ୍ ଖୁସି ଲାଗୁଛି। ମନ୍ଦିର ବିକାଶ ଦ୍ୱାରା ଭକ୍ତଙ୍କ ଠାରୁ ଆରମ୍ଭ କରି ପୂଜକ, ବ୍ୟବସାୟୀ ସମସ୍ତଙ୍କ ଅର୍ଥନୈତିକ ବିକାଶ ହେବା ଶୁଭସଙ୍କେତ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଅଶେଷ ଧନ୍ୟବାଦ।

**- ଦେବଦତ୍ତ ତ୍ରିପାଠୀ, ଶ୍ରଦ୍ଧାଳୁ, କଟକ**

### ବହୁତ ଖୁସି ଲାଗୁଛି



"ଆଗରୁ କେବେ ଆସି ନ ଥିଲି। ସମଲେଇଙ୍କ ପୀଠର ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ମା'ଙ୍କ ଦର୍ଶନର ସୁଯୋଗ ଅପେକ୍ଷାରେ ଥିଲି। ଏବେ ସୁଯୋଗ ମିଳିବାରୁ ପରିବାର ସହିତ ଆସି ମା'ଙ୍କ ଦର୍ଶନ କରିଛି। ମନ୍ଦିର ପରିସରରେ ବିଭିନ୍ନ ପ୍ରକଳ୍ପକୁ ଦେଖି ବହୁତ ଖୁସି ଲାଗୁଛି। ଆସନ୍ତା ୨୭ ତାରିଖରେ ସମଲେଇ ପ୍ରକଳ୍ପ ଉଦ୍‌ଘାଟନରେ ସାମିଲ ହେବାର ପ୍ରବଳ ଇଚ୍ଛା ଅଛି। ମା'ଙ୍କ କୃପା ହେଲେ ନିଶ୍ଚିତ ଭାବେ ଏହି ଭବ୍ୟ ଉତ୍ସବରେ ସାମିଲ ହେବି।

**- ଅଧିକାରୀ ବନ୍‌ଛୋର, ଶ୍ରଦ୍ଧାଳୁ, ବରଗଡ଼**

### କ୍ଷତିପୂରଣ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ



"ବାପଅଜା ଅମଳରୁ ଆମ ପରିବାର ମା' ସମଲେଇଙ୍କ ସେବାୟତ ଭାବେ ପୂଜା କରି ଆସୁଛୁ। ସମଲେଇ ପ୍ରକଳ୍ପ ପାଇଁ ମନ୍ଦିର ପରିସରରୁ ବିସ୍ଥାପିତ ହୋଇଥିଲୁ। କ୍ଷତିପୂରଣ ସ୍ୱରୂପ ସରକାରଙ୍କ ପକ୍ଷରୁ ଘରର ମୂଲ୍ୟାୟନ ରାଶିର ଦୁଇଗୁଣ ସହିତ ଗୃହ ନିର୍ମାଣ ପାଇଁ ଅତିରିକ୍ତ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ମିଳିଥିବା ଅଢ଼େଇ ଏକର ଜମିରେ ମୁଁ ନୂତନ ଘର ନିର୍ମାଣ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଅଶେଷ ଅଶେଷ ଧନ୍ୟବାଦ।

**- ଅମ୍ବିକା ପ୍ରସାଦ ରାୟ, ବିସ୍ଥାପିତ ମୁଖ୍ୟ ପୂଜକ**



# ପୋକରା ଗହମ ଦେବାକୁ ନେଇ ଉତ୍ତେଜନା

ଖୋର୍ଦ୍ଧା/ବୋଲଗଡ଼, ୨୩।୧
(ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)

ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ପ୍ରତି ଗରିବ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଚାଉଳ, ଗହମ ଯୋଗାଇ ଦେଉଛନ୍ତି। ତେବେ ହିତାଧିକାରୀଙ୍କୁ ଠିକ୍ ସମୟରେ ଉପଯୁକ୍ତ ସାମଗ୍ରୀ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ମଙ୍ଗଳବାର ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତରେ ପୋକରା ଗହମ ଦେବାକୁ ନେଇ ହିତାଧିକାରୀ ପ୍ରତିବାଦ କରିଥିଲେ। ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗହମ ବନ୍ଦ ରହିଥିବା ବେଳେ ହଠାତ୍ ଚାଉଳ ସହ ଗହମ ଦିଆଯାଇଥିଲା ହିତାଧିକାରୀଙ୍କୁ। ତେବେ ପୋକରା ଗହମ ଦେଖି ହିତାଧିକାରୀ ଏହାର ବିରୋଧ କରିଥିଲେ। ତେବେ ଗହମ ନ ନେଲେ ଚାଉଳ ଦିଆଯିବ ନାହିଁ ବୋଲି ପଞ୍ଚାୟତ ଯୋଗାଣ ସହାୟକ କହିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରବର୍ତ୍ତୀ ସମୟରେ କର୍ତ୍ତୃପକ୍ଷଙ୍କ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ହିତାଧିକାରୀଙ୍କ ଅଭିଯୋଗ ପ୍ରକାରେ, ପଞ୍ଚାୟତ ଯୋଗାଣ ସହାୟକ ଚାଉଳ ଓ ଗହମ ନେବା ପାଇଁ ଖବର ଦେଇଥିଲେ। ତେବେ ହିତାଧିକାରୀଙ୍କୁ ଜଣପିଛା ୧୫ କେଜି ଚାଉଳ ସହ ୫କେଜି ଗହମ ନେବାକୁ ବାଧ କରିଥିଲେ। ଦୀର୍ଘଦିନ ପରେ ଗହମ ମିଳିଥିବାରୁ ହିତାଧିକାରୀ ଖୁସି ହୋଇଥିଲେ। ତେବେ ଗହମ ଦେଖିବା ବେଳକୁ ସେଥିରେ ପୋକ ଥିବା ଏବଂ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ହିତାଧିକାରୀ ଏହାର ବିରୋଧ କରିଥିଲେ। କାହିଁକି ପୋକରା ଗହମ ଦିଆଯାଉଛି ବୋଲି ଯୋଗାଣ ସହାୟକଙ୍କୁ ପଚାରିଥିଲେ। ତେବେ ସେ ଏହାର ସନ୍ତୁଷ୍ଟ ଉତ୍ତର ଦେବା ପରିବର୍ତ୍ତେ ଗହମ ନ ନେଲେ ଚାଉଳ ଦିଆଯିବନି ହିତାଧିକାରୀଙ୍କୁ କହିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ବୋଲି ସାମାଜିକ କର୍ମୀ ରାକେଶ ନାୟକ କହିଛନ୍ତି। ଖାଇବାଯୋଗ୍ୟ ନ ଥିବା ଗହମ କାହିଁକି ଦିଆଯାଉଛି ବୋଲି ହିତାଧିକାରୀମାନେ ବିରୋଧ କରିଥିଲେ। ପୋକରା ଗହମ ଫେରାଇ ଭଲ ଗହମ ଦେବାକୁ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ହିତାଧିକାରୀମାନେ ଧାରଣା ଦେଇଥିଲେ। ଲୋକଙ୍କ ପାଇଁ ଆସିଥିବା ସାମଗ୍ରୀ ଲୋକଙ୍କୁ ଦିଆନଯାଇ ଗୋଦାମରେ କାହିଁକି ଗଚ୍ଛିତ ରଖାଯାଇଛି। ଏତେଦିନ ପରେ କାହିଁକି ଦିଆଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଲାଗି ହିତାଧିକାରୀ ଦାବି କରିଛନ୍ତି। ଫୋନ ମାଧ୍ୟମରେ ବିଡିଓଙ୍କ ସହ ଯୋଗାଯୋଗ କରିବାକୁ ଏ ସମ୍ପର୍କରେ ଜାଣିନଥିବା ଓ ଘଟଣାର ତଦନ୍ତ କରିବେ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କହିଛନ୍ତି, ବ୍ଲକ ଯୋଗାଣ ଅଧିକାରୀଙ୍କଠାରୁ ଖବରପାଇଛି। ଗହମ ଦେବାକୁ ବାଧ କରାଯାଇନାହିଁ। ଯିଏ ଚାହିଁବେ ନେବେ, ନ ହେଲେ ତା' ବଦଳରେ ଚାଉଳ ଦେବାକୁ କୁହାଯାଇଛି। ଗହମ ଦୀର୍ଘ ଏକ ବର୍ଷ ହେଲା ଷ୍ଟକ ରହିଥିଲା। ତେଣୁ କିଛି ଗହମ ପୋକରା ହୋଇଥିବା ଜଣାପଡିଛି। ତେବେ ଏହାକୁ ଅଲଗା କରି ଉପଯୁକ୍ତ ଗହମ ଦେବାକୁ କୁହାଯାଇଛି।


ପୋକ ଲାଗିଯାଇଥିବା ଗହମ।


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ହିତାଧିକାରୀମାନେ ଧାରଣା ଦେଇଛନ୍ତି।

**ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ହିତାଧିକାରୀଙ୍କ ଧାରଣା**
- ଷ୍ଟକ୍ ରଖି ନଷ୍ଟ କରିଦେଲେ
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

## ସଂକ୍ଷେପରେ

### ଜୁସ୍ ଦୋକାନରେ ଅଗ୍ନିକାଣ୍ଡ



ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ଥିବା ଏକ ଜୁସ୍ ଦୋକାନରେ ସୋମବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଦୁଇଟି ଫ୍ରିଜର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ରଞ୍ଜନ ପୃଷ୍ଟିଙ୍କ ଏକ ପୃଷ୍ଟି ଜୁସ୍ ସେଣ୍ଟର ରହିଛି। ସବୁଦିନ ଭଳି ସୋମବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହେଲେ ବିଳମ୍ବିତ ରାତିରେ ଦୋକାନ ଜଳୁଥିବା ପୋଲିସ ପେଟ୍ରୋଲିଂ ଟିମ୍ ଦେଖିବାକୁ ପାଇଥିଲେ। ଏନେଇ ଦୋକାନୀ ରଞ୍ଜନଙ୍କୁ ଖବର ଦେବା ସହ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ଦୋକାନରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

### ୪୬ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ, ୨୩।୧ (ହର ପ୍ରସନ୍ନ ପଣ୍ଡା)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଆଦର୍ଶ କ୍ଲବ ପକ୍ଷରୁ ଆୟୋଜିତ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅତିଥିଭାବେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଉପସ୍ଥିତ ଥିଲେ। ନେତାଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କ୍ଲବର ଉପସଭାପତି ମୀର ମେହେଫୁଜ ଅଲ୍ଲୀ, ଓମ୍ ପ୍ରକାଶ ବାହୁବଳେନ୍ଦ୍ର, ଡ. ହରିପ୍ରସାଦ ଦାସ, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପ୍ରଶାନ୍ତ ବାରିକ, ବ୍ରଜବନ୍ଧୁ ପଣ୍ଡା, କେ. ଲୋକେଶ, ଶ୍ରୀବତ୍ସ ପାଣିଗ୍ରାହୀ, ରଘୁନାଥ ସାହୁ, ଭ୍ରମର ମୁଦୁଲି, ମାନସୀ ଦାସ, ବାସନ୍ତୀ ପ୍ରଧାନ, ରଶ୍ମିରଞ୍ଜିତା ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ଜିଲା ରକ୍ତ ଭଣ୍ଡାରର ଡା. ବିଷ୍ଣୁପ୍ରିୟା ସାହୁ, କାଉନସିଲର ଲକ୍ଷ୍ମୀପ୍ରିୟା ପ୍ରଧାନ, ଲାବ ଟେକ୍ନିସିଆନ ଅରୁଣ କୁମାର ସାହୁ ଓ ଝୁନୁଲତା ସାହୁ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ସାହୁ, ରଶ୍ମିଚାନ୍ଦ କର, ସୁକାନ୍ତ ବିଶୋୟୀ, ଜ୍ୟୋତି ରଞ୍ଜନ ଦାସ, ଭ୍ରମର ଦାସ, ସନ୍ତୋଷ ରଣସିଂହ, ଅନିଲ ମାର୍ଥା, ଶୁଭେନ୍ଦୁ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## କାର୍ ଧକ୍କାରେ ନାବାଳକ ଗୁରୁତର, ଚାଳକ ଫେରାର

ଭୁବନେଶ୍ୱର, ୨୩।୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୨ ପଟେଲ୍ ବସ୍ତି ନିକଟ ରାସ୍ତାରେ କାର୍ ଦୁର୍ଘଟଣାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟାଏ ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ଏହି ଦୁର୍ଘଟଣା ଘଟାଇ କାର୍ ଚାଳକ ଓ ସେଥିରେ ବସିଥିବା ଅନ୍ୟମାନେ ଫେରା ହୋଇଯାଇଛନ୍ତି। ପୋଲିସ ପହଞ୍ଚି ସେଠାରୁ ଦୁର୍ଘଟଣା ଘଟାଇଥିବା ଉକ୍ତ ନାଲି ରଙ୍ଗର କାର୍‌କୁ ଜବତ କରିଛି। ଆହତ ନାବାଳକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ବାପା ଗୋବିନ୍ଦ ସାହୁ ଏସଂକ୍ରାନ୍ତରେ କ୍ୟାପିଟାଲ ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ଏହି ଏତଲାକୁ ଆଧାର କରି ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ନାବାଳକ ଜଣଙ୍କ ସୌଚ ହେବାକୁ ଯାଉଥିବା ବେଳେ ଏହି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି। ତେବେ ଅନ୍ୟପକ୍ଷରେ କାର୍ ଡ୍ରାଇଭର ଜଣଙ୍କ ମଦ୍ୟପାନ କରି ଏହି ଦୁର୍ଘଟଣା ଘଟାଇଥିବା ପୋଲିସ ସନ୍ଦେହ କରୁଛି। ଡ୍ରାଇଭର ଓ ଅନ୍ୟମାନଙ୍କୁ ଧରିବାକୁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଧିକ ତଦନ୍ତ ଜାରି ରଖିଛି।


ଚିଲିକା ଓକିଲ ସଂଘର ୩ୟ ବାର୍ଷିକ ଉତ୍ସବରେ ମଙ୍ଗଳବାର ଉପସ୍ଥିତ ଅତିଥିଙ୍କ ଗହଣରେ କୁନି କଳାକାରମାନେ।

## ଅସହାୟଙ୍କୁ ଆଇନ ସହାୟତା ଯୋଗାଇଦିଅନ୍ତୁ ଆଇନଜୀବୀ

ଟାଙ୍ଗୀ/ଗମ୍ଭାରୀମୁଣ୍ଡା, ୨୩।୧
(ରଘୁନାଥ ସାହୁ/ଦିଲୀପ ସ୍ୱାଇଁ)

**ଚିଲିକା ଓକିଲ ସଂଘର ବାର୍ଷିକ ଉତ୍ସବ**

ଚିଲିକା ବ୍ଲକର ଗଙ୍ଗାଧରପୁରସ୍ଥିତ ଚିଲିକା ଜୁଡିସିଆଲ କୋର୍ଟ ପରିସରରେ ଚିଲିକା ଓକିଲ ସଂଘର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଇନଜୀବୀ ଖଗେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ଆଇନଜୀବୀ ଦେବାଶିଷ ରଥଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଣପୁର ବିଚାର ବିଭାଗୀୟ ଅଦାଲତର (ସିଭିଲ ଜଜ୍ ସିନିଅର ଡିଭିଜନ) ବିଚାରପତି ମନୋରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ବିକାଶ ଗୋଏଲ, ସମ୍ମାନିତ ଅତିଥି ବାର୍ କାଉନସିଲ ଅଫ୍ ଇଣ୍ଡିଆର ସଭ୍ୟ ଭକ୍ତ ଭୂଷଣ ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଇନଜୀବୀମାନେ କମ୍ପ୍ୟୁଟରରେ ବୈଷୟିକ ଜ୍ଞାନ ରଖି ସମୟୋପଯୋଗୀ ଆଇନର ତର୍ଜମା କରି ଆଇନ ସେବାରେ ସର୍ବଦା ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି ଅସହାୟଙ୍କୁ ଆଇନ ସହାୟତା ଯୋଗାଇଦେବାକୁ ମୁଖ୍ୟ ଅତିଥି ବିଚାରପତି ମିଶ୍ର କହିଛନ୍ତି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପରେ ସମବେତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବାଲୁଗାଁର ଆରାଧନା ମ୍ୟୁଜିକ୍ ଗ୍ରୁପ୍ ପକ୍ଷରୁ ସୁଦର୍ଶନ ଦାଶଙ୍କ ସଂଯୋଜନାରେ କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ସହିତ ସଭା ପରିଚାଳନାରେ ଚିଲିକା ଓକିଲ ସଂଘର ପୂର୍ବତନ ସମ୍ପାଦକ ପ୍ରଦୋଷ କୁମାର ଦାସ ସହଯୋଗ କରିଥିଲେ। ସଂଘର ଉପସଭାପତି ଆଇନଜୀବୀ ଚିତ୍ରସେନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୁନି କୁନି ନୃତ୍ୟ କଳାକାରଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ନାଚୁଣୀସ୍ଥିତ ଉତ୍କଳିକା ସଙ୍ଗୀତ ଏକାଡେମୀ କଳାକାରଙ୍କ ପକ୍ଷରୁ ଗୁରୁ ବିଜୟଲକ୍ଷ୍ମୀ ବଳିୟାରସିଂହଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଚିଲିକା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ। ଟାଙ୍ଗୀ, ବାଣପୁର, ଖୋର୍ଦ୍ଧା ଓକିଲ ସଂଘର ଆଇନଜୀବୀଙ୍କ ସମେତ ଚିଲିକା ଜୁଡିସିଆଲ କୋର୍ଟର କର୍ମଚାରୀ, ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## 'ଶ୍ରୀଜଗନ୍ନାଥ ବିଶ୍ୱ ସଂସ୍କୃତିର ପ୍ରତୀକ'

ବାଲୁଗାଁ, ୨୩।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ଓ ବିଶ୍ୱସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର ପ୍ରାଧ୍ୟାପିକା ଡ. କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ଅଧ୍ୟକ୍ଷା ଡ. ଜୟନ୍ତୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଡ. କଳ୍ପନା ଦାଶ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଆଲୋଚନାଚକ୍ରର ମୁଖ୍ୟ ଅତିଥି ଡ. ଶାନ୍ତନୁ କୁମାର ରଥ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆର ପରିଚୟ । ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ସଂସ୍କୃତିର ପ୍ରତୀକ। ମହାପ୍ରସାଦରେ ଜାତିଭେଦ ନାହିଁ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମଗ୍ର ବିଶ୍ୱଜନଙ୍କ ପାଇଁ ଉଦ୍ଦିଷ୍ଟ । ଏହା ସର୍ବଧର୍ମ ସମନ୍ୱୟର ଉତ୍ସ। ମୁଖ୍ୟ ବକ୍ତାଭାବେ ଗବେଷକ ଦେବେନ୍ଦ୍ରନାଥ ଦାଶ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ଚେତନା ବିଶ୍ୱରେ ସର୍ବତ୍ର ପ୍ରତିଫଳିତ ହୋଇଛି। ଏହି ସଂସ୍କୃତି ବିଶ୍ୱର ସକଳ ଶୃଙ୍ଖଳାକୁ ପ୍ରତିଫଳିତ କରିଥାଏ। ସମ୍ମାନିତ ଅତିଥି ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ କହିଥିଲେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ହିଁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମନ୍ୱୟ। ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା, ସୁଧାକର ନାୟକ, କୀର୍ତ୍ତିମୟୀ ବାରିକ, ଡ. ଲକ୍ଷ୍ମୀଧର ବିଶ୍ୱାଳ, ବିଦ୍ୟାଧର ଜୁଝାରସିଂହ, ସଂଗ୍ରାମ ବେହେରା, ଲକ୍ଷ୍ମୀପ୍ରିୟା ଶତ୍ରୁଶଲ୍ୟ, ଶିବ ମହାରଣା, ସ୍ନେହା ନାୟକ, ସନ୍ତୋଷ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ


ବୈଠକରେ ଯୋଗଦେଇଥିବା ଆଞ୍ଚଳିକ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

ନିରାକାରପୁର, ୨୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଥିବା କମ୍ୟୁନିଟି ହଲ୍‌ରେ ମଙ୍ଗଳବାର ଆଞ୍ଚଳିକ ବିଦ୍ୟୁତ୍ କ୍ରିୟାନୁଷ୍ଠାନ କମିଟି ଆବାହକ ବିଜୟ କୁମାର ପାଲଟାସିଂଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ ପୌରୋହିତ୍ୟ କରିଥିବା ବେଳେ ୧୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବୁଦ୍ଧିଜୀବୀ ଏବଂ ଖବରଦାତାଙ୍କ ଉପସ୍ଥିତିରେ ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ କରାଯିବା ସହ ଆଲୋଚନା ହୋଇଥିଲା। ବିଭିନ୍ନ ସମସ୍ୟା ନେଇ ବିଦ୍ୟୁତ୍ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଆସନ୍ତା ୩୧ ତାରିଖରେ ନିରାକାରପୁର ଗଣେଶ ପଡିଆରେ କମିଟି ପକ୍ଷରୁ ପୁଣି ଏକ ବୈଠକ ହେବ। ଏହି ବୈଠକରେ ପ୍ରତ୍ୟେକ ପଞ୍ଚାୟତରୁ ଉପଭୋକ୍ତାମାନେ ଯୋଗଦେବେ ବୋଲି ସଭାପତି ଜୟସିଂହ କହିଛନ୍ତି। ଆଗାମୀ ଦିନରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମସ୍ୟାର ସମାଧାନ ନ କରାଗଲେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ହୃଷୀକେଶ ରାଉତରାୟ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ବିଦ୍ୟୁଭୂଷଣ ମହାରଣା, ବିଜୟ କୁମାର ଜୟସିଂହ, ମନୋଜ କୁମାର ପ୍ରଧାନଙ୍କ ସମେତ ୧୨ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

## ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ବୋଲଗଡ଼, ୨୩।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିତୁକୁଳି ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଘରେ ଘରେ ପହଞ୍ଚି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ଜନହିତକର କାର୍ଯ୍ୟ ସମ୍ପର୍କରେ କହିଥିଲେ। ଏପରିକି ପ୍ରତ୍ୟେକ ଘର ସମ୍ମୁଖ କାନ୍ଥରେ ଶଙ୍ଖ ଚିହ୍ନର ଷ୍ଟିକର ଲଗାଇଥିଲେ। ବିଧାୟକଙ୍କ ସହିତ ଖୋର୍ଦ୍ଧା ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ, ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି, ଶତାଧିକ ବିଜେଡି କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସେମିଫାଇନାଲରେ କଟକର ମଙ୍ଗଳା କ୍ଲବ

ବୋଲଗଡ଼, ୨୩।୧ (ଦେବବ୍ରତ ହୋତା)

**ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ତୁଳସୀବେରେଣା ଖେଳପଡ଼ିଆରେ ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ନେପାଳର ଜୟ ବାଗେଶ୍ୱରୀ ଟିମ୍ ଓ କଟକର ମଙ୍ଗଳା କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧର ୯, ୧୩ ଓ ୧୯ ମିନିଟରେ ମଙ୍ଗଳା କ୍ଲବର ଖେଳାଳି ୩ଟି ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୧୨, ୧୮ ଓ ୨୪ ମିନିଟରେ ମଙ୍ଗଳା କ୍ଲବର ଖେଳାଳି ପୁଣି ୩ଟି ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ନେପାଳର ଜୟ ବାଗେଶ୍ୱରୀ ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୬-୦ ଗୋଲରେ କଟକର ମଙ୍ଗଳା କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଶିବଶଙ୍କର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ସଖାବତ ଖାଁ ଓ ଏମ୍.ଏସ୍. ବେଗ ଲାଇନ୍ସରେ ସହାୟତା କରିଥିଲେ। ରିଜର୍ଭ ରେଫରି ଭାବେ ସୁଜିତ୍ କୁମାର ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଜେଡି ଜିଲା ଉପସଭାପତି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ ଓ ପ୍ରଦୀପ୍ତ ଛୋଟରାୟ, ହାସ୍ୟ କଳାକାର ବ୍ରଜବିହାରୀ ସୁବୁଦ୍ଧି, କଡବ ସରପଞ୍ଚ ନଳୀନ ବଡ଼ଜେନା, ସାନପଦର ସମିତିସଭ୍ୟ ଦିଲ୍ଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ତୁଳସୀବେରେଣା, ଦେଉଳି, ଦକ୍ଷିଣ ପାରିଖେତା, ଜାମୁସାହି ଓ ନୂଆପଲ୍ଲୀ ଗ୍ରାମର ଯୁବକମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ତୁଳସୀବେରେଣା ଖେଳପଡ଼ିଆରେ ଅନୁଷ୍ଠିତ ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସଂଗ୍ରାମୀଙ୍କ ଗାଁରେ ଉଡ଼ିଲା ତ୍ରିରଙ୍ଗା

ଖୋର୍ଦ୍ଧା/ବୋଲଗଡ଼, ୨୩।୧
(ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)

- ଐତିହ୍ୟ ଗ୍ରାମର ମାନ୍ୟତା ଦାବି
- ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନା ହେଉ

ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଭାବେ ପରିଚିତ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଇଲୋ ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ, ବୁଦ୍ଧିଜୀବୀ, ଗ୍ରାମବାସୀ, କୁନି ପିଲାମାନେ ମଙ୍ଗଳବାର ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ କରିଛନ୍ତି। ଗ୍ରାମ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସ୍କୁଲ ପିଲାମାନେ ଜାତୀୟ ପତାକା ଧରି ନେତାଜୀଙ୍କ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ସଂଗ୍ରାମୀଙ୍କ ଦାୟାଦ ତଥା ବରିଷ୍ଠ ନାଗରିକ ପ୍ରମୋଦ ପ୍ରତାପସିଂହ ପତାକା ଉତ୍ତୋଳନ କରି କହିଥିଲେ, ଇଂରେଜମାନଙ୍କୁ ଦେଶରୁ ତଡ଼ିବା ଲାଗି ସୁଭାଷ ବୋଷ ଆଜାଦ ହିନ୍ଦ୍ ଫୌଜ ଗଠନ କରିଥିଲେ। 'ତୁମେ ମୋତେ ରକ୍ତ ଦିଏ, ମୁଁ ତୁମକୁ ସ୍ୱାଧୀନତା ଦେବି' ଡାକରାରେ ସେହି ସମୟରେ ଏହି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଯୁବକ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମଭାବେ ପରିଚିତ ଏହି ଗ୍ରାମ। ୧୯୯୩ ମସିହାରେ ଗାଁ ମୁଣ୍ଡରେ ନେତାଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ସେହି ଦିନଠାରୁ ତାଙ୍କ ଜୟନ୍ତୀ ଉତ୍ସବକୁ ପାଳନ କରାଯାଉଛି। ସେହିପରି ଯୁଧିଷ୍ଠିର ରାଉତରାୟ ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ କୈଳାସ ଚମ୍ପତିରାୟ କହିଥିଲେ, ଏହି ଗ୍ରାମ ହେଉଛି ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି। ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଭାବେ ଏମାନଙ୍କୁ ଉପଯୁକ୍ତ ସମ୍ମାନ ସହ ଏହି ଗ୍ରାମକୁ ସଂଗ୍ରାମୀ ଓ ଐତହ୍ୟ ଗ୍ରାମଭାବେ ଘୋଷଣା କରାଯାଉ। ଏହାସହିତ ଗାଁ ଛକରେ ରହିଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିର ପୁନରୁଦ୍ଧାର କରାଯାଉ। ସାମାଜିକ କର୍ମୀ ଦିପକ କୁମାର ପାହାଡ଼ସିଂ କୁହନ୍ତି, ରାଜ୍ୟ ସରକାର କେବଳ ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସଂଗ୍ରାମୀ ତାମ୍ରଫଳକ, ମାନପତ୍ର ଧରାଇଦେଇ ନିଜ କାମ ସାରିଦେଇଛନ୍ତି। ଗାନ୍ଧିଜୀ ବୋଲଗଡ଼ ଆସିଥିବା ଅବସରରେ ଏହି ଗ୍ରାମକୁ ମଧ ଆସିଥିଲେ। ଏଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ (ସୂତାକଟା କେନ୍ଦ୍ର) ମଧ୍ୟ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଅସ୍ତିତ୍ୱ ହଜିବାକୁ ବସିଛି। ଗ୍ରାମ ପରିସରରେ ସମସ୍ତ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସଂଗ୍ରାମୀଙ୍କ ଗ୍ରାମକୁ ଯଥୋଚିତ ସମ୍ମାନ ଦେବାକୁ ଦାବି କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଖବରଦାତା ଗୋବିନ୍ଦ ପଣ୍ଡା, ବିଷ୍ଣୁ ପ୍ରସାଦ କରଙ୍କ ସମେତ ଏକାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।


ନେତାଜୀଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିଙ୍କ ଗହଣରେ ପିଲାମାନେ।

## ସଂକ୍ଷେପରେ

### ନେତାଜୀଙ୍କ ତ୍ୟାଗ, ବୀରତ୍ୱ ସବୁଦିନ ମନେରହିବ

ଭୁବନେଶ୍ୱର,୨୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଆଜାଦ ହିନ୍ଦ ଫୌଜ ସଂଘ ତରଫରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବସନ୍ତ କୁମାର ପାଇକରାୟ ସଭାପତିତ୍ୱ କରି କହିଥିଲେ, ନେତାଜୀଙ୍କ ଅସୀମ ବୀରତ୍ୱ, ଦେଶପ୍ରେମ ଭାରତର ସ୍ୱାଧୀନତା ସଂଗ୍ରାମରେ ସବୁଦିନ ଅବିସ୍ମରଣୀୟ ହୋଇରହିବ। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ମିଶ୍ର, ପ୍ରଫୁଲ୍ଲ ତ୍ରିପାଠୀ, ରାମଚନ୍ଦ୍ର ସାହୁ, ରମେଶ ମହାପାତ୍ର, ଭରତ ସାହୁ, ତ୍ରିଲୋଚନ ମହାନ୍ତି, ଅଜୟ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

### ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ଭୁବନେଶ୍ୱର, ୨୩।୧(ବନ୍ଦନା ସେଠୀ)

ଉତ୍କଳ ସମ୍ମିଳନୀ ଏବଂ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଭିଏସ୍ଏସ୍ ନଗରରେ ପାଳିତ ହୋଇଯାଇଛି। ଏଥିରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ୧୮୫୭ ସିପାହି ବିଦ୍ରୋହର ୩୦ବର୍ଷ ପୂର୍ବରୁ ଅର୍ଥାତ୍ ୧୮୨୭ରେ ଇଂରେଜମାନଙ୍କ ବିରୋଧରେ ବୀର ସୁରେନ୍ଦ୍ର ସାଏ ପ୍ରଥମେ ଯୁଦ୍ଧ ଘୋଷଣା କରିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ତଥା ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଉନ୍ନୟନ ପରିଷଦର ଉପସଭାପତି ଡ. ଜୟନ୍ତ ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ନେତାଜୀ ସୁଭାଷ, ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୨୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଛକରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଭିଏସ୍ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭାଗର ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ସୁଶ୍ରୀ ସଙ୍ଗୀତା ମହାରଣା, ସଂସ୍କୃତି ବିଭାଗ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀ, ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଅବିସ୍ମରଣୀୟ

ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)



କାର୍ଯ୍ୟକ୍ରମରେ ବିଧାୟକ ଶଶିଭୂଷଣ ବେହେରା ଏବଂ ଅନ୍ୟ ଅତିଥି।

ଭାରତବର୍ଷର ଦୁଇ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମ, ତ୍ୟାଗ ଓ ବୀରତ୍ୱ-ବିଶାଳ ଏବଂ ଅବିସ୍ମରଣୀୟ। ଉଭୟଙ୍କ ଉଦ୍ଦେଶ୍ୟ ବାହ୍ୟଶକ୍ତି କବଳରୁ ଦେଶମାତୃକାର ମୁକ୍ତି କରିବା ଥିଲା। ଉଭୟଙ୍କ ସଂଗ୍ରାମ ଓ ବିପ୍ଳବର ଜୟଗାଥା ଭାରତୀୟ ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇ ଆସୁଥିବ ବୋଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ କହିଲେ, ନେତାଜୀ ଦେଶକୁ ସ୍ୱାଧୀନ କରିବା ପାଇଁ ସଶସ୍ତ୍ର ସଂଗ୍ରାମ କରିଥିବାବେଳେ ବୀର ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗେରିଲା ଯୁଦ୍ଧ ଏବଂ ଅସୀମ ସାହସ ନିକଟରେ ଇଂରେଜମାନେ ଅନେକ ବାର ହାର ମାନିଥିଲେ। ନେତାଜୀ ଉଚ୍ଚ ସରକାରୀ ପଦବୀ ଏବଂ ସୁଖସ୍ୱାଚ୍ଛନ୍ଦ୍ୟକୁ ପଦାଘାତ କରି ଜୀବନର ୨୩ବର୍ଷ ଦେଶମାତୃକାର ସେବାରେ ସମର୍ପଣ କରିଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏ ଜୀବନର ୩୭ ବର୍ଷ ମାଟି ମା'ପାଇଁ କାରାଗାରରେ ବନ୍ଦୀ ଜୀବନ କାଟିଥିଲେ। ସେମାନଙ୍କ ତ୍ୟାଗ, ତୀତୀକ୍ଷା ଓ ବଳିଦାନ ଯୋଗୁ ଆମେ ଆଜି ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବ କରୁଛୁ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଯୋଗଦେଇ ଦୁଇ ବୀର ସଂଗ୍ରାମୀଙ୍କ ବୀରତ୍ୱ, ଆଦର୍ଶ, ନେତୃତ୍ୱ, ଦେଶପ୍ରେମ ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତିବିଦ୍ କେଦାର ମିଶ୍ର ଯୋଗଦେଇ ଦୁଇ ମହାପୁରୁଷଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। ସୂଚନା ଅଧିକାରୀ ସୁଶ୍ରୀ ତନୁଜା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୯୦ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ମିଳିଲା ସହାୟତା ରାଶି



ଭୁବନେଶ୍ୱର,୨୩।୧(ବନ୍ଦନା ସେଠୀ)

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ମଙ୍ଗଳବାର ଏକ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ମା' ଦକ୍ଷିଣକାଳୀ ମନ୍ଦିର, ପ୍ରେସ୍ଛକଠାରେ ଆୟୋଜିତ ଏହି ଶିବିରରେ ନୂତନ ପଞ୍ଜୀକରଣ ହୋଇଥିବା ୨୬୦ଜଣଙ୍କୁ ଶ୍ରମ କାର୍ଡ ବଣ୍ଟନ କରାଯାଇଥିଲା। ଏଥିସହ ମୋଟ୍ ୯୦ଜଣଙ୍କୁ ୬୬ଲକ୍ଷ ୪୫ହଜାର ୮ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୨୭ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୪ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୨୭ଜଣଙ୍କୁ ୧ଲକ୍ଷ ୩୫ହଜାର ଟଙ୍କା, ବିବାହକାଳୀନ ସହାୟତା ପାଇଁ ୨୦ଜଣଙ୍କୁ ୧୦ଲକ୍ଷ ଟଙ୍କା, ଶିକ୍ଷା ବାବଦ ସହାୟତା ପାଇଁ ୧୧ଜଣଙ୍କୁ ୬୦ ହଜାର ୮ଶହ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ଶ୍ୱେତାସ୍ମିତା ମିଶ୍ର, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ସହାୟତା ରାଶି ପ୍ରଦାନ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ବିଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ ଏବଂ ସହକାରୀ ଶ୍ରମ ଅଧିକାରୀ ରଶ୍ମିତା ପାତ୍ର, କାଳିପୁତ୍ର କୁଲଦୀପ ପ୍ରସାଦ, ବିକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ସଂଯୋଜନା କରିଥିବାବେଳେ ଦେବଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।



ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ଅବସରରେ ଦୁବାଇ ଗସ୍ତରେ ଯାଉଥିବା ମିଶନ ଶକ୍ତି ମହିଳା ପ୍ରତିନିଧି ଦଳ।

## ବଦଳିଲେ ୮ ଅତିରିକ୍ତ ଡିସିପି

ଭୁବନେଶ୍ୱର୨୩।୧(ସତ୍ୟଜିତ ରାଉତ)

କମିଶନରେଟ୍ ପୋଲିସରେ କାର୍ଯ୍ୟରତ ୮ ଅତିରିକ୍ତ ଡିସିପିଙ୍କ ଅଦଳବଦଳ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସିପି ମୁଖାଳୟରେ ଥିବା ଅତିରିକ୍ତ ଡିସିପି ସ୍ମୃତିରଞ୍ଜନ କରଙ୍କୁ ସିପି ମୁଖ୍ୟାଳୟର ଆଇବିକୁ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର କ୍ରାଇମ ଅତିରିକ୍ତ ଡିସିପି ଅନିଲ କୁମାର ବେହୁରିଆଙ୍କୁ ଜୁଡିସିଆଲ ସିପି ମୁଖ୍ୟାଳୟ, ଭୁବନେଶ୍ୱର ୟୁପିଡିରେ ଥିବା ଅତିରିକ୍ତ ଡିସିପି ପ୍ରଶାନ୍ତ କୁମାର ମଲ୍ଲଙ୍କୁ ଭୁବନେଶ୍ୱର ୟୁପିଡି ଆଇୟୁସିଏଡବ୍ଲ୍ୟୁ, କଟକ ୟୁପିଡି ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଡିସିପି କୃଷ୍ଣ ପ୍ରସାଦ ଦାସ ଭୁବନେଶ୍ୱର ୟୁପିଡି ମୁଖ୍ୟାଳୟ, କଟକ ୟୁପିଡି ଅତିରିକ୍ତ ଡିସିପି ତଥା ଇଏମଭାବେ ଦାୟିତ୍ୱରେ ଥିବା ଏସ.କେ.ସରିଫ ଉଦ୍ଦିନଙ୍କୁ ଭୁବନେଶ୍ୱର ୟୁପିଡ଼ି, ସିପି ମୁଖ୍ୟାଳୟର କ୍ରାଇମ ଅତିରିକ୍ତ ଡିସିପି ଥିବା ସୁରେଶ ଚନ୍ଦ୍ର ପାତ୍ରଙ୍କୁ ଭୁବନେଶ୍ୱର ୟୁପିଡି କ୍ରାଇମ, ଭୁବନେଶ୍ୱର ୟୁପିଡ଼ିର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କୁ କଟକ ଆଇୟୁସିଏଡ଼ବ୍ଲ୍ୟୁ ଓ ଭୁବନେଶ୍ୱର ୟୁପିଡ଼ି ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଡିସିପି ତରୁଣ କୁମାର ଦାସଙ୍କୁ କଟକ ୟୁପିଡି ଅତିରିକ୍ତ ଡିସିପି ତଥା ଇଏମ୍ଭାବେ ବଦଳି କରାଯାଇଛି।

## ବୋଧିଦ୍ରୁମ ପରିଦର୍ଶନ କଲେ ଥାଇଲାଣ୍ଡର ବୌଦ୍ଧ ଭିକ୍ଷୁ

ଟିଗିରିଆ,୨୩।୧(ଜାଫର ଖାଁ)



ଟିଗିରିଆ ବ୍ଲକ ଜେମାଦେଇପୁରସ୍ଥିତ ବୁଦ୍ଧ ଜୟନ୍ତୀପୁର ବୌଦ୍ଧ ବିହାରରେ ମଙ୍ଗଳବାର ଥାଇଲାଣ୍ଡରୁ ଆସିଥିବା ୩୦ ବୌଦ୍ଧ ଧର୍ମଗୁରୁଙ୍କୁ ସ୍ୱାଗତ କରାଯାଇଥିଲା। କଳିଙ୍ଗ ସଦ୍ଧମ୍ମ ସଙ୍ଗଠନ ପକ୍ଷରୁ ଏହି ବୌଦ୍ଧ ଭିକ୍ଷୁମାନେ ଆସିଥିଲେ। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଳିଙ୍ଗ ସଙ୍ଗଠନର ମୁଖ୍ୟ ସଦସ୍ୟ ଲିଟୁନ ଚନ୍ଦ ପୌରୋହିତ୍ୟ କରିଥିଲେ। ଏହି ଉତ୍ସବରେ ପ୍ରଥମେ ସୁଦୂର ଥାଇଲାଣ୍ଡରୁ ଆସିଥିବା ବୌଦ୍ଧ ଭିକ୍ଷୁ ଓ ଅତିଥିମାନଙ୍କୁ ସଙ୍ଗଠନର ଉପାସିକା ଓ ଉପାସକଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହାପରେ ଓଡ଼ିଶାର ସମସ୍ତ ଜିଲାରୁ ଆସିଥିବା ସଙ୍ଗଠନର ସଦସ୍ୟମାନେ ଏକତ୍ରିତ ହୋଇ ଭିକ୍ଷୁ ଓ ଅତିଥିଙ୍କ ସହ ବୋଧିଦ୍ରୁମ ବୁଦ୍ଧ ବିହାର ଏବଂ ନଗର ପରିକ୍ରମା କରିଥିଲେ। ସେଠାରୁ ଫେରିବା ପରେ ସମସ୍ତେ ବୋଧିଦ୍ରୁମ ଠାରେ ଉପସ୍ଥିତ ରହି ବୁଦ୍ଧ ବନ୍ଦନା, ଚୈତ୍ୟ ବନ୍ଦନା ଓ ବୋଧି ବନ୍ଦନା ଏବଂ ସୁତ୍ତ ପାଠ କରିଥିଲେ। ଥାଇଲାଣ୍ଡରୁ ଆସିଥିବା ୱାର୍ଲଡ ପିଇସ କାଉନ୍ସିଲ ଆସୋସିଏଶନର ସମ୍ପାଦକ ଓରାଓଁନ ତନାୱତନା ଏହି ଅବସରରେ କଳିଙ୍ଗର ଗୁଣଗାନ କରିଥିଲେ। ବୌଦ୍ଧ ଭିକ୍ଷୁମାନେ ଆଜିର ଯୁଗରେ ବୁଦ୍ଧଙ୍କ ଶିକ୍ଷାର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବୌଦ୍ଧ ଭିକ୍ଷୁମାନେ ନୂଆପାଟଣା ବୌଦ୍ଧ ସଂଘକୁ ଏକ ପିତଳ ବୁଦ୍ଧମୂର୍ତ୍ତି ପ୍ରଦାନ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ମାଣିଆବନ୍ଧସ୍ଥିତ ତ୍ରିଶରଣ ବୁଦ୍ଧ ଶିଶୁ ମନ୍ଦିର, ଏବଂ ଆଞ୍ଚଳିକ ବୁଦ୍ଧ ବିହାର ଭ୍ରମଣ କରିଥିଲେ। ସେଠାରେ ସ୍କୁଲ ଅନୁଷ୍ଠାନକୁ ଆର୍ଥିକ ରାଶି ପ୍ରଦାନ କରି ରଗଡି (ବାଙ୍କୀ) ବୌଦ୍ଧ ସ୍ଥଳଗୁଡ଼ିକୁ ଭ୍ରମଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ସଦ୍ଧମ୍ମ ସଙ୍ଗଠନର ସଦସ୍ୟ ତଥା ନୂଆପାଟଣା ବୌଦ୍ଧ ସଂଘ ସଭାପତି ରଙ୍ଗାଧର ପାତ୍ର, ସମ୍ପାଦକ ସୁଦାମ ଚରଣ ବର୍ଦ୍ଧନ, କୋଷାଧ୍ୟକ୍ଷ ସଦାନନ୍ଦ ପାତ୍ର, ଦିଲୀପ ପାତ୍ର, ବିକାଶ ରଞ୍ଜନ ପାତ୍ରଙ୍କ ସମେତ ମାଣିଆବନ୍ଧ, ରଗଡି, ମହମ୍ମଦପୁର ନିଆଳି ଓ ମହାରାଷ୍ଟ୍ରରୁ ଆସିଥିବା ବହୁ ଉପାସକ ଓ ଉପସିକା ଯୋଗ ଦେଇଥିଲେ।

## ଭାରତୀୟ କବିଙ୍କ ସ୍ୱରଚିତ ଭକ୍ତି କବିତାଞ୍ଜଳି କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ରାମଲାଲା ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଭକ୍ତି କବିତାଞ୍ଜଳି କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ସଭାନେତ୍ରୀ ଡ. ଅନିତା ପଣ୍ଡା ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମଞ୍ଚାସୀନ ଥିଲେ। ଅତିଥି ଭାବେ ଲେଖକ ମାନସ ଦାସ ଓ ଲେଖିକା ଲୋପାମୁଦ୍ରା ମହାନ୍ତି ଯୋଗଦେଇଥିଲେ। ବିଭିନ୍ନ ଭାଷାର କବିମାନେ ସ୍ୱରଚିତ ଭକ୍ତିମୂଳକ କବିତା ପାଠ କରିଥିଲେ। ଫାଉଣ୍ଡେଶନର ଉପସଭାପତି ଗୁରୁକଲ୍ୟାଣ ମହାପାତ୍ର କବିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଆ ଭାଷାର କବିମାନଙ୍କ ମଧ୍ୟରେ ପୁଲିନ ନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ହରିଶ୍ଚନ୍ଦ୍ର ବେହେରା, ଡ.ଗୁଣସାଗର ଦାଶ, ରେଣୁବାଳା ମହାପାତ୍ର, ରାଧାନାଥ ବେହେରା, ଗୋପାଳ ମିଶ୍ର, ପଙ୍କଜିନୀ ନାୟକ, ସୁଷମା ଲେଙ୍କା ଓ ଦେବାଶିଷ ଦାସ ସ୍ୱରଚିତ ଭକ୍ତି କବିତା ଆବୃତ୍ତି କରିଥିଲେ। ଡ. ନିବେଦିତା ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନେତାଜୀ ଯୁବକ ସଂଘର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୩।୧(ବନ୍ଦନା ସେଠୀ)

୧୨୭ତମ ନେତାଜୀ ଜୟନ୍ତୀ ଏବଂ ନେତାଜୀ ଯୁବକ ସଂଘର ୫୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏଥିସହ ସାମାଜିକକର୍ମୀ ସ୍ୱର୍ଗତ ବାବାଜୀ ସୁନ୍ଦରାୟ ଓ ଗୋକୁଳାନନ୍ଦ ଜେନାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର, ସଂଘ ସଭାପତି ତଥା ୱାର୍ଡ ନଂ.୫୭ର କର୍ପୋରେଟର ସନ୍ତୋଷ କୁମାର ସିଂହ, ସମ୍ପାଦକ ବୃନ୍ଦାବନ ଦାସ, କୋଷାଧ୍ୟକ୍ଷ ଦୀପକ କୁମାର ବେହେରା, ୱାର୍ଡ ନଂ. ୪୪ର କର୍ପୋରେଟର ଅଜିତ ବେହେରା, ସଂଘର ପୂର୍ବତନ ସଭାପତି ଉମାଶଙ୍କର ପଟ୍ଟନାୟକ, ନବକିଶୋର ସିଂହ, ପ୍ରତାପ ଜେନା ଏବଂ ନେତାଜୀ ଯୁବକ ସଂଘର ସମସ୍ତ ସଦସ୍ୟ ଯୋଗଦେଇଥିଲେ।



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ ସାମଲଙ୍କ ସହ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ଅବସରରେ।









ରସୁଲଗଡ଼ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ (ବାମରୁ) ଉତ୍କଳ ସମ୍ମିଳନୀ, ଭାଜପା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।








ରସୁଲଗଡ଼ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ (ବାମରୁ) ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ପୂଜ୍ୟପୂଜା ସଂସ୍କୃତି ଅଭିଯାନ ଏବଂ ରସୁଲଗଡ଼ ବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ନେତାଜୀ ସଂଗ୍ରହାଳୟଠାରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବିଜେଡି ନେତୃବୃନ୍ଦ।



ବିଧାୟକ ମହମ୍ମଦ ମୋକିମ୍ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।



ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଭାଜପା ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# 'ଭାସ୍କର୍ଯ୍ୟ କଳା କାହାଣୀ ବଖାଣେ'

**କଟକ, ୨୩।୧ (ଶିକ୍ଷା ପ୍ରିୟଦର୍ଶିନୀ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ମଙ୍ଗଳବାର ଉତ୍ସବ ମୁଖରିତ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ନେତୃବୃନ୍ଦ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ସଂଗ୍ରହାଳୟ ପରିଦର୍ଶନ କରି ଖୁସି ଅନୁଭବ କରିଥିଲେ। ଏହି ଅବସରରେ ସଂଗ୍ରହାଳୟଠାରେ ମଙ୍ଗଳବାର ଭାସ୍କର୍ଯ୍ୟ ଶିଳ୍ପୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଶିବିରରେ ନେତାଜୀଙ୍କ ପ୍ରମୁଖ ଘଟଣାବଳୀକୁ ଶିଳ୍ପୀମାନେ ଭାସ୍କର୍ଯ୍ୟ କଳା ମାଧ୍ୟମରେ ଅଙ୍କନ କରିଛନ୍ତି। ଏହି କଳା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଛି। ଚଳିତବର୍ଷ ପ୍ରଥମଥର ଯୁବ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଏଥିରେ ସାମିଲ କରାଯାଇଛି। ନେତାଜୀ ସଂଗ୍ରହାଳୟରେ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଶିବିର ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର କହିଛନ୍ତି, ଭାସ୍କର୍ଯ୍ୟ କଳା ଅନେକ କାହାଣୀ ବଖାଣିଥାଏ।



ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ ଭାସ୍କର୍ଯ୍ୟକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ମନ୍ତ୍ରୀଙ୍କୁ ନେତାଜୀଙ୍କ ପେନ୍‌ସିଲ୍ ଆର୍ଟ ଦେଲେ ଜିସାନ

ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆସିଥିବା ସମୟରେ କଟକ ନ୍ୟୁ ଷ୍ଟୁଆର୍ଟ ସ୍କୁଲର ଷଷ୍ଠଶ୍ରେଣୀ ଛାତ୍ର ସେକ୍. ଜିସାନ ଉଦ୍ଦିନ ତାଙ୍କୁ ଏକ ପେନ୍‌ସିଲ ଆର୍ଟ ପ୍ରଦାନ କରିଛନ୍ତି। ଏଥିରେ ନେତାଜୀଙ୍କ ଛବି ଅଙ୍କନ କରାଯାଇଛି। ଏହାକୁ ପ୍ରସ୍ତୁତ କରିବା ପାଇଁ ଜିସାନ୍‌ଙ୍କୁ ୩୦ ମିନିଟ୍ ସମୟ ଲାଗିଥିଲା। ମନ୍ତ୍ରୀ ଏହି ଆର୍ଟକୁ ଗ୍ରହଣ କରି ପାଠପଢ଼ା ସମ୍ପର୍କରେ ଜିସାନ୍‌ଙ୍କ ସହିତ ଆଲୋଚନା କରିଥିଲେ।



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ସେକ୍. ଜିସାନ ଉଦ୍ଦିନ ପେନ୍‌ସିଲ ଆର୍ଟ ପ୍ରଦାନ କରୁଛନ୍ତି।

# ଶୋଭାଯାତ୍ରାରେ ୧୨୭ ଫୁଟ୍ ତ୍ରିରଙ୍ଗା

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ସୁଭାଷ ସଙ୍ଗଠନ ପକ୍ଷରୁ ମଙ୍ଗଳବାର କଟକରେ ୧୨୭ ଫୁଟ୍‌ର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୋଳମୁଣ୍ଡାଇଠାରୁ ଶୋଭାଯାତ୍ରା ବାହାରି କଲେଜ ଛକଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପହଞ୍ଚିଥିଲା। ପରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଇଂ. ମହମ୍ମଦ ମୋକିମ, ଅଭିନେତା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାଏ, ଭାଜପା ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଅଖିଳ ଭାରତ ଯୁବ ଯାଦବ ମହାସଭା ସଭାପତି ପ୍ରଦୀପ ବେହେରା ଯୋଗଦେଇଛନ୍ତି। ସୁଭାଷ ସଙ୍ଗଠନର ନେତୃତ୍ୱରେ ଏହି ଶୋଭାଯାତ୍ରାରେ ୩୦ରୁ ଅଧିକ ସାମାଜିକ ସଙ୍ଗଠନର ସଦସ୍ୟ ସାମିଲ ହୋଇ ନେତାଜୀ ଜୟନ୍ତୀକୁ କଟକ ମହୋତ୍ସବ ଭାବେ ପାଳନ କରିବା ପାଇଁ ବାର୍ତ୍ତା ଦେଇଥିଲେ। ସଙ୍ଗଠନର ସଭାପତି ଆଶୁତୋଷ ଦାସ, ସମ୍ପାଦକ ଜ୍ଞାନରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, କୋଷାଧ୍ୟକ୍ଷ ବାପୁଜୀ କରଙ୍କ ସମେତ ଶତାଧିକ ସାମାଜିକ କର୍ମୀ ଏଥିରେ ଯୋଗଦେଇଥିଲେ।






କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଗହଳି।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା

ନେତାଜୀ ଜୟନ୍ତୀ ଅବସରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ୱରାଜ ଆଶ୍ରମଠାରୁ ଏହି ଶୋଭାଯାତ୍ରା ବାହାରି ନେତାଜୀଙ୍କ ଜନ୍ମସ୍ଥାନଠାରେ ପହଞ୍ଚିଥିଲା। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଅତିଥି ଭାବେ ନଗର ସଭାପତି ମଧୁସୂଦନ ସାହୁ, ପ୍ରଫୁଲ୍ଲ ମହାପାତ୍ର, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ବିଜୟ ବେହେରା, ଜନ୍‌ସନ୍ ମହାପାତ୍ର, ଏକ୍ରାମ ହୁସେନ ଯୋଗଦେଇଥିଲେ। ସୌମ୍ୟଦୀପ ଘୋଷ, ଶୟଦ ଜାଳି, ଜଗତ୍‌ଜ୍ୟୋତି ପଟ୍ଟନାୟକ, ଅମରେଶ ରାଜ୍, ଆସିଫ୍ ଅମିନ୍, ସଞ୍ଜୟ ପଟ୍ଟନାୟକ, ଜଗନ ମହାରଣା, ଦେବାଶିଷ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶତାଧିକ ଯୁବକ ସାମିଲ ହୋଇଥିଲେ।

## ସଂଗ୍ରହାଳୟ ସମ୍ମୁଖରେ ଲାଇଭ୍ ଫାଇନ୍ ଆର୍ଟ

ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ସମ୍ମୁଖରେ ଜୋହରୀମଲ ହାଇସ୍କୁଲ ପକ୍ଷରୁ ମଙ୍ଗଳବାର ଲାଇଭ୍ ଫାଇନ୍ ଆର୍ଟ କରାଯାଇଛି। ଶିକ୍ଷକ ରାକେଶ କୁମାର ଲେଙ୍କାଙ୍କ ନେତୃତ୍ୱରେ ନବମ ଓ ଦଶମ ଶ୍ରେଣୀର ୧୩ ଜଣ ଛାତ୍ରୀଛାତ୍ର ଯୋଗଦେଇ ନେତାଜୀଙ୍କ ଦିଲ୍ଲୀ ଚଲୋ ନାରା ଦେବା ସମୟର ଚିତ୍ର ଆଙ୍କିଛନ୍ତି।




## ଛେଦା ପ୍ରାଥମିକ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

**କଣ୍ଟାପଡା, ୨୩।୧ (ସୁରନାରାୟଣ ସାହୁ)**

ଡ୍ୟାଜଲିଂ ୟୁଥ୍ କ୍ଲବ୍ ପକ୍ଷରୁ ସାମ୍ବାଦିକତା ଓ ଆଜିର ଯୁବପିଢ଼ି ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଛେଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀତାର ଜୁନିୟର ବିଭାଗରେ ଭାଗ୍ୟଲକ୍ଷ୍ମୀ ସ୍ୱାଇଁ ପ୍ରଥମ, ପ୍ରତ୍ୟାଷା ରାଉତରାୟ ଦ୍ୱିତୀୟ ଓ ଦିବ୍ୟାଗ୍ନି ରାଉତରାୟ ତୃତୀୟ ହୋଇଥିଲେ। ସେହିପରି ସିନିୟର ବିଭାଗରେ ସୌମ୍ୟରଞ୍ଜନ ରାଉତରାୟ ପ୍ରଥମ, ବିଦୁସ୍ମିତା ରାଉତରାୟ ଦ୍ୱିତୀୟ ଓ ବିଶାଲ ରାଉତରାୟ ତୃତୀୟ ହୋଇଥିଲେ। ବିଶ୍ୱଜିତ୍ ବେହେରା ପ୍ରତିଯୋଗୀତା ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଶରତ ପାଢ଼ୀ ଓ ଛେଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ ବେହେରା ବିଚାରକ ଭାବେ ଯୋଗଦେଇଥିଲେ। ଖବରଦାତା ବିଷ୍ଣୁ ନାୟକ, ପ୍ରକାଶ ନନ୍ଦ, ଆର୍ତ୍ତତ୍ରାଣ ଦାସ, ସନ୍ତୋଷ ପ୍ରଧାନ, ଶୈଳଜା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଝାଡ଼ାବାନ୍ତିରେ ପୁଣି ୩ ଆକ୍ରାନ୍ତ



ବାଉଁଶଟାଙ୍ଗର ଗ୍ରାମର ଏକ କୂଅକୁ ବିଶୋଧନ କରାଯାଉଛି।

**ଖୁଣ୍ଟୁଣୀ, ୨୩।୧ (ସଚ୍ଚିଦାନନ୍ଦ ପଣ୍ଡା)**

- ତତ୍ପରତା ଦେଖାଇଲା ସ୍ୱାସ୍ଥ୍ୟ ବିଭାଗ ଟିମ୍
- ଔଷଧ ବାଣ୍ଟିଲା, ବିଶୋଧନ କଲା

ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ପଞ୍ଚାୟତ ବାଉଁଶଟାଙ୍ଗର ଗ୍ରାମରେ ମଙ୍ଗଳବାର ପୁଣି ୩ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ଗଣେଶ୍ୱର ମୁଦୁଲି, ସୁଧୀର ଭୁଜବଳ ଓ ରାଉତ ବେହେରା। ଚିକିତ୍ସା ପାଇଁ ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ସୋମବାର ମଧ୍ୟ ୮ ଜଣ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଛନ୍ତି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶଙ୍କ ଅନୁରୋଧକ୍ରମେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ଦିଲୀପ କୁମାର ଦାସ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍‌କୁ ଉକ୍ତ ଗ୍ରାମକୁ ପଠାଇଥିଲେ। ପରେ ଟିମ୍‌ର ସଦସ୍ୟମାନେ ଲୋକମାନଙ୍କୁ ଔଷଧ ପ୍ରଦାନ ସହିତ କୂଅ, ପୋଖରୀ, ଗାଡ଼ିଆ ଭଳି ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରିଥିଲେ। ଏଥିସହ ଲୋକମାନଙ୍କୁ ସଚେତନ କରିଥିଲେ।

# ଲଟେରି ମାଧ୍ୟମରେ ହିତାଧିକାରୀ ଚୟନ

**କଟକ, ୨୩।୧ (କାର୍ତ୍ତିକ ସାହୁ)**

## ନରଣପୁରରେ ୩୨୦ ଗୃହ ବଣ୍ଟନ

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ତ୍ରିଶୂଳିଆ ନିକଟ ନରଣପୁରଠାରେ ସ୍ୱଳ୍ପ ଆୟକାରୀବର୍ଗ(ଏଲଆଇଜି)ଙ୍କ ପାଇଁ ନିର୍ମିତ ଗୃହ ସୋମବାର ଆବଣ୍ଟନ କରାଯାଇଛି। ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ଲେସ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବେଦନକାରୀମାନଙ୍କ ଉପସ୍ଥିତିରେ ଲଟେରି ମାଧ୍ୟମରେ ହିତାଧିକାରୀ ଚୟନ କରାଯାଇଥିଲା। ୨୦୬୭ ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ ୧୯୮୦ ଜଣଙ୍କୁ ମନୋନୀତ କରାଯାଇଥିଲା। ବାକି ୮୭ ଜଣ ଲଟେରି ପ୍ରକ୍ରିୟାରୁ ବାଦ୍ ପଡ଼ିଥିଲେ। ୩୨୦ ଗୃହ ମଧ୍ୟରୁ ପ୍ରଥମେ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ଥିବା ୧୬ ଜଣଙ୍କର ନାମ ଲଟେରୀ ମାଧ୍ୟମରେ ଘୋଷଣା କରାଯାଇଥିଲା। ଏଥିସହ ସାଧାରଣ ବର୍ଗର ହିତାଧିକାରୀଙ୍କୁ ମଧ୍ୟ ଗୃହ ବଣ୍ଟନ କରାଯାଇଥିଲା। କୌଣସି କାରଣବଶତଃ ଚୟନ ହୋଇଥିବା ହିତାଧିକାରୀ ଗୃହ ନେବାକୁ ସକ୍ଷମ ନ ହେଲେ ଲଟେରି ମାଧ୍ୟମରେ ଅପେକ୍ଷା ତାଲିକା ପ୍ରସ୍ତୁତ କରାଯାଇ ଭିନ୍ନକ୍ଷମ ବର୍ଗରେ ୮ ଜଣ, ସାଧାରଣବର୍ଗରେ ୧୫୨ ଜଣଙ୍କ ନାମ ତାଲିକାଭୁକ୍ତ କରାଯାଇଛି। ସିଡିଏ ଉପାଧ୍ୟକ୍ଷ ନିଖିଲ ପୱନ କଲ୍ୟାଣଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଡିଏ ସେକ୍ରେଟାରି ସତ୍ୟସାଇ ଦାସ, ବିଷ୍ଣୁପ୍ରସାଦ ସାହୁ, ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ପୂର୍ବ ଶତ୍ରୁତାରୁ ଛୁରି ଭୁସି ହତ୍ୟା କରିଥିଲେ

**କଟକ, ୨୩।୧ (କାର୍ତ୍ତିକ ସାହୁ)**

## ଅଭିଯୁକ୍ତ ଗିରଫ, ଛୁରି ଜବତ

ହତ୍ୟା ଘଟଣାରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ଶ୍ୟାମ ଓରଫ ଶ୍ରୀଧର ପ୍ରଧାନ(୪୬)। ତାଙ୍କ ନିକଟରୁ ଏକ ଧାରୁଆ ଛୁରି ଜବତ କରାଯାଇଛି। କଟକ ସଦର ଥାନା ଅଧୀନ ଇନ୍ଦିରା ଗ୍ରାମରେ ଶ୍ରୀଧର ପ୍ରଧାନ ଓ ତାଙ୍କ ଭିଣୋଇ ସାଧୁ ଓରଫ ପ୍ରମୋଦ ବେହେରା ଏକତ୍ର ରହୁଥିଲେ। ୨୦୨୦ରେ ଶ୍ରୀଧରଙ୍କ ଝିଆରିଙ୍କୁ ଉକ୍ତ ଗ୍ରାମର ରାଜେଶ ସାହୁ ଅପହରଣ କରି ନେଇଥିଲେ। ଏ ନେଇ ପ୍ରମୋଦ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ରାଜେଶଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଆଧାରରେ ରାଜେଶ ଜେଲରୁ ମୁକୁଳିଥିଲେ। ପରେ ପୁଣି ଶ୍ରୀଧରଙ୍କ ଝିଆରୀଙ୍କୁ ଦେଖା କରିବା ପାଇଁ ରାଜେଶ ତାଙ୍କ ଘରକୁ ଯାଉଥିଲେ। ଶ୍ରୀଧରଙ୍କ ପରିବାର ସଦସ୍ୟ ତାଙ୍କୁ ମନା କରିବା ସତ୍ତ୍ୱେ ସେ ମାନି ନ ଥିଲେ। ଏହାକୁ ନେଇ ରାଜେଶ ଓ ଶ୍ରୀଧରଙ୍କ ପରିବାର ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଗତ ୨୧ ତାରିଖରେ ରାଜେଶ ସମ୍ପୃକ୍ତ ନାବାଳିକାଙ୍କୁ ଦେଖା କରିବା ପାଇଁ ଯାଇଥିବାବେଳେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶ୍ରୀଧର ଏକ ଧାରୁଆ ଛୁରି ଆଣି ରାଜେଶଙ୍କ ପେଟରେ ଭୁସି ଦେଇଥିଲେ। ଏହି ସମୟରେ ପ୍ରମୋଦ ଓ ତାଙ୍କ ଝିଅ ସେଠାରେ ଉପସ୍ଥିତ ଥିଲେ। ଗୁରୁତର ଅବସ୍ଥାରେ ରାଜେଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶଙ୍କୁ ଅଭିଯୁକ୍ତ ଜଣଙ୍କ ଛୁରିରେ ହତ୍ୟା କରିଥିବା ନେଇ ତାଙ୍କ ମା' ବନିତା କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୫୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ସଂକ୍ଷେପରେ

### ସଂଗ୍ରହାଳୟରେ ନେତାଜୀ ଜୟନ୍ତୀ

ପୁରୀ,୨୩।୧(ଅଜିତ୍ ମହାନ୍ତି): ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ପୁରୀର ଗୋପାଳ ବଲ୍ଲଭ ରୋଡସ୍ଥିତ ନେତାଜୀ ସଂଗ୍ରହାଳୟରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସଂଗ୍ରହାଳୟରେ ପହଞ୍ଚି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଂଗ୍ରହାଳୟ ବୁଲି ଦେଖିବା ସହ ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଆଇନଜୀବୀ ଶିବପ୍ରସାଦ ମିଶ୍ର, ଡା. ବିପିନା ନନ୍ଦ ମିଶ୍ର, ବରିଷ୍ଠ ପତ୍ରକାର ବିଷ୍ଣୁ ଦତ୍ତ ଦାସ, ଜଗନ୍ନାଥ ଦେବ, ଜ୍ୟୋତି ପ୍ରକାଶ ନାୟକ, ନୀଳକଣ୍ଠ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

### ଭାରତ ମାତାର ଜଣେ ସୁଦକ୍ଷ ସେନାପତି ଥିଲେ ନେତାଜୀ

ସାକ୍ଷୀଗୋପାଳ,୨୩।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର): ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବୁଧବାର ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ, ଧୂପ, ଦୀପ ପ୍ରଦାନ କରି ସ୍ମୃତିଚାରଣ କରିଥିଲେ। ଆୟୋଜିତ ଏକ ସଭାରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରି ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ମାତାର ଜଣେ ସୁଦକ୍ଷ ସେନାପତି ଭାବେ ଦେଶବାସୀଙ୍କ ହୃଦୟରେ ଗଭୀର ପ୍ରଭାବ ପକାଇବାରେ ସାମର୍ଥ୍ୟ ହୋଇପାରିଥିବା କହିଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତି ମିଶ୍ର, ଗୀତାଞ୍ଜଳି ବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ନାୟକ ଧନ୍ୟବାଦ ଦେଇଥିଲେ।

### ରାଜ୍ୟ ବିଦ୍ୟାଳୟସ୍ତରୀୟ ସଫ୍ଟବଲ୍ ପ୍ରତିଯୋଗିତାରେ ଶ୍ରୀୟାଙ୍କ କୃତିତ୍ୱ

ପୁରୀ,୨୩।୧(ଅଜିତ୍ ମହାନ୍ତି): ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ରାଜସ୍ଥାନର ବିକାନାରଠାରେ ସଫ୍ଟ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ସତ୍ୟଭାମା ଇଂରାଜୀ ମିଡିୟମ ସ୍କୁଲ୍‌ରେ ଅଧ୍ୟୟନରତ ୬ଷ୍ଠ ଶ୍ରେଣୀର ଛାତ୍ରୀ ଶ୍ରୀୟା ବାହିନୀପତି ଅଂଶଗ୍ରହଣ କରି ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଏହା ବିଦ୍ୟାଳୟ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଶ୍ରୀୟାଙ୍କ ଏହି କୃତି ପାଇଁ ସ୍କୁଲ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

### ଗୋବିନ୍ଦ ଗୋଧାମ ଗୋଶାଳାରେ ଶ୍ରୀରାମଚନ୍ଦ୍ର ପୂଜନ

ପୁରୀ,୨୩।୧(ଅଜିତ୍ ମହାନ୍ତି): କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଟ୍ରଷ୍ଟ, ଶ୍ରୀରାମ ସୁନ୍ଦର କାଣ୍ଡ ଓ ଓଡ଼ିଶା ସୁରକ୍ଷା ସେନାର ମିଳିତ ଆନୁକୂଲ୍ୟରେ ଅଯୋଧ୍ୟାରେ ଶ୍ରୀରାମ ଲାଲାଙ୍କ ମନ୍ଦିର ପ୍ରତିଷ୍ଠା ସମାରୋହ ଅବସରରେ ଆଜି ପଡ଼ାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାଠାରେ ଶ୍ରୀରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା, ଯଜ୍ଞ, ସୁନ୍ଦରାକାଣ୍ଡ ସହ ସାଂସ୍କୃତିକ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଧାମ ଜୋତିଃ ବାସ୍ତୁ ଗବେଷଣା ପ୍ରତିଷ୍ଠାନ ତରଫରୁ 'ଅମୃତଜ୍ୟୋତି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଶୀର୍ଷକ ଆଲୋଚନା ଚକ୍ରରେ ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଯୋଶୀ, କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଟ୍ରଷ୍ଟର ସଭାପତି ବଳରାମ ଦାଶ ଓ ସମ୍ପାଦକ ପଣ୍ଡିତ ଦୟାନିଧି ପଣ୍ଡା, ସୁନ୍ଦରକାଣ୍ଡ ଚାରିଟ୍ରେଲ ଟ୍ରଷ୍ଟର ମୁଖ୍ୟ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ଜୟ ପ୍ରକାଶ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ପଣ୍ଡା, ରାମଚନ୍ଦ୍ର ପଣ୍ଡା, ଭାବା ସାହୁ, ବଳରାମ ମିଶ୍ର, ଚନ୍ଦ୍ରକାନ୍ତ ମିଶ୍ର, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା କର, ସୌମ୍ୟାଶ୍ରୀ ଦାଶ ଓ ସବିତା ମିଶ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଶାସ୍ତ୍ରୀୟତା ଭିତ୍ତିରେ ଓଡ଼ିଆ ଭାଷା ସମୃଦ୍ଧ

### ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ସାକ୍ଷୀଗୋପାଳ,୨୩।୧୨ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)



ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ସହ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ।

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ, ସତ୍ୟବାଦୀର ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୨ ଦିନିଆ ନାଟକ, ପାଠଚକ୍ର ଓ କବିତାପାଠ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଆଲୋଚନାର ବିଷୟବସ୍ତୁ ଥିଲା 'ଓଡ଼ିଆ ଭାଷା ଚର୍ଚ୍ଚା'। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ କାର୍ଯ୍ୟକ୍ରମ ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଅନନ୍ତ କିଶୋର ଜେନା ପରିଚାଳନା କରିଥିଲେ। ଏଥିରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗବେଷକମାନେ ଯୋଗ ଦେବା ସହିତ ନିଜ ନିଜର ପ୍ରବନ୍ଧ ଆଲୋଚନା ଉପସ୍ଥାପନ କରିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ଦାଶ ସାରଳା ମହାଭାରତରେ ବ୍ୟବହୃତ ହୋଇଥିବା ଭାଷାର ଏବଂ ଶବ୍ଦର ସୌନ୍ଦର୍ଯ୍ୟ ଏବଂ ବିଶେଷତ୍ୱ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ପ୍ରଫେସର ବସନ୍ତ ପଣ୍ଡା ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଭିତ୍ତିରେ ଆମ ଭାଷା କେତେ ସମୃଦ୍ଧ ତାହା ଦର୍ଶାଇଥିଲେ। ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତି ନିମନ୍ତେ ଯେଉଁ ନଥି ପ୍ରସ୍ତୁତ ହୋଇଥିଲା, ତା'ର ଏକ ବିବରଣୀ ପ୍ରଦାନ କରିଥିଲେ। ପ୍ରଫେସର ସନ୍ତୋଷ ରଥ ଓଡ଼ିଆ ଭାଷା ଚର୍ଚ୍ଚା ଏବଂ ଔପଭାଷିକତା ପ୍ରସଙ୍ଗରେ କହିଥିଲେ। ପ୍ରଫେସର ହରପ୍ରସାଦ ମିଶ୍ର ଓଡ଼ିଆ ଭାଷାର ବ୍ୟାକରଣ, ସ୍ୱରବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ, ମାତ୍ରା, ଫଳା ଇତ୍ୟାଦି ଉପରେ ନିଜର ଏକ ଗବେଷକୀୟ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର ଯୋଗଦେଇ କମ୍ପ୍ୟୁଟର ଯୁଗରେ ଓଡ଼ିଆ ଭାଷାର ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ନୂତନ କାର୍ଯ୍ୟ ହେଉ ବୋଲି ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିଥିଲେ। ଅତିଥିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳପତି ପ୍ରଫେସର ପ୍ରଧାନ ଅଭିଭାଷଣରେ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରଫେସର ସଙ୍ଗୀତା ଜେନା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ଥିଲା 'ସଂକଳ୍ପ', ଯାହାର ପ୍ରସଙ୍ଗ ଥିଲା 'ଆମ ଛାତ୍ରଛାତ୍ରୀ ଆମ ଓଡ଼ିଆ ଭାଷା'। ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ ଯୋଗଦେଇଥିଲେ। ଅଧିବେଶନରେ ବିଶ୍ୱବିଦ୍ୟାଳୟର ୬ଜଣ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଅଧୁନା ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରୟୋଗରେ ଯେଉଁ ସମସ୍ୟା ରହିଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଭାଷାର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଛାତ୍ରୀଛାତ୍ର ଆଲୋଚନା ତଥା ନିଜନିଜ ଭିତରେ ପ୍ରଶ୍ନୋତ୍ତର ଛଳରେ ଗୋଟିଏ ସୁନ୍ଦର ଭବିଷ୍ୟତର ଭିତ୍ତି ନିମନ୍ତେ ସଂକଳ୍ପ ନେଇଥିଲେ। ପ୍ରଫେସର ସଙ୍ଗୀତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ନାୟକ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଫେସର ରାଧାଗୋବିନ୍ଦ କୁଇଲା ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।

## ଡ୍ରେନ୍ ସଫା ନେଇ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୩।୧(ଅଜିତ୍ ମହାନ୍ତି): ସହରର ମୁଖ୍ୟ ଡ୍ରେନ୍‌ରୁ ଅଳିଆ ଆବର୍ଜନା ସଫା କରି ସହରବାସୀ ଏବଂ ତୀର୍ଥଯାତ୍ରୀଙ୍କୁ ମଶା ଏବଂ ଉତ୍କଟ ଦୁର୍ଗନ୍ଧରୁ ସୁରକ୍ଷା ପ୍ରଦାନ କରାଯାଉ। ଏଭଳି ଏକ ଦାବିପତ୍ର ସନାତନ ସେବା ପ୍ରତିଷ୍ଠାନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ସହରର ମୁଖ୍ୟ ଡ୍ରେନେଜ୍‌କୁ ପ୍ରାୟତଃ ରଥଯାତ୍ରା ସମୟରେ ସଫା କରାଯାଏ। ପରେ ଉକ୍ତ ଡ୍ରେନ୍ ଆଡ଼କୁ କୌଣସି ସରକାରୀ ଅଧିକାରୀଙ୍କ ନଜର ପଡ଼େନାହିଁ। ସମସ୍ତେ ସେହି ରଥଯାତ୍ରା ସମୟକୁ ଅପେକ୍ଷା କରି ରହିଥାନ୍ତି। ବର୍ତ୍ତମାନ ପୁରୀ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାସ୍ଥଳେ ସହରର ମୁଖ୍ୟ ଡ୍ରେନ୍‌ରେ ଅଳିଆ ଆବର୍ଜନା ଜମା ହୋଇ ରହିଥିବାରୁ ସହରରେ ମଶାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିଚାଲିଛି। ଏ ବାବଦରେ ସରକାରୀ ଦପ୍ତରରେ ବାରମ୍ବାର ଦାବି କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଧର୍ମଶାଳା, ଲଜ୍, ଯାତ୍ରୀ ନିବାସ ଏବଂ ବ୍ୟବସାୟିକ ପ୍ରତିଷ୍ଠାନର ସ୍ୱରେଜ ଲାଇନ୍‌ଗୁଡ଼ିକ ସହରର ମୁଖ୍ୟ ଡ୍ରେନେଜ୍ ସହିତ ସଂଯୋଗ ହୋଇଥିବାରୁ ସେମାନେ ଭିଡ଼ ସମୟରେ ସ୍ୱରେଜ ଲାଇନ ଖୋଲି ଦେଉଛନ୍ତି। ଫଳରେ ସହରରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଜନ ଅସନ୍ତୋଷ ଦେଖାଦେଉଛି। ତେଣୁ ସମସ୍ୟାକୁ ଦୃଷ୍ଟିରେ ରଖି ସମାଧାନ କରାଯାଉ ବୋଲି ପ୍ରତିଷ୍ଠାନ ପକ୍ଷରୁ ଦାବି ହୋଇଛି।

## ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଶିଶୁମାନେ।

ପିପିଲି,୨୩।୧(ପ୍ରଭାତ ମହାପାତ୍ର): ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପିପିଲି ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ପିପିଲି ହସନପୁର ଗ୍ରାମରେ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପିପିଲି ସଂଗଠନ ସଭାପତି ପ୍ରଭାତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଂଗଠନ ମିଡିଆ ଆବାହକ ଖବରଦାତା ମନୋରଞ୍ଜନ ମହାପାତ୍ର ଓ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ସାହୁ ଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇ ଅତିଥିମାନେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉକ୍ତ ଗ୍ରାମ ଓ ନିକଟସ୍ଥ ଅଠରଭାଗ ବସ୍ତିରେ ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା।

## ତିନିଦିନିଆ ଜାତୀୟ ନୃତ୍ୟୋତ୍ସବ ଉଦ୍‌ଯାପିତ



ରୂପା ଆଣ୍ଡ ଗ୍ରୁପ ପକ୍ଷରୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପୁରୀ,୨୩।୧(ଅଜିତ୍ ମହାନ୍ତି): ଗୁରୁ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ୩ଦିନିଆ ଜାତୀୟ ନୃତ୍ୟୋତ୍ସବ ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ଓଡ଼ିଶୀ ଛନ୍ଦରେ ମର୍ଯ୍ୟାଦା ପୁରୁଷୋତ୍ତମ ନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ ରୂପା ଆଣ୍ଡ ଗ୍ରୁପ ପ୍ରାୟୋଜିତ ତିନିଦିନିଆ ଜାତୀୟ ନୃତୋତ୍ସବ -୨୦୨୪ର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଓଡ଼ିଶା ମୋ ପରିବାରର ପ୍ରମୁଖ ଶୁଭାଶିଷ ଖୁଣ୍ଟିଆ, ନାଟ୍ୟକାର ବଦ୍ରି ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୁରୀରେ ଜାତୀୟ ନୃତ୍ୟୋତ୍ସବର ସଫଳତା ବିଶେଷକରି ରାମକଥାକୁ ନେଇ ନୃତ୍ୟାଞ୍ଜଳି, ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛି ବୋଲି ମତବ୍ୟକ୍ତ କରିଥିଲେ। ରାମକୃଷ୍ଣ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ଓ ରାଜ୍ୟବାହାରୁ ନୃତ୍ୟଦଳ ଯୋଗ ଦେଇଥିଲେ।

## ଶୃଙ୍ଖଳା ଭଲ ମଣିଷ ହେବାର ମୁଖ୍ୟ ମାନଦଣ୍ଡ

ଡେଲାଙ୍ଗ,୨୩।୧(ରଶ୍ମୀରଞ୍ଜନ ପ୍ରଧାନ): ପୁରୀ ଜିଲାସ୍ତରୀୟ ୨୭ତମ ୩ ଦିନିଆ ଜୁନିୟର ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଡେଲାଙ୍ଗ ବ୍ଲକର ଧାନକେରା କପିଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜିଲା ସହଶିକ୍ଷାଧିକାରୀ ମମତା ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲା ପରିଷଦ ପ୍ରସନ୍ନ ସାହୁ, ସମବାୟବିତ୍ ବୈରାଗୀ ଜେନା, ଆମ୍ବା ଅଧ୍ୟକ୍ଷା ମୀନତୀ ସେନାପତି, ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ୍, ଶାରିରୀକ ଶିକ୍ଷା ନିରୀକ୍ଷକ ତଥା ଜିଲା ଜୁନିୟର ରେଡକ୍ରସର ସମ୍ପାଦକ ମହେନ୍ଦ୍ର ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଜୀବନରେ ଶୃଙ୍ଖଳା ହେଉଛି ଭଲ ମଣିଷ ହେବାର ମୁଖ୍ୟ ମାନଦଣ୍ଡ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ରାଧାକାନ୍ତ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ନଟବର ସେଠୀଙ୍କ ତତ୍ତ୍ୱାବଧାନତାରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ମାନବିକତା, ବିଶ୍ୱବ୍ୟାପକତା, ନିରପେକ୍ଷତା, ସମଦର୍ଶିତା, ସ୍ୱେଚ୍ଛାକୃତ ସେବା, ସ୍ୱାଧୀନତା, ଏକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଜିଲାର ୯୫ ବିଦ୍ୟାଳୟର ୩୫୦ରୁ ଊର୍ଦ୍ଧ୍ୱ ଜୁନିୟର ରେଡକ୍ରସ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ପୂର୍ବ ଶତ୍ରୁତାରୁ ଛୁରି ଭୁସି ହତ୍ୟା କରିଥିଲେ

### ଅଭିଯୁକ୍ତ ଗିରଫ, ଛୁରି ଜବତ

କଟକ,୨୩।୧ (କାର୍ତ୍ତିକ ସାହୁ) ହତ୍ୟା ଘଟଣାରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ଶ୍ୟାମ ଓରଫ ଶ୍ରୀଧର ପ୍ରଧାନ(୪୬)। ତାଙ୍କ ନିକଟରୁ ଏକ ଧାରୁଆ ଛୁରି ଜବତ କରାଯାଇଛି। କଟକ ସଦର ଥାନା ଅଧୀନ ଇନ୍ଦିରା ଗ୍ରାମରେ ଶ୍ରୀଧର ପ୍ରଧାନ ଓ ତାଙ୍କ ଭିଣୋଇ ସାଧୁ ଓରଫ ପ୍ରମୋଦ ବେହେରା ଏକତ୍ର ରହୁଥିଲେ। ୨୦୨୦ରେ ଶ୍ରୀଧରଙ୍କ ଝିଆରିଙ୍କୁ ଉକ୍ତ ଗ୍ରାମର ରାଜେଶ ସାହୁ ଅପହରଣ କରି ନେଇଥିଲେ। ଏ ନେଇ ପ୍ରମୋଦ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ରାଜେଶଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଆଧାରରେ ରାଜେଶ ଜେଲରୁ ମୁକୁଳିଥିଲେ। ପରେ ପୁଣି ଶ୍ରୀଧରଙ୍କ ଝିଆରୀଙ୍କୁ ଦେଖା କରିବା ପାଇଁ ରାଜେଶ ତାଙ୍କ ଘରକୁ ଯାଉଥିଲେ। ଶ୍ରୀଧରଙ୍କ ପରିବାର ସଦସ୍ୟ ତାଙ୍କୁ ମନା କରିବା ସତ୍ତ୍ୱେ ସେ ମାନି ନ ଥିଲେ। ଏହାକୁ ନେଇ ରାଜେଶ ଓ ଶ୍ରୀଧରଙ୍କ ପରିବାର ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ଗତ ୨୧ ତାରିଖରେ ରାଜେଶ ସମ୍ପୃକ୍ତ ନାବାଳିକାଙ୍କୁ ଦେଖା କରିବା ପାଇଁ ଯାଇଥିବାବେଳେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶ୍ରୀଧର ଏକ ଧାରୁଆ ଛୁରି ଆଣି ରାଜେଶଙ୍କ ପେଟରେ ଭୁସି ଦେଇଥିଲେ। ଏହି ସମୟରେ ପ୍ରମୋଦ ଓ ତାଙ୍କ ଝିଅ ସେଠାରେ ଉପସ୍ଥିତ ଥିଲେ। ଗୁରୁତର ଅବସ୍ଥାରେ ରାଜେଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶଙ୍କୁ ଅଭିଯୁକ୍ତ ଜଣଙ୍କ ଛୁରିରେ ହତ୍ୟା କରିଥିବା ନେଇ ତାଙ୍କ ମା' ବନିତା କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୫୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଯୁବ କଂଗ୍ରେସର ବିରୋଧ

ପୁରୀ,୨୩।୧(ଅଜିତ୍ ମହାନ୍ତି): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନରେ ପୁରୀଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗରେ ପଦକ୍ଷିଣ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ବିରୋଧ କରିଛି ଯୁବ କଂଗ୍ରେସ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଯୁବ କଂଗ୍ରେସ ପକ୍ଷରୁ କଳାପତାକା ଦେଖାଯାଇ ବିରୋଧ କରାଯାଇଥିବାବେଳେ ପୋଲିସ କଂଗ୍ରେସ କର୍ମୀଙ୍କୁ ଅଟକ ରଖିଛି। ପୋଲିସ ବିରୋଧ କରିବା ଅଭିଯୋଗରେ ଯୁବ କଂଗ୍ରେସର ଜିଲା ସଭାପତି ଆଲୋକ କୁମାର ଦାଶଙ୍କ ସହ ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଯୁବ କଂଗ୍ରେସ କର୍ମୀ ସାହିଲ ମହାନ୍ତିଙ୍କ ସମେତ ଶତାଧିକ ଯୁବକର୍ମୀଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇ ନେଇ ଅଟକ ରଖିଥିଲା। ଯୁବ କଂଗ୍ରେସର ଅଭିଯୋଗ ଅନୁଯାୟୀ ବିଜେଡିର ଜଗନ୍ନାଥଙ୍କ ପ୍ରତି ଅସମ୍ମାନ ଓ ପୁରୀ ଯୁବକମାନଙ୍କ ମାରଣନୀତି ସହ ପୁରୀର ଜନସାଧାରଣଙ୍କୁ ପ୍ରଶାସନ ଦୁର୍ବ୍ୟବହାର କରିଛି। ପୁରୀର ଭୂ-ସମ୍ପତ୍ତି ମାଲିକାନା ସ୍ୱତ୍ୱ ନବୀନ ସରକାର ପ୍ରଦାନ କରିପାରୁ ନ ଥିବାବେଳେ ଅନେକ ସରକାରୀ ଯୋଜନା କେବଳ କୋଟି କୋଟି ଟଙ୍କାର ପ୍ରସାରଣ ପ୍ରଚାରରେ ଲାଗୁଛି। ସ୍କୁଲ ଓ କଲେଜରେ ଶିକ୍ଷକ ଓ ଅଧ୍ୟାପକ ନ ଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ରର ଘର ନାହିଁ। ବିକାଶ ନାମରେ ଡିଣ୍ଡିମ ପିଟୁଥିବା ନବୀନ ସରକାରର ପୁରୀରେ କୋଟି କୋଟି ଦୁର୍ନୀତି ଭିତରେ ସ୍ୱେରେଜ ଦୁର୍ନୀତିରେ ଆଜି ପର୍ଯ୍ୟନ୍ତ କୋଟି କୋଟି ଖର୍ଚ୍ଚ ହୋଇଥିଲେ ବି କାର୍ଯ୍ୟକାରୀ ହୋଇପାରୁନି ବୋଲି ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି।

## ବିଭିନ୍ନ ଅନୁଷ୍ଠାନରେ ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ପୁରୀ,୨୩।୧(ଅଜିତ୍ ମହାନ୍ତି): ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ସୁରେନ୍ଦ୍ର ରାୟଙ୍କ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ମଧୁବାନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨ ବୀର ପୁରୁଷଙ୍କ ଜୟନ୍ତୀ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରମେଶଚନ୍ଦ୍ର ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ ୨ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ଉପରେ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂର୍ବ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀନବନ୍ଧୁ ତ୍ରିପାଠୀ ଓ ବିଦ୍ୟାଳୟ ଉପ ସଭାପତି ସ୍ୱର୍ଣ୍ଣଲତା ଦାଶ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ୨ ବୀରପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଗିନାରୀବନ୍ତ ଅଦ୍ୱୈତ ବ୍ରହ୍ମ ଆଶ୍ରମଠାରେ ପୂର୍ବଛାତ୍ର ସଂଗଠନ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପର୍ଯ୍ୟାୟରେ ୮୭ ପ୍ରତିଯୋଗୀ ଏଥିରେ ଭାଗ ନେଇ ନେତାଜୀ, ବିପ୍ଳବୀ ଚନ୍ଦନ ହଜୁରୀ, ଶହୀଦ ଜୟୀ ରାଜଗୁରୁ, ଛତ୍ରପତି ଶିବାଜୀ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବୀରତ୍ୱ, ଦେଶପ୍ରେମ ସମ୍ପର୍କରେ ସରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ମଙ୍ଗଳାଘାଟ ସ୍ଥିତ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟଠାରେ ଏକ ସଭା ଆୟୋଜିତ ହୋଇଯାଇଛି। ସଭାରେ ସଂଘ ସଦସ୍ୟା ସଦସ୍ୟ ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଯୁବ ସମାଜକୁ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ।

## ଭିଆଇପି ରୋଡ଼କୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରୋଡ଼ କରାଯାଉ

ପୁରୀ,୨୩।୧(ଅଜିତ୍ ମହାନ୍ତି):



ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ପୁରୀ ଦୁର୍ଗ ବାଡି ସମିତି, ଦି ବେଲ୍ ୟୁଥ୍ ଫୋରମ୍, ମାଖନ ଲାଲ ହାଲଦାର ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ବୋଷ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ପୁରୀ ଭିଆଇପି ରୋଡସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସ୍କୁଲ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସାମାଜିକ କର୍ମୀ ରାଷ୍ଟ୍ର ପାଇଁ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ରାଲିରେ ପୁରୀର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାକୁ ନଗର ପରିକ୍ରମା କରିବା ପରେ ଦୁର୍ଗାବାଡିଠାରେ ଏହି ପଦ ଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ ସହିତ ରାଷ୍ଟ୍ର ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରିଟାୟାର୍ଡ କଲୋନେଲ ସୁଧୀର ପାତ୍ର ଓ ତାଙ୍କ ସ୍ତ୍ରୀ ସୁନିତା ପାତ୍ର ଯୋଗଦେଇଥିଲେ। ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବକ ଦେଶ ସେବାରେ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟ ଅତିଥି କହିଥିଲେ। ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ପୁରୀ ଭିଆଇପି ରୋଡକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରୋଡ, ପୁରୀ ସାରଦା ଦେବୀ ରୋଡସ୍ଥିତ ନେତାଜୀଙ୍କ ସଂଗ୍ରହାଳୟକୁ ଜାତୀୟ ସ୍ମାରକୀ ରୂପେ ଘୋଷଣା କରିବା ସହ ଓଡ଼ିଶାର ସମସ୍ତ ଜିଲାରେ ନେତାଜୀ ଜୟନ୍ତୀକୁ ସରକାରୀସ୍ତରରେ ପାଳନ କରିବାକୁ ଦି ବେଲ୍ ଅଧକ୍ଷ ସିଦ୍ଧାର୍ଥ ରାୟ ଦାବି କରିଛନ୍ତି। ଅନ୍ୟତମ ଅତିଥି ଭାବେ ଜିଲା ଲୋକୋ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ଏବଂ ଏହା ଉପରେ ପ୍ରଶାସନିକସ୍ତରରେ ବିଚାର କରାଯିବ ବୋଲି କହିଥିଲେ। ଦୁର୍ଗାବାଡି ସମିତି ସାଧାରଣ ସମ୍ପାଦକ ସୁଦୀପ ଚାଟାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। ମାଖନଲାଲ ସ୍ମୃତି ସମିତି ସଭାପତି ଅନାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ପଦଯାତ୍ରାରେ ସାମିଲ ହୋଇଥିବା ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ର, ସାମନ୍ତ ଚନ୍ଦ୍ର ଶେଖର କଲେଜ ଛାତ୍ରୀଛାତ୍ର, ପୁରୀ ଓମେନ୍ସ କ୍ରିକେଟ କ୍ଲବ, ପୁରୀ ଜିଲା ପୁରୁଷ ଓ ମହିଳା ବେସ ବଲ୍ ୟୁନିଟ୍, ସ୍ୱାମୀ ବିବେକାନନ୍ଦ ଯୁବଶକ୍ତି ସଂଗଠନ ଓ ବର୍ତ୍ତିକା ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଦି ବେଲ ୟୁଥ୍ ଓ ଓମେନସ କ୍ଲବ ଓ ଦୁର୍ଗାବାଡି ସମିତି କର୍ମକର୍ତ୍ତା ପରିଚାଳନା କରିଥିଲେ।

# ମାଟି ଅତଡ଼ା ଧସି ୨ ଶ୍ରମିକ ମୃତ



ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଯୋଡ଼ା,୨୩।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କମାରଯୋଡ଼ାଠାରେ ଓଭରବ୍ରିଜ୍ ଆପ୍ରୋଚ ରୋଡ୍‌ର ମାଟିଖୋଳା କାର୍ଯ୍ୟ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଅତଡ଼ା ଧସି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତ ଶ୍ରମିକ ଦ୍ୱୟ ହେଲେ କଳାପାହାଡ଼ ତଲକହିଁରର ଅର୍ଜୁନ ଲୋହାର ଓ ଚରଣ ଲୋହାର। ଆହତ ଶ୍ରମିକ ମୁକେଶ ସର୍ଦ୍ଦାରଙ୍କୁ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ତାରିଣୀ ଛକଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ କମାରଯୋଡ଼ାଠାରେ ରାଜ୍ୟ ରାଜପଥ ନଂ. ୨ ଓଭରବ୍ରିଜ ଆପ୍ରୋଚ୍ ରୋଡ୍‌ରେ ମାଟି ଖୋଳା କାର୍ଯ୍ୟ ଚାଲୁଥିଲା। ଏହି ସମୟରେ ମାଟି ଅତଡ଼ା ଧସି ଠିକାସଂସ୍ଥାର ଏକାଧିକ ଶ୍ରମିକ ପୋତି ହୋଇଯାଇଥିଲେ। ଖବର ପାଇ ଯୋଡ଼ା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ

■ ଯୋଡ଼ା ଓଭରବ୍ରିଜ୍ ଆପ୍ରୋଚ ରୋଡ୍ କାମ ଚାଲିଥିଲା
■ ମୃତକଙ୍କ ମଧ୍ୟରେ ଜଣେ ନାବାଳକ

କରିଥିଲେ। ଜେସିବି ଓ ଏକ୍ସାଭେଟରର ଯୋଗେ ମାଟି ଭିତରେ ପୋତି ହୋଇ ରହିଥିବା ଶ୍ରମିକଙ୍କୁ ଦୀର୍ଘ ସମୟ ପରେ ଉଦ୍ଧାର କରି ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଚରଣଙ୍କ ବୟସ ୧୭ ବୋଲି ତାଙ୍କ ବାପା ରାଜେଶ ଲୋହାର ଗଣମାଧ୍ୟମ ଆଗରେ କହିଛନ୍ତି। ଏ ନେଇ ଠିକାସଂସ୍ଥା ଚେଭରୋକ୍ସର ମାନବ ସମ୍ବଳ ଅଧିକାରୀ ଭାଗୀରଥି ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କୌଣସି ସୂଚନା ଦେଇନାହାନ୍ତି। ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ଘଟଣାର ନିରପେକ୍ଷ ତଦନ୍ତ କରି ରିପୋର୍ଟ ଦେବାକୁ ଚମ୍ପୁଆ ଉପଜିଲାପାଳ, ବଡ଼ବିଲ ତହସିଲଦାରଙ୍କୁ କହିଛନ୍ତି। କାର୍ଯ୍ୟରେ ଖିଲାପ ହୋଇଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ପରେ ଉତ୍ତେଜନା ଦେଖାଦେଇଥିବା ବେଳେ ତାହା ନିୟନ୍ତ୍ରଣାଧୀନ ରହିଛି। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା। ଅଧିକ ତଦନ୍ତ ଜାରି ରହିଥିବା ଯୋଡ଼ା ପୋଲିସ ସୂଚନା ଦେଇଛି। ଯୋଡ଼ା ପୌର ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ପାତ୍ର ମୃତ ଓ ଆହତଙ୍କ ପରିବାର ଲୋକଙ୍କୁ ଭେଟିଥିବା ବେଳେ ସରକାରୀ ଯୋଜନା ଅନୁଯାୟୀ ସହାୟତା ଯୋଗାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଫ୍ଲାଏଓଭର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ରାସ୍ତା ପାର୍ଶ୍ୱରେ ଡ୍ରେନ୍ କାର୍ଯ୍ୟ ପାଇଁ ମାଟି ଖୋଳା ହେଉଛି। ମାତ୍ର କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ସେହିପରି ବିଭିନ୍ନ କମ୍ପାନୀର ସ୍ଲରି ପାଇପ ଲାଇନ୍ କାର୍ଯ୍ୟ ପାଇଁ ବାରମ୍ବାର ସମାନ ସ୍ଥାନରେ ଖୋଳା, ପୋତା ହେଉଛି। ଫଳରେ ମୃତ୍ତିକା ଅବକ୍ଷୟ ହୋଇ ଅଳ୍ପ ବର୍ଷା ହେଲେ ସନ୍ତସନ୍ତିଆ ହୋଇ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଭବାନୀପାଟଣା ମେଡିକାଲ କଲେଜରେ ଅଗ୍ନିକାଣ୍ଡ

## ପ୍ରସୂତି, ଶିଶୁଙ୍କୁ ସ୍ଥାନାନ୍ତର କରାଗଲା





ନିଆଁ ଲାଗିବା ପରେ ବାହାରକୁ ଚାଲିଆସିଛନ୍ତି ରୋଗୀ ଓ ସମ୍ପର୍କୀୟ (ବାମ)। ଜିଲାପାଳ ଓ ଏସ୍‌ପି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଭବାନୀପାଟଣା,୨୩।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଶହୀଦ ରେଣ୍ଡୋ ମାଝି ସରକାରୀ ମେଡିକାଲ କଲେଜ ଟିଚିଂ ହସ୍ପିଟାଲ ତଥା ସଦର ମୁଖ୍ୟ ଡାକ୍ତରଖାନାର ପ୍ରସୂତି ଓ ଶିଶୁ ବିଭାଗ (ଏମ୍‌ସିଏଚ୍) କୋଠାର ଚତୁର୍ଥ ମହଲାରେ ସୋମବାର ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗିଯାଇଥିଲା। ସେଠାରେ ଥିବା ପ୍ରସୂତି ମହିଳା ଓ ଶିଶୁମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ଏପରିକି ସେମାନଙ୍କ ସମ୍ପର୍କୀୟମାନେ ମଧ୍ୟ ଇତସ୍ତତଃ ହୋଇ ଦୌଡିବାକୁ ଆରମ୍ଭ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ରୋଗୀମାନଙ୍କୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିଥିଲା। ସମସ୍ତ ପ୍ରସୂତିଙ୍କୁ ସୁରକ୍ଷିତ ଅବସ୍ଥାରେ ବାହାରକୁ ଅଣାଯାଇଥିବାବେଳେ ଶିଶୁମାନଙ୍କୁ ତଳ ମହଲା (ଗ୍ରାଉଣ୍ଡ ଫ୍ଲୋର)ରେ ରଖାଯାଇଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା। କିଛି ଘଣ୍ଟାର ସଂଘର୍ଷ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ବିଳମ୍ବିତ ରାତିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜି. ଘଟଣାସ୍ଥଳକୁ ଆସି ସ୍ଥିତିର ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ସମସ୍ତ ପ୍ରସୂତି ଓ ଶିଶୁ ସୁରକ୍ଷିତ ଥିବା ଜଣାପଡିଛି। ଶର୍ଟ୍‌ସର୍କିଟ ଯୋଗୁ ଏପରି ହୋଇଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ କୁମାର ମିତ୍ର ସୂଚନା ଦେଇଛନ୍ତି।

# ଓଡ଼ିଶାରେ ହେବ ବିଶ୍ୱର ପ୍ରଥମ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ

ଭୁବନେଶ୍ୱର,୨୩।୧(ଅସମାପିକା ସାହୁ)

ମେକ୍ ଇନ୍ ଓଡ଼ିଶାକୁ ମିଳିଛି ବଡ଼ ସଫଳତା। ଓଡ଼ିଶାରେ ବିଶ୍ୱର ପ୍ରଥମ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ହେବ। ଗଞ୍ଜାମ ଜିଲା ଗୋପାଳପୁରରେ ଏହି ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏଥିପାଇଁ ୩୪୦ ଏକର ଜାଗା ଆବଣ୍ଟନ କରାଯାଇଛି। ଏସ୍‌ଇଏମ୍‌ଇ ଗ୍ରୁପ୍ ଜାପାନର ଆଇଏଚ୍‌ଆଇ ସହ ମିଶି ଏହି ପ୍ରକଳ୍ପରେ କାମ କରିବ। ଏଥିପାଇଁ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ହେଲେ ୩,୭୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଜାପାନର ଏକ ଟିମ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ପ୍ରକଳ୍ପ ବିଷୟରେ ସୂଚନା ଦେଇଛନ୍ତି। ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ହେଲେ ରାଜ୍ୟକୁ କିପରି ଫାଇଦା ମିଳିବ ସେ ବିଷୟରେ ମଧ୍ୟ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ସଫଳ ହେବା ନେଇ ଆଶା କରିବା ସହ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ୍ସ'ରେ ସୂଚନା ଦିଆଯାଇଛି।

ଧରିତ୍ରୀ DHARITRI Oriya daily

## ଆବଶ୍ୟକ କରୁଛି

**ସହସମ୍ପାଦକ**
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

**ଲେଆଉଟ୍ ଡିଜାଇନର**
- ଛପା ଗଣମାଧ୍ୟମରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ।
- InDesign, Photoshop, CorelDRAWରେ ଦକ୍ଷତା ରହିଥିବା ଜରୁରୀ ।

Apply immediately to : recruitment@dharitri.com

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

# ୨ ୬ରୁ ଶୁଖିଲା ପାଗ

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହ କୁହୁଡିର ଆସ୍ତରଣ ଦେଖିବାକୁ ମିଳୁଛି। ମଙ୍ଗଳବାର ଉତ୍ତର ଓଡ଼ିଶାରେ ହାଲୁକା ବର୍ଷା ହୋଇଥିବାବେଳେ ସାରା ରାଜ୍ୟରେ ପାଗ କୋହଲା ରହିଛି। ବୁଧବାର ଉତ୍ତରଓଡ଼ିଶା ସମେତ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ସାମାନ୍ୟ ବର୍ଷା ହୋଇପାରେ। ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ୨୫ ତାରିଖରେ ଉପକୂଳବର୍ତ୍ତୀ ଜିଲା ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୬ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ ଅପରାହ୍ନଠାରୁ ପାଗ ପ୍ରାୟ ଶୁଖିଲା ରହିବ।

## ହାତୀ ଆକ୍ରମଣରେ ଜଣେ ମୃତ

ଭାପୁର,୨୩।୧(ରାଜକୁମାର ପ୍ରଧାନ)

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ କୋଟବେରେଣାର ନାକଫୋଡି ଦେହୁରୀ (୬୦) ମଙ୍ଗଳବାର ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ନାକଫୋଡି ଛେଳି ଚରାଇବା ପାଇଁ କିଆପତନି ରାସ୍ତାରେ ଯାଉଥିବା ସମୟରେ ଏକ ଦନ୍ତାହାତୀ ହାବୁଡରେ ପଡ଼ିଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟ ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

DADLS-88



ଓଡ଼ିଶା ସରକାର

## ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

ତା.୨୪.୦୧.୨୦୨୪

ସକାଳ ୮ ଘଟିକା ସମୟରେ ମ୍ୟୁଜିୟମ୍ ଛକ, ଭୁବନେଶ୍ୱରସ୍ଥିତ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଡ. ଲେନିନ୍ ମହାନ୍ତି, ଅଧ୍ୟକ୍ଷ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମ
ସମ୍ମାନନୀୟ ଅତିଥି – କସ୍ତୁରୀ ମହାପାତ୍ର, ସମ୍ପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
– ଡ.ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସାହିତ୍ୟିକ ଏବଂ ସଂସ୍କୃତି ଗବେଷକ
ମୁଖ୍ୟବକ୍ତା – ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଐତିହାସିକ ତଥା ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0280/2324

# ଚାଲାଣ ବେଳେ ଚଢ଼ାଉ

## ୮୨ ଶୁଆ ଶାବକ ଉଦ୍ଧାର, ୨ ଗିରଫ

ରାଉରକେଲା,୨୩।୧(ବିପ୍ଳବ ରଞ୍ଜନ ଦାଶ)



ଉଦ୍ଧାର ଶୁଆ ଶାବକ

ରାଉରକେଲା ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲରୁ ରଙ୍ଗବେରଙ୍ଗର ଜଙ୍ଗଲି ଶୁଆ ଶାବକ ଧରି ବାହାରକୁ ଚାଲାଣ କରାଯାଉଥିବା ବେଳେ ବନ ବିଭାଗ ରବିବାର ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧମୁଣ୍ଡା ଶୀତଳନଗରର ମୁନ୍ନା ସାହୁ(୩୪) ଏବଂ ନାଲାରୋଡ୍ ନିବାସୀ ମହମ୍ମଦ ତମାସ। ଉଭୟଙ୍କଠାରୁ ୮୨ଟି ଶୁଆ ଶାବକ ଜବତ କରାଯାଇଛି। ବନ ବିଭାଗ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଆଉ ୨ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ବାଗୁଡି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସୂଚନା ଦେଇଛନ୍ତି।

ରାଉରକେଲା ବନଖଣ୍ଡ ଅଧିକାରୀ ସେଠୀ କହିଥିଲେ, ରାଉରକେଲା ବନାଞ୍ଚଳ ଅନ୍ତର୍ଗତ ଦକ୍ଷିଣ ଚମ୍ପାଝରଣ, ପୂର୍ବ ଚମ୍ପାଝରଣ, ମୁତୁକୁ ଝରଣ ଓ ସରଣ୍ଡା ଆଦି ଘଞ୍ଚ ଜଙ୍ଗଲରେ ଥିବା ଶାଳଗଛ କୋରଡ଼ରେ ରଙ୍ଗବେରଙ୍ଗର ଶୁଆ ଦେଖିବାକୁ ମିଳନ୍ତି। ତେବେ ଉକ୍ତ ଜଙ୍ଗଲରୁ ବାହାରକୁ ଏହି ପ୍ରଜାତିର ଶୁଆ ଶାବକ ଚୋରାଚାଲାଣ ହେଉଥିବା ବନ ବିଭାଗ ସୂଚନା ପାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ରବିବାର ସନ୍ଧ୍ୟା ୭ଟାରେ ଅଭିଯୁକ୍ତ ମୁନ୍ନା ଓ ତମାସ ଏକ ବାଇକ୍ ଯୋଗେ ୧୦ଟି ଶୁଆ ଶାବକ ଧରି ସେକ୍ଟର-୨ ବସ୍‌ଷ୍ଟାଣ୍ଡକୁ ଯିବା ବେଳେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ପାନପୋଷ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପଚରାଉଚୁରା କରିବାରୁ ଆହୁରି ୭୨ଟି ଶୁଆ ଶାବକ ନାଲାରୋଡ୍‌ସ୍ଥିତ ଏକ ଭଡାଘରେ ଥିବା ଜଣାପଡ଼ିଥିଲା। ବନ ବିଭାଗ ଉକ୍ତ ଭଡାଘରେ ଚଢାଉ କରି ସମସ୍ତ ଶୁଆକୁ ଉଦ୍ଧାର କରିଥିଲା। ତେବେ ଉଦ୍ଧାର ହୋଇଥିବା ଶୁଆ ଶାବକ ସମ୍ବଲପୁର, କଟକ, ଭୁବନେଶ୍ୱର, ରାଞ୍ଚି ଆଦି ସହରକୁ ଚାଲାଣ କରାଯାଉଥିଲା। ପ୍ରତି ଶୁଆକୁ ୨ରୁ ୪ହଜାର ଟଙ୍କାରେ ବିକ୍ରି କରିବାର ଥିଲା ବୋଲି ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିବା ବନଖଣ୍ଡ ଅଧିକାରୀ ସେଠୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସିଏଫ୍ ସଲବିନ୍ଦର ସିଂ, ବାଗୁଡି ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମା ଉପସ୍ଥିତ ଥିଲେ।

# ପିକ୍‌ଅପ୍ ଭ୍ୟାନ୍‌ରୁ ୩୯୮ କଇଁଛ ଜବତ, ୪ ଗିରଫ

ଏମ୍‌ଭି୭୯,୨୩।୧(ଭିକି ବାରିକ)

ମାଲକାନଗିରି ଜିଲା ମୋଟୁ ଚେକ୍ ପୋଷ୍ଟରୁ ମଙ୍ଗଳବାର ସକାଳୁ ଯାନବାହନ ଯାଞ୍ଚ ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୩୯୮ କଇଁଛ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଗାଡ଼ି ଡ୍ରାଇଭର ଜେ.ନାଗରାଜୁ, ଜେ.ବଂଶୀ, ଜି.ନାଗେନ୍ଦ୍ର ଓ କଇଁଛ ନେଇ ଆସୁଥିବା ଶକ୍ତିପଦ ଗାୟନ ୪ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫଙ୍କଠାରୁ ୧୭ହଜାର ଟଙ୍କା, ୪ଟି ମୋବାଇଲ ଫୋନ ଜବତ କରାଯାଇଥିବା ମୋଟୁ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଜବତ କଇଁଛ କ୍ରିଷ୍ଣା ଜିଲାରୁ ଶକ୍ତିପଦ ଧରି ମାଲକାନଗିରି ଜିଲା ଏମ୍‌ଭି ୮୩ ଗାଁକୁ ଆସୁଥିଲେ। ୧୦ଟି ବସ୍ତାରେ ଏହି କଇଁଛ ଗାଡ଼ିରେ ଲୋଡ୍ ହୋଇଥିଲା। ଏସ୍‌ଆଇ ନୀଳକଣ୍ଠ ମହାନ୍ତି ଯାଞ୍ଚ ସମୟରେ କଇଁଛ ବସ୍ତାରେ ଥିବା ଦେଖିବାକୁ ପାଇ ଧରିଥିଲେ। ଜବତ କଇଁଛକୁ ମୋଟୁ ଫରେଷ୍ଟର ମୁରଲୀଧର ଅନୁଗୁଳିଆଙ୍କୁ ହସ୍ତାନ୍ତର କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENTS**
Required experienced Solar Installer / Solar Executive / Receptionist.
Phone: 7008384494, 8018208172
Email: srlco.rktrader@gmail.com

**ଆବଶ୍ୟକ**
ଝାଡୁସଫା, ପୋଛାପୋଛି ପାଇଁ ପୁରୁଷ ଲୋକ ଆବଶ୍ୟକ । ବୟସ ୩୦ ମଧ୍ୟରେ ।
ଯୋଗାଯୋଗ: 9861550765

**WANTED DISTRIBUTOR/ FRANCHISEE FOR ALL OVER ODISHA**
Sumeet Mixi / SRM Mixi / Induction / Led TV / SRM RO / Chimney / Lipkon Wire / SRM Fan /Air cooler / Air conditioner / Miio Led Lights
SRM Home Appliances
Plot # 58, Bapuji Nagar, Lane 4, BBSR-9
Contact No. 7008485542.

**SECURITY JOB**
SECURITY GUARD: No. of Post - 25
Hight: 5.7" above, Age: 25 Yr. to 45 Yrs.
Qualification: 10th Pass, Experience person first priority.
Posting Place: Jharsuguda
GISS SECURITY SERVICE PVT. LTD.
1754, RI Office, Gopalpur, Cuttack - 753011, Odisha
Mobile No.: 8093004431 | 9937096570

**ଡ୍ରାଇଭର ଏବଂ ମାଳୀ ଆବଶ୍ୟକ**
ରହିବା ଓ ଖାଇବା ସହ ଦରମା ୧୫୦୦୦/-, ନଖରା, କଟକ ।
ଯୋଗାଯୋଗ: 7809525452

**JOB VACANCIES**
A Four Wheeler Dealership needs professional in **Bhubaneswar** for the following positions:-
- **SALES CONSULTANTS:** Fresher graduates/BBA/BCOM/BSC/BA having at least 1 year experience in automobile sales of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul, Berhampur, Bhawanipatna, Nabrangpur.
- **SALES TEAM LEADER:** Graduates/BBA/ BCOM /BSC/BA having at least 2-3 year experience in automobile sales of any 2/3/4 wheeler dealership.
- **SALES TRAINER:** A Graduate or MBA having training experience on Automobile sales of any 2/3/4 wheeler dealership.
- **ACCESSORIES INCHARGE:** Graduate or Diploma Automobile having accessories sales experience of any 2/3/4 wheeler dealership.
- **ADMIN MANAGER:** Graduate having 5 to 10 years experience in admin from any segment. Preference will be given from automobile sector (PF, ESIC, Labour Law, Liasioning).
- **H.R:** Graduate having 1-2 years experience in H.R. and has knowledge in (PF, ESIC, Gratuity,Labour Law).
- **SENIOR ACCOUNTANT:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **TECHNICAL MANAGER / CO-TECH:** Must be a technical manager or technical head in any 2/3/4 wheeler dealership.
- **E-TECH:** Must be a diploma in automobile at least 2 to 4 yr experiences in electronics works of any 4 wheeler dealership.
- **TECHNICIAN:** ITI/DIPLOMA in automobile having at least 1 year experience in any 2/3/4 wheeler dealership/Garage.
- **FLOOR SUPERVISOR:** ITI/DIPLOMA in automobile having at least 1 year experience for handling floor in any 2/3/4 wheeler dealership/Garage.
- **DENTOR:** Worked in a dealership/Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/Garage in 4 wheelers shop having 1 to 2 years experience in a 2/3/4 wheeler painting section.

Salary will not be a constraint for deserving candidates. Interested candidates may send their resume to:-
capitaltoyota.bbsr@gmail.com & mark a cc - cskhetra@gmail.com
Contact: 9348940535 / 0674-6668822 / 7855040457

**THE KOSALA SCHOOL**
Estd.- 1979
Ph.-7682032632
An English Medium Residential Public School
(CBSE Affiliation No.1530003) Mob.- 6370708544 / 7682032632
NUA-KHAIRPALI, P.O.- LARASARA, DIST.- BARGARH- 768027 (ODISHA)
Email- thekosalaschool1979@gmail.com
REQUIRES THE FOLLOWING TEACHING & NON TEACHING STAFF

| Sl. No. | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry /Biology/ Mathematics | Master's Degree in subject concerned with B.Ed. | (Salary is not a constraint for deserving candidates |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 5 | Special Educator | | Graduation with B.Ed (Special Education) | |
| 6 | Hostel Warden (Male) Age- 35 to 40 years | | Graduation | |
| 7 | Security Guard | | +2 | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05.02.2024.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no (given above) from 10.00 A.M. to 2.00 P.M.

Sd./- (Principal)




ଓଡ଼ିଶା ବିଧାନସଭା ପରିସରସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟମାନେ।

# ‘ନେତାଜୀଙ୍କ ବୀରତ୍ୱ ଆଗାମୀ ବଂଶଧର ପାଇଁ ପ୍ରେରଣା’

କଟକ,୨୩।୧ (କାର୍ତ୍ତିକ ସାହୁ)

ମୁକ୍ତି ସଂଗ୍ରାମର ମହାନ୍ ଯୋଦ୍ଧା ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ତାଙ୍କର ବୀରତ୍ୱ ଆଗାମୀ ବଂଶଧର ପାଇଁ ପ୍ରେରଣାର ଉତ୍ସ। ନେତାଜୀଙ୍କୁ ମନେପକାଇ ଓଡ଼ିଆ ଜାତିକୁ ସେହି ବୀରତ୍ୱ, ସାହସର କାହାଣୀ ଜଣାଇବା ବୋଲି ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ସମାରୋହ କଟକ ଓଡ଼ିଆ ବଜାରସ୍ଥିତ ତାଙ୍କ ଜନ୍ମସ୍ଥାନରେ ମଙ୍ଗଳବାର ପାଳିତ ହୋଇଯାଇଛି। ମନ୍ତ୍ରୀ ପାତ୍ର ସଂଗ୍ରହାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆମ ପିଲାମାନେ ନେତାଜୀଙ୍କ ଭଳି ଲଢୁଆ, ସାହସୀ ହୋଇ ଦେଶମାତୃକାର ସେବା କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଭାସ୍କର୍ଯ୍ୟ କଳା ଶିବିରରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କୁ ୧୦ ହଜାର ଟଙ୍କାର ଚେକ୍ ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ଜିଲାପାଳ ନରହରି

## ଜନ୍ମସ୍ଥାନରେ ନେତାଜୀ ଜୟନ୍ତୀ



ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ସେଠୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଅତସି ଦାସ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଲଳିତକଳା ଏକାଡେମୀ ପକ୍ଷରୁ ମୃଣ୍ମୟ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓଡ଼ିଶା ଲଳିତକଳା ଏକାଡେମୀର ଶିଳ୍ପୀମାନଙ୍କ ଦ୍ୱାରା ନେତାଜୀଙ୍କ ସମ୍ପର୍କିତ ମୃଣ୍ମୟ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ।

ବିଧି ଅନୁଯାୟୀ ମଧ୍ୟାହ୍ନ ୧୨ଟାରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ନେତାଜୀଙ୍କ ଜନ୍ମ ପ୍ରକୋଷ୍ଠରେ ହୋମଯଜ୍ଞ, ପୂଜାପାଠ ଦିନ ୧୨ଟା ବେଳେ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପୂଜାକାର୍ଯ୍ୟ ସମାପନ କରିଥିଲେ। ବରଗଡ଼ସ୍ଥିତ ମା’ ସମଲେଶ୍ୱରୀ ଗବେଷଣା କେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ସୌରଭ ନାୟକଙ୍କ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣରେ ସମଗ୍ର ପରିବେଶ ଉଲ୍ଲସିତ ହୋଇଥିଲା।

ମହାବିଦ୍ୟାଳୟ, ବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରୀଛାତ୍ର, ବିଭିନ୍ନ ସରକାରୀ, ବେସରକାରୀ ସଙ୍ଗଠନର ବ୍ୟକ୍ତିଙ୍କ ସମେତ ରାଜନୈତିକ ନେତୃବୃନ୍ଦ ଓ ଜନସାଧାରଣଙ୍କ ସମାଗମରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଉତ୍ସବ ମୁଖରିତ ହୋଇଥିଲା। ପ୍ରତ୍ୟୁଷରେ ଜିଲା ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମ୍‌ଧୁନ ପରିବେଷଣ ସହ ସହରର ବିଭିନ୍ନ ସ୍ଥାନରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବ୍ଲଡ୍ ଡୋନର୍ସ କାଉନସିଲ ପକ୍ଷରୁ ନେତାଜୀ ସେବା ସଦନଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଇଂ. ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ନେତାଜୀଙ୍କ ନାତି ଜଣାଇଲେ ଶ୍ରଦ୍ଧାଞ୍ଜଳି

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନେତାଜୀଙ୍କ ଦୁଇ ନାତି ସୁପ୍ରିୟୋ ବୋଷ ଓ ଚିତ୍ତପ୍ରିୟ ବୋଷ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସେମାନେ ନେତାଜୀଙ୍କ ବଡ଼ଭାଇ ସତୀଶ ଚନ୍ଦ୍ର ବୋଷଙ୍କ ପୁତ୍ର ଦ୍ୱିଜେନ୍ଦ୍ର ନାଥ ବୋଷଙ୍କ ପୁଅ ବୋଲି କହିଛନ୍ତି। ସେମାନଙ୍କୁ ଦେଖି ଦର୍ଶକମାନେ ଉତ୍ସାହିତ ହେବା ସହ ଫଟୋ ଉଠାଇ ଆନନ୍ଦିତ ହୋଇଥିଲେ।

ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟ ଦ୍ୱାରା ନେତାଜୀଙ୍କ ବୀରତ୍ୱ, ଦର୍ଶନ ତଥା ତାଙ୍କ ସଂଗ୍ରାମୀ ଜୀବନର ପ୍ରମୁଖ ଘଟଣାବଳୀକୁ ନେଇ ମୃଣ୍ମୟ ଭାସ୍କର୍ଯ୍ୟ କଳା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୧୮ ଜଣ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସମିତି ସଭ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ସ୍ମିତା ମୁଳିଆ, ବରିଷ୍ଠ ଶିଳ୍ପୀ ରବି ନାରାୟଣ ରଥ, ନେତାଜୀ ସଂଗ୍ରହାଳୟ ଭାରପ୍ରାପ୍ତ ଅଧିକାରୀ ଜଳେନ୍ଦ୍ର ପ୍ରସାଦ ରାୟ ପ୍ରମୁଖ ଉପସ୍ଥିତ ରହି ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନୀଲ



@ ଅନ୍ତର୍ଯାମୀ



@ ଆଦର୍ଶ



@ ଦୁର୍ଗା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୦୧।୨୦୨୪

| | |
|---|---|
| ୪,୪୩, ୪୭୩ ଟଙ୍କା | |
| ସୁନା | ୦.୨୦ ଗ୍ରାମ୍ |
| ରୁପା | ୨୩.୦୦ ଗ୍ରାମ୍ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ୧୯୪ତମ ଶ୍ରାଦ୍ଧୋତ୍ସବ, ମ୍ୟୁଜିୟମ୍ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ଆନ୍ଦୋଳନ, କଳ୍ପନା ଛକସ୍ଥିତ ବକ୍ସି ଦଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ସକାଳ ୯ଟା।
- ଜାତୀୟ ଶିଶୁ କନ୍ୟା ଦିବସ, କମ୍ପାଇଣ୍ଡ ହେଲ୍ଥ ଡାଇରେକ୍ଟରେଟ୍, ଗ୍ରାଉଣ୍ଡ ଫ୍ଲୋର, ସକାଳ ୯ଟା ୩୦।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ନିଖିଳ ପାଇକ ମହାସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁ ପ୍ରତିମୂର୍ତ୍ତିସ୍ଥଳ, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟସ୍ତରୀୟ କର୍ମଶାଳା, ବିଜେବି କଲେଜ, ଅପରାହ୍ନ ୩ଟା।
- ୧୮ତମ ଗୁରୁ ପ୍ରଣାମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୨ ଦିନିଆ ପାଲା ମହୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ଦେଉଳସାହି ରଘୁନାଥଜୀ ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଉଦ୍‌ଯାପନୀ ଉତ୍ସବ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

# ସପ୍ତାହେ ହେଲା ୨୨ ଟିକିଆ ହାତୀପଲଙ୍କ ଉପଦ୍ରବ



କଣାସ,୨୩।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ସପ୍ତାହେ ହେଲା ହାତୀପଲ ଗଡଖାରଦ, ଦେଇପୁର, ଦିବ୍ୟସିଂହପୁର, ଦୋକନ୍ଦା, ବଡପୁଟ, ସାନପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉପଦ୍ରବ କରୁଛନ୍ତି। ଏଥିସହ ଧାନ ଖାଇ ନଷ୍ଟ କରିଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ସୋମବାର ରାତିରେ ୨୦-୨୨ ହାତୀ ପଲ ଦେଇପୁର ଗ୍ରାମପଞ୍ଚାୟତର ତେଲେଙ୍ଗାପଡ଼ା, ବଡାଲ ପଞ୍ଚାୟତର ବିଣ୍ଡିପୁର, ଖୁଣ୍ଟିଆବାଣପୁର ଗ୍ରାମରେ ପଶି ଚାଷୀଙ୍କ ଅମଳ ଧାନ ବସ୍ତା ଖାଇ ଦଳି ନଷ୍ଟ କରିଦେଇଛନ୍ତି। ତେଲେଙ୍ଗାପଡା ଗ୍ରାମର ସୁରଥ ସୁନ୍ଦରାୟ, ଗୋଲେଖ ସୁନ୍ଦରାୟ, ଅଲେଖ ସୁନ୍ଦରାୟ, ହରିଆ ସୁନ୍ଦରାୟ, ଯୋଗୀ ସୁନ୍ଦରାୟ, ମଙ୍ଗୁଳି ସୁନ୍ଦରାୟ, ଦନେଇ ସୁନ୍ଦରାୟ, ସୁରଥ ଜୟସିଂ, ଭରତ ଜୟସିଂ, ଭିକାରୀ ବିଶ୍ୱାଳ, ଲକ୍ଷ୍ମୀଧର ପାଇଚଶାଣୀ, ପ୍ରମୋଦ ପଟ୍ଟନାୟକ, ନରେନ୍ଦ୍ର ସୁନ୍ଦରାୟ, ଗଙ୍ଗାଧର ବିଶ୍ୱାଳ, ଖୁଣ୍ଟିଆବାଣପୁର ଗ୍ରାମର ଅନୁପ ସାହୁଙ୍କ ଫାର୍ମରେ ପଶି ୮ଟି ନଡ଼ିଆ ଗଛ, କଦଳୀଗଛ ସହ ଅନ୍ୟାନ୍ୟ ଗଛପତ୍ର ନଷ୍ଟ କରିଦେଇଛନ୍ତି। ଡେଲାଙ୍ଗ ବନବିଭାଗ ରେଞ୍ଜର ଶାନ୍ତନୁ ଦଳାଇଙ୍କୁ ପଚାରିବାରେ, ହାତୀ ଉପରେ ସେମାନେ ନଜର ରଖିଥିବା ସେ କହିଥିଲେ। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ, ବନ ବିଭାଗର କୌଣସି କର୍ମଚାରୀଙ୍କ ଦେଖାନାହିଁ। ପ୍ରତ୍ୟେକ ଦିନ ରାତିରେ ନିରାକାରପୁର ନିକଟ ଚିତ୍ରକୂଟ ଓ କାଶୀପୁର ପାହାଡ଼ରୁ ହାତୀପଲ ଆସି ଏଭଳି କାଣ୍ଡ ଘଟାଇ ଫେରିଯାଉଛନ୍ତି।

# ବ୍ରିଜ୍‌ରୁ ଖସିପଡ଼ି ଯୁବକ ମୃତ

ବାଲକାଟୀ,୨୩।୧(ମନୋଜ ମଣ୍ଡଳ)

ବାଲକାଟୀ ଫାଣ୍ଡି ଅଧୀନ ସରକଣା ଧନୁଆ ନଦୀ ବ୍ରିଜ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସରକଣା ଭୋଇ ସାହିର ଚିତ୍ତରଞ୍ଜନ ଦାସ(୨୧)। ଏନେଇ ବାଲିଅନ୍ତା ପୋଲିସ ୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ରବିବାର ରାତିରେ ଚିତ୍ତରଞ୍ଜନ ଧନୁଆ ବ୍ରିଜ୍ ଉପରେ ବସିଥିବାବେଳେ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ‘ଆଷାଢ଼ କା ଏକ୍ ଦିନ୍’ରେ ମଲ୍ଲିକାଙ୍କ ତ୍ୟାଗ

ଭୁବନେଶ୍ୱର,୨୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଫିଲ୍ମ ସୋସାଇଟି ଭୁବନେଶ୍ୱରର ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ବି)ର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଅଭିଜିତ୍ ସାରଥିଙ୍କ ୪୦ ମିନିଟର କ୍ଷୁଦ୍ର ଚଳଚ୍ଚିତ୍ର ‘ବାବୁ ବେବିଲନ’ ସ୍କ୍ରିନିଂ ସହିତ ଆରମ୍ଭ ହୋଇଥିଲା ଉତ୍ସବ। ମୁଦ୍ରାସ୍ଫୀତିକୁ ରୋକିବା ପାଇଁ ଡିଷ୍ଟୋପିଆନ ‘ଅଥରିଟି’ ସମସ୍ତ କୃଷି ଓ ବୃକ୍ଷରୋପଣ କାର୍ଯ୍ୟକୁ ଘରୋଇକରଣ କରି ସାଧାରଣ ଲୋକଙ୍କୁ କୃଷିରୁ ନିଷିଦ୍ଧ କରିଛି। ଯେତେବେଳେ ବୃଦ୍ଧ ବବଲୁଙ୍କୁ ନିଯୁକ୍ତିଦାତା ବେବିଲନ ଏକ ଅଗ୍ରଣୀ କର୍ପୋରେଟ ବ୍ରାଣ୍ଡ ଦ୍ୱାରା କାମରେ ପଠାନ୍ତି, ସେହି ସମୟରେ ସେ ଏକ ଗୁପ୍ତ ମିଶନରେ ବିଦ୍ରୋହୀ ଦଳକୁ ଚାଲିଯାନ୍ତି। ଏଭଳି କାହାଣୀକୁ ନେଇ ଫିଲ୍ମଟି ପ୍ରସ୍ତୁତ ହୋଇଛି। ଏହା ପରେ ମଣି କଲ୍‌ଙ୍କ ‘ଆଷାଢ଼ କା ଏକ ଦିନ’ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ୧ଘଣ୍ଟା ୧୫ ମିନିଟ୍‌ର

## ଆଇଏଫ୍‌ଏଫ୍‌ବିର ଦ୍ୱିତୀୟ ଦିବସ

ଏହି ହିନ୍ଦୀ ଚଳଚ୍ଚିତ୍ରରେ ମଲ୍ଲିକା ଏବଂ କାଳିଦାସଙ୍କ ପ୍ରେମ କାହାଣୀକୁ ଚିତ୍ରଣ କରାଯାଇଛି। ମଲ୍ଲିକା ତାଙ୍କ ପ୍ରେମକୁ ତ୍ୟାଗ କରିଛନ୍ତି, ଯେମିତି କାଳିଦାସ ପ୍ରେରଣା ପାଇପାରିବେ। ଏହା ଦର୍ଶକଙ୍କ ମନକୁ ଛୁଇଁଥିଲା। ପରେ ହାଓବାମ୍ ପବନ କୁମାରଙ୍କ ‘ଜୋସେଫ୍ ସନ୍’ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଜୋସେଫଙ୍କୁ ଜଣେ ସଙ୍ଗୀତଜ୍ଞ ଭାବେ ଦର୍ଶକ ପାଇଥିଲେ। ତାଙ୍କ ଅତୀତ, ବର୍ତ୍ତମାନ ଏବଂ ବ୍ୟକ୍ତିଗତ ଭୟ ସହିତ କ୍ରମାଗତ ବିବାଦ ସହିତ ପୁଅକୁ ଖୋଜିବା ପାଇଁ ଏକ ଦୀର୍ଘ ଯାତ୍ରା ଦେଖିବାକୁ ମିଳିଥିଲା। ସୁମନ୍ତ ଭଞ୍ଜଙ୍କ ‘ମିଥ୍ୟା’ରେ ମିଥୁନ ନାମକ ବାଳକ ସହିତ ତାଙ୍କ ମାତା ପିତାଙ୍କ କାହାଣୀ ପ୍ରଦର୍ଶିତ ହୋଇଥିଲା। ଶେଷରେ ଲୁବଧାକ୍ ଚାଟାର୍ଜୀଙ୍କ ‘ହୁଇସପର୍ ଅଫ୍ ଫାୟାର ଆଣ୍ଡ ୱାଟର୍’ ପ୍ରଦର୍ଶିତ ହୋଇଥିଲା।




ଆଇଏଫ୍‌ଏଫ୍‌ବିରେ ‘ଜୋସେଫ୍ ସନ୍’ ପ୍ରଦର୍ଶନ ସମ୍ପର୍କରେ ସୂଚନା ଦିଆଯାଉଛି।

# ‘ଓଡ଼ିଶାରେ କାର୍ବନ ଅଭିବୃଦ୍ଧି ରୋକିବା ଆବଶ୍ୟକ’

## ନାଇଜରରେ ଦ୍ୱିଦିବସୀୟ ପଲିସି ଡାଇଲଗ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ସ୍କୁଲ ଅଫ୍ ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ ନାଇଜରରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସହଯୋଗରେ ଏକ ପଲିସି ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା ହୋଇଛି। ପଲିସି ରିସର୍ଚ୍ଚ ସେଣ୍ଟର, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚର ସହଭାଗିତାରେ ଦ୍ୱିଦିବସୀୟ ପଲିସି ଡାଇଲଗ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ‘ପୂର୍ବ



ଭାରତରେ ଶକ୍ତି ପରିବର୍ତ୍ତନ: ପ୍ରସଙ୍ଗ ଏବଂ ଆହ୍ୱାନ’ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଆଟୋମିକ ଏନର୍ଜି କାଉନସିଲର ପ୍ରଫେସର ଆର୍.ବି. ଗ୍ରୋଭର, ଏସ୍‌ଇଆଇପିବିର ସିନିୟର ଆଡ୍‌ଭାଇଜର ତଥା ମୁଖ୍ୟ ପ୍ରଫେସର ଅଖିଳେଶ ଗୁପ୍ତା, ନାଇଜର ନିର୍ଦ୍ଦେଶକ ଏଚ୍.ଏନ୍. ଘୋଷ, ରିସର୍ଚ୍ଚ ସେଣ୍ଟର ସଂଯୋଜକ ଅମରେନ୍ଦ୍ର ଦାସ, ଅଧ୍ୟକ୍ଷ ଡ. ପ୍ରଣୟ କୁମାର ସ୍ୱାଇଁ ଏବଂ ଏସ୍‌ଏଚ୍‌ଏସ୍‌ଏସ୍‌ର ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ଉପସ୍ଥିତ ଥିଲେ। ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଟି-ପଲିସି ପ୍ରସ୍ତୁତ କରାଯାଇଛି। ସରକାରୀ ଓ ବେସରକାରୀ ସ୍ତରରେ କିଭଳି ଗ୍ରାମାଞ୍ଚଳ ତଥା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ସୌରଶକ୍ତି ଉତ୍ପାଦକ ସଙ୍ଗଠନ କରିବାକୁ ହେବ। ଦ୍ୱିତୀୟରେ ଇଭିଚାଳିତ ଯାନଗୁଡ଼ିକ ପାଇଁ ଅଧିକ ଚାର୍ଜିଂ ଷ୍ଟେଶନ ଖୋଲିବାକୁ ପଡ଼ିବ। ଏଥିସହ ଲୋକଙ୍କୁ ଇଭିର ବ୍ୟବହାର ନେଇ ଅଧିକ ସଚେତନ କରିବାକୁ ପଡ଼ିବ। ନ୍ୟାଶନାଲ କାଉନ୍‌ସିଲ ଅଫ ଆପ୍ଲାଏଡ୍ ଇକୋନୋମିକ ରିସର୍ଚ୍ଚ ଏକ ରିପୋର୍ଟ ପ୍ରକାଶ କରିଛି, ଯାହା ଓଡିଶା ପାଇଁ ସ୍ୱଳ୍ପ କାର୍ବନ ପରିବର୍ତ୍ତନର ଆହ୍ୱାନ ଏବଂ ନୀତିଗତ ପ୍ରଭାବକୁ ଦର୍ଶାଉଛି। ଓଡ଼ିଶା କାର୍ବନ ଅଭିବୃଦ୍ଧି ରୋକିବା ପଦକ୍ଷେପ ଆବଶ୍ୟକ କରୁଛି ବୋଲି ସର୍ବୋପରି ମତ ପ୍ରକାଶ ପାଇଥିଲା।

# ନେତାଜୀଙ୍କ ଦର୍ଶନକୁ ଯୁବବର୍ଗ ଆପଣାଇବା ଆବଶ୍ୟକ

ଆଠଗଡ/ ବାଙ୍କୀ/ ସାଲେପୁର/ କଟକ ସଦର, ୨୩।୧(ସତ୍ୟ ପ୍ରସାଦ ରଥ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଅରବିନ୍ଦ ଭୂୟାଁ/ ସୁଶାନ୍ତ କୁମାର ଜେନା)

ସାମ୍ପ୍ରଦାୟିକ ତଥା ଧାର୍ମିକ ମୌଳବାଦ ଶକ୍ତି, ଉଗ୍ର ଜାତୀୟତାବାଦତା ଫଳରେ ଦେଶର ସାମାଜିକ, ସାମ୍ବିଧାନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଶକ୍ତି ବିରୋଧରେ ଯୁବଶକ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଦର୍ଶନର ପ୍ରାସଙ୍ଗିକତାକୁ ଉପଲବ୍ଧ କରିବା ଆବଶ୍ୟକ ବୋଲି ଆଠଗଡ ବିଜୁ ଯୁବଛାତ୍ର ଦଳ ପକ୍ଷରୁ ଏନ୍ଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ସାମ୍ୟବାଦ ପ୍ରବକ୍ତା, ରାଜନୀତି ବିଜ୍ଞାନ ପ୍ରଧାପକ ଡ. ବିଜୟ କୁମାର ବହିଦାର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଧାପକ ମନୋଜ କୁମାର ବେହେରା ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା।

ପରେ ଅତିଥିମାନେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ନେତାଜୀ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଆଠଗଡ଼ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଯୁବ ବିଜେଡି ସଭାପତି ବିନୋଦ ମାଝୀ, ହିମାଂଶୁ ଶେଖର ସାଇଁ, ତୋଫାନ ସାମଲ, ଆଠଗଡ଼ ଏନ୍ଏସି ଛାତ୍ର ବିଜେଡି ସଭାପତି ମହମ୍ମଦ ଖଲିଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠଗଡ ବିକାଶ ପରିଷଦ ପକ୍ଷରୁ ଆଠଗଡସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ପ୍ରାଙ୍ଗଣରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ପରିଷଦର ସଭାପତି ରାମନାରାୟଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଜ୍ଞାନ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମସ୍ଥିତ ଆଦର୍ଶ ଯୁବପରିଷଦ ତରଫରୁ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଲଲାଟେନ୍ଦୁ ପଣ୍ଡା, ଅର୍ଜୁନ ଭୋଇ, ଚନ୍ଦ୍ରମଣି ବେହେରା ଓ ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅକ୍ଷୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ତାଙ୍କର ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଏହାକୁ ଲୋକାର୍ପଣ କରି ସୁବାଷ ବୋଷଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ୍ କୁମାର ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, କବି ବଂଶୀଧର ମହାପାତ୍ର, ଡ. ଅଭିମନ୍ୟୁ ରଣା,କ୍ୟାପଟେନ୍ ଗୁରୁବାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

ସାଲେପୁରସ୍ଥିତ ମା'ଜାଗୁଲାଇ ପୀଠରେ ଅଟଳ ସେନା, ଓଡ଼ିଶା ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଅଟଳ ସେନାର ମଣ୍ଡଳ ସଭାପତି ତପନ କୁମାର ଭୂୟାଁ ଏଥିରେ ସଭାପତିତ୍ୱ କରିଥିଲେ। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିପିନ ବିହାରୀ କର, ମୁଖ୍ୟବକ୍ତା ଭାବରେ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କିଶୋର ନାୟକ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ସେନାର ଉପଦେଷ୍ଟା ଅଧ୍ୟାପକ ବଲାଇ ଚରଣ ନାୟକ ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କୁ ସ୍ୱାଭିମାନୀ ଓ ସ୍ୱାଭିମାନର ପ୍ରତୀକ ଭାବେ ବର୍ଣ୍ଣନା କରିଥିଲେ। ଉତ୍ସବରେ ଅଟଳ ସେନା ସଙ୍ଗଠନର ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ମହିଳା ସଂଘ ସମ୍ପାଦିକା ବିଜୟିନୀ ନାୟକ, ରମେଶ ଚନ୍ଦ୍ର ନାଥ, ହରେକୃଷ୍ଣ ସାମଲ, ଦ୍ରୁପଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ପଟଣା ଗ୍ରାମଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତୀୟ ସେନାର ସେବାନିବୃତ୍ତ ଅଧିକାରୀ ଓ ପଟଣା ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସମ୍ପାଦକ ରୁଦ୍ରନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଉପସ୍ଥିତ ସେନା ଅଧିକାରୀ ଓ ଗ୍ରାମବାସୀ ଦୁଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ଗ୍ରାମ ମୁରବି ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ରଞ୍ଜିତ କୁମାର ମହାନ୍ତି, ସମିତି ସଭ୍ୟ ଜୟନ୍ତ କୁମାର ଦାସ, ମିହିର କୁମାର ଦାସ, ନାରାୟଣ ଚନ୍ଦ୍ର ମହାନ୍ତି, ପ୍ରଭାତ କୁମାର ଖଟୁଆ, ସୁରେନ୍ଦ୍ର କୁମାର ବେହେରା ଯୋଗଦେଇ ନେତାଜୀ ଓ ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।




ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ଆଠଗଡରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

## ସଂକ୍ଷେପରେ

### ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ମା' ମଙ୍ଗଳା କ୍ଲବ

ତିଗିରିଆ,୨୩।୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମଠାରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ଦ୍ୱାରା ଆୟୋଜିତ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ୨ୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଯୁବଜ୍ୟୋତି କ୍ଲବ ପଙ୍କାଳ, କଟକକୁ ୨/୧ ଗୋଲରେ ପରାସ୍ତ କରି ମା' ମଙ୍ଗଳା କ୍ଲବ ବନମାଳୀପୁର, ଢେଙ୍କାନାଳ ଫାଇନାଲରେ ପ୍ରବେଶ କରିଛି। ୨ ୟ ସେମିଫାଇନାଲ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳର ୯ ମିନିଟ୍‌ରେ ମା' ମଙ୍ଗଳା ଦଳର ନଂ. ୧୨ ଖେଳାଳି କାଳିଆ ପ୍ରଧାନ ଓ ୨୪ ମିନିଟ୍‌ରେ ନଂ. ୮ ଖେଳାଳି ସୁନିତ ରାଉତ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ। ୨ୟାର୍ଦ୍ଧର ୧୫ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ନଂ. ୧୦ ଖେଳାଳି ଅବିନାଶ ସାହୁ ଏକ ମାତ୍ର ଗୋଲ ଦେଇଥିଲେ। ଖେଳରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ସମ୍ମାନିତ ଅତିଥି ଭାବେ ପାଞ୍ଚଗାଁସ୍ଥିତ ଦଧିବାମନ ଜୀଉ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସନ୍ତୋଷ ସିଂ ସାମନ୍ତ, ପୂର୍ବତନ ସମିତି ସଭ୍ୟ ସରୋଜ ଦାଶ, ଯୁଗଳ କିଶୋର ଦାସ ଓ ରୁଷିଆ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ରେଫରୀ ଆଶୀର୍ବାଦ କାନୁନ୍‌ଗୋ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅରୁଣ ନାୟକ ଓ ମନୋଜ କୁମାର ସେଠୀ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସୁବାଷ ମୁଦୁଲି ଦାୟିତ୍ୱ ସମ୍ପାଦନ କରିଥିଲେ। ଫାଇନାଲ ମ୍ୟାଚ ୨୬ ତାରିଖରେ ଆୟୋଜକ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ସହିତ ମା' ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୨୫ ତାରିଖ ଗୁରୁବାର ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

### ପରିବାର ସମ୍ପର୍କ ଯାତ୍ରା ଶୁଭାରମ୍ଭ

ଆଠଗଡ,୨୩।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ବିଜୁ ଜନତା ଦଳ ତରଫରୁ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀରେ ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧ ନମ୍ବର. ଜୋନର ସଠିଲୋ ପଞ୍ଚାୟତସ୍ଥିତ ତାଳବସ୍ତ ଗ୍ରାମରେ ବିଜେଡି ପକ୍ଷରୁ ପରିବାର ସମ୍ପର୍କ ଯାତ୍ରା ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତା ପ୍ରତି ଗ୍ରାମ ଓ ପରିବାରରେ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ଆଠଗଡ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ର ନାଥ ରାଉତ, କଟକ ଜିଲା ବିଜୁ ଜନତା ଦଳ ଉପ ସଭାପତି ନୃସିଂହ ଚରଣ ମହାପାତ୍ର, ୧ ନଂ. ଜୋନ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, କଟକ ଜିଲା ପରିଷଦର ଉପାଧ୍ୟକ୍ଷ ସୁନୀଲ କୁମାର ପରିଡା, ସାଠିଲୋ ସରପଞ୍ଚ ବୀଣା ପାଣି ପରିଡା, ସମିତି ସଭ୍ୟ ସୁବାସ ଚନ୍ଦ୍ର ପାଳ, ପ୍ରଦୀପ୍ତ ଦାସ, ଲଳିତେନ୍ଦୁ ସେନାପତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶପଥ ନେଇଥିଲେ।

## ବୋଧିଦ୍ରୁମ ପରିଦର୍ଶନ କଲେ ଥାଇଲାଣ୍ଡର ବୌଦ୍ଧ ଭିକ୍ଷୁ

ତିଗିରିଆ,୨୩।୧(ଜାଫର ଖାଁ)

ତିଗିରିଆ ବ୍ଲକ ଜେମାଦେଇପୁରସ୍ଥିତ ବୁଦ୍ଧ ଜୟନ୍ତୀପୁର ବୌଦ୍ଧ ବିହାରରେ ମଙ୍ଗଳବାର ଥାଇଲାଣ୍ଡରୁ ଆସିଥିବା ୩୦ ବୌଦ୍ଧ ଧର୍ମଗୁରୁଙ୍କୁ ସ୍ୱାଗତ କରାଯାଇଥିଲା। କଳିଙ୍ଗ ସଦ୍ଧମ୍ମ ସଙ୍ଗଠନ ପକ୍ଷରୁ ଏହି ବୌଦ୍ଧ ଭିକ୍ଷୁମାନେ ଆସିଥିଲେ। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଳିଙ୍ଗ ସଙ୍ଗଠନର ମୁଖ୍ୟ ସଦସ୍ୟ ଲିଟୁନ ଚନ୍ଦ ପୌରୋହିତ୍ୟ କରିଥିଲେ। ଏହି ଉତ୍ସବରେ ପ୍ରଥମେ ସୁଦୂର ଥାଇଲାଣ୍ଡରୁ ଆସିଥିବା ବୌଦ୍ଧ ଭିକ୍ଷୁ ଓ ଅତିଥିମାନଙ୍କୁ ସଙ୍ଗଠନର ଉପାସିକା ଓ ଉପାସକଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହାପରେ ଓଡ଼ିଶାର ସମସ୍ତ ଜିଲାରୁ ଆସିଥିବା ସଙ୍ଗଠନର ସଦସ୍ୟମାନେ ଏକତ୍ରିତ ହୋଇ ଭିକ୍ଷୁ ଓ ଅତିଥିଙ୍କ ସହ ବୋଧିଦ୍ରୁମ ବୁଦ୍ଧ ବିହାର ଏବଂ ନଗର ପରିକ୍ରମା କରିଥିଲେ। ସେଠାରୁ ଫେରିବା ପରେ ସମସ୍ତେ ବୋଧିଦ୍ରୁମ ଠାରେ ଉପସ୍ଥିତ ରହି ବୁଦ୍ଧ ବନ୍ଦନା, ଚୈତ୍ୟ ବନ୍ଦନା ଓ ବୋଧି ବନ୍ଦନା ଏବଂ ସୁତ୍ତ ପାଠ କରିଥିଲେ। ଥାଇଲାଣ୍ଡରୁ ଆସିଥିବା ୱାର୍ଲଡ ପିଇସ କାଉନ୍‌ସିଲ ଆସୋସିଏଶନର ସମ୍ପାଦକ ଓରାଓଁନ ତନାୱତନା ଏହି ଅବସରରେ କଳିଙ୍ଗର ଗୁଣଗାନ କରିଥିଲେ। ବୌଦ୍ଧ ଭିକ୍ଷୁମାନେ ଆଜିର ଯୁଗରେ ବୁଦ୍ଧଙ୍କ ଶିକ୍ଷାର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବୌଦ୍ଧ ଭିକ୍ଷୁମାନେ ନୂଆପାଟଣା ବୌଦ୍ଧ ସଂଘକୁ ଏକ ପିତଳ ବୁଦ୍ଧମୂର୍ତ୍ତି ପ୍ରଦାନ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ମାଣିଆବନ୍ଧସ୍ଥିତ ତ୍ରିଶରଣ ବୁଦ୍ଧ ଶିଶୁ ମନ୍ଦିର, ଏବଂ ଆଞ୍ଚଳିକ ବୁଦ୍ଧ ବିହାର ଭ୍ରମଣ କରିଥିଲେ। ସେଠାରେ ସ୍କୁଲ ଅନୁଷ୍ଠାନକୁ ଆର୍ଥିକ ରାଶି ପ୍ରଦାନ କରି ରଗଡି (ବାଙ୍କୀ) ବୌଦ୍ଧ ସ୍ଥଳଗୁଡ଼ିକୁ ଭ୍ରମଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ସଦ୍ଧମ୍ମ ସଙ୍ଗଠନର ସଦସ୍ୟ ତଥା ନୂଆପାଟଣା ବୌଦ୍ଧ ସଂଘ ସଭାପତି ରଙ୍ଗାଧର ପାତ୍ର, ସମ୍ପାଦକ ସୁଦାମ ଚରଣ ବର୍ଦ୍ଧନ, କୋଷାଧ୍ୟକ୍ଷ ସଦାନନ୍ଦ ପାତ୍ର, ଦିଲୀପ ପାତ୍ର, ବିକାଶ ରଞ୍ଜନ ପାତ୍ରଙ୍କ ସମେତ ମାଣିଆବନ୍ଧ, ରଗଡି, ମହମ୍ମଦପୁର ନିଆଳି ଓ ମହାରାଷ୍ଟ୍ରରୁ ଆସିଥିବା ବହୁ ଉପାସକ ଓ ଉପସିକା ଯୋଗ ଦେଇଥିଲେ।



## ୧ ମାସରେ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ପ୍ରତିଶ୍ରୁତି

### ସମୀକ୍ଷା ବୈଠକ

ମାଣିଆବନ୍ଧ, ୨୩।୧ (ଅଖିଳ କୁମାର ସାହୁ)– ପାନୀୟ ଜଳ ଯୋଗାଣକୁ ନେଇ ସନ୍ତରାବାଳୀ ପଞ୍ଚାୟତ ରଘୁନାଥ ମଣ୍ଡପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପାନୀୟ ଜଳ ଯୋଗାଣ ଅଧିକାରୀ ଓ ଠିକା ସଂସ୍ଥା ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ବସୁଧା ଯୋଜନାରେ ୨୦୨୪ ସୁଦ୍ଧା ପ୍ରତି ଘରକୁ ପିଇବା ପାଣି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଥିଲେ। ଏହାସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚିପାରି ନାହିଁ। ଅପରପକ୍ଷେ ରାସ୍ତାରେ ପାଇପ ବିଛାଣ ପାଇଁ ବିଭିନ୍ନ ସ୍ଥାନ ଖୋଳାଯାଇଛି। ମାତ୍ର କାର୍ଯ୍ୟ ଆଗକୁ ବଢୁନାହିଁ। ଅନେକ ସମୟରେ ଏଥିଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନେଇ ସମୀକ୍ଷା ବୈଠକରେ ଅଭିଯୋଗ ହୋଇଥିଲା। ତୁରନ୍ତ ଜଳ ଯୋଗାଣ କାର୍ଯ୍ୟ ଶେଷ କରିବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏକ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହୋଇ ଜଳ ଯୋଗାଣ ସ୍ୱାଭାବିକ୍ ହେବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ୩୦ନଂ. ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ସାହୁ, ସ୍ଥାନୀୟ ଜିଲା ପରିଷଦଙ୍କ ପ୍ରତିନିଧି ମଗୁଲି ସାହୁ, ସରପଞ୍ଚ ମିତା ଜେନା, ନାଏବ ସରପଞ୍ଚ ଶରତ ସାହୁ, ସମିତି ସଭ୍ୟ ବିଭୁତି ଜେନା, କାଶୀନାଥ ବେହେରା, ଗୋବିନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇନାଲରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ

### ଗଦାଧରପୁର କ୍ରିକେଟ୍

ତିଗିରିଆ, ୨୩।୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ମା' ଭବାନୀ ସ୍ପୋର୍ଟସ ଆନୁକୂଲ୍ୟରେ ୩୩ ତମ ଗଦାଧରପୁର କପ କ୍ରିକେଟ୍ ପ୍ରତିଯୋଗିତାରେ ମଙ୍ଗଳବାର ୨ୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଖେଳରେ ବଡ଼ମ୍ବା କ୍ରିକେଟ କ୍ଲବକୁ ପରାସ୍ତ କରି ଖୋର୍ଦ୍ଧାର କଳିଙ୍ଗ ଟାଇଗର୍ସ କ୍ରିକେଟ କ୍ଲବ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଖେଳରେ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବ୍ୟାଟିଂରେ ଅଭୟ ମଲ୍ଲିକ ଓ ଟୁନୁ ଖଟୁଆ ଚମତ୍କାର ବ୍ୟାଟିଂ କରି ଯଥାକ୍ରମେ ୧୦୫ ଓ ୬୬ ରନ ସଂଗ୍ରହ କରିଥିଲେ। ଜବାବରେ ବଡ଼ମ୍ବା ଦଳ ୧୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଖୋର୍ଦ୍ଧା ଦଳର ଟୁନୁ ଖଟୁଆ ବ୍ୟାଟିଂରେ ୬୬ ରନ୍, ବୋଲିଂରେ ୪ ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଏହି ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଅତିଥି ଭାବେ ଓପେଲଫେଡର ସଭାପତି ଭୋଳେଶ୍ୱର ସ୍ୱାଇଁ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ କମଳକାନ୍ତ ସ୍ୱାଇଁ ଓ ରମେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ପ୍ରଧାନ ଓ ଶରତ ରାଉତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୨୮ ତାରିଖରେ ଫାଇନାଲ ମ୍ୟାଚ ଖୋର୍ଦ୍ଧାର କୁମାରବସ୍ତ କ୍ରିକେଟ କ୍ଲବ ଓ କଳିଙ୍ଗ ଟାଇଗର୍ସ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



### କମିଶନରେଟ୍ ପୋଲିସର ଏସିପି ସ୍ତରରେ ଅଦଳବଦଳ

## ତାପସ ଆସିଲେ ଭୁବନେଶ୍ୱର, ଗିରିଜାଶଙ୍କର ଗଲେ କଟକ

ଭୁବନେଶ୍ୱର,୨୩।୧(ସତ୍ୟଜିତ୍ ରାଉତ):

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଏସିପି ସ୍ତରରେ ଅଦଳବଦଳ କରାଯାଇଛି। ୧୨ ଅଧିକାରୀଙ୍କ ଦାୟିତ୍ୱରେ ପରିବର୍ତ୍ତନ ହୋଇଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ଯୁପିଡି ଜୋନ୍-୨ ଏସିପି ଦାୟିତ୍ୱରେ ଥିବା ଗିରୀଜାଶଙ୍କର ଚକ୍ରବର୍ତ୍ତୀଙ୍କୁ କଟକ ଜୋନ୍-୨କୁ ବଦଳି କରାଯାଇଛି। ସେହିପରି କଟକ ଜୋନ୍-୩ ଏସିପି ଥିବା ତାପସ କୁମାର ପ୍ରଧାନଙ୍କୁ ଭୁବନେଶ୍ୱର ଜୋନ-୩ର ଦାୟିତ୍ୱ ଦିଆଯାଇଛି। କଟକ ଆଇୟୁସିଏଡବ୍ଲ୍ୟୁ ଏସିପି ସତ୍ୟରଞ୍ଜନ ମଲ୍ଲିକଙ୍କୁ କମିଶନରେଟ୍ ପୋଲିସ ମୁଖ୍ୟାଳୟର ଲାଇସେନ୍‌ସ ସେଲ୍‌କୁ ବଦଳି କରାଯାଇଥିବା ବେଳେ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପି ମାନସ ରଞ୍ଜନ ଗଡ଼ନାୟକଙ୍କୁ ସିପି ମୁଖ୍ୟାଳୟ, କଟକ କ୍ରାଇମ ଏସିପି ପ୍ରଣିତା ପଟ୍ଟନାୟକଙ୍କୁ ଭୁବନେଶ୍ୱର କ୍ରାଇମ, କଟକ ଜୋନ୍-୨ ଏସିପି ଅମିତାଭ ମହାପାତ୍ରଙ୍କୁ ଭୁବନେଶ୍ୱର ଯୁପିଡି ମୁଖ୍ୟାଳୟ, ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପି କୃଷ୍ଣଚନ୍ଦ୍ର ପଲେଇଙ୍କୁ ଭୁବନେଶ୍ୱର ଜୋନ-୨ ଓ ଭୁବନେଶ୍ୱର ଜୋନ-୩ ଏସିପି ପ୍ରଦୀପ କୁମାର ରାଉତଙ୍କୁ କଟକ ଜୋନ-୩ ଏସିପି ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ଏୟାରପୋର୍ଟ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସିପି ଉମାକାନ୍ତ ପ୍ରଧାନଙ୍କୁ କଟକ ଜୋନ-୪କୁ ବଦଳି କରାଯାଇଥିବା ବେଳେ କଟକ ଜୋନ-୪ ଏସିପି ଚନ୍ଦନ କୁମାର ଘଡ଼େଇଙ୍କୁ କଟକ ଯୁପିଡି ମୁଖ୍ୟାଳୟ, ଭୁବନେଶ୍ୱର ସ୍ପେଶାଲ କ୍ରାଇମ ୟୁନିଟ୍ ଏସିପି ବିଶ୍ୱରଞ୍ଜନ ସେନାପତିଙ୍କୁ କଟକ ଯୁପିଡି କ୍ରାଇମ ଏବଂ ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାର୍ଡ ଏସିପି ଦାୟିତ୍ୱରେ ଥିବା ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଭୁବନେଶ୍ୱର ଅର୍ବାନ୍ ପୋଲିସ ଆଣ୍ଡ ଟ୍ରାଫିକ୍ ଟ୍ରେନିଂ ଇନ୍‌ଷ୍ଟିଚିଉଟ୍‌ର ଏସିପି ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

### ଦୋକାନ କ୍ୟାବିନ୍ ଭାଙ୍ଗି ସିଲିଣ୍ଡର ଚୋରି

ସାଲେପୁର,୨୩।୧(ଅରବିନ୍ଦ ଭୂୟାଁ)

ସାଲେପୁର ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଥିବା ରଶ୍ମିରଞ୍ଜନ ସାମନ୍ତରାୟଙ୍କ ଜଳଖିଆ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ୨ଟି ଗ୍ୟାସ ସିଲିଣ୍ଡର ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ୨୫ଦିନ ତଳେ ମଧ୍ୟ ଏହି ଦୋକାନ ନିକଟରେ ଥିବା ଜୟନ୍ତ କୁମାର ବେହେରାଙ୍କ ଦୋକାନରୁ ଚୋରି ହୋଇଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ବାପୁଜୀ ନଗରରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏବଂ ପଥରଗାଡ଼ିଆ ଓ ଗଣେଶ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ
ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪
ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କଟକ ପ୍ରତାପ କ୍ଲବ ଚାମ୍ପିୟନ

ବଡ଼ମ୍ବା,୨୩।୧(ମାୟାଧର ମଲ୍ଲିକ)

ରାଜା କୃଷ୍ଣଚନ୍ଦ୍ର ଫୁଟବଲ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ, ବଡ଼ମ୍ବା ଆନୁକୂଲ୍ୟରେ ସ୍ଥାନୀୟ କଲେଜ ପଡ଼ିଆରେ ଚାଲିଥିବା ୧୧ତମ ରାଜା କୃଷ୍ଣଚନ୍ଦ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ କ୍ଲବ, ପ୍ରତାପ ନଗରୀ, କଟକ ଓ ଅହମ୍ମଦିଆ କ୍ଲବ, କରଡ଼ାପଲ୍ଲୀ, ତିଗିରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଚିତାକର୍ଷକ ତଥା ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ତେଣୁ ଟ୍ରାଏବେକର ମାଧ୍ୟମରେ ପ୍ରତାପ ନଗରୀ ଦଳ ୪-୨ ଗୋଲରେ ଅଗ୍ରଣୀ ହୋଇ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ ହୋଇଥିବା ବେଳେ କରଡ଼ାପଲ୍ଲୀ ଦଳ ରନର୍ସଅପ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତାପ ନଗରୀ, କଟକ ଦଳଙ୍କୁ ଚାମ୍ପିୟନ ସିଲଡ଼ ସହିତ ନଗଦ ୨୫ ହଜାର ଟଙ୍କା ଓ ରନର୍ସଅପ ହୋଇଥିବା କରଡ଼ାପଲ୍ଲୀ, ତିଗିରିଆ ଦଳଙ୍କୁ କପ ସହ ନଗଦ ୧୫ ହଜାର ଟଙ୍କା ମୁଖ୍ୟ ଅତିଥି ମିଶ୍ର ଓ ଅନ୍ୟ ଅତିଥି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଟିମ୍‌ର କୋଷାଧ୍ୟକ୍ଷ ସାଜଉଦ୍ଦିନ ଖାଁ, ଦିବାକର ସାହୁ ଉପସ୍ଥିତ ଥିବା ବେଳେ ଅଫିସିଆଲ ଭାବେ ପ୍ରୀତି ରଞ୍ଜନ ରଥ, ମିର ଅବଦୁଲ ସାହାଯାହାନ, ସାମନ୍ତ ପ୍ରବୀଣ କିଶୋର ଦେବ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ରେଫରୀ ଭାବେ ସଞ୍ଜୀବ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ଶକ୍ତି ପ୍ରସାଦ ମହାପାତ୍ର, ଲକି ହେମ୍ବ୍ରମ ସହଯୋଗ କରିଥିଲେ। ମାନେନ୍ଦ୍ର ରଥଙ୍କ ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 18/2023-24 Date of Insertion- 15.01.2024
वॉक–इन–इन्टरव्यू
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

## ସଂକ୍ଷେପରେ

### ଓଏସ୍ଆର୍‌ଟିସି ବସ୍‌କୁ ଧକ୍କା ଦେଲା ଘରୋଇ ବସ୍

ଭୁବନେଶ୍ୱର, ୨୩।୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବାଣୀବିହାର ଓଭରବ୍ରିଜ୍ ଉପରେ ମଙ୍ଗଳବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଓଏସ୍ଆର୍‌ଟିସି ବସ୍ ପଛକୁ ଏକ ଘରୋଇ ବସ୍ ଧକ୍କା ଦେଇବାରୁ ଏହି ଅଘଟଣ ଘଟିଥିଲା। ଦୁର୍ଘଟଣାରେ ଉଭୟ ବସ୍‌ର ଡ୍ରାଇଭର ସମେତ ଏକାଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଓଏସ୍ଆର୍‌ଟିସି ବସ୍‌ର ବ୍ରେକ୍ ଫେଲ୍ ଯୋଗୁ ତାହା ଅଟକି ଯାଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଶହୀଦନଗର ଥାନା ପୋଲିସ ତଦନ୍ତ ଜାରି ରଖିଛି।

### ଗୋବିନ୍ଦ ପଟ୍ଟନାୟକ ପାଇବେ 'ପ୍ରାଣନାଥ ସମ୍ମାନ'

ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)

ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକକର୍ମୀ ଗୋବିନ୍ଦ ପଟ୍ଟନାୟକଙ୍କୁ 'ପ୍ରାଣନାଥ ସମ୍ମାନ'ରେ ସମ୍ମାନିତ କରାଯିବ। ଜାନୁଆରୀ ୨୮ରେ ହେବାକୁ ଥିବା ପ୍ରାଣନାଥ ମହାବିଦ୍ୟାଳୟର ୬୫ତମ ସାମ୍ବତ୍ସରିକ ଉତ୍ସବରେ ପଟ୍ଟନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଅଜନ୍ତା ଶତପଥୀ ସୂଚନା ଦେଇଛନ୍ତି।

### ଶୋଭାଯାତ୍ରା ବେଳେ ବଚସା, ଠେଲାପେଲା ଘଟଣା: ଶାନ୍ତି କମିଟି ଗଠିତ

ଟାଙ୍ଗୀ, ୨୩।୧ (ରଘୁନାଥ ସାହୁ)

ଅଯୋଧ୍ୟାରେ ସୋମବାର ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସାନରାଉତପଡ଼ା ଗ୍ରାମରେ ଶୋଭାଯାତ୍ରା ଗାଡ଼ି ଯାଉଥିବା ବେଳେ ମସଜିଦ୍ ନିକଟରେ ମାଇକ୍ ନ ବଜାଇବାକୁ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଯୁବକ କହିଥିଲେ। ଏହା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଆଇନଶୃଙ୍ଖଳା ପ୍ରତି ନଜର ରଖିଛି। ମଙ୍ଗଳବାର ଟାଙ୍ଗୀ ଥାନା ପରିସରରେ ପୋଲିସ ଉପସ୍ଥିତିରେ ଉଭୟ ଗୋଷ୍ଠୀର ମୁଖିଆମାନଙ୍କ ସହିତ ଆଲୋଚନା କରାଯାଇଛି। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଉଭୟ ପକ୍ଷର ବ୍ୟକ୍ତିଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଆସନ୍ତା ୨୬ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ଟାଙ୍ଗୀ ଓ ନିରାକାରପୁର ଥାନା ଅଞ୍ଚଳ ହୋଇଥିବାରୁ ଉଭୟ ଥାନାରେ ବୈଠକ କରାଯିବ। ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ଗୋଷ୍ଠୀର ମୁଖିଆଙ୍କୁ ପୋଲିସ ନିବେଦନ କରିଥିବା ଜଣାପଡ଼ିଛି।

# ମଧ୍ୟାହ୍ନଭୋଜନ ବନ୍ଦ ନେଇ ଅଭିଭାବକଙ୍କ ଅସନ୍ତୋଷ

ନିରାକାରପୁର, ୨୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)




ସରକାର ଶିକ୍ଷାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ଯୋଜନା କରୁଛନ୍ତି। ପିଲାମାନେ କିଭଳି ବିଦ୍ୟାଳୟ ଆସିବା ପାଇଁ ଆଗ୍ରହୀ ହେବେ ଓ ସୁସ୍ଥ ରହିବେ ସେନେଇ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଛି। ହେଲେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ମଙ୍ଗଳବାର ମଧ୍ୟାହ୍ନଭୋଜନ ପରିବର୍ତ୍ତେ ପିଲାମାନଙ୍କୁ ବିସ୍କୁଟ ଦିଆଯାଇଥିଲା, ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ସ୍କୁଲରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ହେଉଥିବାରୁ ସବୁଦିନ ପରି ମଙ୍ଗଳବାର ମଧ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିଥିଲେ। ନେତାଜୀଙ୍କ ଜୟନ୍ତୀ ପାଳନ ପରେ ମଧ୍ୟାହ୍ନଭୋଜନ ଖାଇ ପିଲାମାନେ ଘରକୁ ଯିବେ। ହେଲେ ମଧ୍ୟାହ୍ନଭୋଜନ ପରିବର୍ତ୍ତେ ପିଲାମାନଙ୍କୁ ବିସ୍କୁଟ ଦିଆଯାଇଥିଲା। ଏହା ଜାଣିବା ପରେ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟ କହିଛନ୍ତି, କମ୍ ପିଲା ଆସିଥିବାରୁ ମଧ୍ୟାହ୍ନଭୋଜନ ବନ୍ଦ କରାଯାଇ ବିସ୍କୁଟ ଦିଆଯାଇଛି। ସେହିପରି ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ବାହିନୀପତି କହିଛନ୍ତି, ବିଦ୍ୟାଳୟକୁ ଯାଇ ନ ଥିବାରୁ ପିଲାମାନଙ୍କୁ କ'ଣ ଖାଦ୍ୟ ଦିଆଯାଇଛି ଜାଣିନାହିଁ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ କହିଛନ୍ତି, ମଧ୍ୟାହ୍ନ ଭୋଜନ କ'ଣ ପାଇଁ ବନ୍ଦ ହୋଇଛି ଜାଣିନାହିଁ। ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଏ ସମ୍ପର୍କରେ ବୁଝିବି ବୋଲି କହିଛନ୍ତି।

# ପୋଲିସ ପଞ୍ଝାରେ ୩ ଜଣିଆ ଗ୍ୟାଙ୍ଗ

ଭୁବନେଶ୍ୱର, ୨୩।୧ (ସତ୍ୟଜିତ୍ ରାଉତ)

ଭଡ଼ାରେ ବାଇକ୍ ଆଣୁଥିଲେ। ସୁଯୋଗ ଦେଖି ସୁନା ଚେନ୍, ମନିପର୍ସ, ମୋବାଇଲ ଲୁଟ୍ କରି ଫେରାର ହେଇ ଯାଉଥିଲେ। ରାଜଧାନୀରେ କିଛିଦିନ ହେଲା ଏଭଳି ଅପରାଧ କରୁଥିବା ଆତଙ୍କ ରୁଥିବା ଏକ ତିନି ଜଣିଆ ଗ୍ୟାଙ୍ଗ୍ କମିଶନରେଟ୍ ପୋଲିସ ପଞ୍ଝାରେମଙ୍ଗଳବାର ଧରାପଡ଼ିଛନ୍ତି। ଜଣେ ମହିଳାଙ୍କଠାରୁ ସୁନା ଚେନ୍ ଲୁଟ୍ ମାମଲାରେ ଖଣ୍ଡଗିରି ଥାନା ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତଦ୍ୱୟ ହେଲେ ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମର ସୁରେଶ ନାୟକ ଓରଫ ରଙ୍ଗ ଓରଫ ଗୌରା (୨୫) ଓ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଅଞ୍ଚଳର ପି ରାମୁଲୁ ରାଓ (୨୩)। ସେମାନଙ୍କ ଠାରୁ ୫ଟି ଅଧାଛିଣ୍ଡା ସୁନା ଚେନ୍, ଗୋଟିଏ ମୋବାଇଲ ଏବଂ ଅପରାଧରେ ବ୍ୟବହୃତ ଗୋଟିଏ ବାଇକ୍ ଜବତ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଅନ୍ୟପକ୍ଷରେ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ବେଗୁନିଆ/ ନିରାକାରପୁର, ୨୩।୧ (ହର ପ୍ରସନ୍ନ ପଣ୍ଡା / ମାନସ ଚନ୍ଦ୍ର ପଟ୍ଟନାୟକ)



ବେଗୁନିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

ବେଗୁନିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାରଠାରୁ ଚାଲିଛି। ସୋମବାର ଆୟୋଜିତ ଶିବିରରେ ବିପର୍ଯ୍ୟୟ ପ୍ରଶମନକୁ କିପରି ମୁକାବିଲା କରାଯାଇପାରିବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୨ଜଣ ଛାତ୍ରୀ ତାଲିମ ନେଇଥିଲେ। ପ୍ରାଧ୍ୟାପକ ପଙ୍କଜ କୁମାର କର ଯୋଗଦେଇ ବିପଦକୁ କିପରି ମୁକାବିଲା କରାଯାଇପାରିବ ଅପରିହାର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବିପର୍ଯ୍ୟୟ ପ୍ରଶମନକୁ ମୁକାବିଲା କରିବା ପାଇଁ କେବେହେଲେ ପଛଘୁଞ୍ଚା ଦିଅନାହିଁ। ପ୍ରଥମେ ମାନସିକ ମନୋବଳକୁ ଦୃଢ଼ କର। ପରେ ଧୈର୍ଯ୍ୟ ଓ ଆତ୍ମବଳ ପ୍ରୟୋଗ କଲେ ଆସନ୍ନ ବିପଦକୁ ମୁକାବିଲା କରାଯାଇପାରିବ ବୋଲି ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅଧ୍ୟାପିକା ଆରାଧନା ମହାପାତ୍ର ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରିୟମ୍ବଦା ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସଞ୍ଜୟ କୁମାର ମହାପାତ୍ର ଯୋଗଦେଇଥିଲେ। ପ୍ରୀଣିତା ଦେବୀ ଓ ଅନିଲ କୁମାର ଭୋଇ ଆତ୍ମରକ୍ଷାର ବିଭିନ୍ନ ଦିଗ ଉପରେ କହିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଅଧ୍ୟାପିକା କାଦମ୍ବିନୀ ସାହୁ ସ୍ୱାଗତ ଭାଷଣ ଏବଂ ଡ. ପ୍ରଭାତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୌରଭ ମହାପାତ୍ର ଉପସ୍ଥିତ ଥିବା ବେଳେ ଆତ୍ମରକ୍ଷା ପ୍ରଶିକ୍ଷଣ ସଂଯୋଜିକା ସୋନାଲି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ମହାପୁରୁଷ ସ୍ମୃତିଚାରଣ ପରିଷଦ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ସ୍ଥାନୀୟ ଗୀତା ଭବନଠାରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ବୈକୁଣ୍ଠ ନାଥ ରାଜଗୁରୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିକ୍ଷା ବଞ୍ଚାଅ କମିଟିର ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ନେତାଜୀଙ୍କ ଜୀବନାଦର୍ଶ ଓ ସ୍ୱାଧୀନତା ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ସମ୍ବିତ୍ ପଟ୍ଟନାୟକ, କବି ଜ୍ଞାନରଞ୍ଜନ ଦାଶ, ପରିଷଦର ଉପସଭାପତି ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଡ. ନୀଳାଦ୍ରିନାଥ ଜଗଦେବ, ଅଧିବକ୍ତା ବିକ୍ରମ କେଶରୀ ଚମ୍ପତି ଓ କବୟିତ୍ରୀ କବିତା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଏକାଧିକ କବି ନେତାଜୀଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଜୟନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀଙ୍କ କର୍ମନିଷ୍ଠା ଓ ମାତୃଭୂମି ପ୍ରତି ଥିବା ମମତାକୁ ଆଜିର ପିଢ଼ି ଆପଣେଇବା ଦରକାର ବୋଲି ମତପ୍ରକାଶ ପାଇଥିଲା। ସଭାପତି ଦିଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗୋପାଳ ଦାସ, ଜିତେନ୍ଦ୍ର ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସେବା ଶିବିର

ଜଟଣୀ, ୨୩।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରପରିଷଦର ପୂର୍ବତନ ପୌରସଭ୍ୟ ସ୍ୱର୍ଗତ ଶୁଭେନ୍ଦୁ ପରିଜାଙ୍କ ସ୍ମୃତିରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଜଟଣୀ ନାଗରିକ କମିଟି ଆନୁକୂଲ୍ୟରେ ମୋ ଜଟଣୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ନାଗରିକ କମିଟିର ସଭାପତି ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ବିଧାୟକ ସୁରେଶ କୁମାର ରାଉତରାୟ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରର ଏକ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯିବା ସହ ଔଷଧ ପ୍ରଦାନ କରାଯାଇଥିଲା। କଳିଙ୍ଗ କୁମାର ସାହୁ, ସୁଲୁ ରଥ, ସଂକେତ ପାଟଶାଣି, ଲୁସେନ ରାୟ, ନୌସର ଅଲ୍ଲୀ, ସଂଗ୍ରାମ ଶାସମଲ, ଜି.ଶ୍ରୀନୁ, ସାବିତ୍ରୀ ରେଡ଼ି, ସସ୍ମିତା ବଳିୟାରସିଂ, ସ୍ମୃତି ପ୍ରକାଶ ସାହୁ, ଲୁଲୁ ବଡ଼ଜେନା, ସୂର୍ଯ୍ୟକାନ୍ତ ବଳିୟାରସିଂ, କ୍ଷିତୀଶ ପାହାଡ଼ସିଂହ, ବୃନ୍ଦାବନ ସାହୁ, ସୁନୀଲ ରାଉତରାୟ, ସଞ୍ଜୟ ଜେନା, ଗତେଶ୍ୱର ବେହେରା, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଚା'ଖଟିରେ ବିଧାୟକ ଜଗଦ୍ଦେବ



ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

ଟାଙ୍ଗୀ, ୨୩।୧ (ରଘୁନାଥ ସାହୁ)

ଟାଙ୍ଗୀ ମଙ୍ଗଳାଯୋଡ଼ି ଛକରେ ଥିବା ଏକ ଚା'ଦୋକାନରେ ପ୍ରତିଦିନ ଲୋକେ ଚା' ପିଇବା ସହ ରାଜ୍ୟ ତଥା ଦେଶର ସାମ୍ପ୍ରତିକ ଖବର ନେଇ ଚର୍ଚ୍ଚା କରିଥାନ୍ତି। ଆଇନଜୀବୀ, ଶିକ୍ଷକ, ଅଧ୍ୟାପକ, ସାମ୍ବାଦିକ, ବୁଦ୍ଧିଜୀବୀ, ବ୍ୟବସାୟୀ, ଯୁବକମାନେ ଆଲୋଚନାରେ ଭାଗ ନେଇଥାନ୍ତି। ମଙ୍ଗଳବାର ହଠାତ୍ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଉକ୍ତ ଚା ଖଟିରେ ପହଞ୍ଚିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ପ୍ରାର୍ଥୀତ୍ୱ ସମ୍ପର୍କରେ ଆଲୋଚନାରେ ଭାଗ ନେଇ ଜଗଦ୍ଦେବ କହିଥିଲେ, ଟାଙ୍ଗୀ ବ୍ଲକ ମୋ ମାଟି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଟାଙ୍ଗୀ ବ୍ଲକ ଅବହେଳିତ। ପ୍ରତିନିଧିତ୍ୱ କରୁଥିବା ନେତୃବୃନ୍ଦ ଖୋର୍ଦ୍ଧା ଅଞ୍ଚଳରୁ ଆସୁଥିବାରୁ ଟାଙ୍ଗୀର ବିକାଶ ହୋଇପାରୁନାହିଁ। ମୁଁ ଅସୁସ୍ଥ ଯୋଗୁଁ କିଛିଦିନ ବିଶ୍ରାମ ନେଇଥିଲି। ଏବେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଚା'ଖଟିରେ ପହଞ୍ଚି ଜନସାଧାରଣଙ୍କ ସହିତ ମିଶିବେ ବୋଲି କହିଥିଲେ।

# ମାତୃଭୂମି ସେବାରେ ବ୍ରତୀ ହେବାକୁ ଆହ୍ୱାନ

ଜଟଣୀ, ୨୩।୧ (ରବୀନ୍ଦ୍ରନାଥ ମହାକୁଡ଼)



ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ନାଗରିକ ସେବା ସଂଘ, ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ଏବଂ ଏଆଇଏସଏସ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଏହି ଜୟନ୍ତୀ ପାଳିତ ହୋଇଥିଲା। ଖବରଦାତା ଅବନୀ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଜବାହାରଲାଲ ସୁବୁଦ୍ଧି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଦୁଇ ବିପ୍ଳବୀଙ୍କ ଅବଦାନ ବିଷୟରେ କହିଥିଲେ। ସଙ୍ଗଠନର ବହୁ ସଦସ୍ୟ ଯୋଗଦେଇ ଦୁଇ ବିପ୍ଳବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଜୟ କେତନ ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ଛାତ୍ର ଫେଡେରେଶନ ପକ୍ଷର ବେଲପଡାସ୍ଥିତ ଜନସେବା କେନ୍ଦ୍ର ପରିସରରେ ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷକ ନେତା ଜବାହାରଲାଲ ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ଏହି ଅବସରରେ ଦେଶ ଏବଂ ସୁସ୍ଥ ସମାଜ ଗଠନ ପାଇଁ କାର୍ଯ୍ୟ କରିବାକୁ ମତପ୍ରକାଶ ପାଇଥିଲା।

**ବାଲୁଗାଁ, (ସଂଗ୍ରାମ ପାଇକରାୟ):** ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ପରାକ୍ରମ ଦିବସ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସେହିପରି ଅଧ୍ୟକ୍ଷା ଡ.କଳ୍ପନା ଦାସଙ୍କ ତତ୍ତ୍ୱାବଧାନରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ ମିଳିତଭାବେ ବାଲୁଗାଁ କଲେଜ ରୋଡ ସ୍ଥିତ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ପଟ୍ଟଯୋଶୀ, ସଞ୍ଜୁକ୍ତା ରାଣୀ ପଟ୍ଟନାୟକ, ଅରୁଣା ସେନାପତି, ଇତିଶ୍ରୀ ସେଠୀ, ବିଷ୍ଣୁପ୍ରିୟା ବାରିକ ପ୍ରମୁଖ ନେତାଜୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ଗାନ୍ଧୀ ଛକ ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ଲକ୍ଷ୍ମୀଧର ସୁବୁଦ୍ଧି, ଗିନା ରାଉତ, ଅକ୍ଷୟ କୁମାର ମିଶ୍ର, ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗ୍ରାମ କେଶରୀ ବେହେରା, ଦେବରାଜ ମହାପାତ୍ର, ଅନିଲ ପ୍ରଧାନ, ସନ୍ଧ୍ୟାରାଣୀ ବେହେରା, କାର୍ତ୍ତିକେଶ୍ୱର ଜେନା, ସଞ୍ଚିତା ନାୟକ, ରଶ୍ମି ରେଖା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ନେତାଜୀ ଓ ସାଏଙ୍କ ଜୟନ୍ତୀ

**ଟାଙ୍ଗୀ, (ରଘୁନାଥ ସାହୁ):** ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବଳରାମ ଦେବ ମନ୍ଦିରଠାରେ ନେତାଜୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା। ମଞ୍ଚ ସଂଯୋଜକ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଚନ୍ଦ୍ରଶେଖର ଦାଶ, ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଡା.ମଧୁସୂଦନ ସେନାପତି, ଅବସରପ୍ରାପ୍ତ ସେନା ଅଧିକାରୀ ଭଗବାନ ଚମ୍ପତି, ଅରୁଣ ରଞ୍ଜନ ମହାନ୍ତି, ରମେଶ କୁମାର ବଳବନ୍ତରାୟ, ମହେଶ୍ୱର ପ୍ରଧାନ, ଲିଙ୍ଗରାଜ ସାହୁ, ପ୍ରସନ୍ନ ଶ୍ରୀଚନ୍ଦନ, ବାସୁଦେବ ସିଂ, ଉମେଶ ପ୍ରସାଦ ଧଳ, ତାରାପ୍ରସାଦ ପଟ୍ଟନାୟକ, ବୀରେନ ସାହୁ, ସାମ୍ବାଦିକ ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ଆଇନଜୀବୀ ରମେଶ କୁମାର ବେହେରା, ବିଶ୍ୱଜିତ ରାଉତରାୟ, କବି କାହ୍ନୁଚରଣ ମିଶ୍ର, ପ୍ରଫୁଲ୍ଲ ଜେନା, ସୁବାସ ଚନ୍ଦ୍ର ଦଳସିଂହରାୟ, ଚିନ୍ମୟ ପୃଷ୍ଟି, କେଶବ ଦାସ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ ସଂଯୋଜନା କରିଥିଲେ। ସାମ୍ବାଦିକ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବଳରାମ ଦେବ ବିଦ୍ୟାପୀଠ, ବାଳିକା ଉଚ୍ଚ ବିଦ୍ୟାଳୟ, ବଡପାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, କାଳୁପଡାଘାଟ ଉଚ୍ଚ ବିଦ୍ୟାଳୟ, ଚାନ୍ଦପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ, ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଣସପୁର ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି।

**ଗମ୍ଭାରୀମୁଣ୍ଡା, (ଦିଲୀପ ସ୍ୱାଇଁ):** ନାଟୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶବରଙ୍କ ଅଧ୍ୟକ୍ଷତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ବସନ୍ତ ସାହୁ, ଶିକ୍ଷୟିତ୍ରୀ ସବିତା ଦେଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ସଭା ସଞ୍ଚାଳନରେ ସହଯୋଗ କରିଥିଲେ। ସେହିପରି ବାଣପୁର ସ୍ଥିତ ବିଜୁ ଭବନ ପରିସରରେ ଭବାନୀ ଶଙ୍କର ବଳିୟାରସିଂହଙ୍କ ସଭାପତିତ୍ୱରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅତିଥିମାନେ ନେତାଜୀଙ୍କ ତ୍ୟାଗ ଓ ବଳିଦାନ, ସଂଘର୍ଷ କଥା ମନେପକାଇଥିଲେ। ଖୋର୍ଦ୍ଧା ଜିଲାପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ସରପଞ୍ଚ ଆକାଶ ପ୍ରଧାନ, ପ୍ରସନ୍ନ ପ୍ରଧାନ, ଅଜୟ ରାଉଳ, ସୂର୍ଯ୍ୟକାନ୍ତ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ବାପୁଜୀ ନଗରରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏବଂ ପଥରଗାଡ଼ିଆ ଓ ଗଣେଶ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ
ନଂ. ଏସ୍ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪
ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 18/2023-24 Date of Insertion- 15.01.2024
वॉक–इन–इन्टरव्यू
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

## ସଂକ୍ଷେପରେ

### ଓସ୍ଆର୍‌ଟିସି ବସ୍‌କୁ ଧକ୍କା ଦେଲା ଘରୋଇ ବସ୍

#### ବାଣୀବିହାର ଓଭରବ୍ରିଜ୍ ଉପରେ ଦୁର୍ଘଟଣା

**ଭୁବନେଶ୍ୱର,୨୩।୧(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ବାଣୀବିହାର ଓଭରବ୍ରିଜ୍ ଉପରେ ମଙ୍ଗଳବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ଆଡ଼େ ଯାଉଥିବା ଓଏସ୍ଆର୍‌ଟିସି ବସ୍ ପଛକୁ ଏକ ଘରୋଇ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଦୁର୍ଘଟଣାରେ ଉଭୟ ବସ୍‌ର ଡ୍ରାଇଭର ସମେତ ଏକାଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଓଏସ୍ଆର୍‌ଟିସି (ଓଡି୦୫-ବିସି୪୧୦୬) ବସ୍‌ର ବ୍ରେକ୍ ଫେଲ୍ ଯୋଗୁ ତାହା ଅଟକି ଯାଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଦୁର୍ଘଟଣାରେ ଉଭୟ ବସ୍‌ର ସାମାନ୍ୟ କ୍ଷତି ହୋଇଛି। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ତଦନ୍ତ ଜାରି ରଖିଛି।

### ନନ୍ଦନକାନନ ଆସିଲା ଉଦ୍ଧାର ଶାଗୁଣା, ଚାଲିଛି ଚିକିତ୍ସା

ବାରଙ୍ଗ,୨୩।୧(ଲିଙ୍ଗରାଜ ରାଉତ): ଏକ ଅସୁସ୍ଥ ଚିତ୍ରା ହରିଣର ଚିକିତ୍ସା ପାଇଁ ସୋମବାର ସନ୍ଧ୍ୟାରେ ଦଶପଲ୍ଲାରୁ ନନ୍ଦନକାନନ ଆସିଥିବାବେଳେ ପୁଣି ମଙ୍ଗଳବାର ଦ୍ୱିପ୍ରହରରେ ଏକ ଶାଗୁଣା ଚିକିତ୍ସା ପାଇଁ ଆସି ପହଞ୍ଚିଛି। ସୂଚନା ମୁତାବକ, ଯାଜପୁର ବନବିଭାଗ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ଶାଗୁଣା ଅସୁସ୍ଥ ହୋଇ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଆହତ ଶାଗୁଣାକୁ ଉଦ୍ଧାର କରି ଆଶୁ ଚିକିତ୍ସା କରିବା ପରେ ଯାଜପୁର ବନବିଭାଗ ମଙ୍ଗଳବାର ନନ୍ଦନକାନନକୁ ହସ୍ତାନ୍ତର କରିଛି। ତେବେ ଶାଗୁଣାଟି ଏଠାକୁ ଆସିବା ପରେ ପ୍ରାଣୀ ଉଦ୍ୟାନ ପଶୁ ଚିକିତ୍ସାଳୟରେ ଡାକ୍ତର ତା'ର ଚିକିତ୍ସା ଜାରି ରଖିଛନ୍ତି। ଶାଗୁଣାଟି ଅତି ଗୁରୁତର ଥିବାରୁ ଆଇସିୟୁରେ ରଖାଯାଇଥିବା ସୂଚନା ମିଳିଛି।

### ଗୋବିନ୍ଦ ପଟ୍ଟନାୟକ ପାଇବେ 'ପ୍ରାଣନାଥ ସମ୍ମାନ'

**ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ):** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକକର୍ମୀ ଗୋବିନ୍ଦ ପଟ୍ଟନାୟକଙ୍କୁ 'ପ୍ରାଣନାଥ ସମ୍ମାନ'ରେ ସମ୍ମାନିତ କରାଯିବ। ଜାନୁଆରୀ ୨୮ରେ ହେବାକୁ ଥିବା ପ୍ରାଣନାଥ ମହାବିଦ୍ୟାଳୟର ୬୫ତମ ସାମ୍ବତ୍ସରିକ ଉତ୍ସବରେ ପଟ୍ଟନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଅଜନ୍ତା ଶତପଥୀ ସୂଚନା ଦେଇଛନ୍ତି। ପଟ୍ଟନାୟକ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟକ୍ରମ କରିବା ସହ ମାନସିକ ବିକାରଗ୍ରସ୍ତ ଓ ନିକ୍ଷେପିତ ଅସହାୟ ମହିଳା ଓ ପୁରୁଷଙ୍କ ପାଇଁ ବିଭିନ୍ନ ଥଇଥାନ କେନ୍ଦ୍ର ଯଥା, ମିଶନ ଆଶ୍ରା ଓ ମିଶନ ଆଶାଲୋକ, ଅବହେଳିତ ଶିଶୁଙ୍କ ପାଇଁ ଶିଶୁ ଯତ୍ନଗୃହ 'ଆମଘର', ମହିଳା ଚାଲାଣକୁ ରୋକିବା ନିମନ୍ତେ 'ଉଜ୍ଜ୍ୱଳା ଗୃହ', ନିର୍ଯାତିତ ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ନିମନ୍ତେ 'ସଖୀ', ଭିକ୍ଷୁକମାନଙ୍କ ନିମନ୍ତେ ଥଇଥାନ କେନ୍ଦ୍ର 'ଆଶ୍ରା ମିଶନ' ଆଦି ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି।

### ପାଉଡର ଧାତୁ ଆଧାରିତ କର୍ମଶାଳା 'ପ୍ରେଜ୍'

**ଭୁବନେଶ୍ୱର,୨୩।୧(ଶର୍ମିଷ୍ଠା ପାଣିଗ୍ରାହୀ):** ସିଏସ୍ଆଇଆର୍ ଆଇଏମ୍ଏମ୍‌ଟି ଭୁବନେଶ୍ୱରର ଏସ୍‌ଭଞ୍ଜନାଗର ହଲଠାରେ 'ପାଉଡର ମେଟାଲର୍ଜି ବେସଡ୍ ରିସର୍ଚ୍ଚ ଫର ଆଡଭାନ୍ସମେଣ୍ଟ; ଇନ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ପ୍ରେଜ-୨୦୨୪' ଶୀର୍ଷକ ଏକ ଉଚ୍ଚସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରସ୍ଥିତ ସ୍କୁଲ ଅଫ୍ ବେସିକ ସାଇନ୍ସର ପ୍ରଫେସର ପି.ଭି ସତ୍ୟମ୍ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଏମ୍‌ପିଡିର ମୁଖ୍ୟ ବୈଜ୍ଞାନିକ ଏଚ୍.କେ. ତ୍ରିପାଠୀ, ଏଏମ୍‌ଟି ମୁଖ୍ୟ ତଥା ମୁଖ୍ୟ ବୈଜ୍ଞାନିକ ଡ. ଆର୍ ଶକ୍ତିଭେଲ୍ ଏବଂ ପ୍ରେଜ - ୨୦୨୪ର କନଭେନର ଡ. ଅଜିତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପାଉଡର ସିନ୍ଥେସିସ୍, କ୍ୟାରେକ୍ଟରାଇଜେସନ ଓ ଏକତ୍ରୀକରଣ ବିଭିନ୍ନ କୌଶଳ ବିଷୟରେ ବିଜ୍ଞାନ, ଇଞ୍ଜିନିୟରିଂ ପିଏଚ୍‌ଡି ଏବଂ ପିଜି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ।

# କମିଶନରେଟ୍ ପୋଲିସ ପଞ୍ଝାରେ ୩ ଜଣିଆ ଗ୍ୟାଙ୍ଗ୍

ଭୁବନେଶ୍ୱର,୨୩।୧(ସତ୍ୟଜିତ୍ ରାଉତ)

**ଭଡ଼ାରେ ବାଇକ୍ ଆଣି ଲୁଟ୍ କରୁଥିଲେ**

- ଅଭ୍ୟାସଗତ ଲୁଟେରା ଗୌରା, ପି. ରମୁଲୁ ଜେଲ ଗଲେ
- ୫ ଅଧାଛିଣ୍ଡା ସୁନା ଚେନ୍, ମୋବାଇଲ, ବାଇକ୍ ଜବତ



ଭଡ଼ାରେ ବାଇକ୍ ଆଣୁଥିଲେ। ସୁଯୋଗ ଦେଖି ସୁନାଚେନ୍, ମନି ପର୍ସ, ମୋବାଇଲ ଲୁଟ୍ କରି ଫେରାର ହୋଇଯାଉଥିଲେ। ରାଜଧାନୀରେ କିଛିଦିନ ହେଲା ଏଭଳି ଅପରାଧ ଘଟାଇ ଆତଙ୍କ କରୁଥିବା ଏକ ୩ଜଣିଆ ଗ୍ୟାଙ୍ଗ୍ କମିଶନରେଟ୍ ପୋଲିସ ପଞ୍ଝାରେ ମଙ୍ଗଳବାର ଧରାପଡ଼ିଛନ୍ତି। ଜଣେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ମାମଲାରେ ଖଣ୍ଡଗିରି ଥାନା ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମର ସୁରେଶ ନାୟକ ଓରଫ ରଙ୍ଗ ଓରଫ ଗୌରା (୨୫) ଓ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଅଞ୍ଚଳର ପି ରାମୁଲୁ ରାଓ (୨୩)। ସେମାନଙ୍କ ଠାରୁ ୫ଟି ଅଧାଛିଣ୍ଡା ସୁନାଚେନ୍, ଗୋଟିଏ ମୋବାଇଲ ଫୋନ୍ ଏବଂ ଅପରାଧରେ ବ୍ୟବହୃତ ଗୋଟିଏ ବାଇକ୍ ଜବତ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ସୂଚନା ଅନୁଯାୟୀ, ଗତ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଅଭିଯୋଗକାରୀ ଲକ୍ଷ୍ମୀଧର ନାୟକ ସ୍ତ୍ରୀଙ୍କୁ ସ୍କୁଟିରେ ବସାଇ ସିଆର୍‌ପି ଛକକୁ ମାର୍କେଟିଂ ପାଇଁ ଯାଉଥିବାବେଳେ ଅଭିଯୁକ୍ତମାନେ ଲୁଟ୍ କରିବାକୁ ଟାର୍ଗେଟ୍ କରିଥିଲେ। ବରମୁଣ୍ଡା ଓଭରବ୍ରିଜ୍ ନିକଟରେ ଅଭିଯୁକ୍ତମାନେ ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ଲକ୍ଷ୍ମୀଧରଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୪୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ଧରାପଡ଼ିବା ପରେ ସେମାନଙ୍କ ଅପରାଧ ବିଷୟରେ ଅଧିକ ଜଣାପଡ଼ିଥିଲା। ଉକ୍ତ ଦିନ ସେମାନେ ବରମୁଣ୍ଡା, ରାମମନ୍ଦିର ନିକଟ ଓ ବିଜେବି ନଗର ଅଞ୍ଚଳରେ ୨ ସୁନାଚେନ୍ ଓ ଗୋଟିଏ ମୋବାଇଲ ଲୁଟ୍ କରିଥିବା ମାନିଥିଲେ। ଏପରିକି ଗତ ଡିସେମ୍ବର ୨୫ରେ ବରମୁଣ୍ଡା ନିକଟରୁ ଜଣେ ମହିଳାଙ୍କଠାରୁ ମଧ୍ୟ ସୁନାଚେନ୍ ଲୁଟ କରିଥିବା କହିଥିଲେ। ଗୌରାଙ୍ଗ ନାମରେ ଭରତପୁର ଓ ଖଣ୍ଡଗିରିରେ ୩ ମାମଲା ଥିବାବେଳେ ରମୁଲୁ ମଧ୍ୟ ଭରତପୁର, କ୍ୟାପିଟାଲ ଓ ଖଣ୍ଡଗିରି ଥାନାରେ ମୋଟ ୧୧ଟି ଲୁଟ୍ ମାମଲାରେ ସମ୍ପୃକ୍ତ ଅଛନ୍ତି। ଅଭ୍ୟାସଗତ ଲୁଟେରା ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# କାର୍ ଧକ୍କାରେ ନାବାଳକ ଗୁରୁତର



ଭୁବନେଶ୍ୱର,୨୩।୧(ସତ୍ୟଜିତ୍ ରାଉତ)

**ଫେରାର୍ ଚାଳକଙ୍କୁ ଖୋଜୁଛି ପୋଲିସ**

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୨ ପଟେଲ୍ ବସ୍ତି ନିକଟ ରାସ୍ତାରେ କାର୍ ଦୁର୍ଘଟଣାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ଏହି ଦୁର୍ଘଟଣା ଘଟାଇ କାର୍ ଚାଳକ ଓ ସେଥିରେ ବସିଥିବା ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ସେଠାରୁ ଦୁର୍ଘଟଣା ଘଟାଇଥିବା ଉକ୍ତ ନାଲି ରଙ୍ଗର କାର୍‌କୁ ଜବତ କରିଛି। ଆହତ ନାବାଳକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବାବେଳେ ବାପା ଗୋବିନ୍ଦ ସାହୁ ଏସଂକ୍ରାନ୍ତରେ କ୍ୟାପିଟାଲ ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ଏହି ଏତଲାକୁ ଆଧାର କରି ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ନାବାଳକ ଜଣଙ୍କ ଶୌଚ ହେବାକୁ ଯାଉଥିବା ବେଳେ ଏହି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ କାର୍ ଡ୍ରାଇଭର ଜଣଙ୍କ ମଦ୍ୟପାନ କରି ଏହି ଦୁର୍ଘଟଣା ଘଟାଇଥିବା ପୋଲିସ ସନ୍ଦେହ କରୁଛି। ଡ୍ରାଇଭର ଓ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଧିକ ତଦନ୍ତ ଜାରି ରଖିଛି।

# ବିଜେଡିର ପରିବାର ଜନସମ୍ପର୍କ ଅଭିଯାନ ଆରମ୍ଭ




**ଭୁବନେଶ୍ୱର, ୨୩।୧(ଅସମାପିକା ସାହୁ)**

ବିଜୁ ଜନତା ଦଳ(ବିଜେଡି)ର ଘରେ ଘରେ ଶଙ୍ଖ ଏବଂ ପରିବାର ଜନସମ୍ପର୍କ ଅଭିଯାନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସି ୱାର୍ଡ ନଂ ୨୦, ସାଲିଆସାହିଠାରେ ଏହା ଆରମ୍ଭ ହୋଇଥିଲା। ବିଧାୟକ ସୁଶାନ୍ତ ରାଉତ ଏବଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ରଙ୍କ ଉପସ୍ଥିତିରେ ଶତାଧିକ ବିଜୁପ୍ରେମୀ ଏଥିରେ ସାମିଲ ହୋଇଥିଲେ। ଦ୍ୱିତୀୟ ପଦଯାତ୍ରା ବିଏମ୍‌ସି ୱାର୍ଡ ନଂ.୨୭ରେ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଜନସାଧାରଣ କିପରି ସଚେତନ ହେବା ସହ ଏହାର ଲାଭବାନ ହୋଇପାରିବେ ସେଥିଲାଗି ପଦକ୍ଷେପ ନିଆଯାଇଥିଲା। ଏହି ଜନସମ୍ପର୍କ ପଦଯାତ୍ରାରେ ମେୟର ସୁଲୋଚନା ଦାସ, ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଡେପୁଟି ମେୟର ମଞ୍ଜୁଳତା କହଁର, ସ୍ଥାନୀୟ କର୍ପୋରେଟର ପ୍ରେମାନନ୍ଦ ଜେନା ପ୍ରମୁଖ ସାମିଲ ଥିଲେ। ନେତାଜୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ମାର୍ଚ୍ଚ ୫ ବିଜୁ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ।

# ଆଜି ଜିଲାସ୍ତରରେ ପାଣି ପଞ୍ଚାୟତ ପକ୍ଷ ପାଳନ

**ଭୁବନେଶ୍ୱର, ୨୩।୧(ବନ୍ଦନା ସେଠୀ)**

ଜଳସମ୍ପଦ ବିଭାଗ ଅନ୍ତର୍ଗତ ପାଣି ପଞ୍ଚାୟତ ପକ୍ଷ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛି। ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜାନୁଆରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ଓ କୃଷକଙ୍କ ମୂଲ୍ୟବାନ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିବାରେ ପାଣି ପଞ୍ଚାୟତ ପକ୍ଷ ସୁଯୋଗ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ସେହିପରି ଡିଭିଜନ ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିତାର ମଡେଲ ପ୍ରଦର୍ଶନୀ, ସୂଚନା, ଶିକ୍ଷା ଓ ଯୋଗାଯୋଗ, ଜଳର ସାମାଜିକ ବ୍ୟବହାରିକ ପରିବର୍ତ୍ତନ ଆଦି ସମ୍ପର୍କିତ କାର୍ଯ୍ୟକ୍ରମକୁ ନେଇ ପ୍ରଦର୍ଶନୀ କରାଯିବ। ପାଣି ପଞ୍ଚାୟତ ରଥ ପରିଭ୍ରମଣ ଜରିଆରେ ସୂଚନା ପ୍ରଦାନ ଓ ସଚେତନତା ବାର୍ତ୍ତା ଆଦିର ପ୍ରଚାର ପ୍ରସାର ବ୍ୟାପକ ଭାବେ କରାଯାଉଛି। ପୁସ୍ତିକା ବଣ୍ଟନ, ବ୍ୟାନର ଓ ଲୋଗୋ ପ୍ରଦର୍ଶନ, ସ୍ଲୋଗାନ, ଟ୍ୟାଗ୍ ଲାଇନ ବ୍ୟବହାର ସହ ସଙ୍ଗୀତ, ଶପଥ ପାଠ ଆଦି କାର୍ଯ୍ୟକ୍ରମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜଳକ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପାଣି ପଞ୍ଚାୟତ ସଭ୍ୟ, କୃଷକ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରମାନଙ୍କୁ ସଚେତନ କରିବା ସହ ଜଳ ପରିଚାଳନା, ଭାଗୀଦାରି ଜଳସେଚନ ପରିଚାଳନା ଏବଂ ତୃଣମୂଳ ସ୍ତରରେ ସମାନତା ସୁନିଶ୍ଚିତ କରିବା କ୍ଷେତ୍ରରେ ପଞ୍ଚାୟତଗୁଡ଼ିକରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଉଛି।

# କମିଶନରେଟ୍ ପୋଲିସରେ ଅଦଳବଦଳ

## ଏସିପି ତାପସ ଆସିଲେ ଭୁବନେଶ୍ୱର, ଗିରିଜାଶଙ୍କର ଗଲେ କଟକ

**ଭୁବନେଶ୍ୱର,୨୩।୧ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଏସିପି ସ୍ତରରେ ଅଦଳବଦଳ କରାଯାଇଛି। ୧୨ ଅଧିକାରୀଙ୍କ ଦାୟିତ୍ୱରେ ପରିବର୍ତ୍ତନ ହୋଇଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ୟୁପିଡି ଜୋନ୍-୨ ଏସିପି ଦାୟିତ୍ୱରେ ଥିବା ଗିରିଜାଶଙ୍କର ଚକ୍ରବର୍ତ୍ତୀଙ୍କୁ କଟକ ଜୋନ୍-୨କୁ ବଦଳି କରାଯାଇଛି। ସେହିପରି କଟକ ଜୋନ୍-୩ ଏସିପି ଥିବା ତାପସ କୁମାର ପ୍ରଧାନଙ୍କୁ ଭୁବନେଶ୍ୱର ଜୋନ-୩ର ଦାୟିତ୍ୱ ଦିଆଯାଇଛି। କଟକ ଆଇୟୁସିଏଡବ୍ଲ୍ୟୁ ଏସିପି ସତ୍ୟରଞ୍ଜନ ମଲ୍ଲିକଙ୍କୁ କମିଶନରେଟ୍ ପୋଲିସ ମୁଖ୍ୟାଳୟର ଲାଇସେନ୍‌ସ ସେଲ୍‌କୁ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପି ମାନସ ରଞ୍ଜନ ଗଡ଼ନାୟକଙ୍କୁ ସିପି ମୁଖ୍ୟାଳୟ, କଟକ କ୍ରାଇମ ଏସିପି ପ୍ରଣିତା ପଟ୍ଟନାୟକଙ୍କୁ ଭୁବନେଶ୍ୱର କ୍ରାଇମ, କଟକ ଜୋନ୍-୨ ଏସିପି ଅମିତାଭ ମହାପାତ୍ରଙ୍କୁ ଭୁବନେଶ୍ୱର ୟୁପିଡି ମୁଖ୍ୟାଳୟ, ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପି କୃଷ୍ଣଚନ୍ଦ୍ର ପଲେଇଙ୍କୁ ଭୁବନେଶ୍ୱର ଜୋନ-୨ ଓ ଭୁବନେଶ୍ୱର ଜୋନ-୩ ଏସିପି ପ୍ରଦୀପ କୁମାର ରାଉତଙ୍କୁ କଟକ ଜୋନ-୩ ଏସିପି ଭାବେ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ଏୟାରପୋର୍ଟ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସିପି ଉମାକାନ୍ତ ପ୍ରଧାନଙ୍କୁ କଟକ ଜୋନ-୪କୁ ବଦଳି କରାଯାଇଛି। କଟକ ଜୋନ-୪ ଏସିପି ଚନ୍ଦନ କୁମାର ଘଡ଼େଇଙ୍କୁ କଟକ ୟୁପିଡି ମୁଖ୍ୟାଳୟ, ଭୁବନେଶ୍ୱର ସ୍ପେଶାଲ କ୍ରାଇମ ୟୁନିଟ୍ ଏସିପି ବିଶ୍ୱରଞ୍ଜନ ସେନାପତିଙ୍କୁ କଟକ ୟୁପିଡି କ୍ରାଇମ ଏବଂ ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାଡ୍ ଏସିପି ଦାୟିତ୍ୱରେ ଥିବା ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଭୁବନେଶ୍ୱର ଅର୍ବାନ୍ ପୋଲିସ ଆଣ୍ଡ୍ ଟ୍ରାଫିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଏସିପି ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

# ଶାଶ୍ୱତ ସୃଜନୀର ସାହିତ୍ୟ ଆସର

**ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

'ଶାଶ୍ୱତ ସୃଜନୀ' ଆନୁକୂଲ୍ୟରେ ଓଡ଼ିଶା ଭେଟେରିନାରୀ କାଉନ୍ସିଲ ସଭାଗୃହରେ ଗଳ୍ପ ଓ କବିତାପାଠ ଆସର ଅନୁଷ୍ଠିତ ହୋଇଯାଇଛି। 'ଶାଶ୍ୱତ ପାହାଚ' ପତ୍ରିକାର ସମ୍ପାଦକ କବି କମଳ କୁମାର ମହାନ୍ତିଙ୍କ ଆବାହକତ୍ୱରେ ସଂଗଠିତ ଏହି କାର୍ଯ୍ୟକ୍ରମରେ ପଚାଶରୁ ଊର୍ଦ୍ଧ୍ୱ କବି ଓ ଲେଖକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମକାଳର ବିଶିଷ୍ଟ କଥାକାର ଆର୍ଯ୍ୟ ଯଜ୍ଞଦତ୍ତ ଯୋଗଦେଇ ଓଡ଼ିଆ ଗଳ୍ପ ସାହିତ୍ୟ ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ସାମନ୍ତ ଚନ୍ଦ୍ର ଶେଖର କଲେଜର ଓଡ଼ିଆ ବିଭାଗମୁଖ୍ୟ ଡ. ଦିଲିପ ସ୍ୱାଇଁ ଓଡ଼ିଆ ତଥା ଭାରତୀୟ କବିତାର ବିଭିନ୍ନ ଦିଗ ତଥା ସାହିତ୍ୟରେ ପଲ୍ଲୀଜୀବନର ପ୍ରଭାବ ପ୍ରସଙ୍ଗରେ ସାରଗର୍ଭକ ବକ୍ତବ୍ୟ ବାଢ଼ିଥିଲେ। କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଏଥିରେ ପୌରୋହିତ୍ୟ କରିଥିବାବେଳେ ମଦନ ମୋହନ ମହାପାତ୍ର, ସୂର୍ଯ୍ୟ ନାରାୟଣ ବ୍ରହ୍ମା, ମିନତୀ ମିଶ୍ର ଓ ଯୋଗେନ୍ଦ୍ର ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଛାତ୍ର କଂଗ୍ରେସର ଅଣ୍ଡାମାଡ଼

**କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ**

ଭୁବନେଶ୍ୱର,୨୩।୧(ଅସମାପିକା ସାହୁ)




ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷାଫଳ ଘୋଷଣାରେ ଅନିୟମିତତା ପ୍ରତିବାଦରେ ମଙ୍ଗଳବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ସେଠାରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କ ବାସଭବନ ଉପରକୁ ଟମାଟୋ ଓ ଅଣ୍ଡାମାଡ଼ କରାଯାଇଥିଲା। ପୋଲିସ ୟାସିର ନୱାଜ ଓ ଅନ୍ୟମାନଙ୍କୁ ସେଠାରୁ ଉଠାଇ ନେଇ ଅଟକ ରଖିଥିଲା।

ଏହି ପରିପ୍ରେକ୍ଷୀରେ ୟାସିର କହିଛନ୍ତି, ରାଜ୍ୟ ସରକାର ସମସ୍ତ ସରକାରୀ ଚାକିରିକୁ ନିଲାମ କରୁଛନ୍ତି। ୨୦ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟାରେ ପରୀକ୍ଷା କରାଯାଇ ଫଳାଫଳ ଘୋଷଣା କରାଗଲା, ସେଥିରେ ସମ୍ପୂର୍ଣ୍ଣ ଅନିୟମିତତା ହୋଇଛି ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଓସେପା ଭୂମିକା ଉପରେ ସମସ୍ତେ ସନ୍ଦେହ ପ୍ରକଟ କରିଛନ୍ତି। ଯେଉଁ ସିବିଟି ପରୀକ୍ଷା କରାଯାଇଥିଲା ସେଥିରେ ଅନିୟମିତତା ହୋଇଛି। କଟଅଫ୍ ଲିଷ୍ଟକୁ ସାର୍ବଜନୀନ କରିବା ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏହି ଡିଲ୍‌ରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସାମିଲ। ତେଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଅଭିଯୋଗ କରିଛନ୍ତି ତାଙ୍କ ପକ୍ଷରେ ଏହା ଶୋଭା ପାଉନାହିଁ। କାରଣ ଯେଉଁ ସଂସ୍ଥା ଏହି ପରୀକ୍ଷାର ଦାୟିତ୍ୱ ନେଇଥିଲା ସେହି ସଂସ୍ଥାର ପରିଚାଳନା ଦାୟିତ୍ୱ କେନ୍ଦ୍ର ଶିକ୍ଷା ବିଭାଗ ଅଧୀନରେ ରହିଛି। ତେଣୁ ଦୁଇ ସରକାର ଏହି ଚାକିରି ବିକ୍ରିରେ ସାମିଲ। ତୁରନ୍ତ ଏହି ସ୍କାମ୍‌ର ପର୍ଦ୍ଦାଫାଶ ପାଇଁ ସମସ୍ତଙ୍କ ନମ୍ବର ସାର୍ବଜନୀନ କରାଯାଉ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ହେଉ ବୋଲି ୟାସିର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ଆଲୋକ ଲେଙ୍କା, ଅଜୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ବାପୁଜୀ ନଗରରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏବଂ ପଥରଗାଡ଼ିଆ ଓ ଗଣେଶ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍



**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

**ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



भाकृअनुप-केन्द्रीय मीठाजल जीवपालन अनुसंधान संस्थान
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर-751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक-इन-इन्टरव्यू**

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024** को **पू. 10.00 बजे** चल-साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II,** at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता / Principal Investigator

# ସୌନ୍ଦର୍ଯ୍ୟକରଣ ଆଳରେ କ୍ଷୁଦ୍ର ବ୍ୟବସାୟୀଙ୍କ ପେଟରେ ଲାତ

ନିମାପଡ଼ା,୨୩।୧(ରଞ୍ଜନ କୁମାର ପଟ୍ଟନାୟକ)



ସୌନ୍ଦର୍ଯ୍ୟକରଣ ଆଳରେ କ୍ଷୁଦ୍ର ବ୍ୟବସାୟୀଙ୍କ ପେଟରେ ଲାତ ମାରିବାକୁ ଯାଉଛି ପ୍ରଶାସନ। ଏହାକୁ ନେଇ ଏବେ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଚିନ୍ତା ଛାଇଯାଇଛି। ପ୍ରାୟ ୨୫ ବର୍ଷ ତଳେ ପିପିଲି-କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର ନିମାପଡ଼ାସ୍ଥିତ ଜୟଶ୍ରୀ ସିନେମା ହଲଠାରୁ ଦୋଳବେଦି ଛକ ପର୍ଯ୍ୟନ୍ତ ୨କିମି ରାସ୍ତାର ଉଭୟ ପାର୍ଶ୍ୱରୁ କ୍ଷୁଦ୍ର ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିଲା। ସେତେବେଳେ କ୍ଷତିଗ୍ରସ୍ତଙ୍କୁ ଖୁବ୍‌ଶୀଘ୍ର ଥଇଥାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ହେଲେ ପରବର୍ତ୍ତୀ ସମୟରେ ପ୍ରଶାସନର ପ୍ରତିଶ୍ରୁତି ନାଳିଫିତା ମଧ୍ୟରେ ସୀମିତ ରହିଗଲା। ଇତିମଧ୍ୟରେ ନିମାପଡ଼ାର କଳେବର ଓ ଜନସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ କ୍ଷୁଦ୍ର ବ୍ୟବସାୟୀଙ୍କ ସଂଖ୍ୟା ହାତଗଣତି ଥିଲା। ତେବେ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ପ୍ରାୟ ୫ ହଜାର ପାଖାପାଖି ଛୁଇଁଲାଣି। ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ୧ ଶହ ଏକରରୁ ଉର୍ଦ୍ଧ୍ୱ ସରକାରୀ ସମ୍ପତ୍ତି ଏବେ ଜବରଦଖଲରେ ରହିଛି। ଫଳରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବାରମ୍ବାର ଥଇଥାନ ପ୍ରତିଶ୍ରୁତି ଦେଇ ପ୍ରଶାସନ ବିଫଳ ହେଉଛି। ତେଣୁ ବାଧ୍ୟହୋଇ ଏମାନେ ନିଜ ସୁବିଧା ଅନୁଯାୟୀ ମୁଖ୍ୟରାସ୍ତା କଡ଼ରେ ପସରା ମେଲାଇ ବସୁଛନ୍ତି। ଅଧିକାଂଶ ବ୍ୟବସାୟୀ ସରକାରୀ ଜାଗାକୁ ଜବରଦଖଲରେ ରଖି ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ ଚଳାଉଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ଟ୍ରାଫିକ ସମସ୍ୟା ଉପୁଜୁଛି। ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ କଠୋର ହୋଇଛି। ସେପଟେ ମୁଖ୍ୟରାସ୍ତାର ଅଲଣ୍ଡିଠାରୁ ଦୋଳବେଦି ଛକ ପର୍ଯ୍ୟନ୍ତ ୪ କି.ମି. ରାସ୍ତାକୁ ୪ ଥାକିଆ ବିଶିଷ୍ଟ କରିବା ପାଇଁ ରାଜ୍ୟ ସରକାର ୧୭କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ଏ ନେଇ କାର୍ଯ୍ୟ ମଧ୍ୟ ଶୁଭାରମ୍ଭ ହୋଇସାରିଛି। ତେବେ ମୁଖ୍ୟ ରାସ୍ତାର ଅଧିକାଂଶ ସ୍ଥାନ ଏବେ ବି ଜବରଦଖଲରେ ରହିଛି । ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ରାସ୍ତା ନିର୍ମାଣ ଦାୟିତ୍ୱରେ ପୂର୍ତ୍ତ ବିଭାଗ ରହିଥିବା ବେଳେ ରାଜସ୍ୱ ଏବଂ ପୌର ପରିଷଦ ଜମି ଚିହ୍ନଟ ଦାୟିତ୍ୱରେ ରହିଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଶୀଘ୍ର ଜମି ହସ୍ତାନ୍ତର କରିବା ପାଇଁ ରାଜସ୍ୱ ବିଭାଗ ଏବଂ ପୌରପରିଷଦ ଉପରେ ପୂର୍ତ୍ତ ବିଭାଗ ଚାପ ପକାଉଛି। ଚାପର ବଶବର୍ତ୍ତୀ ହୋଇ ଉକ୍ତ ଦୁଇ ବିଭାଗ ଏବେ ଗରିବ ବ୍ୟବସାୟୀଙ୍କ ଉଚ୍ଛେଦ ପ୍ରକ୍ରିୟା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ୨୨ ତାରିଖ ସୁଦ୍ଧା ସରକାରୀ ଜମି ଖାଲି କରିବା ପାଇଁ ବାରମ୍ବାର ଡାକବାଜି ଯନ୍ତ୍ର ଜରିଆରେ ସୂଚନା ଦିଆଯାଉଛି। ସୌନ୍ଦର୍ଯ୍ୟକରଣ ନାମରେ ଗରିବ ବ୍ୟବସାୟୀଙ୍କ ଉପରେ ପ୍ରଶାସନ ଦାଉ ସାଜୁଛି। ଥଇଥାନ ନ କରି ପ୍ରଶାସନର ଏଭଳି ଆଭିମୁଖ୍ୟକୁ ବ୍ୟବସାୟୀମାନେ ନାପସନ୍ଦ କରିଛନ୍ତି। ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସମ୍ପ୍ରସାରଣକୁ ବ୍ୟବସାୟୀମାନେ ସ୍ୱାଗତ କରୁଥିଲେ ମଧ୍ୟ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଲାତମାଡ଼କୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ନିମନ୍ତେ ନୃସିଂହ ପଣ୍ଡା, ନିରାକାର ଦୀକ୍ଷିତ, ଦିଲ୍ଲୀପ ବେହେରା, କୈଳାସ ବେହେରା ପ୍ରମୁଖ ବହୁ ବ୍ୟବସାୟୀ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ନେଇ ନଗରପାଳ ସସ୍ମିତା ସାହୁ ଏବଂ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ କହିଛନ୍ତି, କ୍ଷତିଗ୍ରସ୍ତଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉଛି। ସରକାରୀ ଜାଗା ଖାଲି କରାଯିବା ପରେ ଭେଣ୍ଡିଂ ଜୋନ କରାଯାଇ ସେମାନଙ୍କୁ ଯୋଗାଇ ଦିଆଯିବ।

## ସଂକ୍ଷେପରେ

### ଭୁଜାଲିରେ ହାଣି ସୁନାଗହଣା, ଟଙ୍କା ଲୁଟି ନେଲେ

ନିମାପଡ଼ା,୨୩।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ରଡ଼ ବଜାର ଛକ ନିକଟରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ତାଙ୍କଠାରୁ ଟଙ୍କା, ସୁନା ଗହଣା ଲୁଟି ନେଇଥିବା ପୀଡ଼ିତଙ୍କ ବାପା ଉପେନ୍ଦ୍ର ମହାରଣା ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ହେଲେ ବଜାର ନିକଟ ବରିହାପଡ଼ା ଗ୍ରାମର ଗୋପିଆ ପରିଡ଼ା। ପୋଲିସ ଏନେଇ ୩୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।
ସୂଚନା ମୁତାବକ, ରଡ଼ ବଜାର ମହାରଣା ସାହିର ଚିତ୍ତରଞ୍ଜନ ମହାରଣା ନିଜ ବାହାଘର ପାଇଁ ସୋମବାର ରାତିରେ ଦେଢ଼ ଭରି ଓଜନର ସୁନା ଚେନ୍, ୬ ଗ୍ରାମ ଓଜନର ସୁନା ମୁଦି ଏବଂ ନଗଦ ୫୦ ହଜାର ଟଙ୍କା ସାଙ୍ଗରେ ଧରି ବାଇକ୍‌ରେ ଘରକୁ ଫେରୁଥିଲେ। ରଡ଼ ବଜାର ବେହେରା ସାହି ନିକଟରେ ଚିତ୍ତରଞ୍ଜନର ଗାଡ଼ିକୁ ଗୋପିଆ ଅଟକାଇ ଭୁଜାଲିରେ ଆକ୍ରମଣ ସହ ଭୟଭୀତ କରି ତାଙ୍କଠାରୁ ସମସ୍ତ ଅଳଙ୍କାର ଟଙ୍କା ନେଇଯାଇଥିଲେ।

### କୃତୀ କ୍ରୀଡ଼ା ଛାତ୍ରୀଙ୍କ ଆନ୍ଧ୍ରପ୍ରଦେଶ ଗସ୍ତ

ପିପିଲି,୨୩।୧(ଦୁର୍ଗାମାଧବ ମିଶ୍ର)

ଜାତୀୟସ୍ତରୀୟ ୧୪ ବର୍ଷରୁ କମ୍ ବୟସ ବାଳିକା ବିଭାଗ କବାଡ଼ି ପ୍ରତିଯୋଗିତାରେ ପୁରୀ ଜିଲାରୁ ୨ ଜଣ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଡେଲାଙ୍ଗ ବ୍ଲକ ସିଂହ ବ୍ରହ୍ମପୁର ପଞ୍ଚାୟତ ଉତ୍କଳ ଗୌରବ ବିଦ୍ୟା ନିକେତନର ଛାତ୍ରୀ ମୋନାଲିସା ପ୍ରଧାନ ଓ ପୁରୀ ଜିଲା ସ୍କୁଲର ସୁଭଦ୍ରା ବେହେରା। ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କ୍ରୀଡ଼ା ପାଇଁ ୨ ଛାତ୍ରୀ ଆନ୍ଧ୍ରପ୍ରଦେଶର କଡପା ଗସ୍ତ କରିଛନ୍ତି। ଗ୍ରାମର ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ମୋନାଲିସାଙ୍କୁ ମଙ୍ଗଳବାର ସ୍କୁଲ ପରିସରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ସ୍କୁଲର କ୍ରୀଡ଼ା ଶିକ୍ଷକ ପୁରୁଷୋତ୍ତମ ମୁଦୁଲିଙ୍କଠାରୁ ପ୍ରଶିକ୍ଷଣ ପାଇ ସଫଳତା ଆଣିଥିବା ମୋନାଲିସା କହିଛନ୍ତି। କାର୍ଯ୍ୟକ୍ରମରେ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ ଦାସ, ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ମଙ୍ଗରାଜ, ସରପଞ୍ଚ ରଶ୍ମିତା ବେହେରା, ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନ ଏବଂ ପୂର୍ବତନ ସରପଞ୍ଚ ଭାଗୀରଥି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା ଶିକ୍ଷକ ମୁଦୁଲିଙ୍କ ନିଷ୍ଠାପର ପ୍ରଶିକ୍ଷଣକୁ ପ୍ରଶଂସା କରିଥିଲେ। ସୂଚନା ଅନୁସାରେ, ବଲାଙ୍ଗୀଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ପୁରୀ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉକ୍ତ ୨ ଜଣ ଛାତ୍ରୀ ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଥିଲେ। ଓଡ଼ିଶାରୁ ୧୪ ଜଣ ଛାତ୍ରୀ ଉକ୍ତ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

### ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ପିପିଲି,୨୩।୧(ଦୁର୍ଗାମାଧବ ମିଶ୍ର)

ପିପିଲି ଜବାହାର ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ମୁଖ୍ୟବକ୍ତା ଭାବେ ପିପିଲି ସିଟି ଅଧ୍ୟକ୍ଷ ସନ୍ତୋଷ ପରିଡ଼ା ଯୋଗଦେଇଥିଲେ। କରୋନା ମହାମାରୀ ପାଇଁ ୨ ବର୍ଷ ହେବ ସ୍କୁଲ ବାର୍ଷିକ ଉତ୍ସବ ବନ୍ଦ ଥିବାବେଳେ ୨୦୨୧/୨୨ ଓ ୨୦୨୨/୨୩ ବର୍ଷ ପାଇଁ ପୁରସ୍କାର ଦିଆଯାଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଚଳିତ ମାଟ୍ରିକ ପରୀକ୍ଷାରେ ସ୍କୁଲ ପକ୍ଷରୁ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ନିରୁପମା ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ସହିତ କ୍ରୀଡ଼ାର ମଧ୍ୟ ବେଶ ଆବଶ୍ୟକତା ରହିଛି ବୋଲି ପ୍ରଧାନ ଶିକ୍ଷକ ସେଠୀ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପର୍ଶୁରାମ ପ୍ରଧାନ, ସାମାଜିକ କର୍ମୀ ସଖାବତ୍ ଖାଁ, ଜବାହାର ଖାଁ, ରାକେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା ସ୍କୁଲର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ବେଶ ଆକର୍ଷଣୀୟ ହୋଇଥିଲା।

## ବିଭିନ୍ନ ସ୍ଥାନରେ ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଡେଲାଙ୍ଗ,୨୩।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ହୁମରସ୍ଥିତ ଗଡେଶ୍ୱର ଦେବ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ନେତାଜୀ ଜୟନ୍ତୀ ପାଳନ ଅବସରରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ଶିକ୍ଷକ ଦିଲୀପ ନାୟକ, କୃପାସିନ୍ଧୁ ଦାଶ, ମନୋରଞ୍ଜନ ଜେନା, ଜଗବନ୍ଧୁ ବେହେରା, ସତ୍ୟନାରାୟଣ ସୋରେନ୍ ପ୍ରମୁଖ ଉପସ୍ଥିତ ରହି ଦେଶ ପାଇଁ ନେତାଜୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବରକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡବେରୁନିଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିତ୍ତପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାନାମ୍ବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଧାକାନ୍ତ ବିଦ୍ୟାପୀଠ ଓ କୁଆପଦା ଗ୍ରାମ୍ୟ କମିଟି ପକ୍ଷରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

# ବିଜେଡିର ପରିବାର ଜନସମ୍ପର୍କ ଅଭିଯାନ



ଅସ୍ତରଙ୍ଗ,୨୩।୧(ପ୍ରଦୀପ୍ତ ଦୀକ୍ଷିତ)

କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତରୁ କାକଟପୁର ନିର୍ବାଚନମଣ୍ଡଳୀର ପରିବାର ଜନ ସମ୍ପର୍କ ଅଭିଯାନ ମଙ୍ଗଳବାର ଆରମ୍ଭ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରତିବର୍ଷ ପରି ଚଳିତବର୍ଷ ନେତାଜୀ ଜୟନ୍ତୀଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୫ ବିଜୁ ଜୟନ୍ତୀ ଯାଏଁ ଚାଲିବ। ଛୁରିଆନା ପଞ୍ଚାୟତ ରାଇବେରୁଆଁ ଗ୍ରାମର ବ୍ରାହ୍ମଣୀ ଦେବୀ ମନ୍ଦିର ନିକଟରୁ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ଇଂ. ତୁଷାରକାନ୍ତି ବେହେରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ଛୁରିଆନା ପଞ୍ଚାୟତର ରାଇବେରୁଆଁ, ପାରିଆପଦା, ମଠସାହି ଓ ରାଇକଣା ଗ୍ରାମର ପ୍ରତ୍ୟେକ ଘରେ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ବିଭିନ୍ନ ବିଷୟରେ ମନ୍ତ୍ରୀ ବେହେରା ଆଲୋଚନା କରିଥିଲେ। ଏଥିସହ ଘର କାନ୍ଥରେ ଷ୍ଟିକରିଂ କରାଯାଇଥିଲା। ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ୍, କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଋତୁରାଜ ରାଉତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ରୁଦ୍ର ପ୍ରସାଦ ଲେଙ୍କା, ସରପଞ୍ଚ କ୍ଷୀରୋଦ କାଣ୍ଡି, ପାଟଳଦା ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ ପ୍ରମୁଖ ପରିବାର ସମ୍ପର୍କ ଅଭିଯାନରେ ସାମିଲ ହୋଇଥିଲେ।

## ମିଥ୍ୟା ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୩।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଗଦେଇ ଜେନା ପାଇକ ସାହି ଗ୍ରାମର ଜଣେ ଯୁବତୀ ଗତ ୨୧ ତାରିଖ ସନ୍ଧ୍ୟାରେ ଘର ଛାଡ଼ି କେଉଁଆଡ଼େ ନିଖୋଜ ହୋଇଯାଇଥିବା ମଙ୍ଗଳବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଯୁବତୀ ସନ୍ଧ୍ୟାବେଳେ ଘରର ବାଡ଼ିପଟେ ଥିବା କେନାଲ ବନ୍ଧକୁ ଶୌଚ ହେବାକୁ ଯାଇଥିଲେ। ହେଲେ ସେ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି ପରେ ତାଙ୍କ ସନ୍ଧାନ ନ ପାଇବାରୁ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ମିଥ୍ୟା ପ୍ରଲୋଭନ, ପ୍ରତିଶ୍ରୁତି ଦେଇ ସେହି ଗ୍ରାମର ଦଳିତ ସମ୍ପ୍ରଦାୟର ଜଣେ ଯୁବକ ତାଙ୍କୁ ଅପହରଣ କରିନେଇଥିବା ଯୁବତୀଙ୍କ ବାପା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଯୁବତୀଙ୍କୁ ଶୀଘ୍ର ଖୋଜି ଆଣିବାକୁ ଯୁବତୀଙ୍କ ପରିବାର ଲୋକେ ପୋଲିସ ପାଖରେ ଦାବି କରିଛନ୍ତି।

## ବରାଙ୍ଗକୁ ହରାଇ ବଲରା ଚାମ୍ପିୟନ




କାକଟପୁର,୨୩।୧(ଶୁଭଦର୍ଶନ ମିଶ୍ର)

ମା' କାକଟେଶ୍ୱରୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ଧର୍ମଶାଳା ପଡ଼ିଆରେ ଚାଲିଥିବା ୧୭ତମ ମହାବୀର କପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଅସ୍ତରଙ୍ଗର ବରାଙ୍ଗକୁ ହରାଇ କାକଟପୁରର ବଲରା ଚାମ୍ପିୟନ ହୋଇଛି। ପ୍ରଥମେ ବରାଙ୍ଗ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୭ ରନ୍ କରିଥିଲା। ଜବାବରେ ବଲରା ୮ ଓଭରରେ ୬୮ ରନ୍ କରି ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସରୋଜ ସାମଲ ଓ ଅବସରପ୍ରାପ୍ତ ଫାର୍ମାସିଷ୍ଟ କେଦାରନାଥ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ।

**୧୭ତମ ମହାବୀର୍ କପ୍ ଉଦ୍‌ଯାପିତ**

ଚାମ୍ପିୟନ ଦଳକୁ ୧୮ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୩ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ମନିଷ୍ କୁମାର, ରାକେଶ ଦୀକ୍ଷିତ ଓ ଅମିତ କୁମାର ଦୀକ୍ଷିତ ଅମ୍ପାୟାର ଭାବେ କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ଭବାନୀ ଶଙ୍କର ଦୀକ୍ଷିତ, ସମ୍ପାଦକ ପବିତ୍ର ଦୀକ୍ଷିତ, ସହସମ୍ପାଦକ ସଲିଳ ରଞ୍ଜନ ଦୀକ୍ଷିତ ଓ ଅନ୍ୟ ସଭ୍ୟମାନେ ଖେଳ ପରିଚାଳନା କରିଥିଲେ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସମ୍ପର୍କିତ ସମୀକ୍ଷା ବୈଠକ

ନିମାପଡ଼ା,୨୩।୧(ବିଚିତ୍ରାନନ୍ଦ ସାହୁ)


ସମୀକ୍ଷା ବୈଠକରେ ଉପସ୍ଥିତ ବିଧାୟକ, ବିଭାଗୀୟ ମନ୍ତ୍ରୀମାନେ।

ନିମାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଏକ ସମୀକ୍ଷା ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଯୁବନେତା ଅଶୋକ ସାହୁ, ଅଜୟ ସ୍ୱାଇଁ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଦର ଏସ୍‌ଇ ଅଭିମନ୍ୟୁ ବାରିକ୍, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତଚନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ପ୍ରବୀର ବଳ, ପିଙ୍କି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ଉପଖଣ୍ଡ ସରକାରଙ୍କ ନୂତନ ଜଳଜୀବିକା ମିଶନ (ଜେଜେଏମ୍) ଓ ବସୁଧା ଯୋଜନାରେ ନୂତନ ପ୍ରକଳ୍ପ ନିର୍ମାଣ, ନିର୍ମାଣ କାର୍ଯ୍ୟର ଅଗ୍ରଗତି, ଗ୍ରାମାଞ୍ଚଳ ଲୋକଙ୍କୁ ନୂତନ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବିଧାୟକ ଦାଶ ସବିଶେଷ ସମୀକ୍ଷା କରିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ନିମାପଡ଼ା ଓ ଗୋପ ବ୍ଲକରେ ୧୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟରେ ୬୫ଟି ନୂତନ ପାନୀୟ ଜଳ ଯୋଗାଣର ନିର୍ମାଣ କାର୍ଯ୍ୟ ଚାଲିଛି। ଆସନ୍ତା ଫେବୃଆରୀ ୨୮ ତାରିଖ ମଧ୍ୟରେ ସମସ୍ତ ନୂତନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ବିଧାୟକ ଦାଶ ବିଭାଗୀୟ ଅଧିକାରୀ ଓ ନିର୍ମାଣ କାର୍ଯ୍ୟ କରୁଥିବା ଏଜେନ୍ସିକୁ ନିର୍ଦ୍ଦେଶ ଦେଇ ତାଗିଦା କରିଥିଲେ। ନିମାପଡ଼ା ଉପଖଣ୍ଡରେ ଚାଲିଥିବା ମୋଟରେ ୬୫ଟି ନୂତନ ପ୍ରକଳ୍ପର ଶତକଡ଼ା ୮୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ସମାପନ ହୋଇଛି। ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହୋଇ ଫେବୃଆରୀ ଶେଷ ସପ୍ତାହରେ ନୂତନ ପ୍ରକଳ୍ପଗୁଡ଼ିକ ଲୋକାର୍ପଣ ଓ ଉଦ୍‌ଘାଟିତ ହୋଇ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା ହେବ ବୋଲି ଅତିଥିମାନେ କହିଛନ୍ତି।

## ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

ପିପିଲି,୨୩।୧(ଦୁର୍ଗା ମାଧବ ମିଶ୍ର)

ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ, ପିପିଲି ବ୍ଲକର ଏକ ବୈଠକ ଜବାହାର ବିଦ୍ୟାପୀଠଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାମଚନ୍ଦ୍ର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ୪୦ରୁ ଅଧିକ ଶିକ୍ଷକ, କର୍ମଚାରୀ ଯୋଗଦେଇ ସେମାନଙ୍କ ଅବସରକାଳୀନ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକିତ୍ସା ଭତ୍ତା, ଯାତ୍ରାକାଳୀନ ରିହାତି ଭଡ଼ା ଇତ୍ୟାଦି ସମସ୍ୟା ଶୀଘ୍ର ସମାଧାନ ପାଇଁ ସରକାରଙ୍କୁ ନିବେଦନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରରେ ସମ୍ବର୍ଦ୍ଧନା, ସାମ୍ପ୍ରତିକ ଶିକ୍ଷା ସମସ୍ୟା ସମ୍ପର୍କରେ ଆଲୋଚନାଚକ୍ର ଆୟୋଜନ ଇତ୍ୟାଦି ସମ୍ବନ୍ଧରେ ସମ୍ପାଦକ ଅର୍ଜୁନ ଘଡ଼େଇ, ସହ ସମ୍ପାଦକ ରଘୁନାଥ ଜେନା, ରମାକାନ୍ତ ନାୟକ, ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଆଲୋଚନା କରିଥିଲେ।

## ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ଗଣେଶ ବାବାଙ୍କୁ ସମ୍ବର୍ଦ୍ଧନା

ଚାରିଛକ,୨୩।୧(ଶିଶିର ସ୍ୱାଇଁ)

ଚାରିଛକ ନିକଟ ନୂଆଗାଁ ଆତ୍ମାରାମ ବାଳା ଆଶ୍ରମର ସାଧୁ ଗଣେଶ ବାବାଙ୍କୁ ସୋମବାର ଭଗବାନ ରାମଙ୍କ ପ୍ରାଣ ପ୍ରତିଷ୍ଠା ଦିବସରେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବାବା ଏହି ଆଶ୍ରମରେ ରହି ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରୁଛନ୍ତି। ଚାରିଛକ ପ୍ରେସ୍ କ୍ଲବ ସଭାପତି ଶିଶିର ସ୍ୱାଇଁଙ୍କ ନେତୃତ୍ୱରେ ବାବାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ ଉପଦେଷ୍ଟା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସାମାଜିକ କର୍ମୀ ସନାତନ ପାତ୍ର, ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ, ଖବରଦାତା ବସନ୍ତ ମଲ୍ଲ, କୈଳାସ ଚନ୍ଦ୍ର ପାତ୍ର, ସନ୍ତୋଷ ଦାସ, ବିନୋଦ ପ୍ରଧାନଙ୍କ ସହିତ ସାଧୁସନ୍ଥ ଉପସ୍ଥିତ ଥିଲେ।

# କୁପୋଷଣ ଦୂର ପାଇଁ ଚାଷୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଅସ୍ତରଙ୍ଗ,୨୩।୧(ମମତା ଜେନା)



ଚାଷୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳାରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ।

ଅସ୍ତରଙ୍ଗ, କାକଟପୁର ବ୍ଲକ ଅଞ୍ଚଳରେ ଏକ୍ରିକ୍ ପ୍ରକଳ୍ପ ତତ୍ତ୍ୱାବଧାନରେ କାର୍ଯ୍ୟରତ ହାର୍ଭେଷ୍ଟ ପ୍ଲସ ସଂସ୍ଥା ସହଯୋଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ପୁରୀର ବୈଷୟିକ ସହାୟତାରେ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱାଦ କନ୍‌ଫରେନ୍ସ ହଲରେ ଏକ୍ରିକ୍ ପ୍ରକଳ୍ପ କର୍ମୀ ଏବଂ କୃଷକଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହାର୍ଭେଷ୍ଟ ପ୍ଲସ ସଂସ୍ଥାର ବରିଷ୍ଠ ପ୍ରକଳ୍ପ ପରିଚାଳକ ବୀରେନ୍ଦ୍ର ମେଣ୍ଡାଲି ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ପ୍ରଦାନ ଦେଇଥିଲେ। ଅସ୍ତରଙ୍ଗ କୃଷି ଅଧିକାରୀ ଜ୍ଞାନରଞ୍ଜନ ପାଣିଗ୍ରାହୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରୋଟିନ ଓ ଜୀଙ୍କ୍ ଥିବା ଧାନଚାଷ କରିବାକୁ ପରାମର୍ଶ ଦେଇଥିଲେ। ଅସ୍ତରଙ୍ଗ ବ୍ଲକ ଆତ୍ମା କମିଟି ବିଟିଏମ୍ ଜିତେନ୍ଦ୍ର ପ୍ରଧାନ ଯୋଗଦେଇ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ଜଳବାୟୁ ଏବଂ ଜମିର କିସମ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ହାର୍ଭେଷ୍ଟ ପ୍ଲସର ଅନ୍ୟତମ ବରିଷ୍ଠ ପ୍ରକଳ୍ପ ପରିଚାଳକ ରବୀନ୍ଦ୍ର ଗିରି ଯୋଗଦେଇ କୁପୋଷଣ ଦୂର ପାଇଁ ୧୨୦ ଦିନିଆ ଏକ ଧାନଚାଷ ଉପରେ ଅବଗତ କରିଥିଲେ। ଏକ୍ରିକ୍ ପ୍ରକଳ୍ପ ପୁରୀ ଜିଲା ମୁଖ୍ୟ ଦେବାଶିଷ ପତି ଯୋଗଦେଇ କହିଛନ୍ତି, ପରୀକ୍ଷାମୂଳକ ଭାବରେ ଚଳିତ ରବି ଋତୁରେ ଅସ୍ତରଙ୍ଗ ଏବଂ କାକଟପୁର ବ୍ଲକର ପ୍ରାୟ ୧୦୦ ଅଗ୍ରଣୀ ଚାଷୀଙ୍କ ସହଯୋଗରେ ଧାନଚାଷ କରାଯାଉଛି। ଯଦି ଏହା ସଫଳ ହୁଏ ତେବେ ଆଗାମୀ ଖରିଫରେ ବ୍ୟାପକ ଭାବରେ ବିଭିନ୍ନ ଅଞ୍ଚଳରେ ଚାଷ କରାଯିବ। କୃଷି ବିଜ୍ଞାନ କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକ୍ରିକ୍ ପ୍ରକଳ୍ପ ପୁରୀ ଜିଲାର କୃଷି ବିଶେଷଜ୍ଞ ହିମାଦ୍ରିନାଥ ସାହୁ, ଏକ୍ରିକ୍ ପ୍ରକଳ୍ପ ଦେବୀ ଅବବାହିକାର ଦଳପତି ବିମଳଚନ୍ଦ୍ର ମଲ୍ଲିକ ଓ ଜୀବନ ଜୀବିକା ଅଧିକାରିଣୀ ଜ୍ୟୋତିମଞ୍ଜରୀ ସାହୁ, ସମସ୍ତ କ୍ଲଷ୍ଟର ସଂଯୋଜକ, ଜଳବାୟୁ ସାଥୀ ଏବଂ କୃଷକ ଭାଇ ଓ ଭଉଣୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱାଦ ସଂଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ।

**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ବାପୁଜୀ ନଗରରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏବଂ ପଥରଗାଡ଼ିଆ ଓ ଗଣେଶ ବିହାର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**
ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪
ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 18/2023-24 Date of Insertion- 15.01.2024
वॉक–इन–इन्टरव्यू
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
**WALK-IN INTERVIEW**
A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

**ଖଣି ପରିଚାଳକଙ୍କ ବିରୋଧରେ ଚାର୍ଜଶିଟ୍**

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ଯୋଡ଼ା(ମାନସ ରଞ୍ଜନ ମହାନ୍ତି),୨୩।୧: କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ଭଦ୍ରାସାହି ନିକଟ ଓଡ଼ିଶା ମିନେରାଲ ଡେଭେଲପମେଣ୍ଟ କମ୍ପାନୀ (ଓଏମ୍‌ଡିସି) ରୋଇଡ଼ା ଲୌହ ଖଣିରୁ ଲୁହାପଥର ଗୁଣ୍ଡ ଭିତରେ ଲୁହାପଥର ଖଣ୍ଡ (ଲମ୍ପସ) ଚୋରାଚାଲାଣ ଘଟଣାରେ ଓଏମ୍‌ଡିସି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖଣି ପରିଚାଳକ ସରୋଜ ଖଣ୍ଡୁଆଲଙ୍କ ବିରୋଧରେ ପ୍ରାଥମିକ ତଦନ୍ତ ବେଳେ ପ୍ରମାଣ ମିଳିବାରୁ ଚାର୍ଜଶିଟ୍ କରାଯାଇଛି।



# ନୂଆ କୋଠାରେ ନୌବାଣିଜ୍ୟର ଭାସ୍କର୍ଯ୍ୟ

## ଆକର୍ଷଣୀୟ ରୂପ ନେବାକୁ ଯାଉଛି କଟକ ରେଳଷ୍ଟେଶନ



- ବିମାନବନ୍ଦର ଢାଞ୍ଚାରେ ପ୍ରବେଶ
- ୩ ମହଲାରେ ଯାତ୍ରୀଙ୍କୁ ମିଳିବ ପର୍ଯ୍ୟାପ୍ତ ସୁବିଧା
- ଅଲଗା ହେବ ପ୍ରବେଶ, ପ୍ରସ୍ଥାନ

**କଟକ,୨୩।୧ (କାର୍ତ୍ତିକ ସାହୁ)**

ବିଶ୍ୱସ୍ତରୀୟ ରେଳଷ୍ଟେଶନର ମାନ୍ୟତା ପାଇବାକୁ ଯାଉଛି କଟକ ରେଳଷ୍ଟେଶନ। ରେଳଷ୍ଟେଶନର ନୂତନ କୋଠାରେ ଶୋଭାପାଇବ ନୌବାଣିଜ୍ୟର ମନୋରମ ଭାସ୍କର୍ଯ୍ୟ। ଓଡ଼ିଆ ନୌବାଣିଜ୍ୟର ସ୍ମୃତି ରୋମନ୍ଥନ ସହ ଐତିହାସିକ ବାଲିଯାତ୍ରାକୁ ବର୍ଷତମାମ ମନେ ପକାଇଦେବ ଏହି କଳାକୃତି। ବିମାନବନ୍ଦର ଢାଞ୍ଚାରେ ନିର୍ମାଣ ଚାଲିଥିବା କଟକ ରେଳଷ୍ଟେଶନର ପଶ୍ଚିମ ପାର୍ଶ୍ୱ ମୁଖ୍ୟକୋଠାରେ ଏହି ସୁଦୃଶ୍ୟ ନୌବାଣିଜ୍ୟ କଳାକୃତି ରେଳଯାତ୍ରୀଙ୍କୁ ଆକୃଷ୍ଟ କରିବ।

ସୂଚନାନୁସାରେ, ଓଡ଼ିଆ ପୁଅର ବୀରତ୍ୱ ଗାଥା ବହନ କରେ କଟକ ବାଲିଯାତ୍ରା। ସାଧବ ପୁଅମାନେ ଦୁଃସାହସିକ ଜଳଯାତ୍ରା କରି ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ସିଂହଳ ଦ୍ୱୀପକୁ ବଣିଜ କରିବାକୁ ଯାଉଥିଲେ। ଏହି ନୌବାଣିଜ୍ୟର ମୂକସାକ୍ଷୀ ପାଲଟିଥିବା କଟକ ବାଲିଯାତ୍ରା ଏବେ ବିଶ୍ୱସ୍ତରରେ ପହଞ୍ଚିଛି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ମହାନଦୀ ତଟରେ ଆୟୋଜିତ ହେଉଛି ବାଲିଯାତ୍ରା ମହୋତ୍ସବ। ଏହାର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦେଶର କୋଣ ଅନୁକୋଣରୁ ବ୍ୟବସାୟୀ, କମ୍ପାନୀ ତଥା ଲୋକମାନଙ୍କୁ ଏହା ଆକର୍ଷିତ କରୁଛି। ଓଡ଼ିଶାର ଏହି ପ୍ରାଚୀନ ପରମ୍ପରାକୁ କଟକ ରେଳଷ୍ଟେଶନର ନୂତନ ରୂପରେଖରେ ସ୍ଥାନିତ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରୟାସ କରାଯାଇଛି। ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ(ନିର୍ମାଣ) ଇଂ. ଅଜୟ କୁମାର ସାମଲ କହିଛନ୍ତି, ଭାରତୀୟ ରେଳର ଅମୃତ ଷ୍ଟେଶନ ଯୋଜନାରେ କଟକ ସମେତ ଦେଶର ୧୩୦୯ ରେଳଷ୍ଟେଶନ ସାମିଲ ହୋଇଛି। ଗତବର୍ଷ ଏପ୍ରିଲରୁ ଆରମ୍ଭ ହୋଇଥିବା କଟକ ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଆସନ୍ତା ବର୍ଷ ଶେଷହେବ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ବର୍ତ୍ତମାନ ସୁଦ୍ଧା ୬୦% ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏଥିରେ କଟକ ନଗରର ନୌବାଣିଜ୍ୟ ଐତିହ୍ୟକୁ ମୁଖ୍ୟକୋଠାର ଶୀର୍ଷଭାଗରେ ନିର୍ମାଣ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଛି। ସମ୍ମୁଖ ଭାଗରୁ ଦେଖିଲେ ଶୀର୍ଷଭାଗ ବୋଇତ ବା ନୌକାକୃତି ଦୃଶ୍ୟମାନ ହେବ। ଏଥିସହ ଷ୍ଟେଶନର ଭିତର ପାଖ କାନ୍ଥରେ ଜନଜାତି କଳାର ଚିତ୍ରାଙ୍କନ ହେବ। ନିର୍ମାଣାଧିନ ଥିବା ୩ ମହଲାବିଶିଷ୍ଟ ରେଳଷ୍ଟେଶନର ମୁଖ୍ୟକୋଠାର ଉପର ମହଲାରେ ଫୁଡ୍ କୋର୍ଟ ହେବ। ପ୍ରାୟ ୪୫ଟି ବିଭିନ୍ନ ପ୍ରକାର ଷ୍ଟଲ ରହିବ। ଏକକାଳୀନ ୧୨୩୫ ଲୋକଙ୍କ ବସିବା ଓ ପ୍ରତୀକ୍ଷା ନିମନ୍ତେ ବ୍ୟବସ୍ଥା କରାଯିବ। ପର୍ଯ୍ୟଟନ ସ୍ଥାନ ବିଷୟରେ ବିଶେଷ ସୂଚନା ରହିବ। ବିମାନବନ୍ଦର ପରି ସୁବିଧା ସୁଯୋଗ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବ। ଯାତ୍ରୀମାନେ ଗୋଟିଏ ପଥରେ ପ୍ରବେଶ କରିବେ ଓ ଅନ୍ୟ ପଥରେ ପ୍ରସ୍ଥାନ କରିବେ। ଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ଚଳନ୍ତା ସିଡ଼ି ରହିବ। ଉଭୟ ପାର୍ଶ୍ୱରୁ ଯାତ୍ରୀମାନେ ଷ୍ଟେଶନ ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ରେଳଧାରଣା ଉପରେ କଂକ୍ରିଟ୍ ଛାତ ନିର୍ମାଣ ଦ୍ୱାରା ବହୁତ ବଡ଼ ସ୍ଥାନ ମିଳିବ। ଯାତ୍ରୀଙ୍କ ସୁବିଧା ନିମନ୍ତେ ଏହି ସ୍ଥାନକୁ ଉପଯୋଗ କରାଯିବ ବୋଲି ସାମଲ କହିଛନ୍ତି।

# ଡା. ଭୁବନାନନ୍ଦ ମହାରଣାଙ୍କ ପରଲୋକ

**କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶନୀ)**



କଟକ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା(୬୯)ଙ୍କର ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଏସ୍‌ସିବି ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବରିଷ୍ଠ ଡାକ୍ତରମାନେ ଏସ୍‌ସିବିରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ମହାରଣା ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇ କିଛିଦିନ ତଳେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଏସ୍‌ସିବି ନ୍ୟୁରୋସର୍ଜରୀ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ମିଶ୍ର କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ମହାରଣାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ଏପରି କି ୨ ଥର ଷ୍ଟ୍ରୋକ୍ ହୋଇଥିଲା। ତୃତୀୟ ଷ୍ଟ୍ରୋକ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ମିଶ୍ର ସୂଚନା ଦେଇଛନ୍ତି। ଡା. ମହାରଣା ୧୯୭୩ରେ ଏସ୍‌ସିବି ମେଡିକାଲରେ ଏମ୍‌ବିବିଏସ୍ କରିଥିଲେ। ପରେ ୧୯୮୪ରେ ପିଜି ପାଠ୍ୟକ୍ରମ ଶେଷ କରିଥିଲେ। ପ୍ରଥମେ ବ୍ରହ୍ମପୁର ମେଡିକାଲରେ ଡାକ୍ତର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଏସ୍‌ସିବି ମେଡିକାଲରେ ସହକାରୀ ସର୍ଜନ ଓ କାଜୁଆଲ୍ଟି ମେଡିକାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଅବସର ସତ୍ତ୍ୱେ ଚୁକ୍ତିଭିତ୍ତିକ ଡାକ୍ତର ଭାବେ ରୋଗୀ ସେବା ଜାରି ରଖିଥିଲେ। କୋଭିଡ୍ ପରିଚାଳନା, ଯାଜପୁର କରମଣ୍ଡଳ ଦୁର୍ଘଟଣା ଓ ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣା ସମୟରେ ରୋଗୀ ସେବା ସହଜ କରିବା ପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସୁଦର୍ଶନଙ୍କ କଳାକୃତିକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା






ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ପାଳନ ଅବସରରେ ନୂଆଦିଲ୍ଲୀର ଲାଲକିଲ୍ଲାଠାରେ ମଙ୍ଗଳବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ତିଆରି ହୋଇଛି ୭ ଫୁଟ୍ ଉଚ୍ଚର ବାଲୁକା କଳା। ଏଥିରେ ୮ଟନ୍ ବାଲି ବ୍ୟବହାର ହୋଇଥିବାବେଳେ ୫୦୦ ଷ୍ଟିଲ୍ ଗିନା ବ୍ୟବହାର ହୋଇଛି। ନେତାଜୀଙ୍କ ଉପରେ ଆଧାରିତ ଏହି ଆକର୍ଷଣୀୟ ବାଲୁକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିଦର୍ଶନ କରି ଖୁବ୍ ପ୍ରଶଂସା କରିଛନ୍ତି।

## ଆଜି କଂଗ୍ରେସରେ ମିଶିବେ ବଳଭଦ୍ର ମାଝି

**ଭବାନୀପାଟଣା,୨୩।୧(ଉତ୍ତମ କୁମାର ଦାଶ)**

ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ବଳଭଦ୍ର ମାଝି ବୁଧବାର କଂଗ୍ରେସରେ ସାମିଲ ହେବେ। ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ବୁଧବାର ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା ଉପଲକ୍ଷେ 'ହୁଙ୍କାର ଜନ ସଭା' ଅନୁଷ୍ଠିତ ହେବ। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ସାମିଲ ହେବେ।

## ଜେଲରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ

**ଅନୁଗୋଳ, ୨୩।୧ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା କାରାଗାର ମଧ୍ୟରେ ଥିବା ଯମଜ ଶିଶୁଙ୍କ ହତ୍ୟା ଅଭିଯୁକ୍ତା ତପସ୍ୱିନୀ ସାହୁ(୨୭) ଗତ ରବିବାର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜେଲ୍ ଶୌଚାଳୟ ଭିତରକୁ ଯାଇଥିବା ବେଳେ ସେ ଫିନାଇଲ ପିଇ ଦେଇଥିବା କୁହାଯାଉଛି। ଅବସ୍ଥା ଗୁରୁତର ଥିଲେ ହେଁ ତାଙ୍କୁ ଆମ୍ବୁଲାନ୍ସ ପରିବର୍ତ୍ତେ ଏକ ଟ୍ରଲିରେ ଜେଲ୍‌ର କେତେଜଣ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ଆଲୋଚନା ହେଉଛି। ଘଟଣା ସମ୍ପର୍କରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀ ମୁଖୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ। ଅନୁଗୋଳ ଜିଲା ବନ୍ତଳା ଥାନା ମୁଣ୍ଡାଡ଼ିପ ଗାଁର ତପସ୍ୱିନୀ ଗତ ୧୭ ତାରିଖରେ ତାଙ୍କର ୩ ମାସର ଯମଜ ସନ୍ତାନଙ୍କୁ କୂଅରେ ଫିଙ୍ଗି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସ୍ୱାମୀଙ୍କ ଅଭିଯୋଗ ଆଧାରରେ ବନ୍ତଳା ପୋଲିସ ତାଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିଲା।

## ପୋଲିସ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣେ ମୃତ

**ପାରଳାଖେମୁଣ୍ଡି, ୨୩।୧ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ରାମଗିରି ଥାନା ପରିସଲ ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ପୋଲିସ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରିସଲର ସରସ ଆନନ୍ଦ (୪୫)। ରାମଗିରିରେ ୫-ଟି ଅଧକ୍ଷଙ୍କ କାର୍ଯ୍ୟକ୍ରମକୁ ସୁରକ୍ଷା ଦେବାକୁ ଆସି ଫେରୁଥିବା ଉକ୍ତ ଏସ୍କର୍ଟ ଗାଡ଼ି ଲୁନାରେ ଯାଉଥିବା ସରସଙ୍କୁ ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସେହି ପୋଲିସ ଅଧିକାରୀମାନେ ଉଦ୍ଧାର କରି ରାମଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ସଦସ୍ୟଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ଜଣଙ୍କୁ ଚାକିରି ଓ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ଦାବିକରି ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

# କର୍ତ୍ତବ୍ୟ ପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼

**ଭୁବନେଶ୍ୱର,୨୩।୧ (ଶର୍ମିଷ୍ଠା ପାଣିଗ୍ରାହୀ)**

ତିନିବର୍ଷର ବ୍ୟବଧାନ ପରେ ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟ ପଥରେ ମଙ୍ଗଳବାର ଓଡ଼ିଶାର ପ୍ରଜ୍ଞାପନ ମେଢ ଦେଖିବାକୁ ମିଳିଛି। ସାଧାରଣତନ୍ତ୍ର ଦିବସ-୨୦୨୪ ପ୍ରଜ୍ଞାପନ ମେଢ ପାଇଁ ଚଳିତ ବର୍ଷର ଅନ୍ୟତମ ବିଷୟବସ୍ତୁ 'ବିକଶିତ ଭାରତ'କୁ ନେଇ ନିର୍ମିତ ଓଡ଼ିଶାର ପ୍ରଜ୍ଞାପନ ମେଢ ଚୂଡ଼ାନ୍ତ ଅଭ୍ୟାସ ପରେଡରେ ଭାଗ ନେଇଛି। ଭାରତ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ନାରୀଶକ୍ତି କୈନ୍ଦ୍ରିକ ହୋଇଥିବାରୁ ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ରାଜ୍ୟର ସମୃଦ୍ଧ ରଘୁରାଜପୁର ପଟ୍ଟଚିତ୍ର, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନଙ୍କ ଅର୍ଥନୈତିକ ଉନ୍ନତି ଓ ନାରୀ ସଶକ୍ତୀକରଣର ବାର୍ତ୍ତା ପ୍ରଦର୍ଶିତ ହୋଇଛି। ୪୫ ଫୁଟ ଦୈର୍ଘ୍ୟ, ୧୪ ଫୁଟ ପ୍ରସ୍ଥ ଓ ୧୬ ଫୁଟ ଉଚ୍ଚତା ବିଶିଷ୍ଟ ଓଡ଼ିଶାର ଏହି ବିଶାଳ ପ୍ରଜ୍ଞାପନ ମେଢ଼ ସୋମବାର ରାତି ୧୦ଟାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରରୁ ବାହାରି ସଂସଦ ଭବନ ଦିଗକୁ ଅଗ୍ରସର ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ରାଷ୍ଟ୍ରପତି ଭବନ ସମ୍ମୁଖରେ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ମହିଳା କଣ୍ଟିଜେଣ୍ଟମାନଙ୍କ ଅଭ୍ୟାସ ପରେଡ ପରେ ପରେ ପଞ୍ଚମ ପ୍ରଜ୍ଞାପନ ମେଢ ଭାବେ ଓଡ଼ିଶାର ସୁଦୃଶ୍ୟ ପ୍ରଜ୍ଞାପନ ମେଢ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଦେଖିବାକୁ ମିଳିଥିଲା । ପ୍ରଜ୍ଞାପନ ମେଢ ଉପରେ ଓଡ଼ିଶାର ମହିଳା ହସ୍ତଶିଳ୍ପୀମାନେ ଚାନ୍ଦୁଆ ଓ ପଟ୍ଟଚିତ୍ର ପ୍ରସ୍ତୁତି ପ୍ରଦର୍ଶନ କରିଥିବାବେଳେ ମେଢର ଉଭୟ ପାର୍ଶ୍ୱରେ ବାଲେଶ୍ୱର ଜିଲା ଗୋପାଳପୁରର ଲକ୍ଷ୍ୟ କଳାବିକାଶ କେନ୍ଦ୍ରର ମହିଳା ନୃତ୍ୟଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଚଳିତ ମାସ ୭ ତାରିଖରୁ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରରେ ପ୍ରଜ୍ଞାପନ ମେଢ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଏହି ପ୍ରଜ୍ଞାପନ ମେଢ ନିର୍ମାଣ କରାଯାଇଛି। ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୯ଟି ମନ୍ତ୍ରଣାଳୟର ୨୬ଟି ପ୍ରଜ୍ଞାପନ ମେଢ ଅଂଶଗ୍ରହଣ କରିଛନ୍ତି। ୨୮ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରର ଝଙ୍କାର ହଲରେ ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢଗୁଡ଼ିକୁ ପୁରସ୍କୃତ କରାଯିବ।




ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟ ପଥରେ ମଙ୍ଗଳବାର ଆୟୋଜିତ ଅଭ୍ୟାସ ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ।

# ଅଟୋରେ ଅଯୋଧ୍ୟା ଯାତ୍ରା

## ଶ୍ରୀରାମଙ୍କ ଦର୍ଶନ ପାଇଁ ୩ ରାଜ୍ୟ ପାର

**କେନ୍ଦୁଝର,୨୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**



ଅଯୋଧ୍ୟାରେ ସୋମବାର ଶ୍ରୀରାମଙ୍କ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ହୋଇଛି। ଏ ନେଇ ଦେଶ ସମେତ ବିଦେଶରେ ମଧ୍ୟ ଉତ୍ସବ ଦେଖିବାକୁ ମିଳିଥିଲା। ରାମଙ୍କୁ ସ୍ୱାଗତ ଓ ଦର୍ଶନ ପାଇଁ ଶ୍ରଦ୍ଧାଳୁ ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ। କେନ୍ଦୁଝରର ମହିଳା ଅଟୋ ଚାଳକ ସନ୍ତୋଷୀ ଦେଓ ଶ୍ରୀ ରାମଙ୍କ ଦର୍ଶନ କରିବାକୁ ଏକୁଟିଆ ୬ ଦିନ ଅଟୋ ଚଳାଇ ୩ ରାଜ୍ୟ ଡେଇଁ ଅଯୋଧ୍ୟାରେ ପହଞ୍ଚିଥିଲେ। ସେଠାରେ ସରଯୁ ଘାଟ ନିକଟରେ ରହୁଥିବା ବେଳେ ସ୍ଥାନୀୟ ମିଡିଆରେ ତାଙ୍କ ଭିଡିଓ ଭାଇରାଲ ହେବା ପରେ ସେ ଚର୍ଚ୍ଚାକୁ ଆସିଛନ୍ତି।

କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧୀନ ବଡ଼ଆମୁଣୀ ଗ୍ରାମରେ ସନ୍ତୋଷୀଙ୍କ ଘର। ତାଙ୍କ ସ୍ୱାମୀ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସେ ଫେବୃଆରୀରେ ଶ୍ରୀରାମଙ୍କୁ ଦର୍ଶନ କରିବାକୁ ପ୍ରଥମେ ଯୋଜନା କରିଥିଲେ। କିନ୍ତୁ ରାମଲାଲାଙ୍କୁ ଦର୍ଶନ କରିବା ପ୍ରବଳ ଇଚ୍ଛା ତାଙ୍କୁ ଅଯୋଧ୍ୟା ଟାଣି ନେଇଥିଲା। ସେ ତାଙ୍କ ଅଟୋ (ଓଡି୦୯ଇ୫୫୭୯) ଧରି ଜାନୁଆରୀ ୮ରେ ଭୁବନେଶ୍ୱରରୁ ବାହାରିଥିବା ବେଳେ କେନ୍ଦୁଝରରେ ରହି ସେଠାରୁ ୯ ତାରିଖରେ ଅଯୋଧ୍ୟା ଅଭିମୁଖେ ବାହାରିଥିଲେ। ଅଯୋଧ୍ୟାରେ ପହଞ୍ଚିବାକୁ ୬ ଦିନ ଲାଗିଥିଲା। ଯେଉଁଠି ଇଚ୍ଛା ହୁଏ ସେଠାରେ ରହିଯାଉଥିଲେ। ରାସ୍ତାରେ ଲୋକେ ଓ ପୋଲିସ ବହୁତ ସହାୟତା କରିଛନ୍ତି। ଉତ୍ତରପ୍ରଦେଶରେ ତାଙ୍କୁ ଆରଟିଓ ଅଟକାଇ ୩ ରାଜ୍ୟ ଦେଇ ବିନା ଅନୁମତିରେ ଅଟୋ ନେଇ ଆସିଥିବାରୁ ଆଗକୁ ଯିବାକୁ ଦିଆଯିବ ନାହିଁ ବୋଲି ଜଣେ ଅଧିକାରୀ କହିଥିଲେ। ତେବେ ରାମଙ୍କ ଭରସାରେ ଏତେ ବାଟ ଆସିଛନ୍ତି। ଅନୁରୋଧ କରିବା ପରେ ସେ ଛାଡ଼ି ଦେଇଥିଲେ ବୋଲି ସନ୍ତୋଷୀ କହିଛନ୍ତି। ସମୁଦାୟ ୪ ହଜାର ଟଙ୍କାର ତେଲ ପୋଡିଛି। ତେବେ ତେଲ ପମ୍ପରେ ମଧ୍ୟ ୧/୨ ଲିଟର ତେଲ ଅଧିକ ସହାୟତା ମିଳିଥିଲା ବୋଲି ସେ କହିଛନ୍ତି। ଜାନୁଆରୀ ୨୪ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲାର ପ୍ରଥମ ଅଟୋଚାଳକ ଭାବରେ ଚର୍ଚ୍ଚାର ପରିଧିକୁ ଆସିଥିବା ସନ୍ତୋଷୀ ଭୁବନେଶ୍ୱରରେ ରହି ପ୍ରାୟ ୧୦ ବର୍ଷ ହେଲା ଅଟୋ ଚଳାଉଛନ୍ତି। ୨୦୧୭ରେ ଅଟୋରେ ମାତ୍ର ୫ ବର୍ଷର ଝିଅକୁ ଧରି ଦିଲ୍ଲୀ ଯାଇ ଚର୍ଚ୍ଚାର ପରିଧିକୁ ଆସିଥିଲେ।

# ସଂସଦ ଜଗିବେ ସିଆଇଏସଏଫ୍ ଯବାନ

**ନୂଆଦିଲ୍ଲୀ, ୨୩।୧**

ଚଳିତ ଜାନୁଆରୀ ୩୧ରୁ ଆରମ୍ଭ ହେବାକୁ ଥିବା ସଂସଦର ବଜେଟ ଅଧିବେଶନ ପୂର୍ବରୁ ସଂସଦର ସୁରକ୍ଷା ନେଇ କେନ୍ଦ୍ର ସରକାରି ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ୧୪୦ ଯବାନଙ୍କୁ ସଂସଦ ସୁରକ୍ଷାରେ ନିୟୋଜନ କରିଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ବଜେଟ ଅଧିବେଶନରେ ସିଆଇଏସ୍‌ଏଫ୍ କର୍ମଚାରୀମାନେ ସଂସଦକୁ ଆସୁଥିବା ପରିଦର୍ଶକ ଓ ସେମାନଙ୍କର ସାମଗ୍ରୀକୁ ଭଲ ଭାବେ ଯାଞ୍ଚ କରି ସେମାନଙ୍କୁ ସଂସଦ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦେବେ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୧୩ ତାରିଖରେ ସଂସଦ ସୁରକ୍ଷାରେ ତ୍ରୁଟି ଦେଖାଦେଇଥିଲା। ଏହାକୁ ନେଇ ଏବେ ଆଗୁଆ ସତର୍କ ହୋଇଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ର୍ୟାଙ୍କ ଅଫିସର ଏହି ୧୪୦ ଜଣିଆ ସିଆଇଏସ୍‌ଏଫ୍ ଟିମ୍‌ର ନେତୃତ୍ୱ ନେଉଥିବା ବେଳେ ଏଥିରେ ଅଗ୍ନିଶମ ବିଭାଗର ୩୬ ଜଣ କର୍ମଚାରୀ ରହିବେ। ସେହିପରି ସଂସଦର କର୍ମଚାରୀମାନଙ୍କୁ ସଂସଦ ଭବନ ମଧ୍ୟରେ ଫଟୋ ଉଠାଇବା, ଭିଡ଼ିଓ କରିବା ପରି ଗତିବିଧିକୁ ବାରଣ କରାଯାଇଛି। ଏନେଇ ସଂସଦର କର୍ମଚାରୀମାନଙ୍କ ପାଇଁ ସଂସଦର ଯୁଗ୍ମ ସଚିବ(ସୁରକ୍ଷା) ଏକ ସର୍କୁଲାର ଜାରି କରିଛନ୍ତି।

# ଭାରତକୁ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ନ ମିଳିବା ଅଯୌକ୍ତିକ: ମସ୍କ

**ନ୍ୟୁୟର୍କ,୨୩।୧(ପି.ଟି.)**



ଏଲନ୍ ମସ୍କ

ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାରତକୁ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ରେ ସ୍ଥାୟୀ ସଦସ୍ୟତା ନ ମିଳିବା ଅଯୌକ୍ତିକ ବୋଲି ଟେସ୍‌ଲା ସିଇଓ ଏଲନ୍ ମସ୍କ କହିଛନ୍ତି। ଜାତିସଂଘ ସଂଗଠନଗୁଡ଼ିକରେ ପରିବର୍ତ୍ତନ ଲାଗି ସେ ଆହ୍ୱାନ ଦେଇଛନ୍ତି। ୟୁଏନ୍‌ଏସ୍‌ସି ସ୍ଥାୟୀ ସଦସ୍ୟ ତାଲିକାରେ କୌଣସି ଆଫ୍ରିକୀୟ ଦେଶ ନ ଥିବା ଏହାର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିବା ପରେ ମସ୍କ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଜାତିସଂଘ ବର୍ତ୍ତମାନର ବିଶ୍ୱକୁ ପ୍ରତିଫଳନ କରିବା ଆବଶ୍ୟକ, ୮୦ ବର୍ଷ ତଳର ନୁହେଁ। ବୈଶ୍ୱିକ ଶାସନ ସଂସ୍କାର ଏବଂ ଆସ୍ଥା ପୁନଃନିର୍ମାଣ ନିମନ୍ତେ ସେପ୍ଟେମ୍ବରରେ ହେବାକୁ ଥିବା 'ସମିଟ୍ ଅଫ୍ ଦି ଫ୍ୟୁଚର' ଏକ ସୁଯୋଗ ହେବ ବୋଲି ଗୁଟେରେସ୍ ଏକ୍ସ'ରେ ଲେଖିଛନ୍ତି। ଏହା ଉପରେ ଆମେରିକା ଜନ୍ମିତ ଇସ୍ରାଏଲୀ ପୁଞ୍ଜିପତି ମିଚେଲ ଆଇସେନବର୍ଗ ଭାରତର ପ୍ରତିନିଧିତ୍ୱ ପ୍ରସଙ୍ଗ ଉଠାଇଥିଲେ। ମସ୍କ ଏହି ବିତର୍କରେ ଭାଗନେଇ ଜାତିସଂଘର ବର୍ତ୍ତମାନର ଢାଞ୍ଚା ବିଶ୍ୱର ଅଧିକାଂଶ ଜନବହୁଳ ରାଷ୍ଟ୍ରର ଉପଯୁକ୍ତ ପ୍ରତିନିଧିତ୍ୱ କରୁ ନ ଥିବା କହିଥିଲେ।

# ରାମମନ୍ଦିର ରାଲିରେ ସଂଘର୍ଷ ପରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ

**ମୁମ୍ବାଇ,୨୩।୧**

ମୁମ୍ବାଇର ମୀରା ରୋଡ୍ ଅଞ୍ଚଳରେ ବେଆଇନ ଭାବେ ନିର୍ମିତ ବିଲ୍ଡିଂଗୁଡ଼ିକୁ ମଙ୍ଗଳବାର ବୁଲ୍‌ଡୋଜରରେ ଭାଙ୍ଗିଦିଆଯାଇଛି। ସୋମବାର ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପୂର୍ବରୁ ଉକ୍ତ ଅଞ୍ଚଳ ଦେଇ ଯାଉଥିବା ଶ୍ରୀରା ଶୋଭାଯାତ୍ରାକୁ ବିରୋଧରୁ ସଂଘର୍ଷ ଘଟିଥିଲା। ଗୈରିକ ପତାକା ଲଗାଇ ଶୋଭାଯାତ୍ରାରେ ଯାଉଥିବା କାର୍ ଓ ବାଇକ୍‌ଗୁଡ଼ିକୁ ଉତ୍ୟକ୍ତ ଲୋକେ ଢେଲାମାଡ଼ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି କେତେଜଣ ଆହତ ହୋଇଥିଲେ। ସଂଘର୍ଷରେ ସମ୍ପୃକ୍ତ ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୋମବାର ରାତିରେ ପୋଲିସ ଗିରଫ କରିଥିଲା। ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାର ଅପରାଧୀମାନଙ୍କ ବେଆଇନ ନିର୍ମିତ ଘର ଉପରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଅନ୍ୟ ଭାଜପା ଶାସିତ ରାଜ୍ୟ ଅପରାଧୀଙ୍କ ବିରୋଧରେ ଅନୁରୂପ ପଦକ୍ଷେ ଗ୍ରହଣ କରୁଛନ୍ତି। ମହାରାଷ୍ଟ୍ରରେ ପ୍ରଥମ ଥର ପାଇଁ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଗ୍ରେନେଡ୍ ମାଡ଼ରେ ଇସ୍ରାଏଲର ୨୧ ସୈନ୍ୟ ନିହତ

**ଜେରୁଜେଲମ, ୨୩।୧**

ଗାଜାରେ ହମାସ ଆକ୍ରମଣରେ ଇସ୍ରାଏଲୀ ସେନାର ୨୧ ସୈନ୍ୟ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ଦକ୍ଷିଣ ଗାଜାରେ ଅନ୍ୟ ଏକ ଆକ୍ରମଣରେ ୩ ସୈନ୍ୟ ନିହତ ହୋଇଥିବା ଇସ୍ରାଏଲ ପ୍ରକାଶ କରିଛି। ହମାସ ସହ ଯୁଦ୍ଧ ଆରମ୍ଭ ହେବାଠାରୁ ଗୋଟିଏ ଦିନରେ ସର୍ବାଧିକ ଇସ୍ରାଏଲୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ଏହାର ସାମରିକ ମୁଖପାତ୍ର ଡାନିଏଲ୍ ହାଗରୀ ସ୍ୱୀକାର କରିଛନ୍ତି। ସୂଚନା ମୁତାବକ ଇସ୍ରାଏଲ ସୈନ୍ୟବାହିନୀକୁ ସୁରକ୍ଷା ଦେଉଥିବା ଏକ ଟ୍ୟାଙ୍କ ଉପରକୁ ଗ୍ରେନେଡ଼ ମାଡ଼ ହେବାରୁ ବିସ୍ଫୋରଣରେ ୨୧ ସୈନ୍ୟ ନିହତ ହୋଇଥିଲେ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସୈନ୍ୟମାନଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ହମାସ୍ ଉପରେ ସମ୍ପୂର୍ଣ୍ଣ ବିଜୟ ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗାଜାରେ ସମୁଦାୟ ୨୫,୨୯୫ ଜଣଙ୍କ ମୃତ୍ୟୁ ହୋଇଥିବା ଓ ୬୩ ହଜାରରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ଏହାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି।

# ବାହାର ନେତାଙ୍କୁ ବିରୋଧ, ବଦଳିପାରେ ସମୀକରଣ

**ଖୋର୍ଦ୍ଧା,୨୩।୧ (ପ୍ରଭାତ ପାଣିଗ୍ରାହୀ)**

## ବେଗୁନିଆ ନିର୍ବାଚନମଣ୍ଡଳୀ



ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନମଣ୍ଡଳୀ ଓଡ଼ିଶା ରାଜନୀତିରେ ଗୁରୁତ୍ୱ ବହନ କରିଆସିଛି। ବେଗୁନିଆ ଓ ବୋଲଗଡ଼ ଦୁଇଟି ବ୍ଲକକୁ ନେଇ ଏହା ଗଠିତ। ଅତୀତରେ ଏହି ଆସନରୁ ନିର୍ବାଚନ ଲଢ଼ି ଜାନକୀ ବଲ୍ଲଭ ପଟ୍ଟନାୟକ ଥରେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ହୋଇଥିବା ବେଳେ ପ୍ରଶାନ୍ତ ନନ୍ଦ ଶିକ୍ଷାମନ୍ତ୍ରୀ ମଧ୍ୟ ହୋଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ନେତୃତ୍ୱ ଅପେକ୍ଷା ବାହାରର ନେତାଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଦେଖାଯାଉଛି। ସେଥିପାଇଁ ଏହି ଦୁଇ ବ୍ଲକର ସେଭଳି କୌଣସି ଆଖିଦୃଶିଆ ବିକାଶ ହୋଇ ପାରୁ ନ ଥିବା ସାଧାରଣରେ ଆଲୋଚନା ହୋଇଥାଏ। ଗତ ୬ଟି ନିର୍ବାଚନକୁ ଦେଖିଲେ ବିଜେଡି ୪ ଥର, ଭାଜପା ଏବଂ ଏନ୍‌ସିପିର ପ୍ରାର୍ଥୀ ଥରେ ଲେଖାଏ ଏଠାରୁ ବିଜୟୀ ହୋଇଛନ୍ତି।

ବେଗୁନିଆରେ ସ୍ଥାନୀୟ ପ୍ରାର୍ଥୀ ଲଢ଼ିବାର ସୁଯୋଗ ପାଉ ନ ଥିବାରୁ ଦୀର୍ଘ ଦିନ ହେବ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ କୁହୁଳୁଛି। ଗତ ଡିସେମ୍ବରରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତନ ଲାଗି ଉଭୟ ବ୍ଲକର ସ୍ଥାନୀୟ ଲୋକେ ଏକାଠି ହୋଇ ରାସ୍ତାକୁ ଓହ୍ଲାଇଥିଲେ। ନିଜ ଅଞ୍ଚଳର ବିକାଶ ପାଇଁ ଏଣିକି ସ୍ଥାନୀୟ ସ୍ତରରେ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବା ଲାଗି ଦଳମତ ନିର୍ବିଶେଷରେ ଅଲୋଚନା କରିଥିଲେ। ଯଦି ଏଥିରେ ବ୍ୟତିକ୍ରମ ଦେଖାଯାଏ, ତେବେ ସ୍ଥାନୀୟ ଅଧିବାସୀ ବରଦାସ୍ତ କରିବେ ନାହିଁ ବୋଲି ଉପସ୍ଥିତ ଲୋକମାନେ କୁହାକୁହି ହୋଇଥିଲେ।

ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ବେଗୁନିଆ ନିର୍ବାଚନମଣ୍ଡଳୀ ଯେମିତି ଏକ ଥଇଥାନ କେନ୍ଦ୍ର ପାଲଟିଛି। ଉଦାହରଣ ସ୍ୱରୂପ, ୨୦୧୯ରେ ବିଧାୟକ ହୋଇଥିବା ରାଜେନ୍ଦ୍ର ସାହୁ ଖୋର୍ଦ୍ଧାର ହୋଇଥିବା ବେଳେ ୨୦୧୪ରେ ବିଧାୟକ ରହିଥିବା ପ୍ରଶାନ୍ତ ଜଗଦେବ ଟାଙ୍ଗୀ ବ୍ଲକ ବଡ଼ ପୋଖରିଆ ଅଞ୍ଚଳର। ଅନୁରୂପ ଭାବେ ଜାନକୀ ବଲ୍ଲଭ ପଟ୍ଟନାୟକ ଖୋର୍ଦ୍ଧା ଜିଲା ରମେଶ୍ୱରର ହୋଇଥିବା ବେଳେ କଟକରେ ଜନ୍ମିତ ପ୍ରଶାନ୍ତ ନନ୍ଦଙ୍କର ବେଗୁନିଆ ସହିତ କୌଣସି ସମ୍ପର୍କ ନ ଥିବା ବେଳେ ସେ ଏଠାରୁ ୨ ଥର ବିଜୟୀ ହୋଇଥିଲେ।

ଏବର ସ୍ଥିତି ଦେଖିଲେ ସାଧାରଣ ନିର୍ବାଚନ ଦୌଡ଼ରେ ଶାସକ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏଠାରୁ ବିଜେଡିର ରାଜେନ୍ଦ୍ର ସାହୁ ବିଧାୟକ ଅଛନ୍ତି। ତେଣୁ ତାଙ୍କ ନାମ ନେଇ ଚର୍ଚ୍ଚା ହେଉଥିବା ବେଳେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନାମ ମଧ୍ୟ ଆଗଧାଡ଼ିରେ ରହିଛି। ୨୦୧୪ରେ ଏଠାରୁ ସେ ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ବେଗୁନିଆରେ ଏବେ ବି ତାଙ୍କର ବିଶେଷ ପ୍ରଭାବ ରହିଛି। ଗତ କିଛିଦିନର ନୀରବତା ପରେ ପୁଣି ଥରେ ସେ ଗଡ଼ ସଜାଡିବାରେ ବ୍ୟସ୍ତ। ଏଠାରୁ ପୁଣି ଥରେ ସେ ଛିଡ଼ା ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପରିଚିତ ପ୍ରଦୀପ ସାହୁ ପଞ୍ଚାୟତ ନିର୍ବାଚନରେ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ବର୍ତ୍ତମାନ ସେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଛନ୍ତି। ସେ ଥରେ ଲେଖାଏ କଂଗ୍ରେସ ଏବଂ ଏନସିପିରୁ ନିର୍ବାଚନ ଲଢ଼ିଥିଲେ। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା କୁହାଯାଉଛି।

ଆସନ୍ତା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥୀବଲ୍ଲଭ ପଟ୍ଟନାୟକଙ୍କୁ କଂଗ୍ରେସ ପ୍ରାର୍ଥୀ କରାଇବା ନେଇ ଜୋରସୋର ଆଲୋଚନା ହେଉଛି। ଏନେଇ ସେ ନିଜର ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ସେପଟେ ଭାଜପାରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ ନନ୍ଦଙ୍କ ପୁଅ ଋଷଭ ନନ୍ଦଙ୍କୁ ୨୦୧୯ରୁ ଆଉ ଦେଖିବାକୁ ମିଳୁନାହିଁ। ତେଣୁ ବିଧାନସଭା ନିର୍ବାଚନରେ ଏଠାରୁ କିଏ ପ୍ରାର୍ଥୀ ହେବେ ସ୍ପଷ୍ଟ ହୋଇ ନ ଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ବେଗୁନିଆ ବୋଲଗଡ଼ରେ କର୍ମୀ ଓ ଜନସମ୍ପର୍କ ଯାତ୍ରା ମାଧ୍ୟମରେ ବଳ ଗୋଟାଇବାରେ ବ୍ୟସ୍ତ ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ଆଗେଇ ପାରୁ ନ ଥିବା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ପରିପ୍ରେକ୍ଷୀରେ ପ୍ରମୁଖ ତିନି ଦଳରୁ କିଏ ପ୍ରାର୍ଥୀ ହେବେ ଆଗାମୀ ଦିନରେ ଜଣାପଡ଼ିବ। କିନ୍ତୁ ବାହାରୁ କେହି ପ୍ରାର୍ଥୀ ହେଲେ ରାଜନୈତିକ ସମୀକରଣ ବଦଳିବା ଥୟ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କଲେଣି।

# ୩ ମାସ ପଟ ପରିବର୍ତ୍ତନ ପାଇଁ ଯଥେଷ୍ଟ: ମୋକିମ



**କଟକ,୨୩।୧ (ଶିଳ୍ପା ପ୍ରିୟଦର୍ଶିନୀ)**

କଂଗ୍ରେସ ନେତା ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଉପରୁ ନିଲମ୍ବନ ହଟିବା ପରେ ଖୁସି ପ୍ରକାଶ କରିଛନ୍ତି ବିଧାୟକ ମୋକିମ। ଏନେଇ ଶେଲ୍‌ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୋକିମ କହିଛନ୍ତି, ନିଲମ୍ବନ ହଟାଇଥିବାରୁ ସର୍ବପ୍ରଥମେ ଦଳର ହାଇକମାଣ୍ଡଙ୍କୁ ଧନ୍ୟବାଦ ଜଣାଉଛି। ଦଳରୁ ନିଲମ୍ବିତ ହେବା ପରେ ମଧ୍ୟ କୌଣସି ଭାବେ ଦଳକୁ ଛାଡ଼ି ନ ଥିଲେ। ଦଳ ପ୍ରତି ଦୁର୍ବଳତା ପୂର୍ବପରି ରହିଛି। ଦଳକୁ ସୁଦୃଢ଼ କରିବା ନେଇ ସମସ୍ତ କାର୍ଯ୍ୟ ଜାରି ରଖିଛି। ସୋମବାର ସବୁ ବିଷୟରେ ପ୍ରଭାରୀଙ୍କ ସହ ଭୁବନେଶ୍ୱରଠାରେ ସେ ଆଲୋଚନା କରିଛନ୍ତି। କିପରି ଭାବେ ଦଳକୁ ଅଧିକ ସୁଦୃଢ଼ କରାଯିବ, କେଉଁମାନଙ୍କୁ ଦଳକୁ ଅଣାଯିବ ସେ ସମ୍ପର୍କର ଆଲୋଚନା କରାଯାଇଛି। ଯେଉଁ କର୍ମୀ କଂଗ୍ରେସ ଛାଡ଼ି ଭାଜପା ଓ କୌଣସି ଦଳକୁ ଯାଇ ନାହାନ୍ତି ସେମାନେ ଖୁବ୍‌ଶୀଘ୍ର ଦଳକୁ ଫେରିବେ ବୋଲି ମୋକିମ୍ କହିଛନ୍ତି।

ଗତ ପାଞ୍ଚ ବର୍ଷ ପୂର୍ବରୁ ଠିକ୍ ଏପ୍ରିଲରେ ନିର୍ବାଚନ ହୋଇଥିଲା ଓ ଏବେ ନିର୍ବାଚନକୁ ଆଉ ତିନି ମାସ ସମୟ ରହିଛି। ଏହି ତିନି ମାସ ରାଜ୍ୟରେ ପଟ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ସମୟ ବୋଲି ମୋକିମ କହିଛନ୍ତି। ପୂର୍ବରୁ ଏହି କଥାକୁ କଂଗ୍ରେସ କଟକରେ ସତରେ ପରିଣତ କରି ଦେଖାଇଛି। ଭାଜପାର ସ୍ଥିତି ଓଡ଼ିଶାରେ ରହିନାହିଁ। କିଛି ବିଦ୍ରୋହୀ କଂଗ୍ରେସ ଲୋକଙ୍କୁ ନେଇ ଛିଡ଼ା ହୋଇଛି ଭାଜପା। ତେଣୁ ସେ କର୍ମୀ କଂଗ୍ରେସ ପରିବାରକୁ ଫେରିବେ, ତେବେ ଲଢ଼େଇ ବିଜୁ ଜନତା ଦଳ ସହ ହେବ ଏବଂ ତାହା ନିର୍ଣ୍ଣାୟକ ହେବ ବୋଲି ବିଧାୟକ କହିଛନ୍ତି। ବିଜେଡି ଓ ଭାଜପା ଧର୍ମକୁ ନେଇ ରାଜନୀତି କରୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ଗଣମାଧ୍ୟମର ପ୍ରଶ୍ନରେ ବିଧାୟକ ମୋକିମ କହିଛନ୍ତି ଯେ, କଂଗ୍ରେସ ସବୁ ଧର୍ମ ଓ ଜାତିକୁ ବିଶ୍ୱାସ କରେ, ଆମ୍ବେଦକରଙ୍କ ସମ୍ବିଧାନ ଅନୁସାରେ କଂଗ୍ରେସ ଭାରତବର୍ଷକୁ ସୁଶାସନ ଦେଇଥିଲା। ସେହି ସମ୍ବିଧାନ ଅନୁସାରେ ସମସ୍ତଙ୍କୁ ନେଇ କଂଗ୍ରେସ ଦଳ ନିଜ କାର୍ଯ୍ୟ କରିବ। ଧର୍ମଭିତ୍ତିକ ରାଜନୀତିକୁ କଂଗ୍ରେସ କେବେ ବି ପ୍ରଶ୍ରୟ ଦେଇ ନାହିଁ ଓ ଆଗାମୀ ଦିନରେ ମଧ୍ୟ ଦେବ ନାହିଁ। ସ୍ଥିତି ନିହାତି ବଦଳିବ ବୋଲି ସେ କହିଛନ୍ତି। ତେବେ ନିଲମ୍ବନ ପରେ ଚର୍ଚ୍ଚା ହେଉଥିଲା ସେ ଅନ୍ୟ ଦଳରେ ଯୋଗ ଦେବେ। କିନ୍ତୁ ତାହା କେବଳ ଅନୁମାନ କରିବାର ବିଷୟ ରହିଥିଲା। ଦୃଢ଼ ମନା ହୋଇ ସେ ନିଜ ଜାଗାରେ ରହିଥିଲେ ଏବଂ ଦଳ ସହ ଜଡ଼ିତ ରହି କାର୍ଯ୍ୟ କରୁଥିଲେ ବୋଲି ମୋକିମ କହିଛନ୍ତି।

# ବିଜେଡିକୁ ଅଣଦେଖା, ନିଜେ ଶୋଭାଯାତ୍ରା କଲେ ଅରିନ୍ଦମ୍



କଲେଜ ଛକଠାରୁ ମଙ୍ଗଳବାର ଅରିନ୍ଦମ ରାୟଙ୍କ ନେତୃତ୍ୱରେ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

**କଟକ,୨୩।୧ (ଶିଳ୍ପା ପ୍ରିୟଦର୍ଶିନୀ)**

ଦଳୀୟ କାର୍ଯ୍ୟକ୍ରମରୁ ବାହାରି ନିଜସ୍ୱ ପଦଯାତ୍ରା କରିଛନ୍ତି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ୍ ରାଏ। କଲେଜ ଛକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ବାହାରି ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ନିଜ ସମର୍ଥକମାନଙ୍କୁ ନେଇ ସେ ପହଞ୍ଚିଥିଲେ। ଏହି ପଦଯାତ୍ରା ତାଙ୍କୁ ପୁଣି ଚର୍ଚ୍ଚାକୁ ଆଣିଛି। ମଙ୍ଗଳବାର ନେତାଜୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ କଟକ ସହରରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା, ହେଲେ ସେଠାରେ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଏନେଇ ଅରିନ୍ଦମ୍ କହିଛନ୍ତି, ନେତାଜୀଙ୍କ ଜୟନ୍ତୀ ଅବସରରେ ସମସ୍ତଙ୍କୁ ଏକାଠି କରିବା ପାଇଁ ଏହା ତାଙ୍କର ଏକ ପ୍ରୟାସ। ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ କାର୍ଯ୍ୟ କରୁଛନ୍ତି। ଏହି ଶୋଭାଯାତ୍ରା ତୁଳସୀ ଫାଉଣ୍ଡେଶନ ପକ୍ଷରୁ କରାଯାଉଛି ଓ ଏବେ ସେ ବିଜେଡିରେ ଅଛନ୍ତି। ଦଳ ପକ୍ଷରୁ ଯେତେବେଳେ ତାଙ୍କୁ ଯେଉଁ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଡାକରା ଆସିଥାଏ, ସେ ସେହି କାର୍ଯ୍ୟକ୍ରମରେ ଯୋଗ ଦେଇଥାଆନ୍ତି। ଏପରିକି ଯେଉଁଠି ଦଳର ଶୋଭାଯାତ୍ରା ହୋଇଥାଏ, ସେଠାକୁ ସେ ଯାଇଥାଆନ୍ତି। ହେଲେ ଏବେ ଯୁବ ଓ ଛାତ୍ରଙ୍କ ଶୋଭାଯାତ୍ରା କରାଯାଇଛି। ସେ ଯୁବରେ ନାହାନ୍ତି କିମ୍ବା ଛାତ୍ର ରଖି ନାହାନ୍ତି। ସେ ଶୋଭାଯାତ୍ରା କେବଳ ଯୁବ ଓ ଛାତ୍ରଙ୍କୁ ନେଇ କରାଇଛନ୍ତି ବୋଲି ଅରିନ୍ଦମ୍ କହିଛନ୍ତି।

# ଫେବୃଆରୀ ୩କୁ ଅପେକ୍ଷା




ଆଇଆଇଏମ୍ ସମ୍ବଲପୁର।

**ଓଡ଼ିଶାର** ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ, ଆଞ୍ଚଳିକ ଦଳ ଭାବେ ବିଜୁ ଜନତା ଦଳ (ବିଜେଡି) ତା'ର ସବୁ ବୁଦ୍ଧି ଖଟାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କରାଇଛି। ସେମାନଙ୍କ ମତରେ ଏହା ପଛରେ ଏକ ନରମ ହିନ୍ଦୁତ୍ୱ ଚିନ୍ତାଧାରା ରହିଛି, ଯାହାକି ଦଳୀୟ ନେତାମାନଙ୍କୁ ବିଶ୍ୱାସ ଦିଆଇଛି ଯେ ଗତ ୨୨ ତାରିଖରେ ହୋଇଥିବା ଅଯୋଧ୍ୟାରେ ଭାଜପା ପ୍ରାୟୋଜିତ ରାମମନ୍ଦିରର ଅନେକାଂଶରେ, ଦାଉ ମାରିଦେଇପାରିବ। ପରବର୍ତ୍ତୀ ସମୟରେ ଏବଂ ବିଶେଷକରି ପଶ୍ଚିମ ଓଡ଼ିଶାକୁ ଆକର୍ଷିତ କରିବା ସକାଶେ ୨୭ ଜାନୁଆରୀରେ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିରର ଭବ୍ୟ ରୂପାନ୍ତରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ ରଖାଯାଇଛି।

ଅନ୍ୟପଟେ ଖବର ମିଳିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଫେବୃଆରୀ ୩ରେ ଦିଲ୍ଲୀରୁ ଆସି ସମ୍ବଲପୁରରେ ପହଞ୍ଚିବେ। ସେଠାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ବ୍ରେନ୍‌ଚାଇଲ୍ଡ କୁହାଯାଉଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇଏମ୍)ର ସ୍ଥାୟୀ କ୍ୟାମ୍ପସ୍ ଲୋକାର୍ପଣ କରିବେ। ବିଶ୍ୱସ୍ତ ସୂତ୍ର ଅନୁଯାୟୀ ସମ୍ବଲପୁରରେ ଏକ ରୋଡ୍ ଶୋ'ର ବନ୍ଦୋବସ୍ତ କରାଯିବା ସହିତ ପ୍ରଧାନମନ୍ତ୍ରୀ ସାଧାରଣ ସଭାରେ ଯୋଗଦେବେ।

ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଓଡ଼ିଶା ରାଜନୀତିର ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମଧ୍ୟ ମତ ଦେଉଛନ୍ତି। ସେମାନଙ୍କ କହିବା ଅନୁସାରେ, ପ୍ରଧାନମନ୍ତ୍ରୀ କେଉଁଭଳି ଭାବେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେବେ ଓ ତାଙ୍କ ଭାଷଣରେ ଖୋଲାଖୋଲି, ବିଜେଡି ନେତାମାନଙ୍କ ନାମ ନେଇ, ଆକ୍ରମଣାତ୍ମକ ଭାଷା ବ୍ୟବହାର କରିବେ କି ନାହିଁ, ତାହା ଦେଖିବାର ଅଛି। ଏହା ନ କରି ପ୍ରଧାନମନ୍ତ୍ରୀ ସାଧାରଣ ଭାବେ ଯଦି କଂଗ୍ରେସ ଏବଂ ତା'ର ସହଯୋଗୀ ଦଳଗୁଡ଼ିକଙ୍କ ବିରୋଧରେ ବିଷୋଦ୍‌ଗାର କରି ଫେରିଯାଆନ୍ତି, ତେବେ ବୁଝିବାକୁ ହେବ ଯେ ବିଜେଡିର ଦୀର୍ଘଦିନର ସମର୍ଥନ ପାଇଆସୁଥିବା ମୋଦି ସରକାର ତାଙ୍କର ବନ୍ଧୁ ଦଳଗୁଡ଼ିକୁ ଏବେ ସାଥିରେ ରଖିବା ପାଇଁ ଚେଷ୍ଟିତ।

## ଦେଖ୍ ରାଜନୀତି



ଜିତେନ୍ଦ୍ର କୁମାର ନାୟକ

# ବିଜୁଙ୍କ ଫଟୋ ଆଉଟ୍: ଅଜୟ କୁମାର

**ଭୁବନେଶ୍ୱର, ୨୩।୧ (ଅସମାପିକା ସାହୁ)**

ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ବିଜେଡି ନେତା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ କାର୍ଯ୍ୟାଳୟରେ ଦଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନ ବୁଲିବା ସମୟରେ ବିଜେଡି ପୋଷ୍ଟରରୁ ବିଜୁ ପଟ୍ଟନାୟକଙ୍କ ଫଟୋକୁ ବାଦ୍ ଦିଆଯିବା ଦେଖିବାକୁ ପାଇଛନ୍ତି। ବିଜୁଙ୍କ ଜାଗାରେ ଏବେ ପାଣ୍ଡିଆନଙ୍କ ଫଟୋ ଲାଗିବା ଦେଖାଗଲାଣି। ଯେପରି ବିଜେଡି ପୋଷ୍ଟରରୁ ବିଜୁଙ୍କ ଫଟୋକୁ ଆଉଟ୍ କରି ପାଣ୍ଡିଆନ୍‌ଙ୍କ ଫଟୋକୁ ଇନ୍ କରାଯାଉଛି, ତାହା ଦର୍ଶାଉଛି ଯେ କିଛିଦିନ ପରେ ନବୀନଙ୍କ ଫଟୋ ମଧ୍ୟ ହଟିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେ ଆହୁରି ମଧ୍ୟ କହିଛନ୍ତି, ବିପକ୍ଷ ଦଳ ହୋଇଥିଲେ ମଧ୍ୟ ବିଜୁବାବୁଙ୍କ ପ୍ରତି ଆମର ସମ୍ମାନ ରହିଛି। ବିଜୁଙ୍କ ଫଟୋ ବାଦ୍ ଦିଆଯିବା ଓଡ଼ିଆ ଅସ୍ମିତା ପ୍ରତି ଆଘାତ ବୋଲି ସେ କହିଛନ୍ତି।

ଅପରପକ୍ଷେ ଆସନ୍ତା ୨୯ ତାରିଖରେ ଓଡ଼ିଆଙ୍କ ଅସ୍ମିତା ପାଇଁ ହେଉଥିବା ଲଢ଼େଇରେ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସାମିଲ ହେବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତିଟି ସ୍ୱାଭିମାନୀ ଓଡ଼ିଆଙ୍କୁ ସାମିଲ ହେବା ପାଇଁ ନିବେଦନ କରାଯାଉଛି। କଂଗ୍ରେସ ହିଁ ରାଜ୍ୟର ପ୍ରମୁଖ ବିରୋଧୀ ଦଳ। କଂଗ୍ରେସକୁ ଏକ ସଶକ୍ତ ବିକଳ୍ପ ରାଜନୈତିକ ଦଳ ଭାବେ ଆଗକୁ ଆଣିବା ପାଇଁ ଦଳରେ ଯୋଗଦେବାକୁ ଇଚ୍ଛୁକ ସମସ୍ତ ନେତା ଓ କର୍ମୀଙ୍କୁ ସ୍ୱାଗତ କରାଯିବ ବୋଲି ଅଜୟ କୁମାର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରାହୁଲଙ୍କ ଯାତ୍ରାକୁ ...

ଶ୍ରୀନିବାସ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡଲ୍‌ରେ ପୋଷ୍ଟ କରିଥିବା ଫଟୋକୁ ପ୍ରମାଣ ଭାବେ ବ୍ୟବହାର କରାଯିବ ବୋଲି ହିମନ୍ତ କହିଛନ୍ତି। ନ୍ୟାୟ ଯାତ୍ରାର ଗୁଆହାଟୀ ସହରରେ ପ୍ରବେଶକୁ ରୋକାଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ କଂଗ୍ରେସ କର୍ମୀମାନେ ସ୍ଲୋଗାନ ଦେଇ ବାରିକେଡ୍ ଭାଙ୍ଗିଥିଲେ। ସହର ଉପକଣ୍ଠରେ ରାହୁଲ ଦଳୀୟ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆମେ ବାରିକେଡ୍ ଭାଙ୍ଗିଦେଇଛେ, ହେଲେ ଆଇନ ଭାଙ୍ଗିବା ନାହିଁ। ଗୁଆହାଟୀରେ ପ୍ରବେଶ ରୋକିବା ଲାଗି ପୋଲିସ ଦୁଇଟି ସ୍ଥାନରେ ବାରିକେଡ୍ ଲଗାଇବା ସହ କଂଗ୍ରେସ କର୍ମୀଙ୍କ ଉପରେ ବଳ ପ୍ରୟୋଗ କରିଥିଲା। ଅନ୍ୟପକ୍ଷରେ ବେଆଇନ କାର୍ଯ୍ୟ ପାଇଁ ଉସୁକାଇଥିବା ଏବଂ ଏଭଳି କାର୍ଯ୍ୟ କରିଥିବା ନେତା ଓ କର୍ମୀମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଡିଜି କହିଛନ୍ତି। ନ୍ୟାୟ ଯାତ୍ରାରେ ଯୋଗ ଦେଇଥିବା ଲୋକମାନେ ବାରିକେଡ୍ ଭାଙ୍ଗିବାରୁ କେତେଜଣ ପୋଲିସ କର୍ମଚାରୀ ଓ ସାଧାରଣ ଜନତା ଆହତ ହୋଇଥିଲେ। ଧନଜୀବନର ସୁରକ୍ଷା ପ୍ରତି ବିପଦ ଆଶଙ୍କା କରି ପୋଲିସ ପ୍ରତିକାର ପଦକ୍ଷେପ ସ୍ୱରୂପ ଅନ୍ୟ ଏକ ରାସ୍ତାରେ ନ୍ୟାୟ ଯାତ୍ରା ନେବା ପାଇଁ ଅନୁମତି ଦେଇଥିଲା। ତେବେ ଯାତ୍ରାରେ ଭାଗନେଇଥିବା ଲୋକଙ୍କୁ ମୁଖ୍ୟ ରାସ୍ତା ଦେଇ ଯିବାକୁ ସେମାନଙ୍କ ନେତା ପ୍ରବର୍ତ୍ତାଇବାରୁ ସେମାନେ ବାରିକେଡ୍ ଭାଙ୍ଗିଲେ, ଯେଉଁଥିପାଇଁ ଉତ୍ତେଜନା ସୃଷ୍ଟି ହେଲା ବୋଲି ଡିଜିପି କହିଛନ୍ତି। ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଉକ୍ତ ରାସ୍ତାରେ ଯିବାକୁ ଅନୁମତି ମିଳିଥିବାବେଳେ କଂଗ୍ରେସ ଯାତ୍ରାକୁ ଅନୁମତି ମିଳିଲା ନାହିଁ ବୋଲି ରାହୁଲ କହିଛନ୍ତି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାହୁଲଙ୍କୁ ମେଘାଳୟର ଏକ ଘରୋଇ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାକୁ ଅନୁମତି ଦିଆଗଲା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ବେଳେ ଆକ୍ରମଣ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଆସାମ ବିଧାନସଭାର ବିରୋଧୀ ଦଳ ନେତା ଦେବବ୍ରତ ସାଇକିଆ ରାଜ୍ୟପାଳ ଗୁଲାବ ଚାନ୍ଦ କଟାରିଆଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କଂଗ୍ରେସର ଶାନ୍ତିପୂର୍ଣ୍ଣ ନ୍ୟାୟ ଯାତ୍ରାରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି।

### ମୋକିମ, ଚିରଞ୍ଜୀବଙ୍କ ...

ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୧୫ରେ ମୋକିମ ଓ ଚିରଞ୍ଜୀବଙ୍କୁ କଂଗ୍ରେସ ନିଲମ୍ବନ କରିଥିଲା। ସୂଚନା ଭବନରେ ଆୟୋଜିତ 'ଜାନକୀ-ବସନ୍ତ ଯୋଡ଼ି ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୁଗ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଉଭୟ ଦଳ ବିରୋଧୀ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଯେଉଁଥିପାଇଁ ଏଆଇସିସି ଶୃଙ୍ଖଳା କମିଟି ଉଭୟଙ୍କୁ ଦଳରୁ ନିଲମ୍ବନ କରିଥିଲା। ଏହାପରେ ଦଳ ଭିତରେ କମ୍ପନ ସୃଷ୍ଟି ହୋଇଥିଲା। ଏହି ବରିଷ୍ଠ ଦୁଇ ନେତାଙ୍କର କ'ଣ ପଦକ୍ଷେପ ହେବ ତାକୁ ନେଇ ବହୁ ଆଲୋଚନା ଚାଲିଥିଲା। ସେହିପରି ସଗରିଆ ୨୦୧୯ରେ ଦଳରୁ ବହିଷ୍କୃତ ହୋଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଦଳ ଏହି ବରିଷ୍ଠ ନେତାମାନଙ୍କ ଉପରୁ ନିଲମ୍ବନ ହଟାଇଛି ବୋଲି ଚର୍ଚ୍ଚା ହେଉଛି।

### ଡ୍ରୋନ୍ ବୋହିଲା ...

ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଅତି ଜରୁରୀ ସମୟରେ ରକ୍ତ, ଔଷଧ ଆଦି ମଧ୍ୟ ପଠାଇବାକୁ ବ୍ୟବସ୍ଥା କରାଯାଉଛି। ଏନେଇ ଡା. ବିଶ୍ୱାସ କହିଛନ୍ତି, ଡ୍ରୋନକୁ କିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟବହାର କରିହେବ ସେ ନେଇ ଆମର ଏକ ଅଭିଯାନ ଚାଲିଛି। ସାରା ଦେଶରେ ମଧ୍ୟ ଏହାର ପ୍ରୟାସ କରାଯାଉଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏଥିପାଇଁ ଉତ୍ସାହିତ କରୁଛି। ୨୫ ତାରିଖରେ ଡ୍ରୋନ୍‌ର ଶେଷ ଟ୍ରାଏଲ୍ ରନ୍ କରାଯିବ। ଏହା ବଡ଼ ଆକାରରେ ହେବ। ଏହା ବି ସଫଳ ହେବ ବୋଲି ଏମ୍ସ କାର୍ଯ୍ୟନିର୍ବାହୀ ଆଶାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ରାସ୍ତା ଅବରୋଧ ହେଲେ ଅପହଞ୍ଚ ସ୍ଥାନକୁ ଡ୍ରୋନ୍ ସାହାଯ୍ୟରେ ମେଡିକାଲ ସେବା ପହଞ୍ଚାଇ ହେବ। ଜରୁରିକାଳୀନ ସେବାରେ ରକ୍ତ ପଠାଯାଇପାରିବ ବୋଲି ସେ କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଡା. ସୋନୁ ଏଚ୍ ସୁବା, ଡା. ପ୍ରିୟମାଧବ ବେହେରା, ଡା. ଅଭିଷେକ ମିଶ୍ର, ଡା. ସତ୍ୟପ୍ରକାଶ, ଡା. ଅଂଶୁମାନ ସାହୁ, ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ହୋଇଥିବା ପରୀକ୍ଷଣରେ ବ୍ୟବହୃତ ଡ୍ରୋନ୍‌ପ୍ରାୟ ୫କେଜିପର୍ଯ୍ୟନ୍ତ ସାମଗ୍ରୀ ବହନ କରିବାର କ୍ଷମତା ରଖିଛି। ଏଥିସହିତ ଏହା ପ୍ରାୟ ୧୬୦ କିମି ପର୍ଯ୍ୟନ୍ତ ଯାତ୍ରା କରିପାରିବ ବୋଲି ଏମ୍ସ ଭୁବନେଶ୍ୱର ପକ୍ଷରୁ କୁହାଯାଇଛି।

### ଏପ୍ରିଲ ୧୬ରେ ...

ପଠାଯାଇ ନିର୍ବାଚନ କମିଶନଙ୍କ ଇଲେକ୍ସନ ପ୍ଲାନରରେ ଦିଆଯାଇଥିବା ଟାଇମ୍‌ଲାଇନ ଅନୁପାଳନ କରିବାକୁ କୁହାଯାଇଛି। ପ୍ରକୃତ ନିର୍ବାଚନ ତାରିଖ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ସମ୍ଭବତଃ ଏହା ଏପ୍ରିଲରୁ ମେ' ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇପାରେ। ୨୦୧୯ ଲୋକ ସଭା ନିର୍ବାଚନ ଏପ୍ରିଲ ୧୧ରୁ ଆରମ୍ଭ ହୋଇ ମେ' ୧୯ରେ ଶେଷ ହୋଇଥିଲା ଏବଂ ଫଳାଫଳ ୨୩ ତାରିଖରେ ଘୋଷଣା କରାଯାଇଥିଲା।

ତେବେ ନିର୍ବାଚନ ଯୋଜନାକାରୀମାନେ ସକ୍ରିୟ ଭାବେ କାର୍ଯ୍ୟ କରିବା ପାଇଁ ଉକ୍ତ ତାରିଖ କେବଳ ଅଫିସ୍ ସ୍ତରରେ ରିଫରେନ୍ସ ପାଇଁ ଉଲ୍ଲେଖ କରାଯାଇଛି। ବିଜ୍ଞପ୍ତିରେ ପ୍ରକାଶିତ ତାରିଖ ନିର୍ବାଚନର ପ୍ରକୃତ ତାରିଖ ନୁହେଁ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### କର୍ପୂରୀ ଠାକୁରଙ୍କୁ ...

ରାଜନୀତିରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ଜନନାୟକ ଭାବେ ଲୋକପ୍ରିୟ କର୍ପୂରୀ ୧୯୭୦ ଡିସେମ୍ବରରୁ ୧୯୭୧ ଜୁନ୍ ଏବଂ ୧୯୭୭ ଡିସେମ୍ବରରୁ ୧୯୭୯ ଏପ୍ରିଲ ପର୍ଯ୍ୟନ୍ତ ବିହାର ମୁଖ୍ୟମନ୍ତ୍ରୀ ରହିଥିଲେ। ବିହାର ପିତାଉଞ୍ଝିଆ (ବର୍ତ୍ତମାନର କର୍ପୂରୁ ଗ୍ରାମ)ରେ ଏକ ସାଧାରଣ ପରିବାରେ ଜନ୍ମିତ କର୍ପୂରୀ ତାଙ୍କର ନମ୍ର ସ୍ୱଭାବ ଏବଂ ଜନସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇପାରିଥିଲା। ଛାତ୍ର ଜୀବନରୁ ଜାତୀୟତାବାଦ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ପରେ ଅଖିଳ ଭାରତୀୟ ଛାତ୍ର ସଂଘରେ ସାମିଲ ହୋଇଥିଲେ। ତାଙ୍କ ଶାସନକାଳ ସମାଜର ଅବହେଳିତ ବର୍ଗଙ୍କ ପାଇଁ ଐତିହାସିକ ସମୟ ଥିଲା। ସ୍ଥାନ ସଂରକ୍ଷଣ ପାଇଁ 'କର୍ପୂରୀ ଠାକୁର ସୂତ୍ର' ତାଙ୍କର ସବୁଠୁ ବଡ଼ ଅବଦାନ। ସରକାରୀ ଚାକିରିରେ ପଛୁଆ ବର୍ଗଙ୍କ ନିମନ୍ତେ ସମାନ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ପାଇଁ ସେ ଏହି ସୂତ୍ର ଆଣିଥିଲେ ଏବଂ ୧୯୭୮ ନଭେମ୍ବରରେ ବିହାରର ପଛୁଆ ବର୍ଗଙ୍କ ପାଇଁ ୨୬ ପ୍ରତିଶତ ସଂରକ୍ଷଣ ଲାଗୁ କରିଥିଲେ। ଏହା ୯୦ ଦଶକରେ ମଣ୍ଡଳ କମିଶନ ସୁପାରିସ ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା। ଏହା କେବଳ ପଛଆ ବର୍ଗଙ୍କୁ ସଶକ୍ତୀକରଣ କରିଥିଲା ତାହା ନୁହେଁ, ଅଧିକ ଆଞ୍ଚଳିକ ଦଳ ସୃଷ୍ଟି ହୋଇ ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକର ରାଜନୈତିକ ଚିତ୍ର ବଦଳିଯାଇଥିଲା। ଶିକ୍ଷାମନ୍ତ୍ରୀ ଥିବାବେଳେ କର୍ପୂରୀ ମାଟ୍ରିକ୍ ସ୍ତରରେ ଇଂଲିଶକୁ ବାଧ୍ୟତାମୂଳକ ବିଷୟରୁ ବାଦ୍ ଦେଇଥିଲେ। ପଛୁଆ ଅଞ୍ଚଳରେ ସେ ବହୁସଂଖ୍ୟାରେ ସ୍କୁଲ୍, କଲେଜ ଖୋଲିବା ସହ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା କରିଥିଲେ। ଜମିଜମା କ୍ଷେତ୍ରରେ ସେ ବଡ଼ ସଂସ୍କାର ଆଣିଥିଲେ। ଫଳରେ ଜମିଦାରମାନଙ୍କଠାରୁ ଜମି ନିଆଯାଇ ଭୂମିହୀନ ଦଳିତଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ସେଥିପାଇଁ ସେ ଜନନାୟକ ଭାବେ ପରିଚିତ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଚିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାକର ଅନ୍ତିମ ସଂସ୍କାର

**ଇଂଲଣ୍ଡ:** ଯେତେବେଳେ କୌଣସି ଜୀବନ୍ତ ପ୍ରାଣୀଙ୍କ ମୃତ୍ୟୁ ହୁଏ, ସେତେବେଳେ ସେମାନଙ୍କ ଅନ୍ତିମ ସଂସ୍କାର କରାଯାଇଥାଏ। ହେଲେ ଜଣେ ବ୍ରିଟିଶ ମହିଳା ଏକ ଅଜବ ପ୍ରକାର ଅନ୍ତିମ ସଂସ୍କାର କରିଛନ୍ତି। ସେ କାହା ମୃତ୍ୟୁର ଅନ୍ତିମ ସଂସ୍କାର କରିନାହାନ୍ତି, ହେଲେ ନିଜ ନାକର ଅନ୍ତିମ ସଂସ୍କାର କରିଛନ୍ତି। ରିପୋର୍ଟ ମୁତାବକ, ବ୍ରିଟିଶ ମହିଳା ସୋଫିଙ୍କ ନାକ ବହୁତ ଖରାପ ଥିଲା। ସେ ପ୍ଲାଷ୍ଟିକ ସର୍ଜରି ଜରିଆରେ ତାକୁ ଠିକ୍ କରିବାକୁ ଚାହୁଁଥିଲେ। ଏହି ସର୍ଜରି ପାଇଁ ତାଙ୍କୁ ତୁର୍କୀ ଯିବାର ଅଛି। ଯେଉଁଠାରେ ସର୍ଜରି ପାଇଁ ବହୁତ କମ୍ ଖର୍ଚ୍ଚ ହୋଇଥାଏ। ଏହି ଅବସରରେ ସୋଫି ତାଙ୍କ ସାଙ୍ଗମାନଙ୍କ ସହିତ ଏକ ଅନ୍ତିମ ସଂସ୍କାରର ଆୟୋଜନ କଲେ। ସେଥିରେ ସମସ୍ତେ କଳାରଙ୍ଗର କପଡ଼ା ପିନ୍ଧି ଆସିଥିଲେ। କାରଣ ବିଦେଶରେ ଅନ୍ତିମ ସଂସ୍କାରରେ ଲୋକେ କଳାରଙ୍ଗର କପଡ଼ା ପିନ୍ଧିଥାନ୍ତି। ଏଥିରେ ଲୋକଙ୍କ ପାଇଁ ମଦ୍ୟପାନର ମଧ୍ୟ ବ୍ୟବସ୍ଥା ହୋଇଥିଲା ଏବଂ ସେ ଏକ କେକ୍ ମଧ୍ୟ କାଟିଲେ। ଯେଉଁଥିରେ ଜନ୍ମ ତିଥି ଏବଂ ମୃତ୍ୟୁ ତିଥି ଲେଖାହୋଇଥିଲା। ଏଥିରେ ୨୦୦୦ରୁ ୨୦୨୩ ସମୟ ଲେଖାଥିଲା। ପାର୍ଟିରେ ଲୋକେ ଏକ ବଡ଼ ଆକାରର ପ୍ଲାଷ୍ଟିକ ନାକ ପିନ୍ଧିଥିଲେ। ସମସ୍ତେ ସୋଫିଙ୍କ ପ୍ଲାଷ୍ଟିକ ସର୍ଜରି ପାଇଁ ଶୁଭକାମନା କରିଥିଲେ।

# ଅଜ୍ଞାନ ଅନ୍ଧକାର ଦୂରକରେ ଶିକ୍ଷା

## ଅନ୍ତର୍ଜାତୀୟ ଶିକ୍ଷା ଦିବସ



**ଯେ**କୌଣସି ଦେଶର ବିକାଶ ଏହାର ସମୃଦ୍ଧ ମାନବ ସମ୍ବଳ ଉପରେ ହିଁ ନିର୍ଭର କରିଥାଏ। ସମୃଦ୍ଧ ମାନବ ସମ୍ବଳ ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ଲେଖିବା, ପଢ଼ିବା ଜାଣିଲେ ଲୋକେ ବିଭିନ୍ନ ସରକାରୀ ସେବାର ଲାଭରୁ ବଞ୍ଚିତ ହେବା ଆଶଙ୍କା ରହିଥାଏ। ଶିକ୍ଷା ଅଜ୍ଞାନ ଅନ୍ଧକାର ଦୂର କରିବାରେ ସହାୟକ ହୋଇଥାଏ। ପଢ଼ି ଜାଣିଥିବା ଲୋକ ସରକାରଙ୍କ ଯୋଜନା ପ୍ରତି ସଚେତନ ହୋଇପାରିଥାନ୍ତି। ଶିକ୍ଷା ହେଉଛି ଏକ ମୌଳିକ ମାନବିକ ଅଧିକାର। ତେଣୁ ସମସ୍ତେ କିଭଳି ଲେଖିବା, ପଢ଼ିବା ଜାଣିବେ ତାହା ପୃଥିବୀର ପ୍ରତିଟି ଦେଶର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଥାଏ।

ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁୟାରୀ ୨୪ରେ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଥାଏ। ୨୦୧୮ ଡିସେମ୍ବର ୩ରେ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ଲାଗି ଏକ ସଂକଳ୍ପ ଗ୍ରହଣ କରାଯାଇଥିଲା। ଏହି ଦିନକୁ ଅନ୍ତର୍ଜାତୀୟ ଶିକ୍ଷା ଦିବସ ଭାବେ ଘୋଷଣା କରାଯାଇ ବିଶ୍ୱ ଶାନ୍ତି ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ଶିକ୍ଷାର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବାର ଉଦ୍ୟମ ଅବ୍ୟାହତ ରହିଛି।

ପୃଥିବୀର ୨୫୮ ନିୟୁତ ଶିଶୁ ଏବଂ ଯୁବକ ପାଠ ପଢ଼ିବା ଜାଣିନାହାନ୍ତି। ସେମାନଙ୍କ ଲାଗି ସ୍କୁଲ ଯିବା ସୁବିଧା ନାହିଁ। ସେହିପରି ୬୧୭ ନିୟୁତ ଶିଶୁ ଏବଂ କିଶୋର ପଢ଼ି ଜାଣନ୍ତି ନାହିଁ। ମୌଳିକ ଗଣିତ ସମ୍ପର୍କରେ ସେମାନେ କିଛି ବି ଜାଣିନାହାନ୍ତି। ଆଫ୍ରିକାର ସାହାରା ଅଞ୍ଚଳରେ ୪୦ ପ୍ରତିଶତରୁ କମ୍ ବାଳିକା ନିମ୍ନ ମାଧ୍ୟମିକ ବିଦ୍ୟାଳୟରେ ପଢ଼ା ଶେଷ କରିଥାନ୍ତି ଏବଂ ପ୍ରାୟ ୪ ନିୟୁତ ଶିଶୁ ଏବଂ ଯୁବ ଶରଣାର୍ଥୀ ବିଦ୍ୟାଳୟକୁ ଯାଇନାହାନ୍ତି। ଏହାଦ୍ୱାରା ସେମାନଙ୍କର ଶିକ୍ଷା ଅଧିକାର ଉଲ୍ଲଂଘନ ହେଉଛି। ଏହା କେବେ ମଧ୍ୟ ଏକ ସୁସ୍ଥ ତଥା ବିକାଶଶୀଳ ସମାଜ ପାଇଁ ଗ୍ରହଣୀୟ ନୁହେଁ। ଏ ସମ୍ପର୍କରେ ଅନ୍ତର୍ଜାତୀୟ ଶିକ୍ଷା ଦିବସରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ।

ଏହି ଦିବସ ପାଳନ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ସଂଗଠନ ପକ୍ଷରୁ ସମାନ ଗୁଣାତ୍ମକ ଶିକ୍ଷା ଏବଂ ସମସ୍ତଙ୍କ ପାଇଁ ଆଜୀବନ ସୁଯୋଗ ବିନା ଲିଙ୍ଗଗତ ସମାନତା ହାସଲ କରିବା ସଫଳ ହେବ ନାହିଁ ଏବଂ ଦାରିଦ୍ର୍ୟ ଶେଷ ହେବ ନାହିଁ ବୋଲି ସଚେତନ କରାଯାଇଥାଏ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ୨୦୨୪ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି 'ସ୍ଥାୟୀ ଶାନ୍ତି ପାଇଁ ଶିକ୍ଷା'।


## CLASSIFIED DISPLAY

MORE SPACE ' SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Hurry up... Hurry up... Hurry up...
**B.Ed**
**Only @89,000/-**
IMMEDIATELY CONTACT
**B.Ed**
COUNSELLING CENTER
BHUBANESWAR
7606962458
8908210843
9124391142
8908210443

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନର ଶୁଭେଚ୍ଛା



**ଯସିକା (ଚିନୁ)**

ଜେଜେ, ବୋଉ, ଅଜା, ଆଈ, ମଉସା, ମାଉସି, ପିଉସା, ପିଉସୀଙ୍କ ତରଫରୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯସିକା (ଚିନୁ)ର ଚଲାପଥ କୁସୁମତ ହେଉ। ସପରିବାର ତରଫରୁ ଅଶେଷ ଅଶେଷ ଆଶୀର୍ବାଦ

ଧ-୨୩୩୧

### ବିବାହ ବନ୍ଧନ ଶୁଭେଚ୍ଛା



**ଅନ୍ୱେଷା ଓ ଆଲୋକ**

ସଂସାର ଏକ ବିଷମପଥ। ଏହାକୁ ସୁଗମ କରିବାକୁ ଅନ୍ୱେଷା ଜଡ଼ିତ ଦୂରଦୃଷ୍ଟି ଯେତିକି ଜରୁରୀ ଆଲୋକର ଶକ୍ତି ସେତିକି ଆବଶ୍ୟକ। ଏ ଦୁଇଟିର ଅପୂର୍ବ ସଂଯୋଗ ସଫଳ ହେବାପାଇଁ ଚତୁର୍ଭୁଜଙ୍କ ପାଦପଦ୍ମରେ ମାମୀ ଓ ଡାଡିଙ୍କର ବିନମ୍ର ନିବେଦନ ।

ଧ-୨୩୪୩


# ୟୋସେମାଇଟ୍ ଫାୟାରଫଲ୍

ୱାଶିଂଟନ: ଆମେରିକା କାଲିଫର୍ନିଆର ୟୋସେମାଇଟ୍ ନ୍ୟାଶନାଲ ପାର୍କରେ ଏକ ଝରଣା ରହିଛି, ଯାହା ହର୍ସଟେଲ ନାମରେ ଜଣାଶୁଣା। ବର୍ଷର ଏକ ଖାସ୍ ସମୟରେ ଏହି ଝରଣାରୁ ବାହାରୁଥିବା ଧାର ଲାଲ-ନାରଙ୍ଗୀ ରଙ୍ଗରେ ଚମକୁଥାଏ, ଫଳରେ ଝରଣାରେ ନିଆଁ ଲାଗିଥିବା ପରି ଜଣାପଡ଼େ। ସେଥିପାଇଁ ଏହାକୁ ଦୁନିଆର ସବୁଠୁ ଭିନ୍ନ ଝରଣା ବୋଲି କୁହାଯାଏ। ରିପୋର୍ଟ ମୁତାବକ, ୟୋସେମାଇଟ୍ ଫାୟାରଫଲ୍ ପ୍ରାକୃତିକ ଭାବେ ଭ୍ରମ ସୃଷ୍ଟି କରେ। ସୂର୍ଯ୍ୟ ଅସ୍ତ ସମୟରେ ଏହି ହର୍ସଟେଲର ଧାର ଉପରେ ପଡ଼େ, ସେତବେଳେ ଏପରି ଘଟିଥାଏ। ଫଳରେ ଏହି ଧାରର ରଙ୍ଗ ଲାଲ୍- ନାରଙ୍ଗୀ ରଙ୍ଗ ଧାରଣ କରି ଉଜ୍ୱଳ ଦିଶେ। ଝରଣାର ଏପରି ଦୃଶ୍ୟ ଦେଖିବାକୁ ବହୁସଂଖ୍ୟକ ଲୋକ ଏଠାକୁ ଆସିଥାନ୍ତି। ପ୍ରକୃତରେ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟଙ୍କ କିରଣ ଯେତେବେଳେ ଏହି ଝରଣା ଉପରେ ପଡେ ତାହା ପ୍ରତିଫଳିତ ହୋଇ ଏପରି ଦୃଶ୍ୟମାନ ହୋଇଥାଏ। ଫେବୃଆରୀ ୧୦ରୁ ୨୭ମଧ୍ୟରେ ୟୋସେମାଇଟ୍ ଫାୟାରଫଲ୍ ଦେଖିବାକୁ ମିଳିଥାଏ। ଅପରାହ୍ନ ୫ଟା ୩୦ ସମୟରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଥାନ୍ତି, ସେତେବେଳେ ଏପରି ସ୍ଥିତି ଉତ୍ପନ୍ନ ହୋଇଥାଏ, ଯାହା କେବଳ ୩ ମିନିଟ୍ ପର୍ଯ୍ୟନ୍ତ ରୁହେ। ସେଥିପାଇଁ ଲୋକେ ଏହାକୁ ଦେଖିବାକୁ ୟୋସେମାଇଟ୍ ନ୍ୟାଶନାଲ ପାର୍କରେ ଅପରାହ୍ନ ୪ଟାରୁ ଅପେକ୍ଷା କରି ରହିଥାନ୍ତି।



# ଜୁନ୍ ୧୪ରେ କଙ୍ଗନାଙ୍କ 'ଏମରଜେନ୍ସି'



କଙ୍ଗନା ରଣାୱତ୍

ମୁମ୍ବାଇ

ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପରେ ଅଭିନେତ୍ରୀ କଙ୍ଗନା ରଣାୱତ୍ ତାଙ୍କ ଆଗାମୀ ଫିଲ୍ମ 'ଏମର୍ଜେନ୍ସି'ର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଚଳିତବର୍ଷ ଜୁନ୍ ୧୪ରେ ସିନେମା ମୁକ୍ତିଲାଭ କରିବ। ଏନେଇ କଙ୍ଗନା ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, ଭାରତର ଅନ୍ଧକାର ସମୟର କାହାଣୀ ଖୁଲାସା ହେବାକୁ ଯାଉଛି। ଏହି ଇତିହାସର ସାକ୍ଷୀ ହୁଅନ୍ତୁ। କାରଣ ସବୁଠାରୁ ଆକ୍ରମଣାତ୍ମକ ପ୍ରଧାନମନ୍ତ୍ରୀ ପ୍ରେକ୍ଷାଳୟରେ ଗର୍ଜିବାକୁ ପ୍ରସ୍ତୁତ। ଏହି ମୁଭି କଙ୍ଗନାଙ୍କ ଦ୍ୱିତୀୟ ନିର୍ଦ୍ଦେଶନା। ପୂର୍ବରୁ ଫିଲ୍ମ ଗତବର୍ଷ ନଭେମ୍ବର ୨୪ରେ ରିଲିଜ୍ ହେବାର ଥିଲା। କିନ୍ତୁ ପରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଫିଲ୍ମରେ ଅନୁପମ ଖେର, ମହିମା ଚୌଧୁରୀ, ମଲିନ୍ଦ ସୋମନ, ଶ୍ରେୟସ ତଲପଡେ, ଭୂମିକା ଚାଓଲା ପ୍ରମୁଖ ନଜରକୁ ଆସିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଏବଂ ତାଙ୍କ ରାଜନୈତିକ ଯାତ୍ରା ବିଷୟରେ ଫିଲ୍ମରେ ବର୍ଣ୍ଣିତ ହୋଇଛି। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ ତେଜସ୍‌ରେ ଦେଖିବାକୁ ମିଳିଥିଲା।


# Classified Everyday
0674-2580101, 2549949



MATRIMONIAL

## GROOM WANTED

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316

62 ବୟସ୍କା Retd. ହୋଇଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077871702. D-2326



REAL ESTATE

## SALE

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.** D-2340

**Plot 2200sqft. Mahadev Nagar, Jagannath Nagar, Rasulgarh (4ft. boundary wall, Boring) @ 3500sqft. 9438389968, 9658464277.** D-2338

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272





**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322





Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

**Newly open SPA positively health benefits with expert therapist. 9938843929.** D-75190

Newly open SPA positively health benefits (Expert therapist). Contact: 9124527170. D-75191

Positively health benefits SPA expert therapist at Nayapalli. Contact: 7846814019. D-75187

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Full body massage relax body mind by trend lady therapist. 8327754443. D-75192

## LOST

ଏତଦ୍ୱାରା ଏହି ବିଜ୍ଞାପନ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଇଛି ଯେ, ପ୍ଲଟ୍ ନଂ.- ୪୩୬/୮୪୧, ଏ.୦.୧୧ଡି., ଖାତା ନଂ.- ୨୬/୪୩୭, ମୌଜା- ହିଞ୍ଜିଲିବାହିଲି, ଥାନା: ଜୁନାଗଡ଼, ଜିଲ୍ଲା- କଳାହାଣ୍ଡି, ଦଲିଲ ନଂ.- ୧୦୮୯୧୨୦୧୯୨୬, ମୁତାବକ କ୍ରୟ କରି ଶାନ୍ତିପୂର୍ଣ୍ଣ ଭାବରେ ଦଖଲ କରିଆସୁଅଛୁ। ଉକ୍ତ ଅସଲି ବିକ୍ରୟ କବଲା ହଜିଯାଇଛି। ଉପରୋକ୍ତ ଜମିକୁ ବନ୍ଧକ ରଖି ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଜୁନାଗଡ଼ ଶାଖାରୁ ଋଣ ଆଣିବାକୁ ଦରଖାସ୍ତ କରିଅଛି। ଅସଲି ଦଲିଲ ଯଦି କିଏ ପାଇଛନ୍ତି, ତା'ହେଲେ ନିମ୍ନ ଠିକଣାରେ ଫେରସ୍ତ କରିବା ପାଇଁ ଅନୁରୋଧ। ଏହି ଋଣ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କ ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନର ୧୫ଦିନ ମଧ୍ୟରେ ଶାଖା ପରିଚାଳକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଜୁନାଗଡ଼ ଶାଖାଙ୍କ ପାଖରେ ଅଭିଯୋଗପତ୍ର ଦାଖଲ କରିବେ। ୧୫ଦିନ ପରେ ଅଭିଯୋଗ କଲେ ତାହା ଗ୍ରହଣୀୟ ହେବନାହିଁ। ଭବେଶ କୁମାର ସାହୁ, ପିତା: ରବୀନ୍ଦ୍ର ନାଥ ସାହୁ, ନି-ହିଞ୍ଜିଲିବାହିଲି, ପୋ/ଥାନା/ତହସିଲ- ଜୁନାଗଡ଼, ଜିଲ୍ଲା: କଳାହାଣ୍ଡି, ମୋ ନଂ.- ୯୯୩୭୨୭୩୭୫୯ । ଧ-୨୩୪୭

## AFFIDAVIT

By virtue of an affidavit dated 19.01.2024 sworn before Executive Magistrate, Nayagarh, I Sandhyarani Dalai, W/o- Shyamsundar Dalai, R/o- Solapata, P.O.- Gotisahi, P.S.- Sarankul, Dist.- Nayagarh declare that in my LIC Bond vide Policy No.- 586778882 my name has been mentioned as Tula Dei, W/o- Shyamsundar Dalai. Hence Sandhyarani Dalai & Tula Dei is one and same person. D-2346

By virtue of affidavit No. 267 dt 22.01.2024 before the Executive Magistrate, Angul I change my surname from Jyotirmayee Biswal to Jyotirmayee Tripathy, W/o- Prashanta Kumar Biswal, Plot No.- 1758/2132, At/P.O.- Hakimpada, P.S./Dist.- Angul, Odisha for all future purpose. D-2339

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ସୁଲୋଚନା ସିଂହ**

ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୪୧
ତିରୋଧାନ: ୦୫।୦୧।୨୦୨୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ।

ଧ-୭୧୨୨୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିନକରେ ନିବେଶକ ହରାଇଲେ ୮.୫ଲକ୍ଷ କୋଟି

■ ସେନ୍‌ସେକ୍ସ ୧୦୫୩ ପଏଣ୍ଟ ହ୍ରାସ

■ ୧.୫୪ % କମିଲା ନିଫ୍ଟି




ନୂଆଦିଲ୍ଲୀ,୨୩।୧

ଗତ କିଛି ସପ୍ତାହ ହେବ ଘରୋଇ ପୁଞ୍ଜିବଜାରର କାରବାର ନିବେଶକଙ୍କୁ ନିରାଶ କରୁଛି। ଫଳରେ ନିବେଶକ ଲକ୍ଷାଧିକ ଟଙ୍କାର କ୍ଷତି ସହୁଛନ୍ତି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନର ବଜାର କାରବାରରେ ଏକ ବଡ ଧରଣର ହ୍ରାସ ଘଟିଛି। ଫଳରେ ନିବେଶକ ଦିନକ ମଧ୍ୟରେ ପ୍ରାୟ ୮.୫ ଲକ୍ଷ କୋଟିର ନିବେଶ ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହର ଶେଷ କାର୍ଯ୍ୟ ଦିବସ ସୁଦ୍ଧା ପୁଞ୍ଜିବଜାରରେ ସଞ୍ଚୟ ପୁଞ୍ଜି ରାଶିରୁ ୮,୫୦, ୮୨୦.୮୧ ଲକ୍ଷ କୋଟି ହ୍ରାସ ହୋଇ ୩,୬୫,୯୭,୯୧୫.୯୭ ଲକ୍ଷ କୋଟିରେ ରହିଛି। ସେହିଭଳି ମଙ୍ଗଳବାର ଶେୟାର ବଜାର କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୫୩ .୧୦ ପଏଣ୍ଟ ବା ୧.୪୭% ହ୍ରାସ ଘଟିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ରେ ୩୩୩.୦୦ ପଏଣ୍ଟ ବା ୧.୫୪% ଖସିଛି।

ଅପରପକ୍ଷରେ ନିଫ୍ଟି ମିଡ୍‌କ୍ୟାପ୍ ୧୪୯୩.୨୦ ପଏଣ୍ଟ ହ୍ରାସ ଘଟି ୪୬,୫୬୯.୭୦ ଅଙ୍କରେ ରହିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୨୧୫.୨୫ ପଏଣ୍ଟ ଖସି ୭୦୩୪.୧୦ ଅଙ୍କରେ ରହିଛି।

ଏପରିକି ନିଫ୍ଟି ବ୍ୟାଙ୍କ ୧୦୪୩.୧୫ ପଏଣ୍ଟ ହ୍ରାସ ହୋଇ ୪୫,୦୧୫.୦୫ ଅଙ୍କରେ ପହଞ୍ଚିଛି। ସେହିପରି କ୍ରମାଗତ ଭାବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନିବେଶ ହ୍ରାସ ସହ ରିଲାଏନ୍ସ ଇଣ୍ଡଷ୍ଟ୍ରି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଭଳି ନିବେଶକ ସଂସ୍ଥାର ନିବେଶ ବଡ ଧରଣରେ ହ୍ରାସ ଘଟିବାରୁ ବଜାରରେ ଏକ ପ୍ରକାର ମାନ୍ଦାବସ୍ଥା ସୃଷ୍ଟି ହୋଇଥିଲାବେଳେ ବିଏସ୍‌ଇ ଓ ଏନ୍‌ଏସ୍‌ଇ ପଞ୍ଜୀକୃତ ନିବେଶକ କମ୍ପାନୀଗୁଡିକର ବଡ ଧରଣ ହ୍ରାସ ହୋଇଥିବାବେଳେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଏସ୍‌ବିଆଇ, ଏଚ୍‌ୟୁଏଲ୍, ଏଚ୍‌ଡିଏଫ୍‌ସି ଏବଂ ବଜାଜ ଫାଇନାନ୍ସ ଭଳି ନିବେଶକ ବଡ ଧରଣର କ୍ଷତି ସହିଛନ୍ତି।

## ଖସିଲା ଶେୟାର ବଜାର

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୫୩.୧୦ ପଏଣ୍ଟ ଖସି ୭୦,୩୭୦.୫୫ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୩୩.୦୦ ପଏଣ୍ଟ ହ୍ରାସ ଘଟି ୨୧,୨୩୮.୮୦ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଶାହରୁଖ ଟାଇଡ୍‌ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୩।୧



ଦେଶର ପ୍ରମୁଖ ଡିଟରଜେଣ୍ଟ ବ୍ରାଣ୍ଡ ଟାଇଡ୍‌ର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ନିଯୁକ୍ତ ହୋଇଥିବାବେଳେ କମ୍ପାନୀ ସହ ତାଙ୍କର ଏକ ସହଭାଗିତା ହୋଇଛି। ଏପରିକି ଗତ ଦଶନ୍ଧି ଧରି ଟାଇଡ୍ ମ୍ୟାଜିକ୍ ଲିକ୍ୱିଡ୍ ଓ ଟାଇଡ୍ ପଡ୍‌ସ ଭଳି ନୂଆ ୱାଶ୍ କେୟାର ସମାଧାନର ଶୁଭାରମ୍ଭ ସହ ଅନେକ ପଦକ୍ଷେପ ଜରିଆରେ ଟାଇଡ୍‌ର ପ୍ରତିବଦ୍ଧତାକୁ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଶାହରୁଖ କହିଛନ୍ତି, ଟାଇଡ୍ ସହ ମୋର ଏହି ସହଭାଗିତା କେବଳ ବ୍ରାଣ୍ଡକୁ ସମର୍ଥନ କରିବା ପାଇଁ ନୁହେଁ ବରଂ ଏହାର ଶ୍ରେଷ୍ଠତା ବିଷୟରେ ସର୍ବସାଧାରଣଙ୍କୁ ଅନୁମୋଦନ କରିବା। ଏପରିକି ଟାଇଡ୍ ସହଯୋଗ ଦେଇ ମୁଁ ଖୁସି ଓ ଟାଇଡ୍‌କୁ ଅସଲି (ପ୍ରକୃତ) ଏସ୍‌ଆର୍‌କେ ଭାବେ ସୁପାରିସ କରୁଛି। ମୁଁ ଚାହେଁ ଲୋକମାନେ ସଫେଇ ପାଇଁ ଉତ୍କୃଷ୍ଟ ସମାଧାନ ପାଆନ୍ତୁ। ସେହିଭଳି ଫେବ୍ରିକ କେୟାରର ଭାଇସ୍ ପ୍ରେସିଡେଣ୍ଟ ତଥା ପି ଆଣ୍ଡ ଜି (ଇଣ୍ଡିଆ)ର ସିଏମ୍‌ଓ ମୁକ୍ତା ମାହେଶ୍ୱରୀ କହିଛନ୍ତି, ବିଶ୍ୱର ନଂ.୧ ଡିଟରଜେଣ୍ଟ ବ୍ରାଣ୍ଡ ଟାଇଡ୍ ଇଣ୍ଡିଆର ପ୍ରତିଟି ଘରେ ବେଶ୍ ପରିଚିତ ହୋଇଥିଲାବେଳେ ଲୋକମାନଙ୍କର ଆବଶ୍ୟକତାକୁ ଏହା ଭଲ ଭାବେ ପୂରଣ କରିଥାଏ। ଏପରିକି ଟାଇଡ୍ ସହ ଶାହରୁଖଙ୍କ ସହଭାଗିତା ଆମକୁ ବେଶ୍ ଉତ୍ସାହିତ କରିଛି। ବିଶେଷକରି ଦାଗ ଅପସାରଣ କିଙ୍ଗ୍ ଭାବେ ଶାହରୁଖ ନୂଆ ଓ ଉନ୍ନତ ଟାଇଡ୍‌ର ସମର୍ଥନକୁ ନେଇ ଆମେ ଆନନ୍ଦିତ ଅଛୁ। ସାରା ଦେଶରେ ଗ୍ରାହକ ଓ ପ୍ରଶଂସକଙ୍କ ପାଇଁ ଏସ୍‌ଆର୍‌କେ ଟାଇଡ୍ ଅସଲି (ରିୟଲ) ଏସ୍‌ଆର୍- ଦାଗ ଅପସାରଣ କିଙ୍ଗ୍‌କୁ ସୁପାରିସ କରି ଆମେ ବେଶ୍ ଆନନ୍ଦିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗଙ୍କ ପାଇଁ ୱାର୍କ ସିମୁଲେଟର ପ୍ରଦାନ କରିବ ହୁଡ୍‌କୋ

ଭୁବନେଶ୍ୱର,୨୩।୧
(ଅନୁରାଧା ମହାରଣା)

ହୁଡ୍‌କୋ ଏହାର ସାମାଜିକ ଉତ୍ତର ଦାୟିତ୍ୱ ଯୋଜନା ଅଧୀନରେ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ବିଶେଷ ଉପକରଣ ୱାର୍କ ସିମୁଲେଟର କ୍ରୟ ପାଇଁ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ କର୍ତ୍ତୃପକ୍ଷଙ୍କୁ ୯୦ଲକ୍ଷ ଟଙ୍କା ପ୍ରଦାନ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ ଆବଶ୍ୟକୀୟ ଦସ୍ତାବିଜ୍ ମଧ୍ୟ ହସ୍ତାନ୍ତର କରାଯାଇଛି। ସାମାଜିକ ଉତ୍ତରଦାୟିତ୍ୱ ମାଧ୍ୟମରେ ପ୍ରଦତ୍ତ ସିମୁଲେଟର ଯନ୍ତ୍ରାଂଶଟି ଓଡ଼ିଶାରେ ପ୍ରଥମ ଏବଂ ପୂର୍ବ ଭାରତରେ ଏହା ଦ୍ୱିତୀୟ ବୋଲି ହୁଡ୍‌କୋ ପକ୍ଷରୁ କୁହାଯାଇଛି। ଏହି ସିମୁଲେଟର ଦିବ୍ୟାଙ୍ଗମାନଙ୍କ ଗୃହକର୍ମ, ବୃତ୍ତିଗତ କର୍ମ, ଦୈନନ୍ଦିନ କାର୍ଯ୍ୟ କରିବାରେ ସହାୟକ ହେବ। ସୂଚନା ଥାଉ କି, ହୁଡ୍‌କୋ ପୂର୍ବରୁ ମାଲକାନଗିରି ଜିଲାରେ ସ୍ୱାସ୍ଥ୍ୟସେବା ଉନ୍ନତୀକରଣ ପାଇଁ ୪ଟି ଆମ୍ବୁଲାନ୍ସ ଯୋଗାଇଦେଇଛି।

# ପାତ୍ର ଇଲେକ୍ଟ୍ରୋନିକ୍ସରେ ରିପବ୍ଲିକ୍ ଡେ ସେଲ୍

**ଆଜି ପ୍ରି-ବୁକିଂର ଶେଷ ଦିନ**

**PATRA ELECTRONICS**

ଭୁବନେଶ୍ୱର,୨୩।୧(ଅଭୟ ଦାଶ)

ରାଜ୍ୟର ସର୍ବବୃହତ୍ ରିଟେଲ ଚେନ୍ ପାତ୍ର ଇଲେକ୍ଟ୍ରୋନିକ୍ସର ବହୁ ପ୍ରତୀକ୍ଷିତ 'ରିପବ୍ଲିକ୍ ଡେ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପାତ୍ର ଇଲେକ୍ଟ୍ରୋନିକ୍ସରେ 'ରିପବ୍ଲିକ୍ ଡେ ସେଲ୍'ର ପ୍ରି-ବୁକିଂ ଆରମ୍ଭ ହୋଇଥିବାବେଳେ ୨୦୨୪ ଜାନୁଆରୀ ୨୪ ପର୍ଯ୍ୟନ୍ତ ଏହି ପ୍ରି-ବୁକିଂ ପାତ୍ର ଇଲେକ୍ଟ୍ରୋନିକ୍ସର ସମସ୍ତ ଷ୍ଟୋରରେ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆଶାୟୀ ଗ୍ରାହକମାନେ ୧,୦୦୦ ଟଙ୍କା ଦେଇ ବୁକିଂ କରନ୍ତୁ ଏବଂ ଜାନୁଆରୀ ୨୬ରେ ୩୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଯେକୌଣସି ଜିନିଷ କିଣିଲେ ୫,୯୯୦ଟଙ୍କା ମୂଲ୍ୟର ଏକ ବିନ୍ ବ୍ୟାଗ୍ ମାଗଣାରେ ପାଇବେ। ଏହି ଅଫର ପାତ୍ର ଇଲେକ୍ଟ୍ରୋନିକ୍ସର ସମସ୍ତ ଷ୍ଟୋରରେ ଉପଲବ୍ଧ। ସେହିଭଳି ୨୦୨୪ ଜାନୁଆରୀ ୨୬ ପାଇଁ ପାତ୍ର ଇଲେକ୍ଟ୍ରୋନିକ୍ସ ପକ୍ଷରୁ ମଧ୍ୟ ବହୁ ଆକର୍ଷଣୀୟ ଅଫର ରଖାଯାଇଛି, ଯେପରିକି ଏକ ୫୫ ଇଞ୍ଚ ଏଲ୍‌ଇଡି ଟିଭି ସହ ୩୨ଇଞ୍ଚ ଟିଭି ମାଗଣାରେ ଦିଆଯାଉଥିବାବେଳେ ଏକ ୱାଶିଂ ମେଶିନ କିଣିଲେ ଗ୍ରାଇଣ୍ଡର ମାଗଣାରେ ମିଳୁଛି। ସେହିପରି ୩୪,୯୯୦ ଟଙ୍କାରେ ଟିଭି, ଫ୍ରିଜ୍, ୱାଶିଂ ମେଶିନ ସହ ଗ୍ରାଇଣ୍ଡର ଓ ଆଇରନ୍‌ର କମ୍ବୋ ଅଫର ରହିଛି। ସାଇଡ୍ ବାଏ ସାଇଡ୍ ଫ୍ରିଜ୍ କିଣିଲେ ୧୦କେଜି ଟପ୍ ଲୋଡ୍ ୱାଶିଂ ମେଶିନ ମାଗଣାରେ ମିଳୁଥିବା ବେଳେ ଏଆର୍ କଣ୍ଡିସନର ନେଲେ ମିନି ବାର୍ ଫ୍ରିଜ୍ ମାଗଣାରେ ମିଳୁଛି ବୋଲି ପାତ୍ର ଇଲେକ୍ଟ୍ରୋନିକ୍ସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଗ୍ରାହକ ୮୦୩୦୨୬୬୭୬ ନମ୍ବରରେ ମିସ୍‌ଡ କଲ୍ କରି ମଧ୍ୟ ଲକି ଡ୍ରରେ ଭାଗନେଇ ପୁରସ୍କାର ଜିତିପାରିବେ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଡିଜିଟାଲ ସ୍କିଲ୍ ସେଣ୍ଟର

ଭୁବନେଶ୍ୱର,୨୩।୧

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କେନ୍ଦୁଝରଠାରେ ଏକ ଅତ୍ୟାଧୁନିକ ଡିଜିଟାଲ ସ୍କିଲ୍ ସେଣ୍ଟରର ଶୁଭାରମ୍ଭ (ଉଦ୍‌ଘାଟନ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍‌ପି) ଟି.ଏସ୍.ଶାନଭୋଗ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ନିଯୋଜନ କାର୍ଯ୍ୟାଳୟର ପ୍ରତିନିଧି ଅରୁଣ କୁମାର ପଣ୍ଡା, ଡାବୁନା ପ୍ଲାଣ୍ଟ ହେଡ୍ ଜୟବର୍ଦ୍ଧନ ପାରୋହା, ଟେଲିଙ୍ଗ ଡ୍ୟାମ ପ୍ରୋଜେକ୍ଟ ହେଡ୍ ଶୈଳେନ୍ଦ୍ର ଶାହାଙ୍କ ସମେତ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ହେଡ୍ ଡ.ବିକାଶ ଯାଦଭେନ୍ଦୁ ଏବଂ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଏଚ୍‌ଆର୍ ହେଡ୍ ଓଡ଼ିଶା ସୁନୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍‌ପି) ଟି.ଏସ୍ . ଶାନ୍‌ଭୋଗ୍ କହିଥିଲେ, ଛାତ୍ରୀଛାତ୍ରମାନେ ଏହା ଜରିଆରେ ଉନ୍ନତ କର୍ମସଂସ୍ଥାନର ସୁଯୋଗ ନେବା ସହ ସେମାନଙ୍କର ଭବିଷ୍ୟତ ଗଠନ କରିବା ଉଚିତ। ଅପରପକ୍ଷରେ ଛାତ୍ରୀଛାତ୍ରମାନେ ଆବଶ୍ୟକ କୌଶଳ ଓ ଜ୍ଞାନର ଅଭିବୃଦ୍ଧି ଘଟାଇବା ଉପରେ ପଣ୍ଡା ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଜିଲାର ଆଖପାଖ ଗ୍ରାମଗୁଡ଼ିକରୁ ୨୦୦ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯିବ। ଏପରିକି ଶିକ୍ଷାନବିସମାନଙ୍କୁ ଆବଶ୍ୟକ ପରାମର୍ଶ ଦିଆଯିବ ସହିତ ୪୪୦ଘଣ୍ଟା ପାଇଁ ତାଲିମ କାର୍ଯ୍ୟରେ ସାମିଲ କରାଯିବ। ବିଶେଷକରି ଡୋମେଷ୍ଟିକ୍ ଡାଟା ଏଣ୍ଟ୍ରି ଅପରେଟର ଏବଂ ଡୋମେଷ୍ଟିକ୍ ଆଇଟି ହେଲ୍ପଡେସ୍କ ଆଟେଣ୍ଡାଣ୍ଟ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କୁ ତାଲିମ ଦିଆଯିବ। ସେହିପରି ତାଲିମ ଶେଷ ପରେ ଶିକ୍ଷାନବିସମାନଙ୍କୁ ସେକ୍ଟର ସ୍କିଲ୍ କାଉନ୍‌ସିଲ ତାଲିକାଭୁକ୍ତ ସଂସ୍ଥା (ଏଜେନ୍ସି)ଗୁଡ଼ିକ ଆବଶ୍ୟକ ସହାୟତା ଯୋଗାଇଦେବେ ଏବଂ କର୍ମସଂସ୍ଥାନ ସୁଯୋଗ ପ୍ରଦାନ ସହ ତାଲିମ ସମାପ୍ତି ସାର୍ଟିଫିକେଟ୍ ପ୍ରଦାନ କରାଯିବ।

# ସୁନା-ରୁପାର ଆମଦାନୀ ଶୁଳ୍କ ବୃଦ୍ଧି



ଭୁବନେଶ୍ୱର,୨୩।୧
(ଅନୁରାଧା ମହାରଣା)

ସୁନା ଓ ରୁପା ଉପରେ ଆମଦାନୀ ଶୁଳ୍କ(ଇମ୍ପୋର୍ଟ ଡ୍ୟୁଟି) ଉପରେ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ସୁନା, ରୁପା ଏବଂ ମୂଲ୍ୟବାନ୍ ଧାତୁ ମୁଦ୍ରା ଉପରେ ଆମଦାନୀ ଶୁଳ୍କକୁ ୧୦ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରିଛି। ଏଥିପାଇଁ ସରକାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ସୁନା, ରୁପା ଧାତୁ ଏବଂ ମୂଲ୍ୟବାନ୍ ଧାତୁ ମୁଦ୍ରା ଉପରେ ଆମଦାନୀ ଶୁଳ୍କ ୧୫ ପ୍ରତିଶତ ହେବ। ଏଥିରେ ୧୦ ପ୍ରତିଶତ ବେସିକ୍ କଷ୍ଟମ ଡ୍ୟୁଟି (ବିସିଡି) ଏବଂ ୫ ପ୍ରତିଶତ କୃଷି ଭିତ୍ତିଭୂମି ବିକାଶ ସେସ୍ (ଏଆଇଡିସି) ଅନ୍ତର୍ଭୁକ୍ତ। ସୋସିଆଲ୍ ୱେଲଫେୟାର ସରଚାର୍ଜ (ଏସ୍‌ଡବ୍ଲ୍ୟୁସି)କୁ ଏଥିରୁ ବାଦ୍ ଦିଆଯାଇଛି। ସୁନା, ରୁପା ଭଳି ମୂଲ୍ୟବାନ୍ ଧାତୁର ମୁଦ୍ରା ଉପରେ ମଧ୍ୟ ମନ୍ତ୍ରଣାଳୟ ଆମଦାନୀ ଶୁଳ୍କ ବୃଦ୍ଧି କରିଛି। ବେସିକ୍ କଷ୍ଟମ ଡ୍ୟୁଟି (ବିସିଡି) ଏବଂ ଏସ୍‌ଡବ୍ଲ୍ୟୁଏସ୍ ଛାଡ଼ କରାଯାଇଥିବାବେଳେ ୪.୩୫ ପ୍ରତିଶତ ଏଆଇଡିସି ସହ ଶୁଳ୍କ ୧୪.୩୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଜାନୁଆରୀ ୨୨ରୁ ନୂତନ ହାର କାର୍ଯ୍ୟକାରୀ ହୋଇଛି। ମାତ୍ର ସାଧାରଣ ବଜେଟ ପୂର୍ବରୁ ଜେମସ୍ ଆଣ୍ଡ ଜୁଏଲେରି ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ୍ (ଜିଜେଇପିସି) ସୁନା ଏବଂ ହୀରା (କଟ୍ ଏବଂ ପଲିସ) ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ସରକାରଙ୍କୁ ଅନୁରୋଧ କରିଛି। ଜିଜେଇପିସି ମୂଲ୍ୟବାନ୍ ଧାତୁ ଉପରେ ଆମଦାନୀ ଶୁଳ୍କକୁ ବର୍ତ୍ତମାନର ୧୫ ପ୍ରତିଶତରୁ ୪ ପ୍ରତିଶତ ହ୍ରାସ କରିବାକୁ ଦାବି କରୁଛି। ଏଥିରେ ସିପିଡି ଉପରେ କଷ୍ଟମ ଡ୍ୟୁଟି ବର୍ତ୍ତମାନର ୫ ପ୍ରତିଶତରୁ ୨.୫ ପ୍ରତିଶତକୁ ହ୍ରାସ କରିବାକୁ ଦାବି ହୋଇଛି।

# ପିଏନ୍‌ବି ପକ୍ଷରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଆମ୍ବୁଲାନ୍ସ ପ୍ରଦାନ




ଭୁବନେଶ୍ୱର,୨୩।୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ପିଏନ୍‌ବି ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଅତୁଲ କୁମାର ଗୋଏଲ ପୁରୀ ଶ୍ରୀମନ୍ଦିର ପ୍ରଶାସନଙ୍କୁ ଆମ୍ବୁଲାନ୍ସର ଚାବି ଉଭୟ ବ୍ୟାଙ୍କ ଓ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପିଏନ୍‌ବିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତୁଲ କୁମାର ଗୋଏଲ ନିକଟରେ ୨ଦିନିଆ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ବ୍ୟାଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ ଘରୋଇ ଓ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଥିଲେ। ଏହି ଅବସରରେ ସେ ପୁରୀ ପରିଦର୍ଶନ କରିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଆମ୍ବୁଲାନ୍ସ ପ୍ରଦାନ ସହ ପୁରୀସ୍ଥିତ ପିଏନ୍‌ବି ହଲିଡେ ହୋମ୍‌ର ମଧ୍ୟ ସେ ଉଦ୍‌ଘାଟନ କରିଥିଲେ। ସେହିଭଳି ସେ ଭୁବନେଶ୍ୱର ଅଞ୍ଚଳ ଅଧୀନ ସମସ୍ତ କର୍ମଚାରୀଙ୍କୁ ଟାଉନ୍ ହଲ୍ ବୈଠକରେ ସମ୍ବୋଧିତ କରିବା ସହ ଉତ୍ତମ ଗ୍ରାହକ ସେବା ଏବଂ ସରକାରୀ ପ୍ରାୟୋଜିତ ବିଭିନ୍ନ ଯୋଜନା ଉପରେ ଅଧିକ ଧ୍ୟାନଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଗୋଏଲ ୫-ଟି ଏବଂ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହ ସାକ୍ଷାତକରି ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ, କୃଷି ଏବଂ ସରକାରୀ ପ୍ରାୟୋଜିତ ବିଭିନ୍ନ ଯୋଜନା କ୍ଷେତ୍ରରେ ବ୍ୟାଙ୍କର ଅଭିବୃଦ୍ଧି ସମ୍ପର୍କରେ ସୁନିଶ୍ଚିତ କରାଇଥିଲେ। ଗୋଏଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏବଂ ସମ୍ ହସ୍ପିଟାଲଠାରେ ଆୟୋଜିତ ସିଏସ୍‌ଆର୍ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଥିଲେ। ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏ. ଉଦୟ ଭାସ୍କର ରେଡ୍ଡି, ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ଉପ-ଆଞ୍ଚଳିକ ପ୍ରବନ୍ଧକ ସମରେନ୍ଦ୍ର ପଣ୍ଡାଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ଲିନିକ୍ ଅନ୍ ହୁଇଲର ଶୁଭାରମ୍ଭ

ଭୁବନେଶ୍ୱର,୨୩।୧

ଅନ୍‌ମୋଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଏଆଇଏଲ୍) ଏବଂ ରାଜକୁମାରୀ ଫାଉଣ୍ଡେଶନର ମିଳିତ ସହଯୋଗରେ ଏକ ଅତ୍ୟାଧୁନିକ ଭ୍ରାମ୍ୟମାଣ ମୋବାଇଲ୍ ଭ୍ୟାନ 'କ୍ଲିନିକ୍ ଅନ୍ ହୁଇଲ'ର ଆନୁଷ୍ଠାନିକ ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଆଇଏଲ୍‌ର ଉପାଧ୍ୟକ୍ଷ ଦିଲୀପ ଚୌଧୁରୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିକାଶ ଚୌଧୁରୀ, ପ୍ଲାଣ୍ଟ ହେଡ୍ ସଞ୍ଜୟ ମାର୍ଗ, ମ୍ୟାନେଜର (ସିଏସ୍‌ଆର୍) ସତ୍ୟଜିତ ତିୱାରୀଙ୍କ ସମେତ ରାଜ କୁମାର ଫାଉଣ୍ଡେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ନବନିତ୍ ଆନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ଏଆଇଏଲ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ (ଇନିସିଏଟିଭ) ଅଧୀନରେ ଏକ ଦେୟମୁକ୍ତ ପ୍ରାଥମିକ ସ୍ୱାସ୍ଥ୍ୟସେବା ୟୁନିଟ୍ ଆରମ୍ଭ ହୋଇଛି। ବିଶେଷକରି ସ୍ୱାସ୍ଥ୍ୟସେବା ସୁବିଧା ପାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅନୁଯାୟୀ ଏଆଇଏଲ୍ ମାଗଣା ପ୍ରାଥମିକ ଚିକିତ୍ସା ସେବା ଯୋଗାଉଥିବା ଏକ ମୋବାଇଲ୍ ଭ୍ୟାନ (ସ୍ୱାସ୍ଥ୍ୟସେବା ୟୁନିଟ୍)କୁ ଉଦ୍‌ଘାଟନ କରାଯାଇଛି। ଅପରପକ୍ଷରେ ଏଆଇଏଲ୍‌ର ସିଏସ୍‌ଆର୍ କାର୍ଯ୍ୟକଳାପର ଏକ ଅଂଶ ଭାବେ ଏହା ରାଜକୁମାର ଫାଉଣ୍ଡେଶନ ସହଯୋଗରେ କାର୍ଯ୍ୟକାରୀ ହୋଇଛି।

# ଧନୁଯାତ୍ରାରେ ଫ୍ରିଡମ୍ ଅଏଲ୍‌ର ଆକର୍ଷଣୀୟ ଷ୍ଟଲ୍

ଭୁବନେଶ୍ୱର,୨୩।୧




ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଫ୍ରିଡମ୍ ଅଏଲ୍‌ର ଆକର୍ଷଣୀୟ ଷ୍ଟଲ୍ (ସର୍ବବୃହତ୍ ଫ୍ରିଡମ୍ ଷ୍ଟଲ୍) ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଫ୍ରିଡମ୍ ଅଏଲ୍‌ର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିରଣ କୁମାର ସାମଲ,ବିକ୍ରମାଦିତ୍ୟ ଗୁପ୍ତା, ସଞ୍ଜୀବ ରଥ, ମଧୁସୂଦନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସମ୍ବଲପୁର ଜିଲାର ବିଶ୍ୱପ୍ରସିଦ୍ଧ ମୁକ୍ତରଙ୍ଗ ମଞ୍ଚ ଧନୁଯାତ୍ରା ସମଗ୍ର ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ଉକ୍ତ ଧନୁଯାତ୍ରାରେ କଂସ ମହାରାଜ ସମଗ୍ର ଜିଲା ପରିକ୍ରମାକରି ପ୍ରଜାମାନଙ୍କର ବିଭିନ୍ନ ଅଭିଯୋଗ ଗ୍ରହଣକରି ତା'ର ସମାଧାନ କରିଥାନ୍ତି। ଏଥିସହ ଯାତ୍ରାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟପେୟ ସହ ମିନାବଜାର ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନ ଯୋଗାଇଥାଏ।

ଏହି ପରିପ୍ରେକ୍ଷୀରେ ଧନୁଯାତ୍ରାକୁ ଆସୁଥିବା ସମସ୍ତ ଦେଖଣାହାରୀଙ୍କୁ ଫ୍ରିଡମ୍ ଅଏଲ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଫ୍ରିଡମ୍ ଖାଆନ୍ତୁ ଏବଂ ଫ୍ରିଡମ୍‌ରେ ରୁହନ୍ତୁ ବୋଲି ଧଳ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ସେହିଭଳି ଯାତ୍ରାରେ ପ୍ରବଳ ଜନସମାଗମ ହେବା ସାଙ୍ଗକୁ ଫ୍ରିଡମ୍ ଷ୍ଟଲ୍‌ରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ଏପରିକି ମେଳାକୁ ଆସୁଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ଯୋଗାଇ ଦିଆଯାଉଛି। ଫ୍ରିଡମ୍‌ର ଯେକୌଣସି ତେଲ କିଣିଲେ କମ୍ପାନୀ ପକ୍ଷରୁ ଏକ ନିଶ୍ଚିତ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିବାବେଳେ ୨ଲିଟର ସନ୍‌ଫ୍ଲାୱାର ଏବଂ ୧ ଲିଟର ସୋରିଷ ତେଲ ଉପରେ କମ୍ବୋ ଅଫର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏଥିସହ ପୁନଃ ବ୍ୟବହାର ହୋଇପାରୁଥିବା ୫ଲିଟର ଜାର୍ କଚି ଘନୀ ସୋରିଷ ତେଲକୁ ଗ୍ରାହକ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

# ପୂର୍ବତଟ ରେଳପଥର ସର୍ବୋଚ୍ଚ ପଣ୍ୟ ପରିବହନ

**୨୯୫ ଦିନରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ**

ଭୁବନେଶ୍ୱର,୨୩।୧
(ଅନୁରାଧା ମହାରଣା)



ପୂର୍ବ ରେକର୍ଡକୁ ଅତିକ୍ରମକରି ସର୍ବୋଚ୍ଚ ପଣ୍ୟ ପରିବହନ କରିବାରେ ପୂର୍ବତଟ ରେଳପଥ ନୂଆ ରେକର୍ଡ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ମାଲ ପରିବହନରେ ଭାରତୀୟ ରେଳର ସମସ୍ତ ରେକର୍ଡକୁ ପୂର୍ବତଟ ରେଳପଥ ଅତିକ୍ରମ କରିଛି। ୨୦୨୩ ଏପ୍ରିଲ ୧ରୁ ୨୦୨୪ ଜାନୁୟାରୀ ୨୨ ପର୍ଯ୍ୟନ୍ତ ୨୯୫ ଦିନରେ ଏହି ରେଳପଥ ୨୦୨.୧୧୧ ନିୟୁତ ଟନ୍ ପଣ୍ୟ ପରିବହନ କରିଛି। ଏହା ଗତ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୨-୨୩ ଆର୍ଥିକ ବର୍ଷରେ ସମାନ ସମୟ ମଧ୍ୟରେ ୧୯୧.୩୯ ନିୟୁତ ଟନ୍ ସର୍ବାଧିକ ମାଲ ଲୋଡିଂର ପୂର୍ବ ରେକର୍ଡକୁ ଭଙ୍ଗ କରିଛି। ଫଳରେ ଗତ ଆର୍ଥିକ ବର୍ଷ ତୁଳନାରେ ୫.୬ ପ୍ରତିଶତ ପରିବହନ ବୃଦ୍ଧି ହୋଇଥିବା ରେକର୍ଡଭୁକ୍ତ ହୋଇଛି। ଏହାଦ୍ୱାରା ପୂର୍ବତଟ ରେଳପଥ କ୍ରମାଗତ ଭାବେ ପଞ୍ଚମ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପ୍ରଥମ ରେଳ ଜୋନ୍ ଭାବେ ଧାରା ବଜାୟ ରଖିଛି। ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଦ୍ୱାରା ଏହା ସମ୍ଭବ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୨୧.୭୪୭ ନିୟୁତ ଟନ କୋଇଲା, ୧୦.୬୫ନିୟୁତ ଟନର କଞ୍ଚାମାଲ ଇସ୍ପାତ କାରଖାନାକୁ, ୧୬.୩୯୮ ନିୟୁତ ଟନ୍ ପିଗ୍ ଆଇରନ ଏବଂ ଉତ୍ପାଦ ଇସ୍ପାତ, ୨୪.୦୧୮ ନିୟୁତ ଟନ୍ ଲୁହାପଥର, ୧.୧୯୨ ନିୟୁତ ଟନ୍ ସିମେଣ୍ଟ, ୨.୪୧୫ ନିୟୁତ ଟନ୍‌ର ଖାଦ୍ୟଶସ୍ୟ, ୫.୨୩୫ ନିୟୁତ ଟନ୍ ସାର, ୨.୪୨୫ ନିୟୁତ ଟନ୍ ଖଣିଜ ତେଲ, କଣ୍ଟେନରରେ ୩.୭୭୪ ନିୟୁତ ଟନ୍ ମାଲ ପରିବହନ ଏବଂ ୧୪.୩୫୮ ନିୟୁତ ଟନ୍‌ର ଅନ୍ୟାନ୍ୟ ସାମଗ୍ରୀ ପରିବହନ କରିଛି। ଏହି ପଣ୍ୟ ପରିବହନ ବାବଦରେ ପ୍ରାୟ ୨୦୫୫୧.୯ କୋଟି ଟଙ୍କା ଆୟ କରାଯାଇପାରିଛି। ଗତ ବର୍ଷ ତୁଳନାରେ ଏହି ଆୟ ୪.୨୬ ପ୍ରତିଶତ ବୃଦ୍ଧି ହୋଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା କହିଛନ୍ତି, ସକାରାତ୍ମକ ମନୋଭାବ ଏବଂ ନିରନ୍ତର କଠିନ ପରିଶ୍ରମ ପୂର୍ବତଟ ରେଳପଥକୁ କଠିନ ମାଇଲଖୁଣ୍ଟ ଅତିକ୍ରମ କରିବା ପାଇଁ ସହାୟକ ହୋଇପାରିଛି। ସୂଚନା ଥାଉକି, ୨୦୧୯-୨୦ ଆର୍ଥିକ ବର୍ଷରେ ସମପରିମାଣର ପଣ୍ୟ ପରିବହନ ପାଇଁ ୩୬୬ ଦିନ ଲାଗିଥିବାବେଳେ ୨୦୨୦-୨୧ରେ ୩୬୦ ଦିନ, ୨୦୨୧-୨୨ରେ ୩୨୦ ଦିନ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୩୧୦ ଦିନ ସମୟ ନେଇଥିଲା।

## ଅଧିକ ଅମଳକ୍ଷମ ସୋରିଷ ଚାଷ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ସାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।





## ବାଇଗଣ ଚାଷରେ ପୋକ ନିୟନ୍ତ୍ରଣ

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ମାଛଚାଷ : ପ୍ରସ୍ତୁତି, ରୋଗ ପ୍ରତିକାର

ଆମ ଦେଶ ହେଉ ଅବା ଓଡ଼ିଶାରେ ଶୀତଋତୁ ସାଧାରଣତଃ ଡିସେମ୍ବର ପ୍ରଥମ ସପ୍ତାହରୁ ଫେବୃଆରୀ ପ୍ରଥମ ସପ୍ତାହ ମଧ୍ୟରେ ପରିଲକ୍ଷିତ ହୋଇଥାଏ। ଆମ ରାଜ୍ୟରେ ଶୀତ ମାସ ହିସାବରେ ମାର୍ଗଶିର, ପୌଷ ଏବଂ ମାଘକୁ ଗଣନା କରାଯାଏ। ଚାଷୀଭାଇମାନେ ଏହି ସମୟରେ ମାଛଚାଷରେ କିପରି କାର୍ଯ୍ୟ କରିବାକୁ ପଡ଼ିବ ସେ ବିଷୟରେ ଆଲୋଚନା କରିବା।

"ନର୍ସରି ପୋଖରୀ ପ୍ରସ୍ତୁତି ପାଇଁ ଟିକିଏ ସମୟ ଦରକାର। ତେଣୁ ବର୍ତ୍ତମାନଠାରୁ ପ୍ରସ୍ତୁତି କାର୍ଯ୍ୟ ଚଳାଇବା ଦରକାର। ଜଳାଶୟ ବା ପୋଖରୀରେ ଏକର ପ୍ରତି ୧୦୦ କି.ଗ୍ରା. ଚୂନ ଏବଂ ପାଣିର ଗଭୀରତା ଅନୁଯାୟୀ ଏକର ପ୍ରତି ୧୦୦୦ କି.ଗ୍ରା. ମହୁଲ ପିଡ଼ିଆ ପକାଇଲେ ଭଲ ନର୍ସରି ପୋଖରୀଟିଏ ପ୍ରସ୍ତୁତ କରିପାରିବେ। କର୍ପଜାତୀୟ ମାଛ (ରୋହି, ଭାକୁର,ମିରିକାଳି)ମାନଙ୍କର ଯାଆଁଳ କରିବାକୁ ଇଚ୍ଛୁକ ଚାଷୀମାନେ ବର୍ତ୍ତମାନଠାରୁ ଅଣ୍ଡା ଥିବା ମାଈ-ଅଣ୍ଡିରା ମାଛକୁ ପୃଥକ୍ ପୃଥକ୍ ପୋଖରୀରେ ରଖନ୍ତୁ ଏବଂ ସେମାନଙ୍କର ବିଶେଷ ଯତ୍ନ ନିଅନ୍ତୁ। ମାଈ-ଅଣ୍ଡିରା ଅଣ୍ଡାଦେବାକୁ ଥିବା ମାଛମାନଙ୍କୁ ଚାଉଳ ଗୁଣ୍ଡ ବା କାଣ୍ଡିଆ ଗୁଣ୍ଡ, ବାଦାମ ପିଡ଼ିଆ ୧:୧ ଅନୁପାତରେ ମିଶାଇ (୧ କି.ଗ୍ରା. କାଣ୍ଡିଆ ଗୁଣ୍ଡକୁ ୧ କି.ଗ୍ରା. ବାଦାମ ପିଡ଼ିଆ) ମାଛ ଓଜନର ୨/୩ ଶତାଂଶ ହିସାବରେ ପ୍ରତିଦିନ ଖାଇବାକୁ ଦିଅନ୍ତୁ।"



➤ମାଛ ଯାଆଁଳ ଚାଷ କରୁଥିଲେ ଯାଆଁଳଗୁଡ଼ିର ସ୍ୱାସ୍ଥ୍ୟକୁ ଲକ୍ଷ୍ୟ ରଖିବାକୁ ହେବ। କାତି ଛାଡ଼ି ଯାଉଥିଲେ, ଡେଣା ଭାଙ୍ଗିଯାଇଥିଲେ, ଗାଲି ରଙ୍ଗ ନାଲି ପରିବର୍ତ୍ତେ ଧଳା ବା ଫିକା ନାଲି ଦେଖାଗଲେ ଅଥବା ଧଳା ଛଉକା ହୋଇଥିଲେ ୩-୫ ପ୍ରତିଶତ ଲୁଣ ପାଣିରେ ୫ ମିନିଟ୍ ବୁଡାଇ କିମ୍ବା ସାମାନ୍ୟ ପରମାଙ୍ଗନେଟ୍‌ରେ ବୁଡ଼ାଇ ଛାଡ଼ିବାକୁ ପଡ଼େ।

➤ମାଛ ଯାଆଁଳ ବଉଳିଲେ କିମ୍ବା ବହଳ ଭାବରେ ମରି ଭାସିଲେ ଏକର ପିଛା ୧୭୦ କି.ଗ୍ରା. ଚୂନ ପାଣିରେ ରାନ୍ଧି ପୋଖରୀର ଚାରିଆଡ଼େ ଛିଞ୍ଚନ୍ତୁ।

➤ନର୍ସରି ପୋଖରୀ ପ୍ରସ୍ତୁତି ପାଇଁ ଟିକିଏ ସମୟ ଦରକାର। ତେଣୁ ବର୍ତ୍ତମାନଠାରୁ ପ୍ରସ୍ତୁତି କାର୍ଯ୍ୟ ଚଳାଇବା ଦରକାର। ଜଳାଶୟ ବା ପୋଖରୀରେ ଏକର ପ୍ରତି ୧୦୦ କି.ଗ୍ରା. ଚୂନ ଏବଂ ପାଣିର ଗଭୀରତା ଅନୁଯାୟୀ ଏକର ପ୍ରତି ୧୦୦୦ କି.ଗ୍ରା. ମହୁଲ ପିଡ଼ିଆ ପକାଇଲେ ଭଲ ନର୍ସରି ପୋଖରୀଟିଏ ପ୍ରସ୍ତୁତ କରିପାରିବେ।

➤କର୍ପଜାତୀୟ ମାଛ (ରୋହି, ଭାକୁର,ମିରିକାଳି)ମାନଙ୍କର ଯାଆଁଳ କରିବାକୁ ଇଚ୍ଛୁକ ଚାଷୀମାନେ ବର୍ତ୍ତମାନଠାରୁ ଅଣ୍ଡା ଥିବା ମାଈ-ଅଣ୍ଡିରା ମାଛକୁ ପୃଥକ୍ ପୃଥକ୍ ପୋଖରୀରେ ରଖନ୍ତୁ ଏବଂ ସେମାନଙ୍କର ବିଶେଷ ଯତ୍ନ ନିଅନ୍ତୁ।

➤ମାଈ-ଅଣ୍ଡିରା ଅଣ୍ଡା ଦେବାକୁ ଥିବା ମାଛମାନଙ୍କୁ ଚାଉଳଗୁଣ୍ଡ ବା କାଣ୍ଡିଆ ଗୁଣ୍ଡ, ବାଦାମ ପିଡ଼ିଆ ୧:୧ ଅନୁପାତରେ ମିଶାଇ (୧ କି.ଗ୍ରା. କାଣ୍ଡିଆ ଗୁଣ୍ଡକୁ ୧ କି.ଗ୍ରା. ବାଦାମ ପିଡ଼ିଆ) ମାଛ ଓଜନର ୨/୩ ଶତାଂଶ ହିସାବରେ ପ୍ରତିଦିନ ଖାଇବାକୁ ଦିଅନ୍ତୁ।

➤ଶୀତ ଯୋଗୁ ପାଣିର ତାପମାତ୍ରା କମିଥାଏ, ଯାହା ପରୋକ୍ଷରେ ଯାଆଁଳ ବା ମାଛମାନଙ୍କର ବଢ଼ିବାକୁ କମାଇଦିଏ। ତେଣୁ ଟିକିଏ ସାବଧାନତା ସହକାରେ ଦୈନିକ ଖାଦ୍ୟ ପରିମାଣ କମାଇବାକୁ ପଡ଼େ। ଖତସାର ପ୍ରୟୋଗ ମଧ୍ୟ ଆବଶ୍ୟକ ସ୍ଥଳେ କମାଇବେ।

➤ମାଛର ରୋଗ ନିରାକରଣ ନିମନ୍ତେ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ମଝିରେ ମଝିରେ ଏକର ପିଛା ୧୦୦ କି.ଗ୍ରା. ଚୂନ ପକାଇବାକୁ ଚେଷ୍ଟା କରିବେ।

➤ପୋଖରୀରେ ଅନାବନା ଗଛ ଥିଲେ ସେଗୁଡ଼ିକୁ ନିର୍ମୂଳକରି ଏକର ପ୍ରତି ୧୦୦ କି.ଗ୍ରା. ଚୂନ ଏବଂ ୧୦୦୦ କି.ଗ୍ରା. ମହୁଲ ପିଡ଼ିଆ ପ୍ରୟୋଗ କରନ୍ତୁ।

➤ମାଛର କୃତ୍ରିମ ପ୍ରଜନନର ସାଫଲ୍ୟ ନିର୍ଭରକରେ ଅଣ୍ଡା ଥିବା ମାଛର ଯତ୍ନ ଉପରେ। ତେଣୁ ବର୍ତ୍ତମାନଠାରୁ ହିଁ ବଡ଼ ସାଇଜର ୨-୩ ବର୍ଷିଆ ମାଛ ସଂଗ୍ରହ କରନ୍ତୁ।

➤ଯେଉଁ ସବୁ ପୋଖରୀରେ ଯାଆଁଳ ବା ପୋଖତ ମାଛ ଗଚ୍ଛିତ କରାଯାଇଛି, ସେସବୁ ପୋଖରୀରେ ଅନ୍ତତଃ ଥରେ ଜାଲ ମାଡ଼ କରନ୍ତୁ। ଏହାଦ୍ୱାରା ମାଛର ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ମାଛ ଭଲ ବଢ଼ିବେ।

➤ଏହାବ୍ୟତୀତ ମାଛଚାଷ କରୁଥିବା ପୋଖରୀରେ ନିୟମିତ ଚୂନ ପ୍ରୟୋଗ କରୁଥିବେ। ଅନ୍ତତଃପକ୍ଷେ ବର୍ଷକୁ ୩-୪ ଥର ପ୍ରୟୋଗ କରିବେ। ଏହାଦ୍ୱାରା ମାଛର ଉତ୍ପାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମାଛଗୁଡ଼ିକ ରୋଗମୁକ୍ତ ରହିବେ।

➤ମାଛ ପୋଖରୀର ଯତ୍ନ ନିୟମିତ ସମୟ ଅନ୍ତରାଳରେ ଏବଂ ଠିକ୍ ଭାବରେ ନିଅନ୍ତୁ। ଏହାଦ୍ୱାରା ମାଛ ସୁସ୍ଥ ରହିବା ସହ ଏଥିରୁ ଚାଷୀମାନେ ଲାଭବାନ୍ ହୋଇପାରିବେ।

➤ଫେବୃଆରୀ ଶେଷ ସପ୍ତାହ ପରଠାରୁ ବ୍ରିଡର ବା ପ୍ରଜନନ ଉପଯୋଗୀ ରୋହି, ଭାକୁର, ମିରିକାଳି, ବିଲାତି ରୋହି, ରୁପାପେଟି, ଜଳଖାଇ ଜାତୀୟ ମାଛ ଆଦି ବଡ଼ ସାଇଜର ବିଭିନ୍ନ ଜାଗାରୁ ସଂଗ୍ରହ କରନ୍ତୁ। ଏହାଦ୍ୱାରା ମାଛଚାଷରେ ବିଭିନ୍ନ ଅନୁବଂଶୀୟ ରୋଗଠାରୁ ମାଛମାନଙ୍କୁ ଦୂରେଇ ରଖିପାରିବେ।

**-ଦିଲୀପ କୁମାର ସାହୁ,** ଅଧ୍ୟାପକ,
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର
(ମତ୍ସ୍ୟବିଜ୍ଞାନ), ଓୟୁଏଟି,
ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

**-ଡା. ମାନସ ରଞ୍ଜନ ପଟ୍ଟନାୟକ,**
ଅଧ୍ୟକ୍ଷ, ବହୁବୃତ୍ତି ବୈଷୟିକ କେନ୍ଦ୍ର,ମତ୍ସ୍ୟ
ବିଜ୍ଞାନ, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

## ଚାଷୀଙ୍କ ପାଇଁ...



**ସୂର୍ଯ୍ୟମୁଖୀ** : ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗଚାଷ କରନ୍ତୁ ।

**ଆମ୍ବ** : ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

**କୋବି** : କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍‌ସି କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ। କିସମ – ସ୍ନୋବଲ୍, ସ୍ନୋବଲ୍-୧୬ ।



## ଛେଳିଙ୍କର ରକ୍ଷଣାବେକ୍ଷଣ

ବଡ଼ ମାଈ ଛେଳି ପ୍ରତି ୧୦ ବର୍ଗ ଫୁଟ, ବଡ଼ ଅଣ୍ଡିରା ଛେଳି କିମ୍ବା ବୋଦା ପ୍ରତି ୨୦ ବର୍ଗ ଫୁଟ ଏବଂ ଛେଳି ଛୁଆ ପ୍ରତି ୪ ବର୍ଗ ଫୁଟ ହିସାବରେ ଛେଳିଘର ତିଆରି କରିବା ଉଚିତ। ଛେଳିଛୁଆ୨୧ମାନଙ୍କୁ ଭାଡ଼ି କରି ରଖିବା ଉଚିତ। ଆର୍ଥିକ କ୍ଷତି ଭରଣା ପାଇଁ ରଖିଥିବା ଛେଳିମାନଙ୍କର ଇନ୍‌ସ୍ୟୁରାନ୍ସ ବା ବୀମା କରିବା ନିହାତି ଦରକାର। ଖରା, ବର୍ଷା ଓ ଶୀତରେ ଛେଳିମାନଙ୍କୁ ସୁରକ୍ଷା ଦେବା ପାଇଁ ବିଶେଷ ଭାବରେ ଧ୍ୟାନଦେବା ଉଚିତ। ୨୦ଟି ମାଈଛେଳିଙ୍କ ପାଇଁ ଗୋଟିଏ ବୋଦା ପାଳନ କରିବା ଉଚିତ। ପ୍ରତ୍ୟେକ ଛେଳିଙ୍କ ପାଇଁ ଅଲଗା ଅଲଗା ରେକର୍ଡ ରଖିବା ଉଚିତ। ଛେଳିମାନଙ୍କୁ ଠିକ୍ ସମୟରେ ଖାଇବା ପିଇବାକୁ ଦେବା ଉଚିତ। ତେଣୁ ଏ ସମସ୍ତ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ଯଦି ଛେଳିଚାଷ ବା ଛେଳି ପାଳନ କରାଯାଏ, ନିଶ୍ଚିତ ଭାବରେ ଛେଳିପାଳନ ଏକ ଲାଭଜନକ ଚାଷ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।



## ଧାନ ବିହନ ଉପଚାର

ବିହନରୁ କଣ୍ଢା, ଅଗାଡ଼ି ବାହାରକରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ : **ସହଳ** – ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । **ମଧ୍ୟମ** –ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳିମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ



ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ । ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ।

# ପନିପରିବା ଚାଷ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ଏକ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡୋକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ।

# ଡାଲି ଜାତୀୟ ଚାଷ

ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍‌ପିକେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ। ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ। ମଟରେ ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ । ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍



ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ ।

# ସେମିରେ ଜୋକୋଭିଚ୍, ଗଫ୍

**ମେଲବୋର୍ନ,୨୩।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି କ୍ୱାର୍ଟର ଫାଇନାଲ ମ୍ୟାଚ୍। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଏକ ନମ୍ବର ସିଡ୍ ନୋଭାକ୍ ଜୋକୋଭିଚ୍ ଓ ଜାନିକ୍ ସିନ୍ନର। ସେହିପରି ମହିଳା ସିଙ୍ଗଲ୍ସ ସେମି ଫାଇନାଲରେ ପହଞ୍ଚିଛନ୍ତି ଆରିନା ସାବାଲେଙ୍କା ଓ କୋକୋ ଗଫ୍।

**ଅଷ୍ଟ୍ରେଲିଆନ୍ ଓପନ**



ଏକ ରିଟର୍ନ ଶଟ୍ ଖେଳିବା ଅବସରରେ କୋକୋ ଗଫ୍।

ଚଳିତ ଟୁର୍ନାମେଣ୍ଟର ଟପ୍ ସିଡ୍‌ର ମାନ୍ୟତା ପାଇଥିବା ଜୋକୋଭିଚ୍ ୧୧ ତମ ଅଷ୍ଟ୍ରେଲିଆନ୍ ଓପନ୍ ଲକ୍ଷ୍ୟରେ ରହିଛନ୍ତି। ମଙ୍ଗଳବାର ଆମେରିକୀୟ ଟେଲର ଫ୍ରିଜ୍‌ଙ୍କୁ ୭-୬(୭), ୪-୬, ୬-୨ ଓ ୬-୩ ସେଟ୍‌ରେ ପରାସ୍ତ କରିଥିଲେ ଜୋକୋଭିଚ୍। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚଟି ୩ ଘଣ୍ଟା ୪୫ ମିନିଟ ଧରି ଚାଲିଥିଲା। ୨୪ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜୋକୋଭିଚ୍ ଅଷ୍ଟ୍ରେଲିଆନ୍ ଓପନର କ୍ୱାର୍ଟର ଫାଇନାଲ ପରବର୍ତ୍ତୀ ରାଉଣ୍ଡରେ କେବେ ବି ପରାଜିତ ହୋଇନାହାନ୍ତି। ଏହି ବିଜୟ ସହ ସେ ରେକର୍ଡ ୪୮ ତମ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପ୍ରଥମ ସେଟ୍‌ରୁ ହିଁ ଫ୍ରିଜ୍‌ଙ୍କଠାରୁ କଡା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ଜୋକୋଭିଚ୍। ଚମତ୍କାର ସର୍ଭିସ୍ କରିଥିବା ଟେଲର୍ ପ୍ରଥମ ସେଟ୍‌ରେ ୧୫ ବ୍ରେକ୍ ପଏଣ୍ଟ ରେକର୍ଡ କରିଥିଲେ। ଜୋକୋଭିଚ୍ ପ୍ରଥମ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ। ପରବର୍ତ୍ତୀ ସେଟ୍‌କୁ ଟେଲର ୬-୪ରେ ଜିତିଥିଲେ ହେଁ ଅଭିଜ୍ଞତାର ଉପଯୋଗ କରି ଜୋକୋଭିଚ୍ ପରବର୍ତ୍ତୀ ଦୁଇ ସେଟ୍ ଜିତି ନେଇଥିଲେ। ଏହା ସହିତ କ୍ୟାରିୟରରେ ୧୧ତମ ଥର ପାଇଁ ସେ ଅଷ୍ଟ୍ରେଲିଆନ୍ ଓପନ ସେମିରେ ପ୍ରବେଶ କରିଥିଲେ।

ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଇଟାଲୀର ଜାନିକ୍ ସିନ୍ନର ଓ ଆଣ୍ଡି ରୁବଲେଭଙ୍କ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ୬-୪, ୭-୬(୭-୫) ଓ ୬-୩ରେ ଜିତି ନେବା ସହ ଜୋକୋଭିଚ୍‌ଙ୍କ ସହ ସେମିଫାଇନାଲ ମ୍ୟାଚ୍ ନିର୍ଦ୍ଧାରଣ କରିଥିଲେ ସିନ୍ନର। ପ୍ରଥମ ସେଟ୍‌ରେ ସହଜ ବିଜୟ ହାସଲ କରିବା ପରେ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଟାଇବ୍ରେକରକୁ ଯାଇଥିଲା। ତେବେ ସିନ୍ନର ଏହାକୁ ମଧ୍ୟ ଜିତି ନେଇଥିଲେ। ନିର୍ଣ୍ଣାୟକ ସେଟ୍‌କୁ ସେ ୬-୩ରେ ଜିତି ନେବା ସହ ସେମିରେ ପ୍ରବେଶ କରିଥିଲେ।

ମହିଳା ବିଭାଗରେ ୟୁଏସ୍ ଓପନ ଚାମ୍ପିୟନ କୋକୋ ଗଫ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା କୋକୋ ଗଫ୍ ୟୁକ୍ରେନର ଅଣ ସିଡେଡ ଖେଳାଳି ମାର୍ଟା କୋଷ୍ଟ୍ୟୁକଙ୍କୁ ୭-୬(୬), ୬-୭(୩) ଓ ୬-୨ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ଦୀର୍ଘ ୩ ଘଣ୍ଟା ୮ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍‌ରେ ଗଫ୍ ୫-୧ରେ ପଛୁଆ ରହିଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମ୍ୟାଚ୍‌କୁ ଟାଇବ୍ରେକରକୁ ନେଇଥିଲେ ଓ ଶେଷରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ଟି ମଧ୍ୟ ଟାଇବ୍ରେକରକୁ ଯାଇଥିବା ବେଳେ କୋଷ୍ଟ୍ୟୁକ ଏହାକୁ ଜିତି ନେଇଥିଲେ। ଅନ୍ତିମ ତଥା ନିର୍ଣ୍ଣାୟକ ସେଟ୍‌କୁ ଜିତିବା ସହ ଆମେରିକୀୟ ଗଫ୍ ବାଜି ମାରି ନେଇଥିଲେ। ସେହିପରି ମହିଳା ବର୍ଗର ଅନ୍ୟତମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ଆରିନା ସାବାଲେଙ୍କା ୬-୨, ୬-୩ ସେଟରେ ବାର୍ବରା କ୍ରେଜିକୋଭାଙ୍କୁ ପରାସ୍ତ କରିଥିଲେ। ସାବାଲେଙ୍କା ପ୍ରଥମ ସର୍ଭରେ ହିଁ ୬୫ ପ୍ରତିଶତ ପଏଣ୍ଟ ଅର୍ଜନ କରିଥିଲେ। ପ୍ରଥମ ସେମିଫାଇନାଲ କୋକୋ ଗଫ ଓ ଆରିନା ସାବାଲେଙ୍କାଙ୍କ ମଧ୍ୟରେ ଖେଳାଯିବ।

# ବିସିସିଆଇ ବାର୍ଷିକ ପୁରସ୍କାର ପ୍ରଦାନ



ବିସିସିଆଇ ବାର୍ଷିକ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ମହମ୍ମଦ ସିରାଜ ଓ ମହମ୍ମଦ ଶାମି।

**ହାଇଦ୍ରାବାଦ, ୨୩।୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ମଙ୍ଗଳବାର ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କାରଣରୁ ୪ବର୍ଷ ପରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଗତ ୪ ବର୍ଷ ପାଇଁ ପୁରସ୍କୃତ ପୁରୁଷଙ୍କ ମଧ୍ୟରେ ରହିଛନ୍ତି ଶୁବମନ ଗିଲ, ଆର. ଅଶ୍ୱିନ, ଯଶପ୍ରୀତ ବୁମ୍ରା ଓ ମହମଦ ଶାମି। ମହିଳା ବିଭାଗରେ ଶ୍ରେଷ୍ଠ ପୁରସ୍କାର ପାଇଛନ୍ତି ଦିପ୍ତୀ ଶର୍ମା ଓ ସ୍ମୃତି ମନ୍ଧାନା। ରବି ଶାସ୍ତ୍ରୀ ଓ ଫାରୁଖ ଇଞ୍ଜିନିୟରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି।

**ପୁରସ୍କାର ବିଜେତାଙ୍କ ତାଲିକା**

**ସିକେ ନାଇଡୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ:** ଫାରୁଖ ଇଞ୍ଜିନିୟର ଓ ରବି ଶାସ୍ତ୍ରୀ। **ପଲିଉମ୍ରିଗର ଶ୍ରେଷ୍ଠ ଅନ୍ତର୍ଜାତୀୟ ପୁରୁଷ କ୍ରିକେଟ ପୁରସ୍କାର:** ମହମ୍ମଦ ଶାମି (୨୦୧୯-୨୦), ଆର. ଅଶ୍ୱିନ (୨୦୨୦-୨୧), ଯଶପ୍ରୀତ ବୁମ୍ରା (୨୦୨୧-୨୨), ଶୁବମନ ଗିଲ୍ (୨୦୨୨-୨୩)। **ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା କ୍ରିକେଟ ପୁରସ୍କାର:** ଦୀପ୍ତି ଶର୍ମା (୨୦୧୯-୨୦), ସ୍ମୃତି ମନ୍ଧାନା (୨୦୨୦-୨୧), ସ୍ମୃତି ମନ୍ଧାନା (୨୦୨୧-୨୨), ଦୀପ୍ତି ଶର୍ମା (୨୦୨୨-୨୩)। **ଶ୍ରେଷ୍ଠ ଅନ୍ତର୍ଜାତୀୟ ପଦାର୍ପଣକାରୀ ପୁରୁଷ ଖେଳାଳି:** ମୟଙ୍କ ଅଗ୍ରୱାଲ (୨୦୧୯-୨୦), ଅକ୍ଷର ପଟେଲ (୨୦୨୦-୨୧), ଶ୍ରେୟସ ଅୟର (୨୦୨୧-୨୨), ଯଶ୍ୱୀ ଜୈସ୍ୱାଲ (୨୦୨୨-୨୩)। **ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା ପଦାର୍ପଣକାରୀ ଖେଳାଳି:** ପ୍ରିୟା ପୁନିଆ (୨୦୧୯-୨୦), ଶେଫାଳି ବର୍ମା (୨୦୨୦-୨୧), ଶାବିନେନି ମେଘାନା (୨୦୨୧-୨୨), ଅମନଜୋତ କୌର (୨୦୨୨-୨୩)। **ଦିଲୀପ ସରଦେଶାଇ ପୁରସ୍କାର:** ସବୁଠାରୁ ଅଧିକ ରନ (ଭାରତ ବନାମ ୱେଷ୍ଟଇଣ୍ଡିଜ ୨୦୨୨-୨୩)- ଯଶସ୍ୱୀ ଜୈସ୍ୱାଲ, ସବୁଠାରୁ ଅଧିକ ଉଇକେଟ- ଆର. ଅଶ୍ୱିନ (ଭାରତ ବନାମ ୱେଷ୍ଟଇଣ୍ଡିଜ ୨୦୨୨-୨୩)। **ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ସବୁଠାରୁ ଅଧିକ ରନ:** ପୁନମ ରାଉତ (୨୦୧୯-୨୦), ମିଥାଲି ରାଜ (୨୦୨୦-୨୧), ହରମନପ୍ରୀତ କୌର (୨୦୨୧-୨୨), ଜେମିମା ରୋଡ୍ରିଗୁଏଜ୍ (୨୦୨୨-୨୩)। **ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ସବୁଠାରୁ ଅଧିକ ଉଇକେଟ:** ପୁନମ ଯାଦବ (୨୦୧୯-୨୦), ଝୁଲଣ ଗୋସ୍ୱାମୀ (୨୦୨୦-୨୧), ରାଜେଶ୍ୱରୀ ଗାଏକ୍ୱାଡ (୨୦୨୧-୨୨) ଓ ଦେବିକା ବୈଦ୍ୟ (୨୦୨୨-୨୩)।

# ରୋହିତ ଆଇସିସି ଦିନିକିଆ ଦଳର ଅଧିନାୟକ

**ଡର୍ବାନ, ୨୩।୧(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ମଙ୍ଗଳବାର ବର୍ଷର ଅନ୍ତର୍ଜାତୀୟ ଦିନିକିଆ ଦଳ ଘୋଷଣା କରାଯାଇଛି। ରୋହିତ ଶର୍ମାଙ୍କୁ ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଦଳରେ ବିରାଟ କୋହଲି ଏବଂ ଦୁଇ ପେସ୍ ବୋଲର ମହମଦ ଶାମି ଓ ମହମଦ ସିରାଜଙ୍କୁ ମଧ୍ୟ ସ୍ଥାନ ମିଳିଛି। ଏହି ଦଳରେ ଦୁଇ ବିଶ୍ୱକପ୍ ଫାଇନାଲିଷ୍ଟ ଭାରତ (ରନର-ଅପ୍) ଓ ଅଷ୍ଟ୍ରେଲିଆ (ବିଜେତା) ଏବଂ ସେମିଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଦଳର ଅଧିକ ସଂଖ୍ୟକ ଖେଳାଳି ସ୍ଥାନ ପାଇଛନ୍ତି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦୁଇ ଭାରତୀୟ ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇଥିବା ବେଳେ ଅଷ୍ଟ୍ରେଲୀୟ ପେସ୍ ବୋଲର ପ୍ୟାଟ୍ କମିନ୍ସଙ୍କୁ ଏହି ଦଳର ଅଧିନାୟକ ମନୋନୀତ କରାଯାଇଛି। ବର୍ଡର-ଗାଭାସ୍କର ସିରିଜରେ ଅଶ୍ୱିନ ଭାରତ ପାଇଁ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ରହିଥିଲେ। ଚାରୋଟି ମ୍ୟାଚରେ ସେ ୨୫ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଜାଡେଜାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ଯଦିଓ ଭାରତ ଏହି ମ୍ୟାଚରେ ପରାଜିତ ହୋଇଥିଲା। ସେ ୪ ଉଇକେଟ ଦଖଲ କରିବା ସହ ମୂଲ୍ୟବାନ ୪୮ ରନ ସଂଗ୍ରହ କରିଥିଲେ। ଅନ୍ତର୍ଜାତୀୟ ଦିନିକିଆ ଟିମ୍‌ର ଟପ୍ ଅର୍ଡରରେ ରୋହିତ ଶର୍ମା ଓ ଶୁଭମନ ଗିଲ୍ ସ୍ଥାନ ପାଇଛନ୍ତି। ଭାରତୀୟ ଅଧିନାୟକ ଗତବର୍ଷ ୫୨ ଆଭରେଜରେ ୧,୨୫୫ ରନ କରିଥିବା ବେଳେ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଚମତ୍କାର ୨୦୮ ରନ କରିବା ସହ ଏହି ଫର୍ମାଟର ସର୍ବୋଚ୍ଚ ରନ ସ୍କୋରର (୧,୫୮୪) ହୋଇପାରିଥିଲେ।

# ଦିଲ୍ଲୀ-ମୁମ୍ବାଇ ଉଦ୍‌ଘାଟନୀ ମ୍ୟାଚ

**ନୂଆଦିଲ୍ଲୀ, ୨୩।୧ (ପି.ଟି.):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ଫେବୃଆରୀ ୨୩ରୁ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବ। ସିଜନର ସମସ୍ତ ମ୍ୟାଚ ବେଙ୍ଗାଲୁରୁ ଓ ଦିଲ୍ଲୀ ମଧ୍ୟରେ ଖେଳାଯିବ। ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଏଲିମିନେଟର ଓ ଫାଇନାଲ ଯଥାକ୍ରମେ ମାର୍ଚ୍ଚ ୧୫ ଓ ୧୭ରେ ହେବ। ଡବ୍ଲ୍ୟୁପିଏଲ୍‌ରେ ମୋଟ ୨୨ଟି ମ୍ୟାଚ ଖେଳାଯିବ। ଟେବୁଲ ଟପ୍ପର ସିଧାସଳଖ ଫାଇନାଲକୁ ଉନ୍ନୀତ ହେବ। ଏଲିମିନେଟର ମ୍ୟାଚ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିବା ଦଳ ମଧ୍ୟରେ ହେବ। ଡବ୍ଲ୍ୟୁପିଏଲ୍‌ର ପ୍ରଥମ ସଂସ୍କରଣରେ ଭାରତ ଅଧିନାୟିକା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୭ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କାଶଭି ଗୌତମ ଓ ବ୍ରିନ୍ଦା ଦିନେଶଙ୍କ ଭଳି କେତେଜଣ ନୂଆ ପ୍ରତିଭାଙ୍କୁ ଦେଖିବାକୁ ମିଳିବ। ଗତମାସରେ ୩୦ଟି ସ୍ଥାନ ପାଇଁ ମୋଟ ୧୬୫ ଖେଳାଳିଙ୍କୁ ନେଇ ଡବ୍ଲ୍ୟୁପିଏଲ୍‌ର ମିନି ନିଲାମୀ ହୋଇଥିଲା।

# କରିମ୍ ସ୍ପୋର୍ଟିଂ ନାଗପୁର ସେମିରେ



ନାଗପୁରର ଆଶୁତୋଷ ସିଂହଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

**ସୋନପୁର,୨୩।୧**
**(ମୃତ୍ୟୁଞ୍ଜୟ ଶତପଥୀ)**

**ସର୍ବଭାରତୀୟ ଲାଲମଣି କ୍ରିକେଟ**

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୫ତମ ସର୍ବଭାରତୀୟ ଲାଲମନି କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ନାଗପୁରର କରିମ୍ ସ୍ପୋର୍ଟିଂ ଆୟୋଜକ ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ଟିମ୍‌କୁ ପରାସ୍ତ କରି ସେମିରେ ପ୍ରବେଶ କରିଛି। ନାଗପୁର ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସିଂହ ସର୍ବାଧିକ ୫୧ ରନ କରିଥିଲେ। ସୁବର୍ଣ୍ଣପୁର ପକ୍ଷରୁ ସୁମନ ମହାରଣା ଓ କେ. ଜି. କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୁବର୍ଣ୍ଣପୁର ୯ ଉଇକେଟ ହରାଇ ୧୧୧ ରନରେ ସୀମିତ ରହି ଯାଇଥିଲା। ଦଳ ପକ୍ଷରୁ ସୁରଜ ମହାପାତ୍ର ୩୭ ରନ କରିଥିଲେ। ନାଗପୁର ପକ୍ଷରୁ ଶିବମ ଯାଦବ ୩, ଆଶୁତୋଷ ସିଂ ଓ ପବନ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ପରେ ଅନୁଷ୍ଠିତ ଟି୧୦ ମ୍ୟାଚ୍‌ରେ ନାଗପୁର ଦଳ ଆଶିଷ ଯାଦବଙ୍କ ୪୫ ରନ ସହାୟତାରେ ୫ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ସୁବର୍ଣ୍ଣପୁର ପକ୍ଷରୁ ପୁରୁଷୋତ୍ତମ ପାତ୍ର ୨ଟି ଉଇକେଟ୍ ନେଇଥିଲେ। ଜବାବରେ ସୁବର୍ଣ୍ଣପୁର ଅଭିଲାଷ ନାୟକଙ୍କ ୪୨ ରନ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୯୩ରନ କରିପାରିଥିଲା। ନାଗପୁର ପକ୍ଷରୁ ଆଶୁତୋଷ ସିଂ ଓ ଶିବମ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ସୋନପୁର ଟାଉନ ଥାନା ଆଇଆଇସି ପଦ୍ମାସିନୀ ମେହେର ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପରିଚାଳକ ରୂପେଶ ସାହୁ ଅତିଥି ଭାବରେ ଯୋଗଦେଇଥିଲେ।

# ଅପରାଜେୟ ଧାରା ବଜାୟ ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର,୨୩।୧**
**(ସରୋଜ ଜେନା)**

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ନିଜର ଅପରାଜେୟ ଧାରା ବଜାୟ ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। କ୍ରମାଗତ ୫ ମ୍ୟାଚ୍ ଖେଳି ଦଳ ଅପରାଜେୟ ରହିଥିବା ବେଳେ ବୁଧବାର ବେଙ୍ଗାଲୁରୁ ଫୁଟବଲ ଷ୍ଟାଡିୟମରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ବିପକ୍ଷରେ ଖେଳିବ ଦଳ। ଏହା ଓଏଫ୍‌ସିର ଦ୍ୱିତୀୟ ଆୱେ ମ୍ୟାଚ୍ ହୋଇଥିବା ବେଳେ ଦଳ ଏଥିରେ ବିଜୟ ହାସଲ କରିବାକୁ ଚେଷ୍ଟା କରିବ। ଏହି ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ ଅସ୍ତମ ଓରାଓଁ ଉପସ୍ଥିତ ଥିଲେ। ଦଳ ଏକ ୟୁନିଟ୍ ଭାବରେ ଚଳିତ ସିଜନରେ ଭଲ ପ୍ରଦର୍ଶନ କରି ଆସିଛି। ଅନ୍ୟ ପକ୍ଷରେ କିକ୍ ଷ୍ଟାର୍ଟ ମଧ୍ୟ ଏକ ଭଲ ଦଳ। ତେଣୁ ଏହା ବିପକ୍ଷରେ ବିଜୟ ଦଳର ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି କହିଥିଲେ କ୍ରିସ୍ପିନ୍ ଛେତ୍ରୀ। ସେହିପରି ଦଳର ପ୍ରସ୍ତୁତି ଜୋରଦାର ରହିଛି ଏବଂ ସମସ୍ତ ଖେଳାଳି ମାନସିକ ଭାବରେ ଦୃଢ ଅଛନ୍ତି ବୋଲି କହିଥିଲେ ଅସ୍ତମ।



ଅସ୍ତମ ଓରାଓଁ ଓ କ୍ରିସ୍ପିନ୍ ଛେତ୍ରୀ।

# ନମ୍ବର ୱାନକୁ ଫେରିଲେ ସାତ୍ତ୍ୱିକ-ଚିରାଗ

**ନୂଆଦିଲ୍ଲୀ,୨୩।୧(ପି.ଟି.):** ଗତ ଦୁଇ ସପ୍ତାହରେ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପୁରୁଷ ଡବଲ୍ସ ର୍‍ୟାଙ୍କିଂ ତାଲିକାର ନମ୍ବର ୱାନ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ମାଲେସିଆ ଓପନ ସୁପର ୧୦୦୦ ଏବଂ ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ହେବା ଯୋଗୁ ଦ୍ୱିତୀୟ ଥର ପାଇଁ ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଂ ହାସଲ କରିପାରିଛନ୍ତି। ଭାରତୀୟ ଯୋଡ଼ି ହାଙ୍ଗଝୋ ଏସିଆନ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ପ୍ରଥମଥର ନମ୍ବର ୱାନ ସ୍ଥାନ ଅଧିକାର କରିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଏଚ୍‌ଏସ୍ ପ୍ରଣୟ ୮ନମ୍ବରରେ ରହିଛନ୍ତି।

# ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

**୮୮ ଆଥ୍‌ଲେଟଙ୍କୁ ମିଳିଲା ୧୯.୬୫ ଲକ୍ଷ ଟଙ୍କା**

**ଭୁବନେଶ୍ୱର,୨୩।୧**
**(ସରୋଜ ଜେନା)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ୮୮ ଜଣ ପଦକ ବିଜେତା ଆଥ୍‌ଲେଟଙ୍କୁ ଆର୍ଥିକ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ ବିଭାଗରେ ଚମତ୍କାର ପ୍ରଦର୍ଶନ କରି ଜାତୀୟ ଇଭେଣ୍ଟଗୁଡିକରେ ପଦକ ବିଜେତା ଖେଳାଳିମାନଙ୍କୁ ହକି ପ୍ରମୋଶନ କାଉନ୍‌ସିଲ ଓଡ଼ିଶା(ଏଚ୍‌ପିସିଓ) ସିଇଓ ଦୀପଙ୍କର ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। କଳିଙ୍ଗ ଷ୍ଟୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ଏକ ଇଭେଣ୍ଟରେ ବ୍ୟକ୍ତିଗତ ଓ ଦଳଗତ ଇଭେଣ୍ଟରେ ସଫଳ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ୬ଟି କ୍ରୀଡାବର୍ଗ ଯଥା ଖୋ ଖୋ, ପାରା ଆଥ୍‌ଲେଟିକ୍ସ, ଦୃଷ୍ଟିବାଧିତ କ୍ରିକେଟ, ଜିମ୍ନାଷ୍ଟିକ୍ସ, ଭାରୋତ୍ତୋଳନ ଓ ଆଥ୍‌ଲେଟିକ୍ସରେ ଏହି ପୁରସ୍କାର ମିଳିଥିଲା। ସମୁଦାୟ ୧୯ ଲକ୍ଷ ୬୫ ହଜାର ୫୦୦ ଟଙ୍କାର ପୁରସ୍କାର ରାଶି ୮୮ ଖେଳାଳିଙ୍କ ମଧ୍ୟରେ ବଣ୍ଟା ଯାଇଥିଲା।

ଜାତୀୟ ଜୁନିୟର ଚାମ୍ପିୟନଶିପରେ ରୌପ୍ୟ ପଦକ ଜିତିଥିବା ମହିଳା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୪ର୍ଥ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବିଜୟୀ ଓଡ଼ିଶା ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ୨୦ ହଜାର ଟଙ୍କା ଦିଆଯାଇଥିଲା। ଜାତୀୟ ପାରା ଆଥ୍‌ଲେଟିକ୍ସରେ ସଫଳ ୮ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ୩ ଲକ୍ଷ ୨୦ ହଜାର ଟଙ୍କା ବାଣ୍ଟି ଦିଆଯାଇଥିଲା।

ନିକଟରେ ଓଡ଼ିଶାରେ ଶେଷ ହୋଇଥିବା ଜାତୀୟ ଆର୍ଟିଷ୍ଟିକ୍ସ ଚାମ୍ପିୟନଶିପର ସଫଳ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଟପ୍ ୧୫ ମଧ୍ୟରେ ରହିଥିବା ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜେତା ଭାରୋତ୍ତୋଳକଙ୍କୁ ୪୦ ହଜାର, ରୌପ୍ୟ ବିଜେତାଙ୍କୁ ୨୭ ହଜାର ଓ ବ୍ରୋଞ୍ଜ ବିଜେତାଙ୍କୁ ୧୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଏହାବ୍ୟତୀତ ପାରା ଆଥ୍‌ଲେଟ ଜୟନ୍ତୀ ବେହେରା, ସୁଚରିତା ପରିଡ଼ା, ପଙ୍କଜ ଭୁଏ, ଭାରୋତ୍ତୋଳକ ଜ୍ୟୋତ୍ସ୍ନା ଶବର, ମୀନା ଶାନ୍ତା, ଜିମ୍ନାଷ୍ଟ ତପନ ମହାନ୍ତି, ରାକେଶ କୁମାର ପାତ୍ର, ମହମ୍ମଦ ଅନସ ଓ ଆଥ୍‌ଲେଟିକ୍ସରେ ବାପି ହାଁସଦା ଓ ସବିତା ଟପ୍ପୋଙ୍କୁ ସମ୍ମାନିତ କରାଯାଇଥିଲା। ଏଚ୍‌ପିସିଓ ସିଇଓ ଦୀପଙ୍କର ମିଶ୍ର ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନେ ରାଜ୍ୟକୁ ଗର୍ବିତ କରିଛନ୍ତି ବୋଲି କହିଥିଲେ।




କଳିଙ୍ଗ ଷ୍ଟୋର୍ଟ୍ସ କମ୍ପ୍ଲେକ୍ସରେ ଆର୍ଥିକ ପୁରସ୍କାର ପ୍ରଦାନ ଅବସରରେ ଅତିଥିଙ୍କ ସହ ଆଥ୍‌ଲେଟ୍।

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୪/୨୦୨୪ | Bhubaneswar, Wednesday, January 24/ 2024

# ‘ସ୍ପିନରଙ୍କୁ ସୁହାଇବ ହାଇଦ୍ରାବାଦ ଉଇକେଟ’



ମଙ୍ଗଳବାର ନେଟ୍ ସେସନ ଅବସରରେ ଶ୍ରୀକର ଭରତ, ଧ୍ରୁବ ଜୁରେଲ ଓ ଶ୍ରେୟସ ଆୟର।

**ହାଇଦ୍ରାବାଦ,୨୩।୧(ପି.ଟି.)**

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଜାନୁୟାରୀ ୨୫ ତାରିଖରେ ଆରମ୍ଭ ହେବ। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବାକୁ ଥିବାବେଳେ ଏକ ସ୍ପୋର୍ଟିଂ ଉଇକେଟ ଆଶା କରିଛନ୍ତି ଭାରତୀୟ ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ୍। ପିଚ୍ ସମ୍ପର୍କରେ ପୂର୍ବାନୁମାନ କରିବା କଷ୍ଟ, ମାତ୍ର ଏହା ଏକ ସ୍ପୋର୍ଟିଂ ଉଇକେଟ ଭଳି ଜଣାପଡୁଛି। ତେବେ ମ୍ୟାଚ୍‌ର ପରବର୍ତ୍ତୀ ସମୟରେ ସ୍ପିନରଙ୍କୁ ସହାୟତା ମିଳିବା ନେଇ ସେ ଆଶା କରିଛନ୍ତି। ଗୁରୁବାର ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ମଙ୍ଗଳବାର ପ୍ରେସ୍ କନ୍‌ଫରେନ୍ସରେ ଦ୍ରାଭିଡ୍ ଏହି ମନ୍ତବ୍ୟ ଦେଇଛନ୍ତି। ପିଚ୍‌ରେ ବଲ୍ ସ୍ପିନ୍ ହେବା ନିଶ୍ଚିତ, ତେବେ କେତେ ଶୀଘ୍ର ବା ବିଳମ୍ବରେ ବଲ୍ ସ୍ପିନ୍ କରିବା ଆରମ୍ଭ କରିବ ତାହାକୁ ନେଇ ନିଶ୍ଚିତ ନ ଥିବା କହିଛନ୍ତି ଦ୍ରାଭିଡ୍। ଅନ୍ୟପକ୍ଷରେ ଇଂଲଣ୍ଡ ପେସ୍ ବୋଲର ମାର୍କ ଉଡ୍ କହିଥିଲେ, ଦଳ ପିଚ୍‌କୁ ନେଇ ଆଦୌ ଚିନ୍ତା କରୁନାହିଁ। ଆମେ ମ୍ୟାଚ୍ ପାଇଁ ଯୋଜନା ପ୍ରସ୍ତୁତ କରୁଛୁ, ପିଚ୍ ପାଇଁ ନୁହେଁ। ଏପରିକି ପିଚ୍‌କୁ ନେଇ ଆମ ମନରେ କୌଣସି ଆଶଙ୍କା ନାହିଁ ବୋଲି ସେ କହିଛନ୍ତି। ତେବେ ପିଚ୍‌କୁ ନେଇ ଆଲୋଚନା ହୋଇଥିଲେ ମଧ୍ୟ ଏହା ଏତେ ଲମ୍ବା ନ ଥିଲା। ଆମ ବ୍ୟାଟିଂ ଲାଇନ୍‌ଅପ୍ ଅତ୍ୟନ୍ତ ଚମତ୍କାର ରହିଛି ଓ ସମାନ ଭାବରେ ଏକ ଶକ୍ତିଶାଳୀ ବୋଲିଂ ଲାଇନଅପ୍ ମଧ୍ୟ ରହିଛି। ତେବେ ଭାରତୀୟ ଉପ ମହାଦେଶର ପିଚ୍‌ଗୁଡିକ ସ୍ପିନ୍‌କୁ ସହାୟତା ପ୍ରଦାନ କରିଥାଏ। ଏହାକୁ ଦୃଷ୍ଟିରେ ରଖି ଆମ ଖେଳାଳିଙ୍କୁ ରଣନୀତି ପ୍ରସ୍ତୁତ କରିବାକୁ ପଡିବ ବୋଲି ଉଡ୍ କହିଛନ୍ତି। ଭାରତୀୟ ପରିବେଶ ସହିତ ଆମକୁ ଆଡଜଷ୍ଟ କରିବାକୁ ପଡିବ। ପିଚ୍‌ରେ ଉଭୟ ବ୍ୟାଟର ଓ ବୋଲରଙ୍କ ପାଇଁ ସହାୟତା ରହିବ। ତେବେ ମ୍ୟାଚ୍ ଆଗକୁ ବଢିବା ସହ ସ୍ପିନରଙ୍କୁ ସହାୟତା ମିଳିବ ବୋଲି କହିଛନ୍ତି ହାଇଦ୍ରାବାଦ କ୍ରିକେଟ ଆସୋସିଏଶନର ଜଣେ ଅଧିକାରୀ।

## ଅଭ୍ୟାସ କଲେନି ବୁମ୍‌ରା

ମଙ୍ଗଳବାର ଭାରତୀୟ ଦଳର ସମସ୍ତ ଖେଳାଳି କଡା ଅଭ୍ୟାସ କରିଥିଲେ। ଏହା ଇଚ୍ଛାଧୀନ ଟ୍ରେନିଂ ସେସନ ରହିଥିବା ବେଳେ ଏକମାତ୍ର ଖେଳାଳି ଭାବରେ ଯଶପ୍ରୀତ ବୁମ୍‌ରା ଏଥିରେ ଭାଗ ନେଇ ନ ଥିଲେ। ତେବେ ବୁମ୍‌ରା ଆହତ ଅଛନ୍ତି କି ନାହିଁ ସେ ସମ୍ପର୍କରେ କୌଣସି ଅପଡେଟ୍ ମିଳିନାହିଁ।

# ଭାରତ ‘ଏ’ ଦଳରେ ରିଙ୍କୁ

**ନୂଆଦିଲ୍ଲୀ, ୨୩।୧ (ପି.ଟି.)**

ଅହମଦାବାଦରେ ବୁଧବାର ଠାରୁ ଆରମ୍ଭ ହେବାକୁଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ୪ ଦିନିଆ ମ୍ୟାଚ ପାଇଁ ଘୋଷଣା କରାଯାଇଥିବା ଭାରତ ‘ଏ’ ଦଳରେ ହ୍ୱାଇଟ୍ ବଲ୍ ସ୍ପେଶାଲିଷ୍ଟ ରିଙ୍କୁ ସିଂଙ୍କୁ ନିଆଯାଇଛି। ବିସ୍ଫୋରକ ମିଡଲ ଅର୍ଡର ବ୍ୟାଟର ଅନ୍ତର୍ଜାତୀୟ ଟି୨୦ ଫର୍ମାଟରେ ତାଙ୍କ ପ୍ରଦର୍ଶନକୁ ନେଇ ବେଶ୍ ପରିଚିତ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଖେଳିଥିବା ଦୁଇଟି ମ୍ୟାଚରେ ୧୭ ଓ ୩୮ ରନ କରିଥିଲେ। ଉତ୍ତର ପ୍ରଦେଶର ଏହି ବାମହାତୀ ବ୍ୟାଟର ଇତିମଧ୍ୟରେ ୪୪ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୫୭.୫୭ ଆଭରେଜରେ ୩୧୦୯ ରନ ସଂଗ୍ରହ କରିଛନ୍ତି। ଗତ ସପ୍ତାହରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ୪ ଦିନିଆ ମ୍ୟାଚକୁ ଭାରତ ‘ଏ’ ଡ୍ର’ ରଖିଥିଲା।

**ଭାରତ ‘ଏ’ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସାଇ ସୁଦର୍ଶନ, ରଜତ ପଟିଦାର, ସର୍ଫରାଜ ଖାନ୍, ତିଲକ ବର୍ମା, କୁମାର କୁଶାଗ୍ରା, ୱାଶିଂଟନ ସୁନ୍ଦର, ସୌରଭ କୁମାର, ଅର୍ଶଦୀପ ସିଂ, ତୁଷାର ଦେଶପାଣ୍ଡେ, ବିଦ୍ୱାଥ କାଭେରାପ୍ପା, ଉପେନ୍ଦ୍ର ଯାଦବ, ଆକାଶ ଦୀପ୍, ୟାଶା ଦୟାଲ, ରିଙ୍କୁ ସିଂ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ